# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୭/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, December 27/2022 | Page 18 | ₹ 7.00 | ★★★★★★

୪୯ଶ ଭାଗ ୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 34 | ମୂଲ୍ୟ ₹୭/-




**ଫ୍ୟାନ୍ସଙ୍କୁ ଟ୍ରିପରେ ନେବେ ବିଜୟ**

ସାଉଥ୍ ଅଭିନେତା ବିଜୟ ଦେବରକୋଣ୍ଡା ବଡ଼ଦିନ ଅବସରରେ ତାଙ୍କ ୧୦୦ ଫ୍ୟାନ୍ସଙ୍କୁ ବୁଲାଇ ନେବାକୁ ଘୋଷଣା କରିଛନ୍ତି।

୧୪

୧୩

**କାମେରନ୍‌ଙ୍କୁ ୫ ଉଇକେଟ ସଫଳତା**

ଅଷ୍ଟ୍ରେଲିଆ ପେସ୍ ବୋଲର କାମେରନ୍ ଗ୍ରୀନ୍ ଟେଷ୍ଟ କ୍ରିକେଟରେ ତାଙ୍କର ପ୍ରଥମ ୫ ଉଇକେଟ ସଫଳତା ପାଇଛନ୍ତି।



# 'ସେବା ଏଜେଣ୍ଡାରୁ ବିଜେଡି ହଟିନାହିଁ'

## ମା'ମାନଙ୍କ ଆଶୀର୍ବାଦ ରହିଲେ ଦଳ ୧୦୦ ବର୍ଷ ଓଡ଼ିଶାର ସେବା କରିବ: ନବୀନ

ପୁରୀ ଅଫିସ/ ଭୁବନେଶ୍ୱର (ବ୍ୟୁରୋ),୨୬।୧୨

ମା'ମାନେ ଆଗେଇ ଆସନ୍ତୁ। ଦାୟିତ୍ୱ ନିଅନ୍ତୁ। ସେମାନଙ୍କ ଆଶୀର୍ବାଦ ରହିଲେ ୨୫ କି ୫୦ ନୁହେଁ, ବିଜେଡି ଶହେବର୍ଷ ଓଡ଼ିଶା ଲୋକଙ୍କ ସେବା କରି ଚାଲିବ। ଶଙ୍ଖଚିହ୍ନ ସବୁବେଳେ ଓଡ଼ିଆ ସ୍ୱାଭିମାନର ଜୟ ନାଦ କରିଚାଲିଥିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଜେଡି ଏକ ସାମାଜିକ ଆନ୍ଦୋଳନ। ଓଡ଼ିଶାବାସୀଙ୍କ ଆଶା, ବିଶ୍ୱାସ ଓ ସ୍ୱାଭିମାନକୁ ଆଗେଇ ନେବାର ଗୋଟେ ଆନ୍ଦୋଳନ। ଏହି ଆନ୍ଦୋଳନରେ ପ୍ରତ୍ୟେକ ଘର ଅଂଶୀଦାର ହୋଇ ସ୍ୱପ୍ନର ଓଡ଼ିଶା ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।

ସୋମବାର ପୁରୀ ତାଳବଣିଆଠାରେ ବିଜେଡିର ୨୫ବର୍ଷ ପୂର୍ତ୍ତି ସମାରୋହରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଢ଼େ ୪ କୋଟି ଜନତା ୨୫ ବର୍ଷ ଧରି ତାଙ୍କର ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ସେମାନଙ୍କ ପାଖରେ ସେ ଋଣୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡି ସବୁଠାରୁ



ପୁରୀ ତାଳବଣିଆଠାରେ ସୋମବାର ବିଜେଡିର ୨୫ବର୍ଷ ପୂର୍ତ୍ତି ସମାରୋହରେ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ସଫଳ ଆଞ୍ଚଳିକ ଦଳ ବୋଲି ଅନ୍ୟ ପାର୍ଟିର ନେତାମାନେ ପାର୍ଲାମେଣ୍ଟରେ, ବିଭିନ୍ନ ମିଟିଂରେ ତାଙ୍କୁ କହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡି ଲୋକଙ୍କ ବିଶ୍ୱାସକୁ ଭିତ୍ତିକରି ଲୋକଙ୍କ ସେବାରେ ବହୁତ ବର୍ଷ ହେଲା କାମ କରିଚାଲିଛି। ଯଦି ଆମେ ବିଚାର କରିବା କି କେଉଁ କାରଣ ପାଇଁ ବିଜେଡି ଲୋକଙ୍କ ଆଶୀର୍ବାଦ ବର୍ଷ ବର୍ଷ ଧରି ପାଇପାରିଛି। ତା'ହେଲେ କିଛି ନିର୍ଦ୍ଦିଷ୍ଟ ଦିଗ ବା କାରଣ ବାହାରିବ। ପ୍ରଥମତଃ ଗୋଟିଏ ଆଞ୍ଚଳିକ ଦଳର ମୁଖ୍ୟଙ୍କ କର୍ତ୍ତବ୍ୟ ହେଉଛି ରାଜ୍ୟବାସୀଙ୍କୁ ଆଖିରେ ରଖି ତାଙ୍କ ସେବାକୁ କେବଳମାତ୍ର ଏଜେଣ୍ଡା ରଖିକି କାମ କରିବା। ବିଜେଡି କେବେ ବି ଏହି ଏଜେଣ୍ଡାରୁ ହଟିନାହିଁ। ରାଜ୍ୟ ଓ ରାଜ୍ୟବାସୀ, ଓଡ଼ିଶାର ସ୍ୱାର୍ଥ, ଓଡ଼ିଶାର ଉନ୍ନତି, ଓଡ଼ିଶାର ଗୌରବ, ଓଡ଼ିଶାର ଭାଷା, ଓଡ଼ିଶାର ସଂସ୍କୃତି, ଓଡ଼ିଆର ସ୍ୱାଭିମାନ ପାଇଁ ବିଜେଡି କାମ କରିଆସୁଛି। ଦ୍ୱିତୀୟ ହେଲା ବିଜୁବାବୁଙ୍କ ଆଦର୍ଶ। ବିଜୁବାବୁ ଜଣେ ନେତା ନ ଥିଲେ। ତାଙ୍କ ସମୟଠାରୁ ବହୁ ଆଗରେ ଥିବା ସେ ଜଣେ ବାସ୍ତବବାଦୀ ଓ ସମ୍ପୂର୍ଣ୍ଣ ଭବିଷ୍ୟଦ୍ରଷ୍ଟା। ତାଙ୍କର ପ୍ରତ୍ୟେକ ରକ୍ତବିନ୍ଦୁରେ ଓଡ଼ିଶାର ଉନ୍ନତି ଓ ସ୍ୱାଭିମାନ ଭର୍ତ୍ତି ହୋଇ ରହିଥିଲା। ସେଇ ମହାନ୍ ଜନନାୟକ ଯେଉଁ ରାସ୍ତା ଦେଖାଇଛନ୍ତି, ସେହି ରାସ୍ତାରେ ତାଙ୍କ ନାମରେ ଗଠିତ ଦଳ କାମ କରୁଛି ଓ ଆଗକୁ ମଧ୍ୟ କରିବ। ତୃତୀୟ ହେଲା ସ୍ୱଚ୍ଛ ଓ ନିର୍ମଳ ଶାସନ। ଓଡ଼ିଶାର ଉନ୍ନତି, ଓଡ଼ିଶାବାସୀଙ୍କ ଉନ୍ନତି। ଏହାଛଡ଼ା ବିଜେଡିର ଦ୍ୱିତୀୟ ସ୍ୱାର୍ଥ କିଛି ନାହିଁ। ଚତୁର୍ଥ ହେଲା ମହିଳା ସଶକ୍ତୀକରଣ। ୨୦୦୦ ମସିହାରୁ ଓଡ଼ିଶାବାସୀ ଆମକୁ ଆଶୀର୍ବାଦ କରିଆସିଛନ୍ତି, ସେବେଠାରୁ ମା'ମାନଙ୍କ ସଶକ୍ତୀକରଣକୁ ଆମେ ଗୁରୁତ୍ୱ ଦେଇଆସିଛୁ। ଆମର ଦୃଢ଼ ବିଶ୍ୱାସ, ମା'ମାନଙ୍କ ଉନ୍ନତି ହିଁ ଓଡ଼ିଶାକୁ ଆଗକୁ ନେଇଯିବ। ସେଥିପାଇଁ ମିଶନ ଶକ୍ତି ଆଜି ମହିଳା ସଶକ୍ତୀକରଣ ଦିଗରେ ଗୋଟିଏ ଗଣଆନ୍ଦୋଳନରେ ପରିଣତ ହୋଇଛି। ମା'ମାନେ ସଶକ୍ତ ହେଲେ ପରିବାର, ରାଜ୍ୟ ଓ ଦେଶ ସଶକ୍ତ ହେବ। ଗୋଟେ ନ ହେଲେ ଅନ୍ୟଟି ହେବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ଯେ, ଓଡ଼ିଶାର ଉନ୍ନତିରେ ଯେଉଁମାନଙ୍କର ବିଶ୍ୱାସ ଅଛି ଏବଂ ଓଡ଼ିଶା ମା'ର ସେବା କରିବାକୁ ଚାହୁଁଛନ୍ତି, ସେମାନେ ସମସ୍ତେ ବହୁସଂଖ୍ୟାରେ ଆସି ବିଜୁ ଜନତା ଦଳରେ ସାମିଲ ହୁଅନ୍ତୁ। ସେ ପେସାଦାର ହୁଅନ୍ତୁ, ସାମାଜିକ କର୍ମୀ, କଳାକାର କିମ୍ବା କ୍ରୀଡ଼ା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି, ଚାଷୀ କିମ୍ବା ସେ ଯିଏ ବି ହୁଅନ୍ତୁ ଅଥବା ଯେକୌଣସି କ୍ଷେତ୍ରରେ ଥାଆନ୍ତୁ, ବିଶେଷକରି ଯୁବପିଢ଼ି ଯେଉଁମାନେ ନୂଆ ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି ☞ପୃଷ୍ଠା-୪

**ବିନୋଦ କୁମାରଙ୍କୁ ପୁଣି ୩ ବର୍ଷ ଜେଲଦଣ୍ଡ**

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ରୋଗ ରାଜନୀତି

**ଆଜିର ମନ୍ତବ୍ୟ**

"ବିଗତ ୭-୮ ବର୍ଷ ମଧ୍ୟରେ ଧର୍ମନିରପେକ୍ଷତାର ମୂଳଦୁଆ ଦୋହଲିଯାଇଛି। ଏହାକୁ ପୁନଃ ସୁଦୃଢ଼ କରି ଦେଶରେ ଏକତାକୁ ପ୍ରୋତ୍ସାହିତ କରିବାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ସହାୟକ ହେବ।

– ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା






# ୨୦୨୩ରେ ମାନ୍ଦାବସ୍ଥା ଆଶଙ୍କା

## ସିଇବିଆର୍ ଆକଳନ

ୱାଶିଂଟନ,୨୬।୧୨

ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପକ୍ଷରୁ ସୁଧହାର ବୃଦ୍ଧି କରାଯାଉଛି। ଏହି ଉଚ୍ଚ ସୁଧହାର ଯୋଗୁ ୨୦୨୩ରେ ବିଶ୍ୱ ଅର୍ଥନୀତି ମାନ୍ଦାବସ୍ଥା ଆଡ଼କୁ ମୁହାଁଇବ ବୋଲି ସେଣ୍ଟର ଫର୍ ଇକୋନୋମିକ୍ସ ଆଣ୍ଡ ବିଜ୍‌ନେସ ରିସର୍ଚ୍ଚ (ସିଇବିଆର୍) ପକ୍ଷରୁ ସୋମବାର ସତର୍କ କରାଯାଇଛି।

୨୦୨୨ରେ ବୈଶ୍ୱିକ ଅର୍ଥନୀତି ପ୍ରଥମ ଥର ପାଇଁ ୧୦୦ ଟ୍ରିଲିୟନ୍ ଡଲାର ଅତିକ୍ରମ କରିଛି। କିନ୍ତୁ ନୀତି ନିର୍ଦ୍ଧାରକମାନେ ଦରଦାମ୍ ବୃଦ୍ଧି ବିରୋଧରେ ଲଢ଼େଇ ଜାରି ରଖିଥିବାରୁ ନୂଆବର୍ଷରେ ଅଭିବୃଦ୍ଧି ବାଧାପ୍ରାପ୍ତ ହେବା ନେଇ ବ୍ରିଟିଶ୍ କନ୍‌ସଲ୍ଟାନ୍ସି ଏହାର ବାର୍ଷିକ ୱାର୍ଲ୍ଡ ଇକୋନୋମିକ୍ ଲିଗ୍ ଟେବୁଲରେ ପ୍ରକାଶ କରିଛି। ସିଇବିଆର୍ ନିର୍ଦ୍ଦେଶକ କେୟ ଡାନିଏଲ୍ ନେଉଫେଲ୍ଡ କହିଛନ୍ତି, ଉଚ୍ଚ



ମୁଦ୍ରାସ୍ଫୀତିର ମୁକାବିଲା ପାଇଁ ବଢ଼ାଯାଉଥିବା ସୁଧହାର ହେତୁ ଆସନ୍ତା ବର୍ଷ ବିଶ୍ୱ ଅର୍ଥନୀତି ମାନ୍ଦାବସ୍ଥାକୁ ସାମ୍ନା କରିପାରେ। ସେ ଆହୁରି କହିଛନ୍ତି, ମୁଦ୍ରାସ୍ଫୀତି ବିରୋଧରେ ଚାଲିଥିବା ଯୁଦ୍ଧ ଶେଷ ହୋଇନାହିଁ। ୨୦୨୩ରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସକାଶେ କଡ଼ା ପଦକ୍ଷେପ ନେଇପାରନ୍ତି। ଏପରି ହେଲେ ଆଗାମୀ କିଛି ବର୍ଷ ଧରି ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ସଦ୍ୟତମ ଆକଳନ ତୁଳନାରେ ଏବେ ଆହୁରି ନକାରାତ୍ମକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ୨୦୨୩ରେ ଏକ-ତୃତୀୟାଂଶ ବିଶ୍ୱ ଅର୍ଥନୀତି ସଙ୍କୁଚିତ ହେବ ଏବଂ ବୈଶ୍ୱିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ୨%ରୁ କମ୍ ଅଭିବୃଦ୍ଧି ଘଟିବା ନେଇ ୨୫ ପ୍ରତିଶତ ଆଶଙ୍କା ଥିବା ଗତ ଅକ୍ଟୋବରରେ ଆଇଏମ୍ଏଫ୍ ସତର୍କ କରାଇଥିଲା। ତେବେ ବିକାଶଶୀଳ ଅର୍ଥନୀତିଗୁଡ଼ିକ ଧନୀ ରାଷ୍ଟ୍ରଗୁଡ଼ିକ ସହ ତାଳ ଦେଇ ଆଗକୁ ବଢୁଥିବାରୁ ୨୦୩୭ ସୁଦ୍ଧା ବିଶ୍ୱର ଜିଡିପି ଦ୍ୱିଗୁଣିତ ହେବ। ଏହି ଅବଧି ମଧ୍ୟରେ ପୂର୍ବ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ କ୍ଷମତା ସନ୍ତୁଳନରେ ପରିବର୍ତ୍ତନ ହେତୁ ବୈଶ୍ୱିକ ଉତ୍ପାଦନର ପରିମାଣରେ ଏକ-ତୃତୀୟାଂଶ ଅଭିବୃଦ୍ଧି ଘଟିବ। ଅନ୍ୟପକ୍ଷେ ୟୁରୋପର ଉତ୍ପାଦନ କ୍ଷମତା ଏକ-ପଞ୍ଚମାଂଶକୁ ସଙ୍କୁଚିତ ହୋଇଯିବ।

ଆଇଏମ୍ଏଫ୍‌ର ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍‌ଠାରୁ ତଥ୍ୟ ସଂଗ୍ରହ କରି ସିଇବିଆର୍ ଏହାକୁ ଅଭିବୃଦ୍ଧି, ମୁଦ୍ରାସ୍ଫୀତି ଓ ବିନିମୟ ହାର (ଏକ୍ସଚେଞ୍ଜ ରେଟ୍ସ) ଆକଳନ ସକାଶେ ଏକ ଆଭ୍ୟନ୍ତରୀଣ ମଡେଲ ରୂପେ ବ୍ୟବହାର କରିଛି। ଚାଇନା ୨୦୩୬ ବେଳକୁ ଆମେରିକାକୁ ପଛରେ ପକାଇ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ରୂପେ ଉଭା ହେବ। ପୂର୍ବରୁ ୨୦୩୦ ସୁଦ୍ଧା ଆମେରିକାକୁ ଚାଇନା ଅତିକ୍ରମ କରିବା ନେଇ ଭବିଷ୍ୟବାଣୀ କରାଯାଇଥିଲା। ସିଇବିଆର୍‌ର ପୂର୍ବ ☞ପୃଷ୍ଠା-୪

# କୋଭିଡ୍ କଟକଣାରେ ହେବ ପରୀକ୍ଷା

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

କରୋନାର ନୂଆ ଭାରିଆଣ୍ଟ ପୁଣି ଆସିଛି। ଆଗକୁ କୋଭିଡ୍ କଟକଣାରେ ଦଶମ ଓ ଦ୍ୱାଦଶ ପରୀକ୍ଷା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅନ୍ୟ ଦେଶରେ କୋଭିଡ୍ ସଂକ୍ରମଣ ହୁ ହୁ ହୋଇ ବଢୁଥିବାରୁ ଛାତ୍ରୀଛାତ୍ରମାନଙ୍କୁ ସତର୍କ ରହିବାକୁ ପଡ଼ିବ। ପିଲାମାନେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷାକରିବା ମଧ୍ୟ ଦରକାର। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ପିଲାମାନଙ୍କୁ ମାସ୍କ ଓ ସାମାଜିକ ଦୂରତା ରକ୍ଷା କରିବାକୁ ସେ କହିଛନ୍ତି। କୋଭିଡ୍ ଯୋଗୁ ପୁନର୍ବାର ଯେପରି ଲକ୍‌ଡାଉନ ଓ ଶଟ୍‌ଡାଉନ ସମସ୍ୟା ନ ଉପୁଜେ ସେନେଇ ଦୃଷ୍ଟି ଦେବା ଆବଶ୍ୟକ ରହିଛି। ସ୍କୁଲକୁ କରୋନା କଟକଣା ଫେରିପାରେ ବୋଲି ଆଶଙ୍କା ମଧ୍ୟ ☞ପୃଷ୍ଠା-୪

## ଆଜି ସ୍ଥିତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

କିଛି ମାସ ପରେ ପୁଣି କରୋନା ସଂକ୍ରମଣ ଚିନ୍ତା ବଢ଼ାଇଛି। ଚାଇନାରେ ସଂକ୍ରମଣ ବଢ଼ିବା ପରେ ରାଜ୍ୟରେ କରୋନା ପରିସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅପରାହ୍ନ ୪ଟା ୩୦ ମିନିଟ୍‌ରେ ସମୀକ୍ଷା କରିବେ। ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ଏହାସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ମେଡିକାଲ କଲେଜ କର୍ତ୍ତୃପକ୍ଷ ମଧ୍ୟ ବୈଠକରେ ଯୋଗଦେବେ। ସମ୍ଭାବ୍ୟ କୋଭିଡ୍ ମୁକାବିଲା ପାଇଁ ରଣନୀତି ନେଇ ଆଲୋଚନା ହେବ।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ କୋଭିଡ୍ ମୁକାବିଲା ବ୍ୟବସ୍ଥାର ତଦାରଖ ପାଇଁ ମଙ୍ଗଳବାର ସାରା ଦେଶରେ ମକ୍‌ଡ୍ରିଲ ହେବ। ଜିଲାସ୍ତରରେ ହସ୍ପିଟାଲ ଓ ମେଡିକାଲ କଲେଜରେ ବେଡ୍, ଅକ୍ସିଜେନ, ଆଇସିୟୁ, କୋଭିଡ୍ କିଟ୍, ଔଷଧ, ଭେଣ୍ଟିଲେଟର, ପିପିଇ କିଟ୍ ସହ ମାନବ ସମ୍ବଳ ନେଇ ମକ୍‌ଡ୍ରିଲ ହେବ। ଏହି ତଥ୍ୟକୁ କେନ୍ଦ୍ର ସରକାରଙ୍କ କୋଭିଡ୍ ପୋର୍ଟାଲରେ ଜିଲା ପ୍ରଶାସନ ଅପ୍‌ଲୋଡ କରିବେ। ଏବେ ସରକାରୀ ହସ୍ପିଟାଲ ଓ ମେଡିକାଲ କଲେଜରେ କୋଭିଡ ପାଇଁ ଆଇସୋଲେସନ୍ ବେଡ୍ ରଖାଯାଇଛି। ଯଦି କୋଭିଡ ସଂଖ୍ୟା ବଢେ, ପର୍ଯ୍ୟାୟ କ୍ରମେ ବେଡ୍ ସଂଖ୍ୟା ବଢାଯିବ।

# ସୁରକ୍ଷା ପାଇଁ ହିନ୍ଦୁମାନେ ଛୁରି ରଖନ୍ତୁ

## ପ୍ରଜ୍ଞା ଠାକୁରଙ୍କ ବିବାଦୀୟ ବୟାନ

ଶିବମୋଗା,୨୬।୧୨

ସୁରକ୍ଷିତ ଭାବେ ବଞ୍ଚିବା ଅଧିକାର ପ୍ରତ୍ୟେକଙ୍କର ରହିଛି। ଆକ୍ରମଣକାରୀଙ୍କୁ ପ୍ରତିହତ କରିବା ସହ ମର୍ଯ୍ୟାଦାର ସହିତ ବଞ୍ଚିବା ଲାଗି ହିନ୍ଦୁମାନେ ଘରେ ଅନ୍ତତଃ ଧାରୁଆ ଛୁରି ରଖିବାକୁ ଭୋପାଳର ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁର ପରାମର୍ଶ ଦେଇଛନ୍ତି। ହିନ୍ଦୁ କର୍ମୀଙ୍କୁ ହତ୍ୟା ଘଟଣା ଉପରେ ଉଦ୍‌ବୋଧନ ଦେଇ ପ୍ରଜ୍ଞା କହିଥିଲେ, ଲଭ୍ ଜିହାଦ ନାମରେ ଜିହାଦ ଆକ୍ରମଣକାରୀଙ୍କ ପରମ୍ପରା। ଶିବମୋଗାରେ ଆୟୋଜିତ ହିନ୍ଦୁ ଜାଗରଣ ବେଦିକ ଦକ୍ଷିଣାଞ୍ଚଳର ବାର୍ଷିକ ସମ୍ମିଳନୀରେ ଭାଜପା ଏମ୍‌ପି କହିଥିଲେ, ସନ୍ନ୍ୟାସୀଙ୍କ ମତରେ ଯଦି ସବୁ ଅତ୍ୟାଚାରୀ ଓ ପାପୀମାନଙ୍କ ବିନାଶ ନ ହୁଏ ତେବେ ଈଶ୍ୱର ସୃଷ୍ଟ ଏ ବିଶ୍ୱରେ ପ୍ରେମର ପ୍ରକୃତ ସଂଜ୍ଞା ରହିବ ନାହିଁ। ଲଭ୍ ଜିହାଦରେ ସମ୍ପୃକ୍ତ ଲୋକଙ୍କୁ ସମାନ ଢଙ୍ଗରେ ଜବାବ ଦେବାକୁ ହେବ ବୋଲି ପ୍ରଜ୍ଞା କହିଥିଲେ। ତାଙ୍କର ଏଭଳି ଉତ୍ତେଜନାପୂର୍ଣ୍ଣ ବକ୍ତବ୍ୟକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।



ପ୍ରଜ୍ଞା ସିଂ ଠାକୁର

ମିଶନାରୀ ଶିକ୍ଷାନୁଷ୍ଠାନରେ ପିଲାଙ୍କ ପାଠପଢ଼ାକୁ ପ୍ରଜ୍ଞା ବିରୋଧ କରିଛନ୍ତି। ସେଠାରେ ପିଲାଙ୍କୁ ପଢ଼ାଉଥିବା ମାଆବାପା ନିଜ ପାଇଁ ବୃଦ୍ଧାଶ୍ରମ ଯିବା ଲାଗି ବାଟ ଫିଟାଇଦେଉଛନ୍ତି ବୋଲି ଭାଜପା ନେତ୍ରୀ କହିଛନ୍ତି। କାରଣ ସେଠାରେ ପଢ଼ିଲେ ପିଲା ଆଉ ମାଆବାପାଙ୍କର କିମ୍ବା ସେମାନଙ୍କ ସଂସ୍କୃତିର ହେବେ ନାହିଁ। ସେମାନେ ବୃଦ୍ଧାଶ୍ରମ ସଂସ୍କୃତିରେ ବଢ଼ିବେ ଓ ସ୍ୱାର୍ଥପର ହୋଇଯିବେ ବୋଲି ପ୍ରଜ୍ଞା କହିଛନ୍ତି।

# ଶିବାନ୍‌ଙ୍କ ପାଇଁ ପୋଲିସ ପାଲଟିଲା ସାଣ୍ଟା

ଗାଜିଆବାଦ୍,୨୬।୧୨

ମା'ବାପା ସବୁବେଳେ ପିଲାଙ୍କ ଖୁସି ପାଇଁ ତାଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ ଚେଷ୍ଟା କରନ୍ତି। କେବେ କେମିତି ଅଭିଭାବକମାନେ ପିଲାଙ୍କ ଜିଦ୍‌କୁ ପୂରା ନ କଲେ କିଛି ସମୟର କନ୍ଦାକଟା ପରେ ପିଲାମାନେ ବୁଝିଯାଆନ୍ତି। କିନ୍ତୁ ଉତ୍ତର ପ୍ରଦେଶ ଗାଜିଆବାଦ୍‌ରେ ୧୨ ବର୍ଷର ଶିବାନ୍‌ଙ୍କ କଥା ଘରେ ନ ଶୁଣିବାରୁ ସେ ଘର ଛାଡ଼ି ପଳାଇବା ପରେ ପୋଲିସ ସାଣ୍ଟା ସାଜି ତାଙ୍କୁ ଉଦ୍ଧାର କରିଛି। ବଡ଼ଦିନ ପାଇଁ ସାଙ୍ଗମାନେ ସ୍କୁଲକୁ ସାଣ୍ଟା କ୍ଲସ୍ ଡ୍ରେସ୍ ପିନ୍ଧି ଆସିବାକୁ ଯୋଜନା କରିଥିଲେ। ଏ କଥା ଶିବାନ୍ ତାଙ୍କ ମା' ଗୀତାଙ୍କୁ ଜଣାଇଲେ। ପରଦିନ ସ୍କୁଲ ଗଲାବେଳେ ଗୀତା ସାଣ୍ଟା ଡ୍ରେସ୍ କିଣିଦେବେ ବୋଲି କହିଥିଲେ। କିନ୍ତୁ ଡ୍ରେସ୍ ନ ମିଳିବାରୁ ସେ ମା'ଙ୍କ ପାଖରେ ଏ ନେଇ ଅଝଟ କରିଥିଲେ। ଏହାପରେ ଗୀତା ରାଗିଯାଇ ଶିବାନ୍‌ଙ୍କୁ ମାଡ଼ ମାରିଥିଲେ।

ରବିବାର ସକାଳେ ଦିଲ୍ଲୀ-ମିରଟ ଏକ୍ସପ୍ରେସ୍ ୱେ'ରେ ଶିବାନ୍ ଏକୁଟିଆ ଛିଡ଼ା ରହିଥିବା କେତେଜଣ ଲୋକ ଦେଖିଥିଲେ। ସେ ଭାରି ବ୍ୟସ୍ତ ମଧ୍ୟ ଜଣାପଡୁଥିଲେ। ଅଘଟଣର ଆଶଙ୍କା କରି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପାଟ୍ରୋଲିଂ ଗାଡ଼ି ଆସି ଶିବାନଙ୍କୁ ସେଠାରୁ ଥାନାକୁ ନେଇଥିଲା। ଘରଲୋକେ ସାଣ୍ଟା ଡ୍ରେସ୍ କିଣି ନ ଦେବାରୁ ସେ ରାଗିଯାଇ ଘରଛାଡ଼ି ଚାଲିଆସିଥିବା ପୋଲିସକୁ କହିଥିଲେ। ଏଥିସହ ଅକ୍ଟୋବର ୧୨ରେ ତାଙ୍କ ଜନ୍ମଦିନରେ ଘର ଲୋକ କେକ୍ କାଟି ନ ଥିବା କଥା ମଧ୍ୟ ସେ କହିଥିଲେ। ଏହାପରେ ଥାନା ଅଧିକାରୀ ଶିବାନଙ୍କ ମା'ବାପାଙ୍କୁ ଥାନାକୁ ଡକେଇ ତାଙ୍କ ଜନ୍ମଦିନ ପାଳିବାର ନିଷ୍ପତ୍ତି ନେଲେ। କେକ୍ କଟାଯିବା ସାଙ୍ଗକୁ ଶିବାନଙ୍କୁ ସାଣ୍ଟା ଡ୍ରେସ୍ ଗିଫ୍ଟ କରିଥିଲେ ଥାନା କର୍ମଚାରୀ। ଶିବାନ୍‌ଙ୍କ ବାପା ଅମରିଶ କୁମାର ଜଣେ ରଙ୍ଗମିସ୍ତ୍ରି ହୋଇଥିବାବେଳେ ଗୀତା ଘର ଘର ବୁଲି କାମ କରନ୍ତି। ରୋଜଗାର ଟଙ୍କାରେ ଘର ଚଳାଇବା କଷ୍ଟକର ହୋଇ ପଡ଼ିଥିବା ଗୀତା କହିଛନ୍ତି।



# ଭିଡିଓକନ୍ ଅଧ୍ୟକ୍ଷ ଗିରଫ

## ଆଇସିଆଇସିଆଇ ବ୍ୟାଙ୍କ ଋଣ ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୨୬।୧୨

ଆଇସିଆଇସିଆଇ ବ୍ୟାଙ୍କ ଋଣ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସୋମବାର ଭିଡିଓକନ୍ ଗ୍ରୁପ୍‌ର ଅଧ୍ୟକ୍ଷ ବେଣୁଗୋପାଳ ଧୂତ୍‌ଙ୍କୁ ଗିରଫ କରିଛି। ଉକ୍ତ ଚନ୍ଦା କୋଚ୍ଚର ଉକ୍ତ ଘରୋଇ ବ୍ୟାଙ୍କ୍‌ର ମୁଖ୍ୟ ଥିବାବେଳେ ଭିଡିଓକନ୍ ଗ୍ରୁପ୍‌କୁ ୩୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ମଞ୍ଜୁରୀରେ ଅନିୟମିତତା ହୋଇଥିଲା। ଏହା ମାମଲାର ତଦନ୍ତ କରୁଥିବା ସିବିଆଇ ଦୁଇଦିନ ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚ୍ଚର ଓ ତାଙ୍କ ସ୍ୱାମୀ ଦୀପକ କୋଚ୍ଚରଙ୍କୁ ଗିରଫ କରିଥିଲା। ମୁମ୍ବାଇର ଏକ ଅଦାଲତରେ ହାଜର ପରେ ସିବିଆଇ ସେମାନଙ୍କୁ ରିମାଣ୍ଡରେ ନେଇ ଜେରା କରୁଛି। ୨୦୧୦ରୁ ୨୦୧୨ ମଧ୍ୟରେ ଭିଡିଓକନ୍‌କୁ ଋଣ ପ୍ରଦାନରେ ଅନିୟମିତତା ହୋଇଥିବା ନେଇ ସିବିଆଇ ୨୦୧୯ରେ କୋଚ୍ଚର ଦମ୍ପତିଙ୍କ ସମେତ ଧୂତ୍, ନୁପାୱାର ରିନ୍ୟୁଏବ୍ଲସ କମ୍ପାନୀ, ସୁପ୍ରିମ ଏନର୍ଜୀ, ଭିଡିଓକନ୍ ଇଣ୍ଟରନ୍ୟାଶନାଲ ଇଲେକ୍ଟ୍ରୋନିକ୍ସ ଲିଃ ଏବଂ ଭିଡିଓକନ୍ ଇଣ୍ଡଷ୍ଟ୍ରିଜ୍ ଲିଃ ବିରୋଧରେ ଏତଲା ଦାଏର କରିଥିଲା। ଋଣ ମଞ୍ଜୁର ହେବାର କିଛି ମାସ ମଧ୍ୟରେ ଭିଡିଓକନ୍ ଗ୍ରୁପ୍ ଦୀପକ କୋଚ୍ଚରଙ୍କ ନୁପାୱାର ରିନ୍ୟୁଏବ୍ଲସ୍‌ରେ ୬୪ କୋଟି ଟଙ୍କା ନିବେଶ କରିଥିଲେ। ଚନ୍ଦା କୋଚର ନିଜ କ୍ଷମତାର ଦୁରୁପଯୋଗ କରି ଭିଡିଓକନ୍ ଗ୍ରୁପ୍‌କୁ ବେଆଇନ ଅନୁକମ୍ପା ଦେଖାଇଥିଲେ ବୋଲି ସିବିଆଇ ଅଭିଯୋଗ କରିଥିଲା।



**୨ଦିନ ତଳେ ଗିରଫ ହୋଇଥିଲେ ଚନ୍ଦା କୋଚ୍ଚର**

**ସରିଆସୁଛି ୨୦୨୨। ଶ୍ରୀମନ୍ଦିରର ବିଭିନ୍ନ ଘଟଣାକ୍ରମ ମଧ୍ୟରେ ଏହି ବର୍ଷ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ବେଳେ ବାଦବିବାଦ ଦେଖାଦେଇଥିଲା। କୋଭିଡ୍ କଟକଣା କୋହଳ ସହ ଭକ୍ତଙ୍କ ଗହଣରେ ରଥରେ ମହାପ୍ରଭୁ ଦର୍ଶନ ଦେବାଠାରୁ ଆରମ୍ଭ କରି ଆସନ୍ତାବର୍ଷ ପହିଲାରୁ ଶ୍ରୀମନ୍ଦିରରେ ମୋବାଇଲ କଟକଣା ପ୍ରଭୃତି ରହିଛି। ପରିକ୍ରମା ପ୍ରକଳ୍ପ ବିବାଦ, ରୋଷଘର ଚୁଲି ଭାଙ୍ଗିବା, ରତ୍ନଭଣ୍ଡାର ପ୍ରସଙ୍ଗ, ଗର୍ଭଗୃହ ଫଟୋ ଭାଇରାଲ ଭଳି ଅନେକ ପ୍ରସଙ୍ଗ ନେଇ ଚର୍ଚ୍ଚା ଲାଗିରହିଥିଲା।**

# ଭକ୍ତଙ୍କ ଗହଣରେ ଗଡ଼ିଲା ରଥ



ଗତ ଦୁଇବର୍ଷ ଧରି କରୋନା କଟକଣା ଯୋଗୁ ବିନା ଭକ୍ତରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହୋଇଥିଲା। ତେବେ ଚଳିତ ବର୍ଷ କଟକଣା କୋହଳ ହେବା ପରେ ଜୁଲାଇ ୧ରେ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହ ମଧ୍ୟରେ ଭକ୍ତଙ୍କ ଗହଣରେ ବଡ଼ଦାଣ୍ଡରେ ଗଡ଼ିଥିଲା ଦାରୁଦିଅଁଙ୍କ ତିନିରଥ। ନିର୍ଦ୍ଧାରିତ ସମୟର ପ୍ରାୟ ସାଢ଼େ ୩ଘଣ୍ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରାଯାଇଥିବାବେଳେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ଶ୍ରୀମନ୍ଦିରକୁ ମୋବାଇଲ ମନା

ଗର୍ଭଗୃହ ଫଟୋ, ଭିଡିଓ ବାରମ୍ବାର ଭାଇରାଲ ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଥିଲା। ୨୦୨୩ ଜାନୁୟାରୀ ୧ରୁ ଶ୍ରୀମନ୍ଦିରକୁ ମୋବାଇଲ ଫୋନ ନେବା ଉପରେ କଟକଣା ଜାରି କରାଯାଇଥିଲା। ସର୍ବସାଧାରଣଙ୍କ ସମେତ ସେବାୟତ, ପୋଲିସ କର୍ମଚାରୀ କେହି ବି ମୋବାଇଲ ବଡ଼ଦେଉଳକୁ ନେଇପାରିବେ ନାହିଁ। କେବଳ ନୀତିକାନ୍ତିର ସୂଚନା ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୋଟିଏ ଫୋନ ରହିବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟିରେ ନିଷ୍ପତ୍ତି ନିଆଯାଇଥିଲା।





## ଶ୍ରୀକ୍ଷେତ୍ରକୁ ଆସିଥିଲେ ୨ ରାଷ୍ଟ୍ରପତି

ଚଳିତବର୍ଷ ଦୁଇଜଣ ରାଷ୍ଟ୍ରପତି ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଫେବୃୟାରୀ ୨୦ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସି ଦାରୁଦିଅଁଙ୍କୁ ଦର୍ଶନ କରିବା ସହ ଶରଧାବାଲିରେ ଆୟୋଜିତ ବିଶ୍ୱ ବୈଷ୍ଣବ ସମ୍ମିଳନୀରେ ଯୋଗଦେଇଥିଲେ। ସେହିପରି ନଭେମ୍ବର ୧୦ରେ ନୂତନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଆସି ଦାରୁବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେ ବଡ଼ଦାଣ୍ଡରେ ପ୍ରାୟ ୨ କି.ମି. ଚାଲି ଶ୍ରୀମନ୍ଦିର ପର୍ଯ୍ୟନ୍ତ ପହଞ୍ଚିବା ଏବଂ ତାଙ୍କ ସହ ପିଲା ଓ କଳାକାର ସେଲ୍‌ଫି ନେବା ଘଟଣା ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ଏମାର ମଠ ଯାଞ୍ଚ, ଉଚ୍ଛେଦ

ବହୁ ଚର୍ଚ୍ଚିତ ତଥା ପୁରୀର ସବୁଠୁ ବିତ୍ତଶାଳୀ ମଠ ଭାବେ ପରିଚିତ ଏମାର ମଠରେ ପୂର୍ବରୁ ଖନନ ବେଳେ ରୁପାଇଟା ମିଳିଥିବାରୁ ଦ୍ୱିତୀୟ ଥର ମଧ୍ୟ କୌଣସି ଗୁପ୍ତଧନ ମିଳିବା ଆଶାରେ ଫେବୃୟାରୀ ୪ରେ କେତେକ ସ୍ଥାନ ଖନନ କରାଯାଇଥିଲା। ତେବେ ଏକ କ୍ଷୁଦ୍ର ଲୁହାଖଣ୍ଡ ବ୍ୟତୀତ ଅନ୍ୟ କିଛି ମିଳି ନ ଥିଲା। ଫଳରେ ଗୁପ୍ତଧନ ମିଳିବା ଆଶା ମଉଳି ଯାଇଥିଲା। ଏହାପରେ ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଏହି ପୁରାତନ ମଠକୁ ପ୍ରଶାସନ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଫେବୃୟାରୀ ୨୫ରେ ଏହି ମଠକୁ ଭଙ୍ଗାଯାଇଥିଲା। ଦୁଇଜଣ ମାଜିଷ୍ଟ୍ରେଟ ଓ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଦୁଇଟି ବୁଲ୍‌ଡୋଜର ସହାୟତାରେ ଏହି ଉଚ୍ଛେଦ କରାଯାଇଥିଲା।

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଉଠିଥିଲା ପ୍ରଶ୍ନ

ବିଭିନ୍ନ ଘଟଣାକୁ ନେଇ ଅନେକ ସମୟରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ମେ ୧୬ରେ କୋଲକାତାର ଯୁବକ ରାକେଶ ହାଜରା ନାଟମଣ୍ଡପକୁ ଚଢିଯାଇଥିଲେ। ସେହିପରି ଅଗଷ୍ଟ ୧୪ରେ ନୀଳଚକ୍ର ଛୁଇଁବା ପାଇଁ ନାଟମଣ୍ଡପ ଉପରକୁ ଗଞ୍ଜାମ ଜିଲା ବ୍ରହ୍ମପୁରର ଜିତୁ ଗୌଡ଼ ଚଢ଼ିଯାଇଥିଲେ। ଏହି ଦୁଇଜଣଙ୍କୁ ଚୂନରା ସେବାୟତ ଓ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କରାଯାଇଥିଲା। ମେ ୨ରେ ସିଂହଦ୍ୱାର ଗୁମୁଟ ଉପରୁ ଡେଇଁ ବଳରାମ ରାଉତ ନାମକ କିନ୍ନର ଆତ୍ମହତ୍ୟା କରିଥିଲେ। ଏସବୁ ଘଟଣା ନେଇ ଶ୍ରୀମନ୍ଦିର ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ସାଧାରଣରେ ପ୍ରଶ୍ନ ଉଠିଥିଲା।

## ରୋଷଘରେ ୮୦ରୁ ଊର୍ଦ୍ଧ୍ୱ ଚୁଲି ଭାଙ୍ଗିଦେଲେ

**ଶ୍ରୀମନ୍ଦିର ଇତିହାସରେ ପ୍ରଥମ ଘଟଣା**

ଏପ୍ରିଲ ୩ରେ ଶ୍ରୀମନ୍ଦିର ରୋଷଘରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା। ରୋଷଘରର ୮୦ରୁ ଊର୍ଦ୍ଧ୍ୱ ଚୁଲିକୁ କେହି ଦୁର୍ବୃତ୍ତ ଭାଙ୍ଗିଦେଇଥିଲେ। ଫଳରେ ଭଙ୍ଗାଚୁଲିରେ ମହାପ୍ରସାଦ ପ୍ରସ୍ତୁତ କରାଯାଇଥିଲା। ଶ୍ରୀମନ୍ଦିର ଇତିହାସରେ ଏଭଳି ଅଭାବନୀୟ ଘଟଣା ପ୍ରଥମ ଥର ଘଟିଥିଲା। ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଶ୍ରୀମନ୍ଦିର ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତ ଜଗନ ମହାପାତ୍ରଙ୍କୁ ୬ତାରିଖରେ ତାଙ୍କ ଗ୍ରାମ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳିରୁ ଗିରଫ କରାଯାଇଥିଲା। ମହାପ୍ରସାଦ ଏଣେତେଣେ ପଡ଼ିଥିଲା, ତେଣୁ ରାଗରେ ସେ ରୋଷଘରେ ପଶି ରାତିରେ ଲୁଚିରହି ଚୁଲି ଭାଙ୍ଗିଥିଲେ ବୋଲି ଜଗନ କହିଥିଲେ।



## ଚର୍ଚ୍ଚାରେ ରତ୍ନଭଣ୍ଡାର




ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ବର୍ଷସାରା ଚର୍ଚ୍ଚା ଲାଗିରହିଥିଲା। ୨୦୧୮ ଜୁନ୍ ୧୩ରେ ପୁରୀ ଜିଲା ରେକର୍ଡ ରୁମ୍‌ରୁ ରତ୍ନଭଣ୍ଡାର ଚାବି ମିଳିଥିଲା। ନାଟକୀୟ ଢଙ୍ଗରେ ସେହି ଦିନ ରାତ୍ର ୯ଟାରେ ତତ୍କାଳୀନ ଜିଲାପାଳ ଗଣମାଧ୍ୟମ ସମ୍ମୁଖରେ ନାଲି ଲଫାପା ଦେଖାଇ ନକଲି ଚାବି ମିଳିଥିବା ଜଣାଇଥିଲେ। ତେଣୁ ଏ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଜାନୁୟାରୀରେ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ଏହି ତଥ୍ୟ ପୁଣି ଥରେ ଘଟଣାକୁ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ସେହିପରି ବିଭିନ୍ନ ସଙ୍ଗଠନ ଓ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତି କରାଯିବାକୁ ଦାବି ହୋଇଥିଲା।

## ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ଦେଖାଦେଇଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)ର ବିନାନୁମତିରେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ଏବଂ କାମ ପୂର୍ବରୁ ଗ୍ରାଉଣ୍ଡ ପ୍ରେନେଟ୍ରେଟିଂ ରାଡାର୍ ସିଷ୍ଟମ (ଜିପିଆର୍ଏସ୍) ସର୍ଭେ ହୋଇ ନ ଥିବା ଅଭିଯୋଗ ଆଣି ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏପରିକି ଏହି ମାମଲା ଯାଇ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଏପ୍ରିଲ ୨୧ରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ସଂସଦୀୟ କମିଟି ପୁରୀ ଆସି ଏହି ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରିଥିଲା। କେତେକ କ୍ଷେତ୍ରରେ କାର୍ଯ୍ୟକୁ ନେଇ ଟିମ୍ ଅସନ୍ତୋଷ ପ୍ରକାଶ କରିଥିଲା। ଏହାପୂର୍ବରୁ ପ୍ରକଳ୍ପ କାର୍ଯ୍ୟରେ ଆମ୍‌ସାର୍ ଆକ୍ଟ-୧୯୫୮ର ଉଲ୍ଲଂଘନ ହୋଇଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଲୋକସଭାରେ ଅଭିଯୋଗ ଆଣି ସଂସଦର ହସ୍ତକ୍ଷେପ ଦାବି କରିଥିଲେ। ମେ ୯ରେ ହାଇକୋର୍ଟରେ ଆବେଦନକାରୀ ଦିଲୀପ ବରାଳଙ୍କ ପରିକ୍ରମା ପ୍ରକଳ୍ପ ମାମଲାର ଶୁଣାଣି ହୋଇଥିଲା। ଏଏସ୍ଆଇ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ ପ୍ରକଳ୍ପ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଅନୁମତି ଦେଇ ନ ଥିବା ଉଲ୍ଲେଖ ଥିଲା। ସେହିପରି ବାରମ୍ବାର ଡିଜାଇନ୍ ପରିବର୍ତ୍ତନ କରାଯାଇଥିବା ଦର୍ଶାଯାଇଥିଲା। ପରେ ପ୍ରକଳ୍ପ ଢାଞ୍ଚାରେ ପରିବର୍ତ୍ତନ କରାଯାଇଥିଲା। ଅନ୍ୟପକ୍ଷରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପାଇଁ ମେ ୧୬ରେ ଏହି ମଠ ପରିସରରେ ଖନନ ବେଳେ ପରିତ୍ୟକ୍ତ ଅବସ୍ଥାରେ କାରୁକାର୍ଯ୍ୟପୂର୍ଣ୍ଣ ବହୁ ପୁରାତନ ଭଗ୍ନ ସିଂହମୂର୍ତ୍ତି ମିଳିଥିଲା।



## ଦର୍ଶନ କଟକଣା କୋହଳ



କରୋନା ସଂକ୍ରମଣ ବୃଦ୍ଧି ପାଇବାରୁ ଜାନୁୟାରୀ ୧୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବ୍ୟବସ୍ଥା ବନ୍ଦ ରଖାଯାଇଥିଲା। ଫେବୃୟାରୀ ୧ରୁ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ତେବେ ନୂତନ ଏସ୍ଓପି ଅନୁଯାୟୀ, ପ୍ରତ୍ୟେକ ରବିବାର ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିର ପ୍ରବେଶ ପାଇଁ ଆଧାରକାର୍ଡ କିମ୍ବା ଭୋଟର ପରିଚୟପତ୍ର ସହ କୋଭିଡ୍ ଡବଲ୍ ଡୋଜ୍ ଟିକାକରଣ କିମ୍ବା ୯୬ ଘଣ୍ଟା ମଧ୍ୟରେ ହୋଇଥିବା ଆର୍‌ଟି-ପିସିଆର୍ ରିପୋର୍ଟ ଦେଖାଇବାକୁ ନିର୍ଦ୍ଦେଶ ରହିଥିଲା। ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। କଟକଣା ଉଲ୍ଲଂଘନକାରୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ପାଇଁ ଅନୁମତି ମିଳି ନ ଥିଲା। ଫେବୃୟାରୀ ୨୧ରୁ ସର୍ବସାଧାରଣ ଦର୍ଶନ କଟକଣା କୋହଳ ହୋଇଥିଲା। ଦର୍ଶନ ପୂର୍ବରୁ ଡବଲ୍ ଡୋଜ୍ ଟିକାକରଣ ପ୍ରମାଣପତ୍ର କିମ୍ବା ଆର୍‌ଟି-ପିସିଆର୍ ରିପୋର୍ଟ ଆବଶ୍ୟକ ପଡ଼ି ନ ଥିଲା। ଅନ୍ୟପକ୍ଷରେ ଜାନୁୟାରୀ ୧୦ରୁ ଦର୍ଶନ ବନ୍ଦ ହେବାକୁ ଥିବାରୁ ୮ତାରିଖରେ ପ୍ରାୟ ୭୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଦୀର୍ଘ ସମୟ ଧରି ଲମ୍ବା ଧାଡ଼ିରେ ଠିଆ ହେବା ପରେ ଅଧୈର୍ଯ୍ୟ ହୋଇ କିଓସ୍କୋ ଭାଙ୍ଗି ସିଂହଦ୍ୱାର ଦେଇ ଧସେଇ ପଶିଥିଲେ।

## ହବିଷିଆଳିଙ୍କ ମୁଣ୍ଡ ଫଟାଇଲା ପୋଲିସ

ନଭେମ୍ବର ୭ରେ ଶ୍ରୀମନ୍ଦିରରେ ଜଣେ ହବିଷିଆଳିଙ୍କୁ ପୋଲିସ ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ମୁଣ୍ଡ ଫଟାଇଦେଇଥିଲା। ସମ୍ପୃକ୍ତ ହବିଷିଆଳି ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ୬୫ବର୍ଷୀୟା ମାଧୁରୀ ଦାଶ। ସେ ମହାପ୍ରଭୁଙ୍କ ଦୁର୍ଲଭ ଲକ୍ଷ୍ମୀନୃସିଂହ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିଲେ। ଏହି ସମୟରେ ସେ ପୋଲିସ ମାଡ଼ର ଶିକାର ହୋଇଥିଲେ। ଉକ୍ତ ଘଟଣାରେ ଅଭିଯୁକ୍ତ ପୋଲିସ କର୍ମଚାରୀ ତଥା ଓଏସ୍ଏପି ବାଟାଲିୟନର ହାବିଲଦାର ପ୍ରଶାନ୍ତ କୁମାର ଦଳାଇଙ୍କୁ ନିଲମ୍ବନ କରାଯାଇଥିଲା।

## ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ

ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାରେ ଅଭିଯୁକ୍ତ ଯୁବକ ବାଂଲାଦେଶର ସିଲହଟ ଜିଲା ଅନ୍ତର୍ଗତ ପୂର୍ବ ଜିନ୍ଦା ବଜାର ଅଞ୍ଚଳର ଆକାଶ ଚୌଧୁରୀଙ୍କୁ ନଭେମ୍ବର ୧୧ରେ ପୁରୀ ପୋଲିସ ଗିରଫ କରିଥିଲା। ସେହିପରି ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ତଥା ନୋ ଫ୍ଲାଇଙ୍ଗ୍ ଜୋନ୍‌ରେ ୟୁଟ୍ୟୁବର ପଶ୍ଚିମବଙ୍ଗ ନର୍ଥ ଚବିଶ ପ୍ରଗଣା ଅଧୀନ ଗୁମା ଆମଡଙ୍ଗା ବାସିନ୍ଦା ଅନିମେଶ ଚକ୍ରବର୍ତ୍ତୀ ଡ୍ରୋନ୍ ଉଡ଼ାଇ ଶ୍ରୀମନ୍ଦିରର ବିଭିନ୍ନ ଭିଡିଓ ଭାଇରାଲ କରିଥିଲେ। ଏ ନେଇ ଅଭିଯୋଗ ପରେ ଅନିମେଶ କ୍ଷମା ମାଗିଥିଲେ।

## ଯାତ୍ରୀ ଗୁମାସ୍ତା ଦେଇଥିଲେ ଯୌନ ନିର୍ଯାତନା

ଶ୍ରୀମନ୍ଦିର ପରିସରରେ ଜଣେ ନାବାଳକ (୧୩)ଙ୍କୁ ଜଣେ ଯାତ୍ରୀ ଗୁମାସ୍ତା ଯୌନ ନିର୍ଯାତନା ଦେଇଥିବା ନେଇ ଅକ୍ଟୋବର ୫ରେ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ପୁରୀ ଟାଉନ ଥାନା ଅଧୀନ ହରଚଣ୍ଡୀସାହି ଲୋକନାଥ ରୋଡ୍ ଅଞ୍ଚଳର ସୁଦର୍ଶନ ମିଶ୍ରଙ୍କୁ ଗିରଫ କରାଯାଇଥିଲା।

## ଶ୍ରୀମନ୍ଦିର ପ୍ରଶାସନକୁ ୧୨ କୋଟି ଜରିମାନା

ଖୋର୍ଦ୍ଧାରେ ଶ୍ରୀଜଗନ୍ନାଥଙ୍କ ଜମିରେ ଥିବା ଏକାଧିକ ପଥର ଖଣିରୁ ବେଆଇନ ଭାବେ ପଥର ଉତ୍ତୋଳନକୁ ବିରୋଧ କରି ୨୦୧୮ରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଏକ ମାମଲା ରୁଜୁ ହୋଇଥିଲା। ଦୀର୍ଘ ୪ ବର୍ଷ ପରେ ଅର୍ଥାତ୍ ନଭେମ୍ବର ୮ରେ ଏହି ରାୟ ପ୍ରକାଶ ପାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ପରିବେଶ କ୍ଷତି ଭରଣା ବାବଦ ୧୨କୋଟି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନ ନିକଟରେ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ।




ବିଶ୍ୱର ସର୍ବବୃହତ୍ତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାର ୭୫ ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକାକଳା।

# ବିନୋଦ କୁମାରଙ୍କୁ ପୁଣି ୩ବର୍ଷ ଜେଲଦଣ୍ଡ

**ଓଆର୍ଏଚ୍ଡିସି ଗୃହ ଋଣ ଦୁର୍ନୀତି ମାମଲା**

- ଅନ୍ୟ ୫ଜଣଙ୍କୁ ମଧ ୩ ବର୍ଷ ଜେଲଦଣ୍ଡ
- ଜାଲ୍ କାଗଜପତ୍ରରେ ୨୧.୩୫ ଲକ୍ଷ ଟଙ୍କାର ଋଣ ଦେଇଥିଲେ
- ୬ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେଣି ବିନୋଦ



ବିନୋଦ କୁମାର

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍ଏଚ୍ଡିସି) ଗୃହ ଋଣ ଦୁର୍ନୀତି ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏମ୍/ଏସ୍ ରଶ୍ମି ମାସ୍ କନ୍ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିଃକୁ ଅନୁଚିତ ଅନୁଗ୍ରହ ଦେଖାଇ ଜାଲ୍ କାଗଜପତ୍ରରେ ୨୧.୩୫ ଲକ୍ଷ ଟଙ୍କାର ଗୃହ ଋଣ ଦେବା ଅଭିଯୋଗରେ ବହିଷ୍କୃତ ଆଇଏଏସ୍ ଅଫିସର ତଥା ନିଗମର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ବିନୋଦ କୁମାରଙ୍କୁ ପୁଣି ୩ବର୍ଷ ଜେଲଦଣ୍ଡ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କୁ ମଧ୍ୟ ସମାନ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେମାନେ ହେଲେ ଓଆର୍ଏଚ୍ଡିସିର ତତ୍କାଳୀନ କମ୍ପାନୀ ସେକ୍ରେଟେରି ସ୍ୱସ୍ତି ରଞ୍ଜନ ମହାପାତ୍ର, ଆକାଉଣ୍ଟ ଅଫିସର ପ୍ରଦୀପ କୁମାର ରାଉତ, ଜୁନିୟର ଲୋନ୍ ଅଫିସର ସତ୍ୟପ୍ରକାଶ ବେହେରା, ଆସିଷ୍ଟାଣ୍ଟ ସିଷ୍ଟମ୍ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ ଓ ରଶ୍ମି ମାସ୍ କନ୍ଷ୍ଟ୍ରକ୍ସନର ଏମ୍ଡି ମନୋରଞ୍ଜନ ନାୟକ। ଏଥିସହ ସମସ୍ତ ଅଭିଯୁକ୍ତଙ୍କୁ ପ୍ରତି ଦଫା ପାଇଁ ୫୦ହଜାର ଲେଖାଏ ଆର୍ଥିକ ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲା ଅନୁଯାୟୀ, ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ଏପ୍ରିଲ ୧୫ ପର୍ଯ୍ୟନ୍ତ ଓଆର୍ଏଚ୍ଡିସିର ଏମ୍ଡି ଥିଲେ। ସେହି ସମୟରେ ସ୍ୱସ୍ତି ରଞ୍ଜନ, ପ୍ରଦୀପ, ସତ୍ୟ ପ୍ରକାଶ ଓ ଜ୍ଞାନେନ୍ଦ୍ର ତାଙ୍କ ସହକର୍ମୀ ଥିଲେ। ରଶ୍ମି ମାସ୍ କନ୍ଷ୍ଟ୍ରକ୍ସନ ପକ୍ଷରୁ ଜାଲ୍ ଦସ୍ତାବିଜ୍ ମାଧ୍ୟମରେ ୬ଜଣଙ୍କୁ ୨୧.୩୫ ଲକ୍ଷ ଟଙ୍କାର ଗୃହ ଋଣ ଦେବାକୁ ଆବେଦନ କରାଯାଇଥିଲା। ହେଲେ ବିନୋଦ କୁମାର ଓ ଅନ୍ୟମାନେ ନିୟମ ଉଲ୍ଲଂଘନ କରି ୨୦୦୦ ଅଗଷ୍ଟ ଓ ଡିସେମ୍ବରରେ ଦୁଇଟିପର୍ଯ୍ୟାୟରେ ୨୧.୩୫ ଲକ୍ଷ ଟଙ୍କାର ଗୃହ ଋଣ ଦେଇଥିଲେ। ୬ଜଣଙ୍କ ନାମରେ ହୋଇଥିବା ଉକ୍ତ ଗୃହ ଋଣରେ ନୟାପଲ୍ଲୀସ୍ଥିତ ରଶ୍ମୀ ଭିଲ୍ଲା ଆପାର୍ଟମେଣ୍ଟରେ ଫ୍ଲାଟ୍ ଦିଆଯିବା ବଦଳରେ ରଶ୍ମି ମାସ୍ କନ୍ଷ୍ଟ୍ରକ୍ସନର ଏମ୍ଡି ମନୋରଞ୍ଜନ ନିଜେ ରହିବା ସହ ବ୍ୟବସାୟ ପାଇଁ ୩ ମହଲା ଘର ତିଆରି କରିଥିଲେ। ଏହା ଜଣାପଡ଼ିବା ପରେ ରାଜ୍ୟ ସରକାର ୨୦୦୯ରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୫୭/୦୬) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ୧୮ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ ଆଧାରରେ ଦୁର୍ନୀତି ସଂକ୍ରାନ୍ତ ପ୍ରମାଣ ପାଇବା ପରେ କୋର୍ଟ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଉଲ୍ଲେଖଯୋଗ୍ୟ, ଦୋଷୀ ସାବ୍ୟସ୍ତ ହୋଇଥିବା ବିନୋଦଙ୍କ ବିରୋଧରେ ରାଜ୍ୟ ସରକାର ମୋଟ ୨୭ଟି ଭିଜିଲାନ୍ସ ମାମଲା କରିଥିବାବେଳେ ଏହାକୁ ମିଶାଇ ୬ଟିରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ଅନ୍ୟ ମାମଲାରେ ତାଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲେ ମଧ ସେ ଉପରକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ସମ୍ପତ୍ତି ବିବରଣୀ ପ୍ରଦାନରେ ଅବହେଳା

**ଅତିକ୍ରାନ୍ତ ହେଉଛି ଧାର୍ଯ୍ୟ ତାରିଖ**

**ଯାଜପୁର ଅଫିସ,୨୬।୧୨**

ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ, ଅମଲା, କ୍ରୀଡ଼ା, ପରିବହନ, ଯୋଗାଣ ଭଳି ଅନେକ ବିଭାଗରେ ଦୁର୍ନୀତି ଦେଖିବାକୁ ମିଳୁଛି। ବଡ଼ବଡ଼ିଆ ଅଫିସରଙ୍କଠାରୁ ଆରମ୍ଭ କରି ଯନ୍ତ୍ରୀ, ମନ୍ତ୍ରୀ, କିରାଣି ପ୍ରମୁଖ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରି ଧରା ପଡୁଛନ୍ତି। ଏହି ଦୁର୍ନୀତିକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ସମସ୍ତ ଗ୍ରୁପ-ଏଠାରୁ ଗ୍ରୁପ-ଡି ପର୍ଯ୍ୟନ୍ତ ଅଧିକାରୀମାନଙ୍କୁ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଓଡ଼ିଶା ଗଭର୍ନମେଣ୍ଟ ସର୍ଭେଣ୍ଟ କଣ୍ଡକ୍ଟ ରୁଲ୍ସ-୨୦୨୧ ଅନୁସାରେ ସରକାରୀ କର୍ମଚାରୀମାନେ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବିବରଣୀ ପ୍ରତ୍ୟେକ ବର୍ଷର ଜାନୁୟାରୀ ୧ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଅଧିକାଂଶ ଅଧିକାରୀ ଓ କର୍ମଚାରୀ ୧।୧।୨୦୨୧ଠାରୁ ୩୧।୧୨।୨୦୨୧ ପର୍ଯ୍ୟନ୍ତ ସମ୍ପତ୍ତି ବିବରଣୀ ଏଯାଏ ଦାଖଲ କରିନାହାନ୍ତି। ଏଥିପାଇଁ ୩୦।୯।୨୦୨୨ ଓ ୩୦।୧୧।୨୦୨୨ ପର୍ଯ୍ୟନ୍ତ ଧାର୍ଯ୍ୟ ସମୟ ଘୁଞ୍ଚାଇ ଦିଆଯାଇଥିଲେ ସୁଦ୍ଧା ଅନେକ ସରକାରୀ କର୍ମଚାରୀ ଏହାକୁ ବେଖାତିର କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଉଦ୍‌ବେଗ ପ୍ରକାଶ କରିବା ସହ ଏହି ଆଇନକୁ ବେଖାତିର କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଆରଡିସି ଓ ଜିଲାପାଳମାନଙ୍କୁ ଚିଠି କରିଛନ୍ତି। ଅନ୍ୟପକ୍ଷରେ ୨୦୨୧ ବର୍ଷର ସମ୍ପତ୍ତି ତାଲିକା ଦାଖଲ କରିବାକୁ ବିଭାଗ ପକ୍ଷରୁ ୨୬।୧୨।୨୦୨୨ ତଥା ସୋମବାର ପର୍ଯ୍ୟନ୍ତ ଶେଷ ସମୟ ଦିଆଯାଇଥିଲା। ସୂଚନାଯୋଗ୍ୟ, ୨୦୨୧ ବର୍ଷର ସମ୍ପତ୍ତି ବିବରଣୀ ପ୍ରଦାନ କରିବାକୁ ପ୍ରାୟ ୧ ବର୍ଷ ସୁଯୋଗ ଦିଆଯିବା ଦୁର୍ନୀତିଖୋର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଏକପ୍ରକାର ସୁଯୋଗ ଦିଆଯାଉଥିବା ମତପ୍ରକାଶ ପାଇଛି।

# ଆଜିଠୁ ବରଗଡ଼ ଧନୁଯାତ୍ରା

**ବରଗଡ଼ ଅଫିସ୍,୨୬।୧୨**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହା ୧୧ଦିନ ବ୍ୟାପୀ ଚାଲିବ। ବରଗଡ଼ ସହର ମଥୁରାନଗରୀ, ସହର ଉପକଣ୍ଠ ଅମ୍ବାପାଲି ଗୋପପୁର ଏବଂ ଜିରା ନଦୀ ଯମୁନା ପାଲଟିବ। କୋଭିଡ୍ କଟକଣା ଯୋଗୁ ବିଗତ ୨ବର୍ଷ ଧରି ଧନୁଯାତ୍ରା ହୋଇ ପାରି ନ ଥିଲା। କଟକଣା ହଟିବା ପରେ ଏଥର ମହୋତ୍ସବ ପୁଣି ଆରମ୍ଭ ହେବ। ଫଳରେ ଦର୍ଶକଙ୍କଠାରୁ ଆରମ୍ଭ କରି କଳାକାର ତଥା ଉଭୟ ମଥୁରା ଓ ଗୋପପୁରବାସୀଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହୋଇଛି। ଧନୁଯାତ୍ରା ପାଇଁ ଗୋଟିଏ ହାତୀ ମାହୁନ୍ତ ସହିତ ଏଠାରେ ପହଞ୍ଚିଥିବା ବେଳେ ୪ଘୋଡ଼ା ଏବଂ ୫ଓଟ ଆସିଛନ୍ତି। ପରମ୍ପରା ଅନୁଯାୟୀ, ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ବରଗଡ଼ ଏମ୍ପି ସୁରେଶ ପୂଜାରୀ ସନ୍ଧ୍ୟା ୭ଟାରେ ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ୭ଦିନ ହାଟପଦା ମଞ୍ଚ ରାଜଦରବାର ଏବଂ ଶେଷ ୪ଦିନ ରଙ୍ଗମହଲ ପାଲଟିବ ବୋଲି ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥି ସୂଚନା ଦେଇଛନ୍ତି।

# ବିଏସ୍‌କେୱାଇରେ ୧୨ ମାସରେ ଚିକିତ୍ସିତ ହେଲେଣି ୬.୩୧ ଲକ୍ଷ

**ଘରୋଇ ହସ୍ପିଟାଲକୁ ସରକାର ଦେଲେ ୧୩୮୯ କୋଟି**

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ବିଶେଷ ଅଗ୍ରଗତି ହାସଲ କିରିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ଏକ କାର୍ଯ୍ୟାନ୍ୱୟନ ସମୀକ୍ଷା ବୈଠକରୁ ଏହା ଜଣାପଡିଛି। ବିଏସ୍‌କେୱାଇ ବିଷୟରେ ସଦ୍ୟତମ ତଥ୍ୟ ଉପସ୍ଥାପନ କରି ଓଡ଼ିଶା ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡି. କହିଛନ୍ତି, ଚଳିତ ବର୍ଷ ଜାନୁୟାରୀ ୧ରୁ ଡିସେମ୍ବର ୨୫ ପର୍ଯ୍ୟନ୍ତ ପ୍ରାୟ ୬.୩୧ ଲକ୍ଷ ଲୋକ ବିଭିନ୍ନ ଘରୋଇ ହସ୍ପିଟାଲରେ ଉଚ୍ଚମାନର ଦେୟମୁକ୍ତ ଚିକିତ୍ସା ପାଇଛନ୍ତି। ସେମାନଙ୍କ ଚିକିତ୍ସା ବାବଦରେ ରାଜ୍ୟ ସରକାର ଘରୋଇ ହସ୍ପିଟାଲଗୁଡ଼ିକୁ ପ୍ରାୟ ୧୩୮୯ କୋଟି ଟଙ୍କାର ବିଲ୍ ପୈଠ କରିଛନ୍ତି।

ରାଜ୍ୟର ସମସ୍ତ ୩୦ ଜିଲାର ଲୋକ ବିଏସ୍‌କେୱାଇରେ ଚିକିତ୍ସା ସୁବିଧା ପାଇଛନ୍ତି। ଚିକିତ୍ସା ପାଇଁ ଆସିଥିବା ଶତ ପ୍ରତିଶତ ରୋଗୀଙ୍କୁ ୧୦୪ କଲସେଣ୍ଟର୍ ମାଧ୍ୟମରେ କାଉନସେଲିଂ କରାଯାଇଛି। ନିଜ ପସନ୍ଦର ହସ୍ପିଟାଲରେ ଚିକିତ୍ସା ପାଇଁ ସେମାନଙ୍କୁ ଆବଶ୍ୟକ ସୂଚନା ଓ ସହାୟତା ଯୋଗାଇ ଦିଆଯାଇଛି। ହସ୍ପିଟାଲରେ ନିୟୋଜିତ ଥିବା ସ୍ୱାସ୍ଥ୍ୟମିତ୍ରମାନେ ମଧ ସେମାନଙ୍କ ଆଡମିଶନ୍ ଓ ଚିକିତ୍ସା ପାଇଁ ନିଜେ ଉପସ୍ଥିତ ରହି ଡାକ୍ତରମାନଙ୍କ ସହ ଯୋଗାଯୋଗ ଏବଂ ଆବଶ୍ୟକ ପ୍ରକ୍ରିୟାଗତ ସହାୟତା କରିଛନ୍ତି। ବିଏସ୍‌କେୱାଇରେ ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ୨୦୫୬ଟି ଚିକିତ୍ସା ଓ ନିଦାନ ପ୍ୟାକେଜ୍ କରାଯାଇଛି। ରୋଗୀମାନଙ୍କୁ ସେମାନଙ୍କ ରୋଗ ଅନୁସାରେ ଉପଯୁକ୍ତ ପ୍ୟାକେଜ୍ ଅନ୍ତର୍ଭୁକ୍ତ କରି ସମ୍ପୃକ୍ତ ହସ୍ପିଟାଲଗୁଡ଼ିକ ଚିକିତ୍ସା କରିଛନ୍ତି।

ରାଜ୍ୟର ବିଭିନ୍ନ ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକରେ ବିଏସ୍‌କେୱାଇ ବିଷୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷତଃ ଗଜପତି, କନ୍ଧମାଳ, ସୋନପୁର, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଆଦି ଜିଲାର ଗ୍ରାମାଞ୍ଚଳରେ ସଚେତନତା ଓ ସୂଚନା ପ୍ରଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ କୁହାଯାଇଛି।







# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲମ୍ପଟ ସନ୍ନ୍ୟାସୀ, କପଟୀ ଯୋଗୀ**
**ଦାରୀ ପୁତ୍ରବତୀ, ବଇଦ ରୋଗୀ**
**ଲାଜୁଆ ବ୍ରାହ୍ମଣ, କାଶୁଆ ଚୋର**
**ଏ ଛଅଙ୍କର ବୁଡ଼ଇ ଘର।**

ଆମ ସମାଜରେ ଏଭଳି କଳଙ୍କିତ ଓ କପଟୀ ଚରିତ୍ରର ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଅନ୍ୟମାନଙ୍କର ପ୍ରଭୂତ କ୍ଷତି ସାଧନ କରିଥାନ୍ତି। ତେବେ ପରିଶେଷରେ ସେମାନେ ନିଜ କୃତକର୍ମର ଫଳ ହିଁ ଭୋଗ କରିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଲହ ବିରି**
**ନୁହରେ କାଳିଆ ମୋହ ପରି**
**ସୁନାଫୁଲ ପରି ଗଭାରେ ଖୋସିଲି**
**କପାଳକୁ ହେଲୁ ବଣମଲ୍ଲୀ।**

ପର ଲୋକଠାରୁ ମୂଲ୍ୟବାନ୍ ଜିନିଷ ମାଗି ନେଇ ରଖିଲେ କେହି ବଡ଼ଲୋକ ହୋଇଯାଏ ନାହିଁ। କର୍ମରେ ନ ଥିଲେ କେହି ଦେଇ ଦେଲେ ଭାଗ୍ୟ ଖୋଲିଯାଏନି। ପରଠାରୁ ଆଣିଥିବା ଭଲ ଜିନିଷ ମଧ ଖରାପ ହୋଇଯାଏ, ତାହା ଆଦୌ ଭୋଗ୍ୟ ହୁଏନାହିଁ। ଯେଉଁ ଅବସ୍ଥା ଭାଗ୍ୟ ବିପର୍ଯ୍ୟୟ ଯୋଗୁ ଘଟେ, ତା'ର ପରିବର୍ତ୍ତନ କାହାରି ହାତରେ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ହାତୀ ଶିକାର, ବାଘ ଚମଡ଼ା ଜବତ ଘଟଣା

# ଶିମିଳିପାଳରେ ପିସିସିଏଫ୍

■ ଦାନ୍ତକୁ ନେଇ ଚର୍ଚ୍ଚା
■ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାରେ ଏସ୍‌ଟିଏଫ୍-ବନବିଭାଗ ବିଫଳ

ବାରିପଦା ଅଫିସ,୨୬।୧୨

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଦନ୍ତା ଶିକାର ଓ ମହାବଳ ବାଘ ଚମଡ଼ା ବିକ୍ରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଜାରି ରହିଛି। ଭୁବନେଶ୍ୱରସ୍ଥିତ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ଏସ୍.କେ. ପୋପଲି ସୋମବାର ଶିମିଳିପାଳକୁ ଆସି ଉଭୟ ଘଟଣାର ତଦନ୍ତ ଜାରି ରଖିଛନ୍ତି। ୩ ଦିନ ପୂର୍ବେ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ସିସିଏଫ୍) ମନୋଜ ଭି. ନାୟାର ତଦନ୍ତ କରି ଫେରିବା ପରେ ପୁନଶ୍ଚ ପିସିସିଏଫ୍‌ଙ୍କ ଗସ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଜେନାବିଲ ରେଞ୍ଜ ଅଞ୍ଚଳରେ ଏକ ଦନ୍ତା ଶିକାର କରି ଦାନ୍ତ କାଟିବା ପରେ ପ୍ରମାଣ ନଷ୍ଟ ଅଭିଯୋଗରେ ୩ ବନକର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସେମାନଙ୍କ ବିରୋଧରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ ମଧ କରାଯାଇଛି। ସେହିଭଳି ମହାବଳ ବାଘ ଚମଡ଼ା ବିକ୍ରିକୁ ନେଇ ସ୍ୱତନ୍ତ୍ର ଟାସ୍କ ଫୋର୍ସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ହାତୀ ଶିକାର ଘଟଣାରେ ଜଡିତ ଥିବା ଅଧିକାରୀଙ୍କଠାରୁ ଅଦ୍ୟାବଧି ଦାନ୍ତ ଦୁଇଟି ଜବତ କରାଯାଇ ନ ଥିବା ବେଳେ ଶିକାରରେ ଅନ୍ୟ କେଉଁମାନେ ଜଡିତ ଅଛନ୍ତି ତାହାକୁ ନେଇ ବିଭାଗୀୟ ତଦନ୍ତ ଜାରି ରହିଛି। ଶିକାରରେ ଜଡିତ ଥିବା ଅଧିକାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସମ୍ପର୍କରେ ଭିଜିଲାନ୍ସ ବିଭାଗ ତଦନ୍ତ କଲେ ଅନେକ ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ଜଣେ ଅବସରପ୍ରାପ୍ତ ବନକର୍ମଚାରୀ ପ୍ରକାଶ କରିଛନ୍ତି। ସେହିପରି ହାତୀ ପୋଡ଼ି ଘଟଣାରେ ଅନ୍ୟ କର୍ମଚାରୀମାନେ ଜଡିତ ରହିଥିବା ନେଇ ସୂଚନା ମିଳୁଥିବା ବେଳେ ବନବିଭାଗ ଅଦ୍ୟାବଧି ଘଟଣାର ପର୍ଦ୍ଦାଫାଶ କରିବାରେ ବିଳମ୍ବ କରୁଛି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ସେହିପରି ମହାବଳ ବାଘ ଚମଡ଼ା ଜବତ ଘଟଣାରେ ବାରମ୍ବାର ତଦନ୍ତ କରାଯାଉଥିଲେ ମଧ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଉଭୟ ବନବିଭାଗ ଓ କ୍ରାଇମବ୍ରାଞ୍ଚ ଟିମ୍ ବିଫଳ ହୋଇଛି। ବିଚାର ବିଭାଗୀୟ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାବାସୀ ଦାବି କରିଛନ୍ତି।

# ନୟାଗଡ଼ରେ ଶ୍ରୀମନ୍ଦିରର ଆଜ୍ଞାମାଳ ପହଞ୍ଚିଲା

■ ଆଜି ପୂଜାର୍ଚ୍ଚନା ପରେ ରଥ କାଠ ଚିହ୍ନଟ କରାଯିବ
■ ରଥ ନିର୍ମାଣ ପାଇଁ ୭୪୭ ଖଣ୍ଡ କାଠ ଯିବ ପୁରୀ

ନୟାଗଡ଼ ଅଫିସ/ପୁରୀ ଅଫିସ,୨୬।୧୨

ବିଶ୍ୱପ୍ରସିଦ୍ଧ ମହାପ୍ରଭୁଙ୍କ ରଥଯାତ୍ରା ଉଦ୍ଦେଶ୍ୟରେ ରଥକାଠ ନିମନ୍ତେ ପୁରୀର ଶ୍ରୀମନ୍ଦିରରୁ ପ୍ରତିନିଧିମଣ୍ଡଳୀ ପ୍ରଭୁଙ୍କ ଅଙ୍ଗବସ୍ତ୍ର, ପାଟପଟନୀ, ଧଣ୍ଡାମାଳ, ନଡ଼ିଆ, ବାନା, ଆଜ୍ଞାମାଳ ସାଙ୍ଗରେ ଧରି ସୋମବାର ସନ୍ଧ୍ୟାରେ ନୟାଗଡ଼ ଡିଏଫ୍‌ଓ ଅଫିସରେ ପହଞ୍ଚିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ତତ୍ତ୍ୱାଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ପ୍ରମୁଖ ୩ ଜଣିଆ ଦଳ ଆସିଛନ୍ତି। ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ ସେମାନଙ୍କୁ ସ୍ୱାଗତ କରିଛନ୍ତି। ୨୦୨୩ ବର୍ଷ ୩ ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ୧୧୮ ଖଣ୍ଡ ବଳକା ରହିଛି। ଅବଶିଷ୍ଟ ୭୪୭ ଖଣ୍ଡ କାଠ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡରୁ ଯିବ। ଏଥିରୁ ୪୦୬ଖଣ୍ଡ କଟକର ସ' ମିଲ୍ ଓ ୩୪୧ ଖଣ୍ଡ ରଥଖଳାକୁ ଯିବ। ତେବେ ଦୁଇ ବନଖଣ୍ଡରୁ ୧୨ ଫୁଟ ଲମ୍ବ ୩ ଫୁଟ ଓସାରର ଅସନ ୧୮୪ ଖଣ୍ଡ, ୧୨ ଫୁଟ ଲମ୍ବ ୩ ଫୁଟ ଓସାରର ଧଉରା ୧୯୪ ଖଣ୍ଡ, ୨୦ ଫୁଟ ଲମ୍ବ ୩ ଫୁଟ ଓସାରର ଅସନ ୮୨ ଖଣ୍ଡ, ଧଉରା କାଠ ୨୦ ଫୁଟ ଲମ୍ବ ୩ ଫୁଟ ଓସାରର ୯୪ ଖଣ୍ଡ, ୨୦ ଫୁଟ ଲମ୍ବ ୪ ଫୁଟ ଓସାରର ୧୨ ଖଣ୍ଡ ଧଉରା, ୨୦ ଫୁଟ ଲମ୍ବ ୬ ଫୁଟ ଓସାରର ୬ ଖଣ୍ଡ ଧଉରା, ୪୦ ଫୁଟ ଲମ୍ବ ୩ ଫୁଟ ଓସାରର ୪୩ ଖଣ୍ଡ ଅସନ, ୪୦ ଫୁଟ ଲମ୍ବ ୩ ଫୁଟ ଓସାରର ୪୩ ଖଣ୍ଡ ଧଉରା, ୪୦ ଫୁଟ ଲମ୍ବ ୩ ଫୁଟ ୬ ଇଞ୍ଚ ଓସାରର ଧଉରା କାଠ ୨୧, ୪୦ ଫୁଟ ଲମ୍ବ ୪ ଫୁଟର ଓସାରର ୬ ଖଣ୍ଡ ଧଉରା, ୧୪ ଫୁଟ ଲମ୍ବ ୬ ଫୁଟ ଓସାର ୭୨ ଖଣ୍ଡ ଫାସି, ସିମୁଳି କାଠ ୧୪ ଫୁଟ ଲମ୍ବ ୬ ଫୁଟ ଓସାରର ୩ ଖଣ୍ଡ ଦିଆଯିବ। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ଦଶପଲ୍ଲା ପୁରାତନ ଗଡ଼ଜାତ ରାଜ୍ୟର ଗଣିଆ ନିକଟବର୍ତ୍ତୀ ମହାନଦୀ ଅବବାହିକାର ବଡ଼ମୂଲସ୍ଥ ଗ୍ରାମଦେବୀ ମା' ବଡ଼ରାଉଳଙ୍କ ପୀଠରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ସୋମବାରଠାରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ଶ୍ରୀପଞ୍ଚମୀ ତିଥି ପୂର୍ବରୁ ପ୍ରଥମ ପର୍ଯ୍ୟାୟ କାଠ ନୟାଗଡ଼ରୁ ଯିବ। ଶେଷ ପର୍ଯ୍ୟାୟ ଅକ୍ଷୟତୃତୀୟା ତିଥିରେ ସମସ୍ତ ଆବଶ୍ୟକ କାଠ ପୁରୀରେ ପହଞ୍ଚିବ। ଏ ସମ୍ପର୍କରେ ଡିଏଫ୍‌ଓ ଷଡ଼ଙ୍ଗୀ କୁହନ୍ତି, ନୟାଗଡ଼ ବନଖଣ୍ଡରୁ କେତେକାଠ ଯିବ ନିଷ୍ପତ୍ତି ହୋଇନି। ତେବେ ଏ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ପ୍ରକାଶଥାଉ କି, ପୁରୀର ଗଜପତି ମୁକୁନ୍ଦ ଦେବଙ୍କ ଅମଳ ଅର୍ଥାତ୍ ଦଶପଲ୍ଲା ଗଡ଼ଜାତ ରାଜ୍ୟ ୭ତମ ରାଜା ଚକ୍ରଧର ଭଞ୍ଜଦେଓଙ୍କ ସମୟରୁ ଦୀର୍ଘ ୩୫୨ ବର୍ଷ ହେଲା ରଥକାଠ ଯୋଗାଣ ପରମ୍ପରା ରହିଆସିଛି। ପୂର୍ବେ ମହାନଦୀରେ ଭେଳା କରି ରଥକାଠ ନିଆଯାଉଥିବା ବେଳେ ସ୍ୱାଧୀନତା ପରେ ଟ୍ରକ୍ ସହାୟତାରେ ବଡ଼ ବଡ଼ ରଥକାଠ ପରିବହନ କରାଯାଉଛି।



ପୁରୀ ଶ୍ରୀମନ୍ଦିରରୁ ସୋମବାର ରଥ କାଠ ପାଇଁ ଆସିଥିବା ଆଜ୍ଞାମାଳକୁ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀ ଗ୍ରହଣ କରୁଛନ୍ତି।

# ଶିଳ୍ପ ଅଭିବୃଦ୍ଧି ଲାଗି ଏଭିଜିସି ଟାସ୍କଫୋର୍ସର ସୁପାରିସ

## ଟ୍ୟାଲେଣ୍ଟ ସୃଷ୍ଟି ଓ ଷ୍ଟାର୍ଟ ଅପ୍ ଇଣ୍ଡିଆର ଉଦ୍ଦେଶ୍ୟ ସାଧନ ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୨୬।୧୨(ପିଆଇବି)

ଆନିମେଶନ, ଭିଜୁଆଲ ଇଫେକ୍ଟସ, ଗେମିଂ ଏବଂ କମିକ୍ (ଏଭିଜିସି) ଟାସ୍କଫୋର୍ସ ଏଭିଜିସି କ୍ଷେତ୍ରର ସମନ୍ୱିତ ପ୍ରୋତ୍ସାହନ ଏବଂ ଅଭିବୃଦ୍ଧି ପାଇଁ ବଜେଟ ବ୍ୟବସ୍ଥା ସହିତ ଜାତୀୟ ଏଭିସିସି-ଏକ୍ସଆର୍ ମିଶନ ଲାଗି ପ୍ରସ୍ତାବ ଦେଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟରେ ଦାଖଲ ରିପୋର୍ଟରେ, ଟାସ୍କ ଫୋର୍ସ ବିଷୟବସ୍ତୁ ସୃଷ୍ଟି ଉପରେ ବିଶେଷ ଧ୍ୟାନ ଦେଇ ଭାରତରେ, ଭାରତ ପାଇଁ ଏବଂ ସମଗ୍ର ବିଶ୍ୱ ପାଇଁ କ୍ରିଏଟ ଇନ୍ ଇଣ୍ଡିଆ ଅଭିଯାନ ଆରମ୍ଭ କରିବା ଓ ଏଥିପାଇଁ ଜାତୀୟ ଏଭିଜିସି-ଏକ୍ସଆର୍ ମିଶନରେ ବଜେଟ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛି। ଶିଳ୍ପ ଅଭିବୃଦ୍ଧି ବଢ଼ାଇବା ଲାଗି ରିପୋର୍ଟରେ ସୁପାରିସ କରାଯାଇଛି। ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫଡିଆଇ), ସହଉତ୍ପାଦନ ଚୁକ୍ତି ଏବଂ ଇନୋଭେଶନକୁ ଫୋକସରେ ରଖି ଗେମିଂ ଏକ୍ସପୋ ସହ ଅନ୍ତର୍ଜାତୀୟ ଏଭିଜିସି ପ୍ଲାଟଫର୍ମ ଗଠନ କରିବାକୁ ଟାସ୍କଫୋର୍ସ କହିଛି। ଏଥିସହିତ ଟ୍ୟାଲେଣ୍ଟ ସୃଷ୍ଟି ଓ ଷ୍ଟାର୍ଟ ଅପ୍ ଇଣ୍ଡିଆର ଉଦ୍ଦେଶ୍ୟ ସାଧନ ଉପରେ ଗୁରୁତ୍ୱ ଦେବା ପାଇଁ ଟାସ୍କଫୋର୍ସ ପ୍ରସ୍ତାବ ଦେଇଛି। ବିଦ୍ୟାଳୟସ୍ତରରେ ଉତ୍ସର୍ଗୀକୃତ ଏଭିଜିସି ପାଠ୍ୟ ବିଷୟବସ୍ତୁ ସହିତ ସୃଜନଶୀଳ ଚିନ୍ତାଧାରାର ବିକାଶ ପାଇଁ ଏନ୍‌ଇପି (ଜାତୀୟ ଶିକ୍ଷାନୀତି)କୁ ଉଦ୍ଦେଶ୍ୟ ସାଧନର ମାଧ୍ୟମ କରିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଶିଳ୍ପ ଏବଂ ସରକାରଙ୍କ ପ୍ରମୁଖ ହିତାଧିକାରୀଙ୍କ ସହ ଭାରତରେ ଏଭିଜିସି କ୍ଷେତ୍ରର ପୂର୍ଣ୍ଣ ସମ୍ଭାବନାକୁ ହୃଦୟଙ୍ଗମ କରିବା ସହିତ ସହାୟତା କରିବାକୁ ସୂଚନା ଓ ପ୍ରସାରଣ ସଚିବ ଅପୂର୍ବ ଚନ୍ଦ୍ରାଙ୍କ ଅଧ୍ୟକ୍ଷତାରେ ଏଭିଜିସି ଟାସ୍କଫୋର୍ସ ଗଠନ କରାଯାଇଥିଲା। ଏଭିଜିସି କ୍ଷେତ୍ର ଭାରତରେ ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ପାଇଁ ପ୍ରମୁଖ ଅଭିବୃଦ୍ଧିକୁ ଆଗେଇନେବା କ୍ଷେତ୍ରରେ କାର୍ଯ୍ୟ କରିପାରିବ। ଏଥିସହ ବିଶ୍ୱରେ ଭାରତୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଭାରତ ସହିତ ପ୍ରବାସୀ ଭାରତୀୟଙ୍କୁ ଯୋଡିବା, ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ଏବଂ ପର୍ଯ୍ୟଟନ ତଥା ଅନ୍ୟାନ୍ୟ ସହଯୋଗୀ ଶିଳ୍ପଗୁଡିକ ଲାଭବାନ ହେବାର କ୍ଷମତା ରଖିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି।

# ଯବାନଙ୍କୁ ପିଟି ହତ୍ୟା

**ନୂଆଦିଲ୍ଲୀ,୨୬।୧୨:** ଗୁଜରାଟର ନଦିଆଦ୍‌ରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ଯବାନଙ୍କୁ ପିଟି ହତ୍ୟା କରାଯାଇଛି। ଯବାନଙ୍କ ଝିଅଙ୍କର ଏକ ଅଶ୍ଳୀଳ ଭିଡିଓକୁ ଜଣେ ନାବାଳକ ଅନ୍‌ଲାଇନରେ ପୋଷ୍ଟ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଯବାନ ଜଣଙ୍କ ତାଙ୍କ ପରିବାର ସଦସ୍ୟଙ୍କ ସହ ଶନିବାର ଉକ୍ତ ନାବାଳକଙ୍କ ଚକଲାସିସ୍ଥିତ ଘରେ ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ନାବାଳକଙ୍କ ପରିବାର ସଦସ୍ୟ ଯବାନଙ୍କୁ ଆକ୍ରମଣ କରିଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଯବାନଙ୍କ ଝିଅ ଏବଂ ଭିଡିଓ ଭାଇରାଲ କରିଥିବା ନାବାଳକ ଗୋଟିଏ ସ୍କୁଲରେ ପଢୁଥିଲେ ଏବଂ ରିଲେଶନଶିପ୍‌ରେ ଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ଏସ୍‌ସିବିରେ ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ପ୍ରସ୍ତୁତି

■ ପ୍ରତି ଗୁରୁବାର ହାର୍ଟ ଫେଲ୍ୟୁଅର କ୍ଲିନିକ
■ ଚଳିତ ସପ୍ତାହରୁ ପଞ୍ଜୀକରଣ ଆରମ୍ଭ

କଟକ ଅଫିସ, ୨୬।୧୨

ଏସ୍‌ସିବି ମେଡିକାଲରେ ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ସରକାରୀ ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ରୋଗୀଙ୍କ ପଞ୍ଜୀକରଣ ଲାଗି କାର୍ଡିଓଲୋଜି ବିଭାଗରେ ସ୍ୱତନ୍ତ୍ର ଭାବେ ଏକ ହାର୍ଟ ଫେଲ୍ୟୁଅର କ୍ଲିନିକ ଆସନ୍ତା ୨୯ ତାରିଖଠାରୁ କାର୍ଯ୍ୟାରମ୍ଭ କରିବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ଏ ସମ୍ପର୍କିତ ଏକ ଚିଠି ନିକଟରେ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲା। ହୃତପିଣ୍ଡ ପ୍ରତିରୋପଣ ନିମନ୍ତେ ରୋଗୀଙ୍କ ପଞ୍ଜୀକରଣ କରିବାକୁ ସ୍ୱତନ୍ତ୍ର ଭାବେ ଏକ ହାର୍ଟ ଫେଲ୍ୟୁଅର କ୍ଲିନିକ ସପ୍ତାହରେ ଦୁଇଦିନ ଖୋଲାଯିବାକୁ ଚିଠିରେ ଉଲ୍ଲେଖ ଥିଲା। ତେବେ ଏନେଇ ବିଭିନ୍ନ ଦିଗକୁ ଦୃଷ୍ଟି ଦେଇ ସପ୍ତାହରେ ଗୋଟିଏ ଦିନ ଉକ୍ତ ସ୍ୱତନ୍ତ୍ର କ୍ଲିନିକ ଖୋଲାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏସ୍‌ସିବିର ସିଟିଭିଏସ୍ ବିଭାଗରେ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯିବ। ଏଥିନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ ଥିବା ସିଟିଭିଏସ୍ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ତଦନୁଯାୟୀ ରୋଗୀ ପଞ୍ଜୀକରଣ କାର୍ଯ୍ୟ ନିମନ୍ତେ କାର୍ଡିଓଲୋଜି ଆଉଟ୍‌ଡୋର ପରିସରରେ ହାର୍ଟ ଫେଲ୍ୟୁଅର କ୍ଲିନିକ ପାଇଁ ବ୍ୟବସ୍ଥା କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ (ଡିଏମ୍‌ଇଟି)ଙ୍କ ପକ୍ଷରୁ ଏସ୍‌ସିବି ମେଡିକାଲର ଡିନ୍‌ଙ୍କୁ ଅନୁରୋଧ କରାଯାଇଥିଲା। ସିଟିଭିଏସ୍ ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ କୁହନ୍ତି, ହାର୍ଟ ଫେଲ୍ୟୁଅର ରୋଗୀଙ୍କଠାରେ ପ୍ରତିରୋପଣ ପାଇଁ ସଦ୍ୟ ମୃତବ୍ୟକ୍ତିଙ୍କଠାରୁ ହୃତପିଣ୍ଡ ସଂଗ୍ରହ କରାଯାଇଥାଏ। ଉକ୍ତ ହୃତ୍‌ପିଣ୍ଡକୁ ଜୀବିତ ଲୋକଙ୍କଠାରେ ପ୍ରତିରୋପଣ ପାଇଁ ଏସ୍‌ସିବିର ସିଟିଭିଏସ୍ ବିଭାଗରେ ସମସ୍ତ ପ୍ରକାର ବ୍ୟବସ୍ଥା ଉପଲବ୍ଧ ରହିଛି। ଅନ୍ୟପକ୍ଷରେ କାର୍ଡିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ରାଉତରାୟଙ୍କ କହିବାନୁସାରେ, ହୃତପିଣ୍ଡ ସମସ୍ୟା ଭୋଗୁଥିବା ରୋଗୀମାନେ ପ୍ରତ୍ୟହ ଏସ୍‌ସିବିକୁ ଆସୁଛନ୍ତି। ସେମାନେ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ପୂର୍ବକ ଚିକିତ୍ସାରେ ରହି ସୁସ୍ଥ ହୋଇପାରୁଛନ୍ତି। ହେଲେ ଯେଉଁ ହୃଦ୍‌ରୋଗୀମାନେ ଔଷଧ ସେବନ ପରେ ବି କୌଣସି ପ୍ରକାର ଆରୋଗ୍ୟ ହୋଇପାରୁନାହାନ୍ତି, ସେମାନଙ୍କୁ ଆବଶ୍ୟକ ପରୀକ୍ଷାନିରୀକ୍ଷା କରାଯିବା ପରେ ହୃତ୍‌ପିଣ୍ଡ ପ୍ରତିରୋପଣ ନିମନ୍ତେ ପଞ୍ଜୀକୃତ କରାଯିବାକୁ ବ୍ୟବସ୍ଥା ହେଉଛି।

## 'ସେବା ଏଜେଣ୍ଡାରୁ...

ପ୍ରଥମ ପୃଷ୍ଠାରୁ...

ସେମାନେ ବିଜେଡିରେ ସାମିଲ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏ ଦଳ ଓଡ଼ିଶାର ଦଳ। କାରଣ ଜାତୀୟ ଦଳର ଏଜେଣ୍ଡା ଜାତୀୟ ରାଜନୀତିରେ ହିଁ ରହିବ। ସେମାନଙ୍କ ଏଜେଣ୍ଡାରେ ଓଡ଼ିଶା କେବେ ବି ଫୋକସରେ ରହିବ ନାହିଁ। କେବଳ ବିଜୁ ଜନତା ଦଳ ହିଁ ଓଡ଼ିଶାର ଉନ୍ନତି କରିପାରିବ। ଏହି ଦଳ ଲୋକଙ୍କ ବିଶ୍ୱାସର ପାତ୍ର ହୋଇଛି। ବିଜେଡି କେବେବି ଜଣେ ୨ ଜଣଙ୍କ ଉପରେ ନିର୍ଭର କରିନାହିଁ। ଭବିଷ୍ୟତରେ ମଧ କରିବ ନାହିଁ। ବିଜେଡି ଲାଗି ସବୁବର୍ଗର ଉନ୍ନତି ଗୁରୁତ୍ୱପୂର୍ଣ୍ଣ। ସେ ଆଦିବାସୀ, ଦଳିତ, ଖ୍ରୀଷ୍ଟିଆନ କି ମୁସ୍‌ଲିମ ହୁଅନ୍ତୁ। ସମସ୍ତଙ୍କର ଉନ୍ନତି ହେଲେ ଓଡ଼ିଶାର ଉନ୍ନତି ସମ୍ଭବ। ବିଜେଡି ସବୁବେଳେ ମାଲକାନଗିରିରୁ ମୟୂରଭଞ୍ଜ, ବରଗଡ଼ରୁ ପୁରୀ ପର୍ଯ୍ୟନ୍ତ ସବୁ ଗାଁ, ସହର ଓ ଅଞ୍ଚଳର ଉନ୍ନତି ପାଇଁ କାମ କରିଆସିଛି। ଦ୍ରୁତ ଅଭିବୃଦ୍ଧି ଓ ଆଞ୍ଚଳିକ ଅସମତା ଦୂର କରିବା ଆମର କର୍ତ୍ତବ୍ୟ। ବିଜେଡି କୌଣସି ଗୋଟିଏ ଗୋଷ୍ଠୀ କିମ୍ବା ଗୋଟିଏ ଅଞ୍ଚଳ ବା ଧର୍ମ ପାଇଁ ନୁହେଁ, ସମଗ୍ର ଓଡ଼ିଶା ଲାଗି ଛିଡ଼ାହୋଇଛି। ଓଡ଼ିଶାର ଯାହା ଯାହା ସମସ୍ୟା ରହିଛି ତାକୁ ଦୃଷ୍ଟିରେ ରଖି ପେସାଦାର ଭାବେ ଆମ ଦଳ କାମ କରୁଛି। ବନ୍ୟା, ବାତ୍ୟା ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସାରା ପୃଥିବୀରେ ସୁନାମ କରିଛି। ଖାଦ୍ୟ ନିରାପତ୍ତା ପାଇଁ ଆମେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିଲୁ। ଏବେ ଆମେ ଅନ୍ୟ ରାଜ୍ୟକୁ ଚାଉଳ ପଠାଉଛୁ। ରାଜ୍ୟର ଭିତ୍ତିଭୂମି ଏବଂ ସ୍ୱଚ୍ଛ ଶାସନକୁ ଦେଖି ବହୁ ନିବେଶକ ଆମ ପାଖକୁ ଆସୁଛନ୍ତି। ପିଲାମାନଙ୍କୁ ଚାକିରି ମିଳିବ। ରାଜ୍ୟର ଉନ୍ନତି ହେବ। ପ୍ରତ୍ୟେକ ଜୀବନ ଆମ ପାଇଁ ମୂଲ୍ୟବାନ୍। ସେଥିପାଇଁ କୋଭିଡ୍ ମହାମାରୀ ସମୟରେ ଟେଷ୍ଟିଂରୁ ଚିକିତ୍ସା ସବୁ ମାଗଣାରେ ଦିଆଗଲା। ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକୁ ଅକ୍ସିଜେନ ଯୋଗାଣ କଲା। ବିଏସ୍‌କେୱାଇ ଭଳି କ୍ରାନ୍ତିକାରୀ ସ୍କିମ୍ ଲାଗୁ କରାଗଲା। ଆମର ପ୍ରତିବଦ୍ଧତା ହେଉଛି ପ୍ରତ୍ୟେକ ଜୀବନ ମୂଲ୍ୟବାନ୍। ତାକୁ ଭିତ୍ତିକରି କାମ କରୁଛୁ। ଦେଶ ବିଦେଶରେ ଆମ ସରକାର ଓ ଆମ ଗଭର୍ନାନ୍ସ ମଡେଲକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଏହା ଏକ ପେସାଦାର ବାହକ ସରକାର। ଏହା ୫-ଟି ନୀତିରେ ଚାଲୁଛି। ଲୋକମାନଙ୍କ ଆକାଂକ୍ଷା ଓ ଆବଶ୍ୟକତା ପ୍ରତି ସରକାର ଅତ୍ୟନ୍ତ ସମ୍ବେଦନଶୀଳ। ମୋ ସରକାର ଅଭିନବ କାର୍ଯ୍ୟକ୍ରମରେ ଲୋକମାନେ ସେମାନଙ୍କର ମତାମତ ଦେଉଛନ୍ତି। ମୁଁ ଯାହା ବି କହିଲି ସେସବୁ ଗୋଟେ ପଟରେ କିନ୍ତୁ ତାକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଏବଂ ଲୋକଙ୍କ ହୃଦୟକୁ ଛୁଇଁବାର ଦାୟିତ୍ୱ ନେଇଛନ୍ତି ବିଜେଡି କର୍ମୀମାନେ। ବିଜୁ ପରିବାରର ଲକ୍ଷ ଲକ୍ଷ କର୍ମୀ ହେଉଛନ୍ତି ବିଜେଡିର ଆତ୍ମା। ଆପଣମାନେ ଶକ୍ତି ଦେଉଛନ୍ତି ବିଜେଡିକୁ। ଆପଣମାନେ କ୍ଷେତ୍ରସ୍ତରରେ ବିରୋଧୀଙ୍କ ମୁକାବିଲା କରୁଛନ୍ତି। ଆମ ଦଳର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଆଉ ୧୨ ବର୍ଷ ପରେ ଓଡ଼ିଶା ଗଠନର ୧୦୦ ବର୍ଷ ପାଳନ କରାଯିବ। ୨୦ ବର୍ଷ ଆଗରୁ ଓଡ଼ିଶା କୋଉଠି ଥିଲା, ଆଜି କୋଉଠି ଅଛି। ମୁଁ ସେ କଥା କହିବା ଦରକାର ନାହିଁ। ଆପଣମାନେ, ସାରା ବିଶ୍ୱ ତାହା ଜାଣିଛି ଓ ଦେଖୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ଆରମ୍ଭ କରିଥିଲେ। ସେ କହିଥିଲେ ଜୟ ଜଗନ୍ନାଥ। ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ରକୁ ମୁଁ ଆପଣମାନଙ୍କୁ ସ୍ୱାଗତ କରୁଛି। ନବବର୍ଷ ଆପଣଙ୍କ ଓ ଆପଣମାନଙ୍କ ପରିବାର ପାଇଁ ଶୁଭମୟ ହେଉ। ଏହା କହିବା ବେଳେ ସଭାସ୍ଥଳ କରତାଳିରେ କମ୍ପି ଯାଇଥିଲା।

ମଧ୍ୟାହ୍ନ ୧୨ଟା ୧୭ ମିନିଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ତାଳବଣିଆଠାରେ ଅବତରଣ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଆଗମନ ଜାଣିବା ପରେ ଉପସ୍ଥିତ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଯାଇଥିଲା। ନବୀନ ପଟ୍ଟନାୟକ ଜିନ୍ଦାବାଦ୍‌ରେ ସଭାସ୍ଥଳକୁ କମ୍ପାଇ ଦେଇଥିଲେ। ମହିଳାମାନେ ହୁଳହୁଳି ପକାଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପହଞ୍ଚିବା ବେଳକୁ ସଭାସ୍ଥଳ ଲୋକାରଣ୍ୟ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଝଲକ ପାଇବାକୁ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଥିଲା। କେତେକ ସ୍ଥାନରେ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପୂର୍ବରୁ ଅର୍ଥାତ୍ ସକାଳ ୭ରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ବିଜେଡି କର୍ମୀମାନେ ରାଲି କରି ତାଳବଣିଆସ୍ଥିତ ସଭା ସ୍ଥଳକୁ ଆସିଥିଲେ। ବ୍ୟାନର, ପୋଷ୍ଟର ଧରି ମନ୍ତ୍ରୀ, ବିଧାୟକ ଓ ନେତାମାନଙ୍କର କର୍ମୀମାନେ ଆସିଥିଲେ। ରାସ୍ତାରେ ନାହିଁ ନ ଥିବା ଭିଡ଼ ହୋଇଥିଲା। ଏପରି କି ଘଣ୍ଟା ଘଣ୍ଟା ଧରି ଯାନବାହନଗୁଡିକ ରାସ୍ତାରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ପୂର୍ବରୁ ବିଜେଡିର ବରିଷ୍ଠ ନେତା ମହେଶ୍ୱର ମହାନ୍ତି, ସୌମ୍ୟରଞ୍ଜନ ପଟ୍ଟନାୟକ, ସୁଦାମ ମାର୍ଣ୍ଡି, ପ୍ରମିଳା ମଲ୍ଲିକ, ଦେବୀ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରସନ୍ନ ପାଟଶାଣୀ ପ୍ରମୁଖ ଉଦ୍‌ବୋଧନ ଦେଇ ବିଜୁବାବୁଙ୍କ ଆଦର୍ଶ ଓ ନବୀନଙ୍କ ପରାମର୍ଶରେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ ଧନ୍ୟବାଦ ଦେଇଥିଲେ।

## ୨୦୨୩ରେ ମାନ୍ଦାବସ୍ଥା...

ଆକଳନ ଅନୁସାରେ ୨୦୨୮ରେ ଏପରି ହେବା ନେଇ ଆକଳନ କରାଯାଇଥିବାବେଳେ ଗତବର୍ଷର ଲିଗ୍ ଟେବୁଲରେ ଏହାକୁ ୨୦୩୦ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଯଦି ବେଜିଂ ତାଇୱାନକୁ ଦଖଲ ପାଇଁ ଉଦ୍ୟମ କରେ ଏବଂ ଏହାର ଜବାବରେ ବାଣିଜ୍ୟିକ କଟକଣାକୁ ସାମ୍ନା କରେ ତେବେ ଆମେରିକାକୁ ଅତିକ୍ରମ କରିବା ଆହୁରି ବିଳମ୍ବିତ ହୋଇପାରେ ବୋଲି ସିଇବିଆର୍ ମନେକରୁଛି। ଚାଇନା ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆର୍ଥିକ ପ୍ରତିଯୋଗିତାର ପରିଣାମ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଦେଖିବାକୁ ମିଳିଥିବା ଦୁଃସ୍ଥିତିଠାରୁ ଆହୁରି ଭୟଙ୍କର ହେବ। ଫଳରେ ଦରଦାମ୍ ଆହୁରି ଆକାଶଛୁଆଁ ହେବ ଏବଂ ବିଶ୍ୱରେ ମାନ୍ଦାବସ୍ଥା ସୃଷ୍ଟି ହେବା ଏକପ୍ରକାର ନିଶ୍ଚିତ ବୋଲି ସିଇବିଆର୍ ପକ୍ଷରୁ କୁହାଯାଇଛି। ଭାରତ ୨୦୩୨ ସୁଦ୍ଧା ତୃତୀୟ ଅର୍ଥ ବ୍ୟବସ୍ଥା ପାଲଟିବ ଏବଂ ୨୦୩୫ ବେଳକୁ ଏହାର ଅର୍ଥନୀତି ୧୦ ଟ୍ରିଲିୟନ୍ ଡଲାରରେ ପହଞ୍ଚିବ। ବ୍ରିଟେନ୍ ବିଶ୍ୱର ଷଷ୍ଠ ବୃହତ୍ ଅର୍ଥନୀତି ପାଲଟିବାକୁ ଥିବାବେଳେ ପରବର୍ତ୍ତୀ ୧୫ ବର୍ଷ ପର୍ଯ୍ୟନ୍ତ ଫ୍ରାନ୍ସ ସପ୍ତମ ସ୍ଥାନରେ ରହିବ। ନବୀକରଣୀୟ ଶକ୍ତିକୁ ଅଧିକ ଗୁରୁତ୍ୱ ଦିଆଗଲେ ବିକାଶଶୀଳ ଅର୍ଥନୀତିଗୁଡ଼ିକ ନିଜ ପ୍ରାକୃତିକ ସମ୍ବଳରୁ ବଳ ପାଇବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

## କୋଭିଡ୍ କଟକଣାରେ...

କରାଯାଉଥିବାରୁ ଏଥିପ୍ରତି ସଜାଗ ରହିବାକୁ ପଡ଼ିବ ବୋଲି ମନ୍ତ୍ରୀ ଦାଶ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟର ମାର୍ଗ ଦର୍ଶିକା ଅନୁଯାୟୀ, ସ୍କୁଲରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ପାଳନ କରାଯିବ। ଏଥିସହ ଆଗକୁ ହେବାକୁ ଥିବା ସମ୍ମେଟିଭ-୧ ଓ ଯୁକ୍ତ ୨ ପରୀକ୍ଷା କରୋନା କଟକଣା ଭିତରେ ଆୟୋଜନ କରିବାକୁ ବିଭାଗୀୟ ପ୍ରସ୍ତୁତି ଚାଲିଛି। କୋଭିଡ୍ ମାର୍ଗଦର୍ଶିକା ଅନୁସାରେ ସ୍କୁଲର ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଏକାଦଶ ଚନ୍ଦ୍ର ପ୍ରଭାବରେ ସାମଗ୍ରିକ ସୁଖ, ସୁବିଧା ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। କିନ୍ତୁ ପାରିବାରିକ କ୍ଷେତ୍ରରେ ବୁଝାମଣାରେ ବ୍ୟତିକ୍ରମଜନିତ ମତାନ୍ତର ଘଟିପାରେ। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ କେତେକ ମୂଲ୍ୟବାନ୍ ଉପଦେଶ ପାଇବେ। ଦୀର୍ଘଦିନ ହେଲା ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ।

**ବୃଷ**
ସ୍ୱରାଶିସ୍ଥ ମଙ୍ଗଳଜନିତ ଜମିଜମା କ୍ରୟ ବିକ୍ରୟ ଦିଗରେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ଆପଣଙ୍କ କାମକୁ ତ୍ୱରାନ୍ୱିତ କରିବ। ମନେ ମନେ ବିରକ୍ତି ହେଲେ ମଧ ବନ୍ଧୁଙ୍କ ସମ୍ମୁଖରେ ସତକଥା ପ୍ରକାଶ କରିପାରିବେ ନାହିଁ। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଆକସ୍ମିକ ଭାବେ ଭ୍ରମଣ ସୁଯୋଗ ଜୁଟିପାରେ।

**ମିଥୁନ**
ରାଶିକୁ ତିନୋଟି ଗ୍ରହ ଦେଖୁଥିବାରୁ କର୍ମକ୍ଷେତ୍ରରେ ସମସ୍ୟା କମିବ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇପାରନ୍ତି। କିନ୍ତୁ କୃତ୍ରିକା ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ନିଜର କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକମାନଙ୍କଠାରୁ ଆଦର, ଶ୍ରଦ୍ଧା ପାଇବେ।

**କର୍କଟ**
ରାଶିକୁ ଗୁରୁ ଓ ଶନି ଅବଲୋକନ କରୁଥିବାରୁ କର୍ମକ୍ଷେତ୍ରରେ ଆଶାନୁରୂପ ଅର୍ଥ, ସମ୍ମାନ, ସହଯୋଗ ନ ପାଇ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ସ୍ତରରେ ପକ୍ଷପାତିତାକୁ ନେଇ କଷ୍ଟ ପାଇପାରନ୍ତି। ବନ୍ଧୁଙ୍କ ସହ ଯୁକ୍ତିତର୍କ କରିବା ଠିକ୍ ହେବନି। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ସିଂହ**
କୋଣସ୍ଥ ଗ୍ରହଙ୍କ ଶୁଭପ୍ରଭାବରୁ କର୍ମକ୍ଷେତ୍ରର ପ୍ରତିଟି ପଦକ୍ଷେପରେ ସହମତି ଭିତ୍ତିରେ କାମ କଲେ ଉପକୃତ ହେବେ। ସଂଗଠନ, ରାଜନୀତି, ସଭାସମିତି, ପ୍ରଶାସନ, କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। କ୍ରୀଡ଼ା, ଚଳଚ୍ଚିତ୍ର କଳା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପାରିବାରିକ ସମସ୍ୟା ଥିଲେ ମଧ କାମରୁ ଓହରିପାରିବେ ନାହିଁ।

**କନ୍ୟା**
ବୃହସ୍ପତିଙ୍କ ଶୁଭଦୃଷ୍ଟି ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ମନସ୍ତାପ କରିପାରନ୍ତି। ଦୃଢ଼ତାର ସହ ଅଟକି ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିବେ।

**ତୁଳା**
ରାଶିରେ କେତୁଙ୍କ କୁପ୍ରଭାବରୁ ଆଜି ଆପଣଙ୍କୁ ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ଭଲ ଲାଗି ନ ପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇନେବେ। ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ।

**ବିଛା**
ମୁଖଭାବରେ ଏକାଧିକ ଗ୍ରହଜନିତ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କିନ୍ତୁ ବ୍ୟବସାୟକ ଓ ବାଣିଜ୍ୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**ଧନୁ**
ରାଶିରେ ରବି, ବୁଧ ଓ ଶୁକ୍ର ଥିବାରୁ ଏକ ଚମକପ୍ରଦ ସ୍ଥିତିରେ ପହଞ୍ଚିବେ, ଯାହାକି ଆପଣଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପୁନଶ୍ଚ ଏହାସାଙ୍ଗକୁ ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ କମିଯିବ। ସଭାସମିତି କିମ୍ବା ବନ୍ଧୁଙ୍କଠାରୁ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ମକର**
ଦ୍ୱିତୀୟାଚନ୍ଦ୍ର ପ୍ରଭାବରେ ସମସ୍ତଙ୍କ ପ୍ରିୟଭାଜନ ହେବେ। ଯାହା ଚାହୁଁଛନ୍ତି ତାହା ଆଜି ଅବଶ୍ୟ ପାଇବେ। ଏଥି ସକାଶେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି,ବିବାଦୀୟ ଘଟଣାରେ ବିଜୟୀ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ।

**କୁମ୍ଭ**
ଷଷ୍ଠାଧିପତି ରାଶିରେ ଥିବାରୁ ଆଜି ଦିନଟିରେ ହାତରୁ ଖାଇ ପର ପାଇଁ ଖଟିବେ। ଲେଖାପଢ଼ା, ପ୍ରଶାସନ, ପରିବହନ, ନିର୍ମାଣ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ନିଜର ସ୍ୱାର୍ଥ ସାଧନ ପାଇଁ ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି।

**ମୀନ**
ଯୋଜନାକାରକ ବୃହସ୍ପତି ରାଶିରେ ଥିବାରୁ ଆଜି ହଠାତ୍ କୌଣସି ନୂତନ କାମ ଆରମ୍ଭ କରିପାରନ୍ତି। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ, ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ ଦ୍ୱାରା ହିଁ ସମ୍ଭବ ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆବଶ୍ୟକ ଅର୍ଥ ସକାଶେ ଧାର ସୂତ୍ରରେ ପାଇବାକୁ ଚେଷ୍ଟା କରିବେ।

ଆଜି ଡିସେମ୍ବର ୨୭ ତାରିଖ ମଙ୍ଗଳବାର, ଆଜିଠାରୁ ବରଗଡ଼ରେ ୧୧ଦିନ ବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ, ପୌଷ ଶୁକ୍ଳପଞ୍ଚମୀ। ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୩ ଗତେ, ଘ.୦୭।୦୬ ମଧ୍ୟେ, ଘ.୦୯।୦୫ ଗତେ, ଘ.୧୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଘ. ୦୭।୪୩ ଗତେ, ଘ.୦୯।୦୪ ମଧ୍ୟେ ରାହୁକାଳ।

# ଆନ୍ଦୋଳନରୁ ଓହରିଲେ ପାଚିକା ସହାୟିକା

**ଭୁବନେଶ୍ୱର,୨୬ା୧୨(ବ୍ୟୁରୋ)**

୧୩ ଦଫା ଦାବି ନେଇ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଥିବା ପାଚିକା ସହାୟିକା ଶେଷରେ ଧାରଣାରୁ ଉଠିଛନ୍ତି। ଦେଢ଼ମାସ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପରେ ପାଚିକା ସହାୟିକା ମଜଦୁର ସଂଘ ଆନ୍ଦୋଳନରୁ ଓହରିଛି। ସୋମବାର ମାଷ୍ଟର କ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ପାଚିକା ସହାୟିକା ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଆସିଥିଲେ। ଏହାପରେ ପୁଷ୍ପା ଦାସଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ସିଆଇଟିୟୁର କୋଷାଧ୍ୟକ୍ଷ ଦୁଷ୍ମନ୍ତ ଦାସ, ସାଧାରଣ ସମ୍ପାଦକ ଇଶାନୀ ଷଡ଼ଙ୍ଗୀ, ଉପସଭାପତି ଇନ୍ଦ୍ରମଣି ବେହେରା ପ୍ରମୁଖ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ପରେ ଆନ୍ଦୋଳନକାରୀଙ୍କ ଏକ ୭ଜଣିଆ ପ୍ରତିନିଧି ଦଳ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସଚିବ ଆସ୍ୱଥୀ ଏସ୍‌ଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ପାଚିକା ଓ ସହାୟିକାଙ୍କୁ ନିଯୁକ୍ତ କରାଯାଇଥିଲେ ମଧ ସେମାନେ ସର୍ବନିମ୍ନ ମଜୁରି ପାଉନାହାନ୍ତି କିମ୍ବା ସେମାନଙ୍କର ସାମାଜିକ ସୁରକ୍ଷାର କୌଣସି ବ୍ୟବସ୍ଥା ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ପାଚିକା ସହାୟିକାଙ୍କୁ ଶ୍ରମିକ ମାନ୍ୟତା, ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ, ଅବସରକାଳୀନ ଭତ୍ତା, ପ୍ରସୂତିକାଳୀନ ୬ ମାସ ଛୁଟି ମଜୁରି ସହ ବର୍ଷକୁ ୨ ଯୋଡ଼ା ଶାଢ଼ି ପ୍ରଦାନ, ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି।



ଭୁବନେଶ୍ୱର ଲୋୟର୍ ପିଏମ୍‌ଜିରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପାଚିକା ସହାୟିକା।(ଫଟୋ: ମନୋରଞ୍ଜନ)

## ଜୟପୁରରୁ ଭୁବନେଶ୍ୱରକୁ ଆଉ ଏକ ବିମାନ ଚଳାଚଳକୁ ଅନୁମତି

**ଜୟପୁର,୨୬ା୧୨(ନି.ପ୍ର.):** ଜୟପୁର ତଥା ଅବିଭକ୍ତ କୋରାପୁଟ ଜିଲାବାସୀଙ୍କ ପାଇଁ ବିଦାୟୀ ବର୍ଷ ଆଣିଛି ଏକ ଖୁସି ଖବର। ଜୟପୁରରୁ ଭୁବନେଶ୍ୱରକୁ ଆଉ ଏକ ଇଣ୍ଡିଆ ୱାନ ଏୟାର ବିମାନ ଜାନୁୟାରୀ ମାସରୁ ନିୟମିତ ଚଳାଚଳ କରିବ। ପୂର୍ବରୁ ଜୟପୁରରୁ ଭୁବନେଶ୍ୱରକୁ ୯ ଯାତ୍ରୀ ବିଶିଷ୍ଟ ବିମାନ ସେବା ଆରମ୍ଭ ହୋଇଛି। ଜୟପୁରରୁ ପ୍ରତ୍ୟହ ଅପରାହ୍ନ ୪ଟାରେ ଭୁବନେଶ୍ୱର ପାଇଁ ବିମାନ ସେବା ଜାରି ରହିଛି। ମାତ୍ର କମ୍ ଯାତ୍ରୀ ବିଶିଷ୍ଟ ଏହି ବିମାନ ସେବା ଯୋଗୁ ଅନେକ ଯାତ୍ରୀ ଟିକେଟ ପାଇପାରୁ ନ ଥିଲେ। ଫଳରେ ସକାଳ ସମୟରେ ଜୟପୁରରୁ ଭୁବନେଶ୍ୱରକୁ ଆଉ ଗୋଟିଏ ବିମାନ ଚଳାଚଳ ପାଇଁ ଦାବି ହୋଇଥିଲା। ଏନେଇ ରାଜ୍ୟ ମୁଖ୍ୟଶାସନ ସଚିବଙ୍କୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଗତ ୧।୧୨।୨୨ ଏବଂ ୧୬।୧୨।୨୨ରେ ଚିଠି ଲେଖି ଜଣାଇଥିଲେ। ବିଧାୟକଙ୍କ ଦାବିକୁ ଗୁରୁତ୍ୱ ଦେଇ ସକାଳ ସମୟରେ ଜୟପୁରରୁ ଭୁବନେଶ୍ୱରକୁ ନିୟମିତ ଆଉ ଏକ ବିମାନ ଚଳାଚଳ ପାଇଁ ଅନୁମତି ମିଳିଥିବା ଜଣାପଡ଼ିଛି।

## ୩ ନକଲି ଜିଏସ୍‌ଟି ଅଧିକାରୀଙ୍କ ସମେତ ୪ ଗିରଫ

**୧.୪୦ ଲକ୍ଷ ଟଙ୍କା, ୬୦ବସ୍ତା ପାନ ମସଲା ଜବତ**

**ଛତ୍ରପୁର,୨୬ା୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲାର ଜିଏସ୍‌ଟି ଅଧିକାରୀ ଦର୍ଶାଇ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ୬୦ ବସ୍ତା ଡିଲକ୍ସ ପାନ ମସଲା ଲୁଟ୍ ମାମଲାର ପର୍ଦ୍ଦାଫାଶ ହୋଇଛି। ଛତ୍ରପୁର ଥାନା ପୋଲିସ ଏହି ମାମଲାରେ ୩ନକଲି ଜିଏସ୍‌ଟି ଅଧିକାରୀଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ସହର ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ମୀନାକ୍ଷୀ ନଗରର ସୀମାଞ୍ଚଳ ପଣ୍ଡା, ଛତ୍ରପୁର ଥାନା ଅଧୀନ ବଜରଙ୍ଗୀ ନଗରର ସୁଶାନ୍ତ କୁମାର ଦଳାଇ ଓରଫ ଦୀପୁ ଏବଂ ଟି.ଗୋପାଳ ରାଓ ବ୍ୟାଙ୍କ କଲୋନୀର ଦେବାଶିଷ ପଟ୍ଟନାୟକ ଓରଫ ଜଗା। ଅଭିଯୁକ୍ତମାନେ ଠକି ନେଇଥିବା ୧ ଲକ୍ଷ ୪୦ ହଜାର ଟଙ୍କା, ଲୁଟିଥିବା ୬୦ ବସ୍ତା ପାନମସଲା, ୫ଟି ମୋବାଇଲ ଫୋନ ଓ ଅପରାଧରେ ବ୍ୟବହୃତ ୨ଟି କାର୍ (ଓଡି ୩୩ଏଡି ୮୬୮୭ ଏବଂ ଓଡି ୦୭ପି୯୫୯୬) ଜବତ କରାଯାଇଥିବା ସୋମବାର ଛତ୍ରପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପି.କେ ଦଳାଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କମିଲା ଶୀତ: ୮ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୨୬ା୧୨(ବ୍ୟୁରୋ):** ଓଡ଼ିଶା ଉପକୂଳରେ ଗୁରୁଚାପ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟ ଭିତରକୁ ପ୍ରଚୁର ପରିମାଣରେ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଏଥିଯୋଗୁ ଗତ କିଛିଦିନ ଧରି ଲାଗିରହିଥିବା ଥଣ୍ଡା ଗାଏବ ହୋଇଯାଇଛି। ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲସିୟସ୍ ବଢ଼ି ଯାଇଛି। ଏଥିସହିତ ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ କୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ କନ୍ଧମାଳ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ସୋମବାର ରାଜ୍ୟରେ ଶୀତ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେବଳ କୋରାପୁଟରେ ୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୦ ଓ ରାଜ୍ୟର ଅନ୍ୟାନ୍ୟ ସହରରେ ୧୧ ଡିଗ୍ରୀ ସେଲସିୟସ୍ ଉପରେ ରହିଛି।

## ୪ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର,୨୬ା୧୨(ଡି.ଏନ୍.ଏ.):** ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ୍ ଅନ୍ତର୍ଗତ ହାଟବରଡି ଖଣ୍ଡିଆ ନାଳ ନିକଟରେ ବିଭାଗୀୟ କର୍ମଚାରୀ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ହାଟବରଡ଼ି ଗ୍ରାମର ବନବାସ ପରିଡ଼ା(୪୯)। ତାଙ୍କ ନିକଟରୁ ୪ଟି ମୃତ ବିଦେଶୀ ପକ୍ଷୀ ଜବତ କରାଯାଇଛି। ଗୋଟିଏ ଲାର୍ଜ ହୁଇଷ୍ଟିଲଙ୍ଗ, ୨ଟି ପର୍ପଲ ମୋରହେନ,୧ଟି ଯାଆଁଳା ପକ୍ଷୀ ରହିଛନ୍ତି। ଏନେଇ ଏକ ମାମଲା (ନଂ.୧୫ଟି ୨୦୨୨-୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଫରେଷ୍ଟ ଗାର୍ଡ ଶିବପ୍ରସାଦ ପଲାଇ ଓ ମଧୁସ୍ମିତା ଜେନା ସାମିଲ ଥିଲେ।


### ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ,ରାଜଗାଙ୍ଗପୁର
### OFFICE OF THE RAJGANGPUR MUNICIPALITY
### RAJGANGPUR, SUNDARGARH

https://www.facebook.com/rajgangpur.municipality.1 https://twitter.com/rajgangpur_mun

ସଂଖ୍ୟା 4966 **ଶୁଦ୍ଧିପତ୍ର** ତାରିଖ 23.12.2022

**No.C-2097:** ରାଜଗାଙ୍ଗପୁର ପୌରପାଳିକା ଅଞ୍ଚଳରେ ଗଠନ ହୋଇଥିବା ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଏବଂ Slum Dwellers Associations (SDA) ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି କି, ରାଜଗାଙ୍ଗପୁର ପୌରପାଳିକା ଦ୍ୱାରା ଜାରି କରାଯାଇଥିବା ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ ୨୦୨୩-୨୪ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ବିଜ୍ଞାପନ ସଂଖ୍ୟା ୪୭୯୦, ତାରିଖ-୦୫.୧୨.୨୦୨୨ ନିମ୍ନଲିଖିତ ଭାବରେ ଏଠାରେ ପରିବର୍ତ୍ତନ ହୋଇଛି।

| ବିଷୟ | ପୂର୍ବରୁ | ବର୍ତ୍ତମାନ |
|---|---|---|
| ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ ଦାଖଲ କରିବାର ଶେଷ ତାରିଖ | ତା.୨୦.୧୨.୨୦୨୨ ଅପରାହ୍ନ ୫ ଘଣ୍ଟିକା ଥିଲା | ତା.୧୦.୦୧.୨୦୨୩ ଅପରାହ୍ନ ୫ ଘଣ୍ଟିକା ହୋଇଛି |
| ଟେକ୍ନିକାଲ ବିଡ୍ ରାଜଗାଙ୍ଗପୁର ପୌରପାଳିକା ସଭାଗୃହରେ ଖୋଲାଯିବାର ସମୟ | ତା.୨୧.୧୨.୨୦୨୨ ସକାଳ ୧୧ ଘଣ୍ଟିକା ଥିଲା | ତା.୧୧.୦୧.୨୦୨୩ ସକାଳ ୧୧ ଘଣ୍ଟିକା ହୋଇଛି |

ଏହି ସମୟସୀମା ଭିତରେ ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟରେ ପୂର୍ବରୁ ଭାଗ ନେଇଥିବା ସମସ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏକ ଦରଖାସ୍ତ ସହିତ ସେମାନଙ୍କର ପ୍ୟାନ୍ କାର୍ଡ କିମ୍ବା ପ୍ୟାନ୍ କାର୍ଡର Acknowledgement Number Receipt ଜମା କରିପାରିବେ ଏବଂ ଯେଉଁମାନେ ପୂର୍ବରୁ କୌଣସି କାରଣବଶତଃ ଏହି ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟରେ ଭାଗ ନେଇପାରି ନ ଥିଲେ, ସେମାନେ ମଧ ଏଥିରେ ଭାଗ ନେଇପାରିବେ। ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟରେ ଅନ୍ୟ ସମସ୍ତ ସର୍ତ୍ତାବଳୀ ଏବଂ ଚୁକ୍ତିନାମା ଅପରିବର୍ତ୍ତିତ ରହିବ।

OIPR-13094/11/0009/2223 ସ୍ୱା/- ନିର୍ବାହୀ ଅଧିକାରୀ, ରାଜଗାଙ୍ଗପୁର ପୌରପାଳିକା

### ପୂର୍ବ ତଟ ରେଳପଥ
**ସାମଗ୍ରୀଗୁଡ଼ିକର ଯୋଗାଣ**

(1) ସଂ.MCS/Stores/E-Procure/Tender Notice/461, ତା.21.12.2022ରିଖ

**କ୍ରମ ସଂ.1:** ଟେଣ୍ଡର ସଂ. 92225936A, ବିବରଣୀ: ଉପରୋକ୍ତ RDSO ବିନିର୍ଦ୍ଦେଶ ଅନୁଯାୟୀ ଆବଶ୍ୟକ ସଂଖ୍ୟକ କନେକ୍ଟର ଏବଂ ନଟ୍ ତଥା ବୋଲ୍ଟଗୁଡ଼ିକ ସହିତ RDSO ବିନିର୍ଦ୍ଦେଶ ସଂ.RDSO/PE/SPEC/AC/0009-2014 [Rev.2] ଅନୁଯାୟୀ PPCP/ABS କଣ୍ଟେନରରେ 27 ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ 6V, 120 AH କ୍ଷମତା ବିଶିଷ୍ଟ 110 V DC ସିଷ୍ଟମ୍‌ର ଟ୍ରେନ୍ ଲାଇଟିଙ୍ଗ୍ ଆପ୍ଲିକେସନ ନିମନ୍ତେ ଭାଲ୍‌ବ (Valve)ରେଗୁଲେଟେଡ୍ ଲିଡ୍ ଏସିଡ୍ ବ୍ୟାଟେରୀ ସମୂହ, ପରିମାଣ : 40 ସେଟ୍।

(2) ସଂ. MCS/Stores/E-Procure/Tender Notice/462, ତା.22.12.2022ରିଖ

**କ୍ରମ ସଂ.1:** ଟେଣ୍ଡର ସଂ. 92226042A, ବିବରଣୀ : ଏକ୍ସିଲ ବକ୍ସ ପିଭଟ (Pivot) ବୁଶ, ପରିମାଣ: 672 ଗୋଟି)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.01.2023 ରିଖ 1500 ଘଟିକାରେ (ଟେଣ୍ଡର ସଂ. 01 ପାଇଁ) ଏବଂ ତା.02.01.2023 ରିଖ 1500 ଘଟିକାରେ (ଟେଣ୍ଡର ସଂ. 02 ପାଇଁ)।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-849/N/22-23

### झारखण्ड सरकार
### पेयजल एवं स्वच्छता प्रमंडल, सरायकेला
**ई० निविदा सूचना**

अति अल्पकालीन ई० निविदा सूचना संख्या-- DWSD/SKL/MVS/48/2022-23

दिनांकः--24.12.2022

The undersigned on behalf of the Government of Jharkhand invites bids for the work mentioned In table below through e-Procurement from eligible and approved Contractors, registered in with Drinking Water & Sanitation Department. Government of Jharkhand, Central Government, State Government any PSU or any Agency of International or National repute may participate in the bid the bid but registration with Drinking Water & Sanitation Department, Government of Jharkhand will be essential within a period of two months from date of award after issue of Letter of Acceptance. The bid shall be submitted online in the Website http://jharkhandtenders.gov.in. The bidder(s) should have necessary portal enrolment with their own Digital Signature Certificate.

| | | |
|---|---|---|
| 1 | कार्य का नाम | Detailed survey, Designing and Drawing, Construction of 7.00 MLD capacity Water Treatment Plant, ESR of different capacity at different zone, Staff Quarter, Compound wall, Supplying and laying Raw, Clear Water rising main and Distribution Network, House Connection, Intake well, Gangway, Infiltration Gallery, Approach Road, Supplying and Installation of Vertical Turbine & Centrifugal pump motor and Five years operation & maintenance with allied works etc. all complete job for **Rajnagar Block, Rajnagar full Block Coverage Rural Water Supply Scheme, Under D. W. &S. Division Saraikela on turnkey basis** |
| 2 | प्राक्कलित राशि | रू0 7558.66425 लाख |
| 3 | अग्रधन की राशि | रू0 75.59 लाख |
| 4 | परिमाण विपत्र की राशि | रू0 10,000.00 |
| 5 | कार्य पूर्ण करने की अवधि | 21 माह + 3 माह परिचालन एवं परीक्षण |
| 6 | वेबसाईट पर निविदा प्रकाशन की तिथि एवं समय | दिनांक 26.12.2022, अपराह्न 05.00 बजे तक |
| 7 | प्री बीड मीटिंग की तिथि एवं समय | दिनांक 29.12.2022, 12:30 बजे अपराह्न। अभियंता प्रमुख्य का कार्यालय पेयजल एवं स्वच्छता विभाग, नेपाल हाउस, झारखण्ड, राँची |
| 8 | बीड प्राप्त की तिथि एवं समय | दिनांक 04.01.2023 05.00 बजे तक। |
| 9 | बैंक गारंटी एवं परिमाण विपत्र का मूल्य जमा करने की तिथि, समय एवं स्थान | दिनांक 05.01.2023, 02.00 बजे अपराहन तक 1.कार्यपालक अभियंता पेयजल एवं स्वच्छता प्रमण्डल, सरायकेला। 2.अधीक्षण अभियंता पेयजल एवं स्वच्छता अंचल, चाईबासा। 3.क्षेत्रीय मुख्य अभियंता का कार्यालय, पेयजल एवं स्वच्छता विभाग, राँची प्रक्षेत्र राँची। |
| 10 | निविदा खोलने की तिथि एवं समय | दिनांक 06.01.2023, 04.00 बजे तक। |
| 11 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता पेयजल एवं स्वच्छता प्रमंडल, सरायकेला |
| 12 | प्रोक्योरमें कार्यालय का सम्पर्क नं0 | 7903702010 |
| 13 | ई-प्रोक्योरमेंट सेल का हेल्प लाईन नं0 | 0651 2480345 |

नोट--प्राक्कलित राशि एवं अग्रधन की राशि घट--बढ़ सकती है।

विस्तृत जानकारी हेतु वेबसाईट नं0 http://jharkhandtenders.gov.in पर देखा जा सकता है।

कार्यपालक अभियंता
पेयजल एवं स्वच्छता प्रमंडल,
PR 285977 Drinking Water and Sanitation(22-23)#D सरायकेला

### ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୪୩/୪୪-୨୨ ତାରିଖ: ୨୩।୧୨।୨୦୨୨**

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: କାର୍ଯ୍ୟର ନାମ: ୦୨ (ଦୁଇ) ବର୍ଷ ଅବଧି ପାଇଁ **https://www.ireps.gov.in/website**ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ। **(୧) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୪୩-୨୨। **ନିଲାମ ତାରିଖ:** ୦୯।୦୧।୨୦୨୩। **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତିର ସମୟ:** ୧୫.୦୦ ଘଟିକା। **(୨) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୪୪-୨୨। **ନିଲାମ ତାରିଖ:** ୧୦।୦୧।୨୦୨୩। **ନିଲାମ ଆରମ୍ଭ ସମୟ:** ୧୧.୦୦ ଘଟିକା। **ନିଲାମ ସମାପ୍ତିର ସମୟ:** ୧୫.୪୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ସ୍ଥାନ: ଖଡ଼ଗପୁର** **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର,**
**ତାରିଖ: ୨୩।୧୨।୨୦୨୨** **ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ** (PR-948)
ଆମେ ହର୍ଷର ସହ ସେବା କରୁ

### TPWODL
### TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/AM/O/SU/136**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

**Supply of 1.1 KV AL Cond., XLPE Insulated Armoured Cables of various sizes**

Interested bidders to submit Tender Participation Fee and Authorization Letter through email on or before 5th January 2023,15.00 Hrs, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

**Sd./- Chief-Contracts and Stores**

### OFFICE OF THE MUNICIPALITY, NABARANGPUR
NABARANGPUR (ODISHA), PIN- 764059
Tel/Fax No. 06858-222031
E-mail-muncipalityngpr@gmail.com

**CORRIGENDUM ON EXPRESSION OF INTEREST (EOI)**
**For Management of Ward Offices by Mission Shakti SHG During the Year 2023-24**

No.3140 Date:23.12.2022

**No.C-2083:** For larger participation in selection of Community Based Organisers (CBOs) by the Mission Shakti Groups and Slum Dwellers Associations, the Nabarangpur Municipality extended the time period up to 16.01.2023 on invitation of Expression of Interest in sealed cover from interested Mission Shakti SHGs & SDAs to be engaged for Managing the Ward Offices of Urban Local Bodies of Nabarangpur Municipality during the Year 2023-24. The sealed Expression of Interest should be submitted to the address of respective ULBs on or before date 16.01.2023 by Time 5 PM through Registered/Speed Post only. The Evaluation of applications will be made on dated. 06.02.2023 based on the criteria mentioned in the EOI and Letter No. 20414/ Dated. 03.12.2022 of Govt. in Housing & Urban Development Department, Odisha, Bhubaneswar in the conference hall of Nabarangpur Municipality. The detailed terms and conditions of the Expression of Interest is available in website. http://www.nawarangpurm.in

**Sd./- Executive Officer**
OIPR-13180/11/0016/2223 **Nabarangpur Municipality**

### DISTRICT CULTURE OFFICE SAMBALPUR
E-mail:-dcosambalpur@gmail.com
Notice No.247, Dated:20.12.2022

**SHORT QUOTATION CALL NOTICE FOR SOUVENIR BOOK IN LOK MOHASTAV 2023, SAMBALPUR**

**No.RR-50:** Sealed quotations are invited from the reputed firm/ organization/sole proprietor/agency for Designing, Printing and Supply of Souvenir for Lok Mostav2023,Sambalpur.

The details specifications and eligibility criteria of the above works can be downloaded from website www.sambalpur.nic.in. The bidders/quotationers are required to submit the proposal complete in all respect which should reach on or before 26/12/2022 by 03:00 pm (by Speed Post/ Regd. Post / Courier / dropped in Tender Box placed at Culture Office, SBP) at the Office of the District Culture Officer, Sanskruti Bhawan, Collectorate,Sambalpur-768001 in a sealed envelope super scribed as "Tender for Documentation in Lok Mohastav-2023".

The quotation will be opened on dt: 26/12/2022 at 4.00 PM in the office chamber of District Culture Officer, Sambalpur. All the bidders/quotationers are requested to remain present personally during tender opening or send their authorised representative.

The undersigned reserves the right to accept or reject any or all the tender without assigning any reason thereof.

**By order of Collector, Sambalpur**
**Sd./-District Culture Officer**
OIPR-15013/11/0008/2223 **Sambalpur**

### ଭାରତ ସରକାର
### ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
### ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ

**ସହାୟକ ଯନ୍ତ୍ର/ସହାୟକ ଉପକରଣଗୁଡ଼ିକର କ୍ରୟ/ଫିଟିଂ ପାଇଁ ଦିବ୍ୟାଙ୍ଗଜନଙ୍କ ସହାୟତା ଯୋଜନା (ଏଡିଆଇପି ଯୋଜନା)**

ଏହି ଯୋଜନା ଅଧୀନରେ, ଦିବ୍ୟାଙ୍ଗଜନଙ୍କୁ ସେମାନଙ୍କ ସଶକ୍ତୀକରଣ, ଥଇଥାନ ଏବଂ ସ୍ୱାଧୀନ ଜୀବନଯାପନ ପାଇଁ ସହାୟକ ଯନ୍ତ୍ର ଓ ସହାୟକ ଉପକରଣ ପ୍ରଦାନ କରାଯାଇଥାଏ।

**କେଉଁଠି ଆବେଦନ କରିବେ?**
ସହାୟକ ଯନ୍ତ୍ର/ସହାୟକ ଉପକରଣ ପାଇଁ ସହଜରେ ଆବେଦନ କରନ୍ତୁ। କମ୍ପ୍ୟୁଟର କିମ୍ବା ସ୍ମାର୍ଟଫୋନ୍‌ରେ କେବଳ ଗୋଟିଏ କ୍ଲିକ୍‌ରେ। ଯେକୌଣସି ସ୍ଥାନରୁ ଯେକୌଣସି ସମୟରେ
**ଅର୍ଜୁନ ପୋର୍ଟାଲରେ**

**ଡିଜିଟାଲ ଇଣ୍ଡିଆ ମିଶନ୍**
ସହିତ ଦିବ୍ୟାଙ୍ଗଜନଙ୍କ ସଶକ୍ତୀକରଣ
ପରିଦର୍ଶନ କରନ୍ତୁ **ଅର୍ଜୁନ ପୋର୍ଟାଲ**
**adip.disabilityaffairs.gov.in**
ଲଗ୍ ଇନ୍‌ର ଆବଶ୍ୟକତା ନାହିଁ
ଅଳ୍ପ କେତୋଟି କ୍ଲିକ୍‌ରେ ଆବେଦନ ସ୍ଥିତି ଯାଞ୍ଚ କରନ୍ତୁ ଏବଂ ଅଭିଯୋଗ ଦାଏର କରନ୍ତୁ

**କିପରି ଆବେଦନ କରିବେ ?**
ମାତ୍ର ଅଳ୍ପ କେତୋଟି ସରଳ ପଦକ୍ଷେପ ନିଅନ୍ତୁ:-
ପରିଦର୍ଶନ କରନ୍ତୁ
**adip.disabilityaffairs.gov.in** →
ହିତାଧିକାରୀ ପଞ୍ଜୀକରଣରେ କ୍ଲିକ୍ କରନ୍ତୁ →
ଫର୍ମ ପୂରଣ କରି ତାହାକୁ ଦାଖଲ କରନ୍ତୁ।

**କୌଣସି ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ:-**
୧୮୦୦-୫୯୯୦୦୧୯ (ଆଲିମ୍‌କୋର ନିଃଶୁଳ୍କ ନମ୍ବର)
୦୧୧-୨୪୩୬୯୦୨୭, ୦୧୧-୨୪୩୬୨୧୨୭, ୯୯୬୮୫୭୮୪୨୮, ୮୯୮୧୩୦୩୬୮୫
ଇମେଲ୍ ଆଇଡି:- adipsection-depwd@gov.in

CBC 38117/11/0048/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ଡିସେମ୍ବର, ୨୦୨୨

"ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। **-ଶ୍ରୀଅରବିନ୍ଦ**



# ରୋଗ ରାଜନୀତି

କୋଭିଡ୍-୧୯ ସରିଗଲା ବୋଲି ଲୋକେ ଆଶ୍ୱସ୍ତ ହେଉଥିବା ବେଳେ ପୃଥିବୀର ବିଭିନ୍ନ ଭାଗରେ ଏହା ପୁଣି ମୁଣ୍ଡ ଟେକିଛି। ବିଶେଷକରି ଚାଇନାରେ ଏହା ଉଗ୍ରରୂପ ଧାରଣ କରି ଅନେକ ଲକ୍ଷ ଲୋକଙ୍କ ଜୀବନ ନେଲାଣି। ସେଠାରେ ମୃତ୍ୟୁସଂଖ୍ୟା ଏଭଳି ବଢ଼ିଛି ଯେ, ଶବ ପୋଡ଼ିବାକୁ ଶ୍ମଶାନରେ ଲୋକଙ୍କ ଧାଡ଼ି ଲାଗିଛି ଓ ଚିତାଭସ୍ମ ପାଇବା ପାଇଁ ଆତ୍ମୀୟସ୍ୱଜନ ଟିକିଟ ଧରି ଅନେକ ଘଣ୍ଟା ଅପେକ୍ଷା କରୁଛନ୍ତି ବୋଲି ଖବର ମିଳିଛି। ଅନ୍ୟପକ୍ଷରେ ଭାରତରେ କିଛି ମାସ ଧରି ଆକ୍ରାନ୍ତଙ୍କ ସଂଖ୍ୟା କମିଯିବା ପରେ ସମସ୍ତେ ଫୁଲାଫାଙ୍କିଆ ହୋଇ ବୁଲିଲେଣି। ସବୁ ଭାବିନେଲେ ଏହା ସାମାନ୍ୟ ରୋଗ ଓ କିଛି ଦିନ ରହିବା ପରେ ଚାଲିଯିବ। କିନ୍ତୁ ଚାଇନାର ସ୍ଥିତି ଦେଖିଲେ ଏହା ଏବେ ଘାତକ ସ୍ତରରେ ପହଞ୍ଚିଯାଇଛି। ଭାରତରେ ଯେଉଁମାନେ ବୁଷ୍ଟର ଡୋଜ୍ ନେଇଛନ୍ତି ସେମାନେ ଭୟ କରିବାର ନାହିଁ ବୋଲି ସରକାରୀ ଭାବେ ଆଶ୍ୱାସନା ଦିଆଯାଇଥିଲା। ଏହା ସତ୍ତ୍ୱେ ଅନେକେ ବୁଷ୍ଟର ଡୋଜ୍ ନେଇନାହାନ୍ତି। ଏତଦ୍‌ବ୍ୟତୀତ ଗତ ଦୁଇବର୍ଷର ଅନୁଭୂତି କହିଦେଉଛି ଯେ, ଭାକ୍ସିନ୍ ନେଇଥିବା ଲୋକଙ୍କ ମଧ୍ୟରୁ କେତେକଙ୍କ ମୃତ୍ୟୁ ଘଟିଥିଲା। କୁହାଯାଉଥିଲା ଯେ, ଦୁଇ ଥର ଟିକା ନେଇଥିବା ନାଗରିକଙ୍କ ସ୍ଥିତି ସ୍ୱାଭାବିକ ରହିବ। ଅର୍ଥାତ୍ ହସ୍ପିଟାଲ ଯିବାକୁ ପଡ଼ିବ ନାହିଁ କିମ୍ବା ମୃତ୍ୟୁ ଘଟିବ ନାହିଁ। ଏହି କଥାକୁ ଓଡ଼ିଶାରେ କେତେକ ଜଣାଶୁଣା ବ୍ୟକ୍ତିଙ୍କ ଦୁଃଖଦ ବିୟୋଗ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ପ୍ରମାଣ କରିଦେଇଛି। ଗତ ସପ୍ତାହରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୧୦ ଭାରତୀୟଙ୍କ ମଧ୍ୟରେ ୬ ଜଣ ବୁଷ୍ଟର ଡୋଜ୍ ନେବାକୁ ଅମଙ୍ଗ। କାରଣ ଯୁବବର୍ଗଙ୍କ ମଧ୍ୟରେ ଏହା ହୃଦ୍‌ଘାତକୁ ବଢ଼ାଇ ଦେଉଛି ବୋଲି ଭାରତରେ ୧୯,୦୦୦ ଲୋକଙ୍କ ଉପରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି।

**କୋଭିଡ୍‌ର ଦ୍ୱିତୀୟ ଲହରରେ ଯେଭଳି ଭାବେ ଆକ୍ରାନ୍ତ ଭାରତୀୟଙ୍କ ମଧ୍ୟରୁ ବହୁ ସଂଖ୍ୟକଙ୍କ ଜୀବନ ଯାଇଥିବାର ଚିତ୍ର ଦେଖିବାକୁ ମିଳିଥିଲା, ସେଥିରୁ ବଞ୍ଚିଯାଇଥିବା ଓ ଆକ୍ରାନ୍ତ ହୋଇ ନ ଥିବା ବ୍ୟକ୍ତି ଈଶ୍ୱରଙ୍କୁ ଧନ୍ୟବାଦ ଦେଇଥିଲେ। ରାଜନୈତିକ ନେତୃତ୍ୱ ନେଉଥିବା ବ୍ୟକ୍ତିମାନଙ୍କ ସକାଶେ ଦେଶବାସୀଙ୍କ ମଙ୍ଗଳ ଏକାନ୍ତ କାମ୍ୟ ହେବା କଥା। ହେଲେ ମହାମାରୀକୁ ରାଜନୀତି ଭିତରକୁ ଟଣାଯାଉଥିବାରୁ ସ୍ୱାସ୍ଥ୍ୟ ଭିତ୍ତିଭୂମି ଦୁର୍ବଳ ହେବା ଥୟ।**

ଚାଇନା ସ୍ଥିତିକୁ ଦେଖିଲେ ଭାରତ ସରକାର ଅନ୍ତର୍ଜାତୀୟ ବିମାନଯାତ୍ରୀଙ୍କ ପରୀକ୍ଷା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସମୟରେ ସବୁ ରାଜ୍ୟ ସରକାର ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା, ହାତକୁ ବାରମ୍ବାର ଧୋଇବା, ଶାରୀରିକ ଦୂରତା ବଜାୟ ରଖିବା ସହ ସାନିଟାଇଜର ବ୍ୟବହାର କରିବା ଲାଗି କେନ୍ଦ୍ର ପକ୍ଷରୁ କୁହାଯାଇଥିଲେ ମଧ୍ୟ କୋଭିଡ୍ ଗାଇଡ୍‌ଲାଇନ୍ସରେ ସେଭଳି ସ୍ୱଚ୍ଛତା ଆସିପାରି ନାହିଁ। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ' ଯାତ୍ରାକୁ କେନ୍ଦ୍ର ସରକାରଙ୍କ ମନ୍ତ୍ରୀମାନେ ଅଧିକ ଟାର୍ଗେଟ କରିଥିବା ଦେଖାଯାଇଛି। ଭାରତ ଯୋଡ଼ୋ ବେଳେ ସହଯାତ୍ରୀମାନେ ଭିଡ଼ କରୁଥିବାରୁ ତାହା କୋଭିଡ୍-୧୯ ଭୂତାଣୁ ବୃଦ୍ଧି କରିବା ଆଶଙ୍କା ସୃଷ୍ଟି ହୋଇଥିବା କୁହାଯାଇଛି। ଏପରି କି କେତେଜଣ କେନ୍ଦ୍ରମନ୍ତ୍ରୀ ଭାରତ ଯୋଡ଼ୋ ଯାତ୍ରାରୁ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିବା ବିଷୟ ଉଲ୍ଲେଖ କରିଛନ୍ତି। ବାସ୍ତବରେ ଗତ କିଛିଦିନ ତଳେ ଗୁଜରାଟ ଓ ହିମାଚଳ ପ୍ରଦେଶର ବିଧାନସଭା ନିର୍ବାଚନ ଶେଷ ହୋଇଥିଲା। ସେହି ନିର୍ବାଚନ ସଭା ଓ ଶୋଭାଯାତ୍ରାରେ ହୋଇଥିବା ଭିଡ଼ କେନ୍ଦ୍ରର ଭାଜପା ସରକାରଙ୍କୁ ଦେଖାଯାଇ ନ ଥିଲା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏବେ ପ୍ରସଙ୍ଗ ହେବା କଥା ଯେହେତୁ ଚାଇନା ଓ ଅନ୍ୟାନ୍ୟ କେତେକ ରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି, ତାହା ଯେଭଳି ଭାରତରେ ବିସ୍ତାରଲାଭ ନ କରିବ ସେହି ଦିଗରେ ଦଳମତ ନିର୍ବିଶେଷରେ ସମସ୍ତେ ପ୍ରୟାସ କରିବା ଦରକାର। ଏଥିସହିତ ହସ୍ପିଟାଲରେ ଶଯ୍ୟା ସଂଖ୍ୟା ବୃଦ୍ଧି, ଅକ୍ସିଜେନ୍ ସିଲିଣ୍ଡର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖାଯିବା ସହ ଆବଶ୍ୟକ ଔଷଧ କିଭଳି ଆକ୍ରାନ୍ତଙ୍କ ନିକଟରେ ପହଞ୍ଚିପାରିବ ସେହି ଦିଗରେ ତତ୍ପରତା ବଢ଼ାଇବା ଆବଶ୍ୟକ। କିନ୍ତୁ କ୍ଷମତା ରାଜନୀତିରେ ମତ୍ତ ରାଜନୈତିକ ଦଳଗୁଡ଼ିକ ଦେଶର ମଙ୍ଗଳ ଚିନ୍ତା କରିବା ଅପେକ୍ଷା ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି, ଯାହା ଏକ ଖରାପ ପରମ୍ପରା ସୃଷ୍ଟି କରିଛି।

ବିଶ୍ୱ ପ୍ରେକ୍ଷାପଟରେ ଦେଖିଲେ ଭାରତ ଏବେ ଏଭଳି ଏକ ଦେଶ ପାଲଟିଯାଇଛି, ଯେଉଁଠାରେ ଅସ୍ୱାଭାବିକ ପରିସ୍ଥିତିରୁ କିଭଳି ରାଜନୈତିକ ଫାଇଦା ଉଠାଇହେବ ସେ ଦିଗରେ ଅନେକେ ଧାବମାନ। କୋଭିଡ୍‌ର ଦ୍ୱିତୀୟ ଲହରରେ ଯେଭଳି ଭାବେ ଆକ୍ରାନ୍ତ ଭାରତୀୟଙ୍କ ମଧ୍ୟରୁ ବହୁ ସଂଖ୍ୟକଙ୍କ ଜୀବନ ଯାଇଥିବାର ଚିତ୍ର ଦେଖିବାକୁ ମିଳିଥିଲା, ସେଥିରୁ ବଞ୍ଚିଯାଇଥିବା ଓ ଆକ୍ରାନ୍ତ ହୋଇ ନ ଥିବା ବ୍ୟକ୍ତି ଈଶ୍ୱରଙ୍କୁ ଧନ୍ୟବାଦ ଦେଇଥିଲେ। ରାଜନୈତିକ ନେତୃତ୍ୱ ନେଉଥିବା ବ୍ୟକ୍ତିମାନଙ୍କ ସକାଶେ ଦେଶବାସୀଙ୍କ ମଙ୍ଗଳ ଏକାନ୍ତ କାମ୍ୟ ହେବା କଥା। ହେଲେ ମହାମାରୀକୁ ରାଜନୀତି ଭିତରକୁ ଟଣାଯାଉଥିବାରୁ ସ୍ୱାସ୍ଥ୍ୟ ଭିତ୍ତିଭୂମି ଦୁର୍ବଳ ହେବା ଥୟ। ତେଣୁ ଆଉ ଏକ ବିପର୍ଯ୍ୟୟ ହେବା ପୂର୍ବରୁ ଶାସନ ଓ ପ୍ରଶାସନିକ ସ୍ତରରେ ଦେଶବାସୀଙ୍କ କଲ୍ୟାଣକୁ ଅଗ୍ରାଧିକାର ଦିଆଯିବା ଭଳି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି।

# ଭାରତବର୍ଷରେ ଦୁର୍ନୀତିର ସ୍ୱରୂପ



ଡ. ସୁବାସ ଚନ୍ଦ୍ର ପାତ୍ର

ଭାରତବର୍ଷରେ ଦୁର୍ନୀତିକୁ ଏତେ ମାତ୍ରାରେ ଅର୍ଥ ବା ଅର୍ଥନୈତିକ ଅନିୟମିତତା ସହ ଯୋଡ଼ିଦିଆଯାଇଛି ଯେ ଖୁବ୍ କମ୍ ଲୋକ ତା'ର ମୂଳଉତ୍ସ ପାଖରେ ପହଞ୍ଚିପାରନ୍ତି। ବସ୍ତୁତଃ ଆମ ଦେଶର ସମସ୍ତ ପ୍ରକାର ଅର୍ଥନୈତିକ ଦୁର୍ନୀତିର ଆଧାର ରାଜନୈତିକ, କେତେକାଂଶରେ ସାମାଜିକ ମଧ୍ୟ। ଏହି ଉକ୍ତିର ଯଥାର୍ଥତା ନିକଟରେ ଘଟିଥିବା ଏକ ଘଟଣାରୁ ଜାଣିହେବ।

ପଦ୍ମପୁରରେ ଏବେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶାସକ ଓ ବିରୋଧୀ ଦଳ ଭିତରେ ଚାଲିଲା ଘମାଘୋଟ ଲଢ଼େଇ। ଏହାରି ଭିତରେ ସମ୍ବିଧାନର ମୂଳମନ୍ତ୍ର, 'ଆଇନର ଶାସକ' (ରୁଲ୍ ଅଫ୍ ଲ)କୁ ପାଦରେ ଦଳିଦେଇ ଏକ ବିଚିତ୍ର ଦୃଶ୍ୟ ରଚନା କରାଗଲା। ଉପନିର୍ବାଚନକୁ ଅଳ୍ପଦିନ ବାକିଥିଲା ବେଳେ ସକାଳୁ ସକାଳୁ ଛତିଶଗଡ଼ରୁ କେତେଜଣ ଆୟକର ଅଧିକାରୀ, କିଛି କେନ୍ଦ୍ରୀୟ ସୁରକ୍ଷା ବାହିନୀ ସହାୟତାରେ ପଦ୍ମପୁର ନିର୍ବାଚନମଣ୍ଡଳୀର ଜଣେ ବ୍ୟବସାୟୀଙ୍କ ଘର ଉପରେ ଚଢ଼ାଉ କଲେ। ବ୍ୟବସାୟୀ ଜଣକ କାଳେ ଶାସକ ଦଳର ସମର୍ଥକ। ସଞ୍ଜରେ ଏବଂ ତା' ପରଦିନ ସକାଳେ ଯାହା ଘଟିଲା ତାହାହିଁ ବତେଇଦିଏ ଭାରତବର୍ଷରେ ଆଇନର ଶାସନ ଚାଲିଛି ନା ରାଜନୀତିର। ସଞ୍ଜବେଳେ ରାଜ୍ୟ ସରକାରଙ୍କ କେତେଜଣ ଜିଏସ୍‌ଟି ଅଧିକାରୀ ଏକ ଜାତୀୟ ଦଳର ସମର୍ଥକ ବୋଲାଉଥିବା ଜଣେ ବ୍ୟବସାୟୀଙ୍କ ଘର ଉପରେ ଚଢ଼ାଉକଲେ। ହିସାବ ବରାବର ହେଲା। କାଳେ 'ଲୁକ୍କାୟିତ ନରକଙ୍କାଳ' ସବୁ ଆଲମାରୀରୁ ଖସି ପଡ଼ିବ, ଦୁଇ ଚଢ଼ାଉକାରୀ ଦଳଙ୍କ ଚଢ଼ାଉ ବିଳମ୍ବିତ ସନ୍ଧ୍ୟା ପରେ ଶିଥିଳ ହେଲା। ଛତିଶଗଡ଼ରୁ ଆସିଥିବା ଦଳବଳ ସକାଳେ ଫେରିଗଲେ ସ୍ୱଗୃହ। ଓଡ଼ିଶାର ଜିଏସ୍‌ଟି ଅଧିକାରୀମାନେ ନିଜ ହାତ ନିଜେ ବାନ୍ଧିଦେଲେ। ଏଠାରେ ପ୍ରଶ୍ନ ଉଠେ, ଯଦି ଚଢ଼ାଉ ହୋଇଥିବା ବ୍ୟବସାୟୀ ବା ସଂସ୍ଥା ପ୍ରକୃତରେ ରାଜକୋଷକୁ ଠକିଛନ୍ତି, ତେବେ ରାଜନୈତିକ ହଇଚଇ ପରେ ସେ ସବୁ ଖାନତଲାସି ବନ୍ଦ ହେଲା କାହିଁକି? ନିର୍ବାଚନର ଉତ୍ତେଜନା ପ୍ରଶମିତ ହେଲା ପରେ ପୁଣି ତାହା ଅନୁସନ୍ଧାନ କରାଗଲା ନାହିଁ କାହିଁକି, ଯଦି ପ୍ରକୃତରେ ଦେଶ ବା ରାଜ୍ୟକୁ ସେମାନେ ଲୁଣ୍ଠନ କରିବାର କିଛି ସୁରାକ ଥିଲା ? ଏହିଥିରୁ ପ୍ରମାଣିତ, ଆମ ଦେଶରେ ଦୁର୍ନୀତି ରୋକିବାର ପ୍ରଚେଷ୍ଟା ମୁଖ୍ୟତଃ ଛଳନା ଉପରେ, ରାଜନୈତିକ ସ୍ୱାର୍ଥସାଧନ ଉପରେ ପର୍ଯ୍ୟବସିତ।

ଆମ ଦେଶରେ ଦୁର୍ନୀତି ରୋକିବାର ମାନଚିତ୍ରଟି ଭାରି ବିଚିତ୍ର। ଗୋଟିଏ ପଟେ ବଡ଼ବଡ଼ିଆ ଦୁର୍ନୀତିଗ୍ରସ୍ତ କର୍ମଚାରୀ, ବ୍ୟକ୍ତି, ଅନୁଷ୍ଠାନ ଉପରେ ଚଢ଼ାଉ କରାଯାଏ, ସେମାନଙ୍କୁ ଗିରଫ କରାଯାଏ। କିନ୍ତୁ ଅଭିଯୋଗ ଫର୍ଦ୍ଦ ଭିତରେ ଯଥେଷ୍ଟ ଗଳାବାଟ ରଖି ଦିଆଯାଏ ଯାହା ଫଳରେ ତଥାକଥିତ ଅଭିଯୁକ୍ତ ହସିହସି ଦୋଷମୁକ୍ତ ହୁଅନ୍ତି। ଅନ୍ୟପଟେ ନିରୀହ ବ୍ୟକ୍ତିବିଶେଷକୁ ଦୁର୍ନୀତି ଅଭିଯୋଗରେ ଗିରଫ କରି ତା'ର ଜୀବନକୁ ତଳିତଳାନ୍ତ କରି ଦିଆଯାଏ। ଉଦାହରଣ ସ୍ୱରୂପ ଭାରତୀୟ ମହାକାଶ ଗବେଷଣା ପରିଷଦର ବୈଜ୍ଞାନିକ ନାମ୍ବି ନାରାୟଣ। ବିନା ଦୋଷରେ ତାଙ୍କୁ ଗୋଇନ୍ଦାଗିରି ଅଭିଯୋଗରେ ଗୁଜରାଟ ଓ କେରଳ ପୋଲିସ ଗିରଫ କରି ବର୍ଷବର୍ଷ ଜେଲରେ ରଖିଲେ। ସିବିଆଇ ଅନୁସନ୍ଧାନରୁ ଜଣାପଡ଼ିଲା ଏହା ଏକ ଷଡ଼ଯନ୍ତ୍ର। ସୁପ୍ରିମକୋର୍ଟ କେରଳ ପୋଲିସ ଡ. ନାରାୟଣଙ୍କୁ ଅଯଥାରେ ମାନସିକ ନିର୍ଯ୍ୟାତନା ଦେଇଥିବାରୁ କେରଳ ସରକାରଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଡ. ନାରାୟଣଙ୍କୁ ଦେବାକୁ କହିଛନ୍ତି। ଷଡ଼ଯନ୍ତ୍ରକାରୀଙ୍କ ଯୁଦ୍ଧ ତଥାପି ଚାଲୁ ରହିଛି। ଆହୁରି ବିଚିତ୍ର ଲାଗେ ସମାଜର ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ନେଇ ସଂଗ୍ରାମ କରୁଥିବା ବ୍ୟକ୍ତିଙ୍କୁ ସରକାର ଯେତେବେଳେ ଦେଶଦ୍ରୋହୀ ହିସାବରେ ଚିତ୍ରିତ କରି ତାଙ୍କ ଜାମିନକୁ ବିରୋଧ କରନ୍ତି ଏବଂ ଜେଲ ପଠାଇବାକୁ ଯୁକ୍ତି ବାଢ଼ନ୍ତି ଏହି କଥା କହି ଯେ, ସେମାନେ ଦେଶର ଶତ୍ରୁ, ସେମାନେ ଦେଶକୁ ଧ୍ୱଂସ କରିଦେବେ। ସାମାଜିକ କର୍ମୀ ଗୌତମ ନଭଲଖାଙ୍କ ପ୍ରସଙ୍ଗରେ ସଲିସିଟର ଜେନେରାଲ ଏହି ପ୍ରକାର ଯୁକ୍ତି କରୁଥିଲା ବେଳେ ସୁପ୍ରିମ କୋର୍ଟ କହିଥିଲେ, 'ସାମାଜିକ କର୍ମୀମାନେ ଦେଶକୁ ଧ୍ୱଂସ କରିବେନି। ଦୁର୍ନୀତିଗ୍ରସ୍ତ ନେତା, କର୍ମଚାରୀ ଓ ବ୍ୟକ୍ତି ହିଁ ଦେଶକୁ ଧ୍ୱଂସ କରୁଛନ୍ତି ରାତିଦିନ। ପ୍ରସଙ୍ଗକ୍ରମେ ଏକ ରାଜନୈତିକ ଦଳର ବିଧାୟକ କିଣାବିକା ପ୍ରସଙ୍ଗ ସୁପ୍ରିମକୋର୍ଟ ଉଠାଇଥିଲେ।'



ଭାରତବର୍ଷରେ ଯାବତୀୟ ଆର୍ଥିକ ଲୁଣ୍ଠନର ମୂଳ ରାଜନୈତିକ ଉତ୍ସ ହେଉଛି ନିର୍ବାଚନ ସମ୍ବନ୍ଧୀୟ ଆଇନକୁ ସ୍ୱଚ୍ଛ ତଥା ପାରଦର୍ଶୀ ନ କରେଇବା। ପ୍ରଚଳିତ ନିର୍ବାଚନୀ ଆଇନର ଆମୂଳଚୂଳ ପରିବର୍ତ୍ତନକରି କିପରି ସାଧୁ, ସଚ୍ଚୋଟ, ବିଜ୍ଞ ବ୍ୟକ୍ତିମାନେ ବିଧାୟକ ବା ସାଂସଦ ହେବେ ସେ ପ୍ରଚେଷ୍ଟା କୌଣସି ଦଳ କରନ୍ତି ନାହିଁ। ବ୍ୟୟସାପେକ୍ଷ ନିର୍ବାଚନୀ ପ୍ରକ୍ରିୟାରେ ଥରେ ଜିତି ଆସିଲା ପରେ ଆରମ୍ଭ ହୁଏ ଅସୁଲି ପ୍ରକ୍ରିୟା ଯେଉଁଥିରେ ସରକାରୀ କର୍ମଚାରୀ, ବ୍ୟବସାୟୀ, ଶିଳ୍ପପତି ସମସ୍ତେ ସାମିଲ ହୋଇଯାଆନ୍ତି। କଠୋର ଆଇନ ନ ଥାଇ ମଧ୍ୟ ପ୍ରଚଳିତ ଆଇନର ସମ୍ପ୍ରସାରିତ ବ୍ୟାଖ୍ୟା କରି ଟି.ଏନ୍. ଶେଷାନ ଯେପରି ଦେଶର ନିର୍ବାଚନ ପରିଚାଳନା କରିଥିଲେ, ସେ ସମ୍ଭାବନା ଏବେ ନାହିଁ। ଏବେ ସବୁ ଗୁରୁତ୍ୱପୂର୍ଣ୍ଣ ଜାଗାରେ ସରକାରଙ୍କ 'ନିଜଲୋକ'। ସେମାନେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ କିପରି ନିରପେକ୍ଷ ହେବେ ? ସରକାରଙ୍କ ଅନୁଗ୍ରହରେ ଯେଉଁ ଅଧିକାରୀ ନିର୍ବାଚନ କମିଶନର ହୋଇଛନ୍ତି, ସେମାନେ ଅନୁଗ୍ରହକାରୀଙ୍କ ପାଖରେ ସେମାନଙ୍କର ଆନୁଗତ୍ୟ ରଖିବେ, ଦେଶ ପାଖରେ ନୁହେଁ। ସେହି ପ୍ରକାର ଆଶଙ୍କା ଅରୁଣ ଗୋଏଲଙ୍କ କ୍ଷେତ୍ରରେ ଦେଖା ଦେଇଛି ଯିଏ ୨୦୨୨ ନଭେମ୍ବର ୧୮ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ଦରଖାସ୍ତ କଲେ। ସେହିଦିନ ତାହା ଗୃହୀତ ହେଲା। ୧୯ତାରିଖରେ ତାଙ୍କୁ ନିର୍ବାଚନ କମିଶନର ନିଯୁକ୍ତି ଦିଆଗଲା। ୨୦ରେ ସେ ପଦବୀରେ ଯୋଗଦେଲେ। ଅତି ତରତରରେ, ଗୋପନରେ ଏହି ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ ହୋଇଥିବାରୁ ଏହା ଏବେ ସୁପ୍ରିମକୋର୍ଟରେ ତର୍ଜମାଧୀନ।

ନିର୍ବାଚନ କମିଶନଙ୍କ ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ଖାଲି ଭାରତୀୟ ଗଣତନ୍ତ୍ର ଯେ ନିର୍ଭର କରୁଛି ତାହା ନୁହେଁ, ଜନଜୀବନର ସ୍ୱଚ୍ଛତା, ରାଜନୈତିକ ଦୁର୍ନୀତିର କମିବା / ବଢ଼ିବା, ଯାହାର ସମ୍ପ୍ରସାରଣ ହେଉଛି ଆର୍ଥିକ ଦୁର୍ନୀତି ଉପରେ ନିର୍ଭର କରୁଛି। ତେବେ ପରିସ୍ଥିତି ଆହୁରି ଦୁର୍ନୀତି ଅନୁକୂଳ ହୋଇଯାଇଛି ୨୦୧୭-୧୮ର ନିର୍ବାଚନୀ ବଣ୍ଡ ପ୍ରଚଳନ ପରେ। ବିଚିତ୍ର ଏ ଦେଶ। ଗୋଟିଏ ପଟେ ସୂଚନା ପ୍ରଦାନ ପାଇଁ ସୂଚନା ଅଧିକାର ଆଇନ (୨୦୦୫), ଅନ୍ୟପଟେ ନିର୍ବାଚନୀ ବଣ୍ଡ ସମ୍ବନ୍ଧୀୟ ସୂଚନା ନ ଦେବାର ବୈଧାନିକ ବ୍ୟବସ୍ଥା (ବିଶେଷତଃ ଦାତାର) ! ଯୁଗେ ଯୁଗେ ଗୋପନୀୟତା ଦୁର୍ନୀତିର ଜନନୀ, ଯାହା ବଣ୍ଡ ମାଧ୍ୟମରେ ସଂଗୃହୀତ ନିର୍ବାଚନୀ ଚାନ୍ଦାର ବର୍ତ୍ତମାନ ସ୍ଥିତି।

ଯେତେ ପର୍ଯ୍ୟନ୍ତ ଦେଶରେ ରାଜନୈତିକ ସ୍ୱଚ୍ଛତା ପ୍ରତିଷ୍ଠିତ ହୋଇନାହିଁ, ଯେତେ ପର୍ଯ୍ୟନ୍ତ ଦୁର୍ନୀତି ପ୍ରତି ସାମାଜିକ ସହନଶୀଳତା ତିଷ୍ଠି ରହିଛି, ଯେତେ ପର୍ଯ୍ୟନ୍ତ ନିର୍ବାଚନୀ ପ୍ରକ୍ରିୟା ପ୍ରକୃତ ରାଜନୈତିକ ସମତା ପ୍ରଦାନ କରିବାରେ ବିଫଳ, ସେତେ ପର୍ଯ୍ୟନ୍ତ କାଁ ଭାଁ ଆୟକର ଚଢ଼ାଉ, ଇଡି ଚଢ଼ାଉ, ଭିଜିଲାନ୍ସ ଚଢ଼ାଉ ଏକ ପ୍ରସାଧନୀ କାର୍ଯ୍ୟ ହୋଇ ରହିଥିବ।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍,**
**ବାଲେଶ୍ୱର,**
**ମୋ: ୯୪୩୭୩୭୬୨୧୯**

# କୃଷକର ଅନ୍ତର୍ବେଦନା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ମୁଁ ପୁରୀ ଜିଲା ରାଉଳପାଟଣା ଗାଁର ଜଣେ ଚାଷୀ। ମୋ ନାଁ ସନାତନ। ଗାଁରେ ମତେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କିଏ ସନିଆ ଅବା ଆଉ କିଏ ସନିଆ ଭାଇ ବୋଲି ଡାକନ୍ତି। ଚାଷ ବୋଇଲେ ଜମି ମାତ୍ର ଚାରି ଗୁଣ୍ଠ। ମୋ ଜମି ଜଳସେଚିତ ହୋଇ ନ ଥିବାରୁ ମୋତେ ବର୍ଷା ଜଳ ଉପରେ ନିର୍ଭର କରିବାକୁ ପଡ଼େ। କେଉଁ ବର୍ଷ ମରୁଡ଼ି ତ କେଉଁ ବର୍ଷ ଅତିବୃଷ୍ଟିରେ ଫସଲ ହୋଇ ନ ପାରିବା ଯୋଗୁ ମୁଁ ମୁଣ୍ଡରେ ହାତ ଦିଏ। ଭାଇମାନେ ମୋର ମର୍ମବେଦନାକୁ ପ୍ରକାଶ କରିବା ଛଡ଼ା ମୋ ପାଖରେ ଆଉ କିଛି ନାହିଁ। ଆମ ରାଜ୍ୟର ଚାଷୀ ସବୁବେଳେ ଅଭାବୀ ବିକ୍ରିକୁ ସାମ୍ନା କରେ। ମୁଁ ଏକା ନୁହେଁ ବା ଏ ସମସ୍ୟା ଆଜିର ନୁହେଁ। ଏହାର ସମାଧାନର ସୂତ୍ର ଯେ ସରକାରଙ୍କୁ ଜଣାନାହିଁ ତାହା ଆମେ କିପରି କହିପାରିବୁ ?

ଗତ ବର୍ଷ ମଣ୍ଡି ଅବ୍ୟବସ୍ଥା ଯୋଗୁ ଧାନଚାଷୀ ଭାବେ ଦଲାଲଙ୍କୁ ସ୍ୱଳ୍ପମୂଲ୍ୟରେ ଧାନ ବିକିବାକୁ ବାଧ୍ୟ ହେଲି। ସରକାରଙ୍କୁ ବିକିଲେ ବେଶ୍ ଦୁଇପଇସା ଲାଭ ପାଇଥାନ୍ତି। କିନ୍ତୁ ଧାର କରଜ କରି ସୁଧ ଗଣୁଥିବା ଚାଷୀ କେତେଦିନ ଅବା ସରକାରୀ ବ୍ୟବସ୍ଥାକୁ ଅପେକ୍ଷା କରିଥାନ୍ତା ! ବାଧ୍ୟହୋଇ ଶାଗମାଛ ଦରରେ ମଣ୍ଡି ଖୋଲି ନ ଥିବାରୁ ଦଲାଲକୁ ଧାନ ବିକି ଦେଲି।

ଏ ବର୍ଷ ସେଥିପାଇଁ ଭାବିଲି ପରିବା ଚାଷ କରିବି। ଅନିୟମିତ ବର୍ଷା ଓ ବନ୍ୟା ପାଇଁ ଧାନଚାଷ କ୍ଷତିଗ୍ରସ୍ତ ହେଉଥିବାରୁ ମୁଁ ପରିବା ଚାଷ କରି କ୍ଷତିର ଭରଣା କରିବା ପାଇଁ ଯତ୍ନଶୀଳ ହେଲି। କିନ୍ତୁ ଏବେ ମହରଗରୁ ଯାଇ କାନ୍ତାରରେ ପଡ଼ିଲିଣି। ମୋର ପରିବା ଚାଷ ପାଇଁ ଉପଯୁକ୍ତ କ୍ଷେତ ଅଛି ଏବଂ ଜଳବାୟୁ ମଧ୍ୟ ମୋ ପାଇଁ ଅନୁକୂଳ ଥିଲା। ଗାଁରେ ମୋ ଜମି ବାଟ ଦେଇ ଯିଏ ଗଲା ସିଏ ଫସଲକୁ ଦେଖି କହିଲା, ସନିଆ ! ଏଥର ତୋର ଭାଗ୍ୟ ବଦଳିଗଲା। ତୁ ଏଇ ବର୍ଷ ଯେତେ ରୋଜଗାର କରିବୁ; ତାହା ତୋର ଧାର କରଜ ଶୁଝିବାକୁ ଯଥେଷ୍ଟ ହେବ। ଫସଲକୁ ଦେଖି ମୋ ଛାତି ମଧ୍ୟ କୁଣ୍ଢେମୋଟ ହେଉଥିଲା। କିନ୍ତୁ ଅଦିନିଆ ବର୍ଷା ମାଡ଼ରେ ମୁଁ କରିଥିବା ବନ୍ଧାକୋବି ଚାଷ ଶଢ଼ିବାକୁ ବସିଲାଣି। ତୋଳିଲେ ମଧ୍ୟ ମଜୁରି ଉଠୁ ନାହିଁ। ତେଣୁ ଜମିରେ ଗାଈ ଚରିବା ପାଇଁ ଛାଡ଼ି ଦେଇଛି।

ସେଦିନ ଆମ ଗାଁର ସରପଞ୍ଚ ନେତ୍ରାନନ୍ଦ ବାବୁଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ହେଉଥିଲି। ସେ କହିଲେ, ଆରେ କେବଳ ଆମ ଗାଁ କଥା ନୁହେଁ, ସବୁଆଡ଼େ ସେଇ ଏକାକଥା। କଥା ପ୍ରସଙ୍ଗରେ ସେ ଘଟଗାଁ ବ୍ଲକର ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ



କୋବିଚାଷ କଥା କହିଲେ। ପ୍ରଥମେ ବଜାରକୁ କମ୍ ସଂଖ୍ୟାରେ କୋବି ଆସୁଥିବାରୁ ଗୋଟା ୬୦/୭୦ ଟଙ୍କାରେ ବିକ୍ରି ହେଉଥିଲା। ଚାଷୀ ମଧ୍ୟ ବେଶ୍ ଲାଭବାନ ହେଉଥିଲା। ଲୋକାଲ କୋବି ବୋଲି ଭାବି ଲୋକମାନଙ୍କର ଭିଡ଼ ମଧ୍ୟ କମ୍ ନ ଥିଲା। କିନ୍ତୁ ପରିସ୍ଥିତି ଏପରି ହେଲା ଯେ, ସେହି କୋବି ବର୍ତ୍ତମାନ ୫ଟଙ୍କାରେ ବିକ୍ରି ହେଉଛି। କୋବି ତୋଳି ତାକୁ ବଜାରକୁ ଆଣିବାରେ ଯେଉଁ ଖର୍ଚ୍ଚ ହେଉଛି ସେ ଖର୍ଚ୍ଚ ମଧ୍ୟ ଉଠୁ ନାହିଁ। ତେଣୁ ଲୋକେ ତୋ ଭଳି ବିଲରେ ମଧ୍ୟ ଗୋରୁ ଗାଈ ଛାଡ଼ି ଦେଇଛନ୍ତି। କୋବି ପଚି ଦୁର୍ଗନ୍ଧରେ ନାକ ଫାଟିପଡୁଛି।

ସେହିପରି ବିଲାତିବାଇଗଣ ବା ଟମାଟୋ ଚାଷରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସେଗୁଡ଼ିକ ମଧ୍ୟ ପଚି ନଷ୍ଟ ହେଲାଣି। ଉପଯୁକ୍ତ ବଜାର ବ୍ୟବସ୍ଥା ନ ଥିବାରୁ ଦଲାଲମାନଙ୍କ ପ୍ରାଦୁର୍ଭାବ ନ କହିଲେ ଚଳେ। ସରପଞ୍ଚବାବୁ କହିଲେ, ଆମ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଶୀତଳଭଣ୍ଡାର ନାହିଁ କିମ୍ବା ଟମାଟୋରୁ ସସ୍ ତିଆରି ପାଇଁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ନାହିଁ। ସରକାର ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରି ବାହାବା ନେଉଛନ୍ତି କିନ୍ତୁ ପୋଥି ବାଇଗଣ ଓ ବାଡ଼ିବାଇଗଣ ଭିତରେ ତଫାତ୍ ଅନେକ। ଅନୁଭବୀ ହିଁ ଏକଥା କେବଳ କହିପାରିବ।

ଆମ ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଚାଷୀ ଆଶାନୁରୂପ ଲାଭ ଚାଷରୁ ପାଇପାରୁ ନାହିଁ। ଉପଯୁକ୍ତ ବ୍ୟବସ୍ଥା ଅଭାବରୁ କେତେବେଳେ ତା'ର ଜମି ପଡ଼ିଆ ପଡୁଛି ତ ଅନ୍ୟ କେତେବେଳେ ସେ ଦଲାଲଙ୍କୁ ସ୍ୱଳ୍ପ ମୂଲ୍ୟରେ ଫସଲ ବିକିବାକୁ ବାଧ୍ୟ ହେଉଛି କିମ୍ବା ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଚାଲିଯାଉଛି।

ଭୋଟ୍ ବେଳେ ଆମ ନେତାମାନେ ଅନ୍ୟ ରାଜ୍ୟରେ ଖଟୁଥିବା ଏଇ ଦାଦନ ଶ୍ରମିକମାନଙ୍କୁ ଗାଡ଼ିଘୋଡ଼ା କରି ଆଣନ୍ତି। ନିର୍ବାଚନରେ ଭୋଟ୍ ଦେବା ପାଇଁ କିଛି ହାତଗୁଞ୍ଜା ମଧ୍ୟ ଦିଅନ୍ତି। ପ୍ରତିଶ୍ରୁତିର ମଧ୍ୟ ଅଭାବ ରହେ ନାହିଁ। କିନ୍ତୁ ଫି' ବର୍ଷ କୃଷକର ସମସ୍ୟା ଯେଉଁଠି ଅଛି ସେଇଠି । ରାଜନେତାଙ୍କର କଥା ଏବଂ କାନ୍ଦ ଶୁଣିଲେ ଆମକୁ ଏଇ କଥାଟି ମନେପଡ଼େ ଆଖିରେ ଲୁହ ନାହିଁ କିଆଁ କାନ୍ଦୁଛୁ ଗୁହ ପାଇଁ ?

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ**
**ଓଡ଼ିଶା ସରକାର**
**ମୋ.: ୯୪୩୮୦୭୨୮୫୦**

## ଏଇ ଭାରତରେ

ଫିଲ୍ମରେ ହସ୍ପିଟାଲରେ ବାହାଘର ହେବା ପ୍ରାୟତଃ ଅନେକେ ଦେଖିଥିବେ। କିନ୍ତୁ ବାସ୍ତବରେ ହସ୍ପିଟାଲର ଆଇସିୟୁ ରୁମ୍ ବାହାରେ ବିବାହ ଅନୁଷ୍ଠିତ ହେବା କଥା କେହି ଦେଖିଛନ୍ତି କିମ୍ବା ଶୁଣିଛନ୍ତି କି। କଥାଟା ଅଡୁଆ ଲାଗୁଥିଲେ ମଧ୍ୟ ସତ। କାରଣ କିଛି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବିହାରର ଗୟାରେ। ଏଠାକାର ମାଜିଷ୍ଟ୍ରେଟ କଲୋନି ସ୍ଥିତ ଏକ ଘରୋଇ ଅର୍ଶ ହସ୍ପିଟାଲର ଆଇସିୟୁ ୱାର୍ଡରେ ଭର୍ତ୍ତି କରାଯାଇଥିବା ଜଣେ ମହିଳା ନିଜ ଝିଅଙ୍କ ବିବାହ କରାଇବାର କିଛି ଘଣ୍ଟା ପରେ ଶେଷ ନିଃଶ୍ୱାସ ତ୍ୟାଗକରିଛନ୍ତି। ଗୟା ଜିଲାର ଗୁରାରୁ ବ୍ଲକ୍ ବାଲି ଗ୍ରାମର ଲଲନ କୁମାରଙ୍କ ସ୍ତ୍ରୀ ପୁନମ୍ ବର୍ମା ହୃଦ୍‌ଘାତରେ ପୀଡ଼ିତ ହୋଇ ଉକ୍ତ ହସ୍ପିଟାଲର ଆଇସିୟୁ ୱାର୍ଡରେ ଭର୍ତ୍ତି ହୋଇଥିଲେ। ଯେକୌଣସି ସମୟରେ ପୁନମ୍‌ଙ୍କର ମୃତ୍ୟୁ ହୋଇପାରେ ବୋଲି ଡାକ୍ତର କହିଥିଲେ। ତେବେ ସବୁ ମା'ଙ୍କ ଭଳି ପୁନମ୍‌ଙ୍କ ମଧ୍ୟ ଆଶା ଥିଲା ଯେ, ସେ ଜୀବିତ ଅବସ୍ଥାରେ ତାଙ୍କ ଝିଅ ଚାନ୍ଦିନୀଙ୍କ ବିବାହ ଦେଖିବେ। ପୂର୍ବରୁ ସୋମବାର (ଡିସେମ୍ବର ୨୬) ଚାନ୍ଦିନୀଙ୍କର ଗୁରାରୁ ବ୍ଲକର ସଲେମପୁର ଗ୍ରାମର ସୁମିତ ଗୌରବଙ୍କ ସହ ନିର୍ବନ୍ଧ ନିର୍ଦ୍ଧାରିତ ହୋଇଥିଲା। ହେଲେ ଏହାର ଗୋଟିଏ ଦିନ ପୂର୍ବରୁ ହସ୍ପିଟାଲର ଆଇସିୟୁ ରୁମ୍ ବାହାରେ ବିବାହ ଅନୁଷ୍ଠିତ ହେଲା ଓ ବିବାହର ମାତ୍ର ୨ଘଣ୍ଟା ପରେ ପୁନମ୍‌ଙ୍କର ମୃତ୍ୟୁ ଘଟିଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଡିସେମ୍ବର ୧୯୯୭

- ସାଂସଦ ଭାବେ ପାଇଥିବା ସୁବିଧାର ଅପବ୍ୟବହାର କରି ବେଆଇନ ଭାବେ ଏଲ୍‌ପିଜି ଗ୍ୟାସ୍ ସଂଯୋଗ ବିକ୍ରି କରିଥିବା ୫୪ ଜଣ ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟଙ୍କ ମଧ୍ୟରେ ଓଡ଼ିଶାର ୯ ସଦସ୍ୟ ଅନ୍ତର୍ଭୁକ୍ତ।
- ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁରେଶ କାଲମାଡ଼ିଙ୍କ ସମେତ ୪ ପୂର୍ବତନ କଂଗ୍ରେସ ସାଂସଦଙ୍କ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ।
- ଆନ୍ଧ୍ରପ୍ରଦେଶର କୁଡାପା ଜିଲା ନେମାଲଦିନ ଗ୍ରାମ ନିକଟରେ ଏକ ଶଗଡ଼ ନାଳ ଭିତରକୁ ଖସିପଡ଼ିବା ଫଳରେ ୧୦ ମୃତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 6 | 3 | 8 | | 4 | | |
| | 9 | | | | | | | |
| | | | 1 | | | 3 | | 2 |
| | | | | | | | | |
| | | | | 7 | | | 5 | |
| 3 | | | 9 | | | | | |
| | | 5 | | 4 | 7 | | | 8 |
| | 7 | | | | | 9 | | |
| | | 8 | | | 5 | 7 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 9 | 7 | 1 | 2 | 4 | 6 | 5 |
| 1 | 5 | 6 | 9 | 4 | 8 | 7 | 2 | 3 |
| 7 | 4 | 2 | 3 | 6 | 5 | 1 | 8 | 9 |
| 5 | 7 | 4 | 2 | 8 | 6 | 3 | 9 | 1 |
| 8 | 2 | 3 | 1 | 7 | 9 | 6 | 5 | 4 |
| 9 | 6 | 1 | 5 | 3 | 4 | 8 | 7 | 2 |
| 2 | 3 | 8 | 4 | 5 | 7 | 9 | 1 | 6 |
| 6 | 1 | 5 | 8 | 9 | 3 | 2 | 4 | 7 |
| 4 | 9 | 7 | 6 | 2 | 1 | 5 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷ ଶେଷରେ ପୁରୁଣା ପାଠର ଆଲୋଚନା

ମହାଶୟ,

୭୨କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଛି ଏଲ୍‌ଆର୍‌ପି ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ। ଏଥିରେ କରୋନା ସ୍ଥିତିରେ ଛାତ୍ରୀଛାତ୍ର ହରାଇଥିବା ୨ ବର୍ଷର ଜ୍ଞାନ ଆହରଣ କରିବେ। ପୂର୍ବ ୨ ବର୍ଷର ପାଠ୍ୟକ୍ରମକୁ ୬୦ ଓ ୪୦ ଅନୁପାତରେ ସାମିଲ କରାଯାଇ ସ୍ୱତନ୍ତ୍ର ପୁସ୍ତକ ପ୍ରସ୍ତୁତ ହୋଇଥିବାବେଳେ ନଭେମ୍ବର ୧୧ରୁ ପିଲାଙ୍କ ପାଇଁ ଏଲ୍‌ଆର୍‌ପି ସ୍କୁଲ ସ୍ତରରେ ଆରମ୍ଭ ହୋଇଛି। ପିଲାଙ୍କ ଦକ୍ଷତା ପରୀକ୍ଷା ପାଇଁ ମିଡ୍ ଟର୍ମ ଆସେସ୍‌ମେଣ୍ଟ ସରିଛି। ସେହିପରି ଚଳିତ ବର୍ଷ ସରିବାକୁ ଆଉ ଦିନ କେଇଟା ବାକିଥିବାବେଳେ ଶେଷ ପରୀକ୍ଷା ପାଇଁ ପିଲାଏ ପ୍ରସ୍ତୁତ ହେଉଛନ୍ତି। ଏପରି ସ୍ଥିତିରେ ଏଲ୍‌ଆର୍‌ପି ଆରମ୍ଭ ହୋଇଥିବାବେଳେ ଏହାର ସଫଳ କାର୍ଯ୍ୟକାରିତାକୁ ନେଇ ଶିକ୍ଷାବିତ୍‌ଙ୍କଠାରୁ ପରୀକ୍ଷାର୍ଥୀ ଓ ଅଭିଭାବକ ସବୁ ମହଲରୁ ପ୍ରଶ୍ନ ଉଠିଛି। ଯୋଜନାର ଉଦ୍ଦେଶ୍ୟ କରୋନା ପାଇଁ ବ୍ୟାହତ ହୋଇଥିବା ଶିକ୍ଷା ବ୍ୟବସ୍ଥା ଟ୍ରାକ୍‌କୁ ଫେରିବ। ହେଲେ ଗଣଶିକ୍ଷା ବିଭାଗର ନୀତିଗତ ନିଷ୍ପତ୍ତି ଓ ସମନ୍ୱୟ ଅଭାବରୁ ଏଲ୍‌ଆର୍‌ପି ପ୍ରକ୍ରିୟା ଆରମ୍ଭ ହେବାକୁ ୬ ମାସ ବିତିଗଲା। ଏବେ ଛାତ୍ରୀଛାତ୍ରୀ ଷାଣ୍ମାସିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବାବେଳେ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପ୍ରଥମ ସମ୍ମେଟିଭ ଆସେସ୍‌ମେଣ୍ଟ ପରୀକ୍ଷା ଶେଷ ହୋଇଥିବା ବେଳେ ପିଲାଏ ପୁରୁଣା ପାଠ କେମିତି ପଢ଼ିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଲ୍‌ଆର୍‌ପିରେ ଆସେସ୍‌ମେଣ୍ଟ ପରୀକ୍ଷାର ଉଦ୍ଦେଶ୍ୟ କ'ଣ ? ଆଗୁଆ ପ୍ରଶ୍ନ ଓ ଉତ୍ତର ବାଣ୍ଟି ପିଲାଙ୍କ ଦକ୍ଷତା ମାପିବା କେତେ ଯୁକ୍ତିଯୁକ୍ତ ? ବାସ୍ତବ କଥା ହେଉଛି କରୋନାରେ ପ୍ରଭାବିତ ଶିକ୍ଷାକୁ ଭରଣା ପାଇଁ ଏଲ୍‌ଆର୍‌ପି ସରକାରଙ୍କ ଉଚିତ ପଦକ୍ଷେପ, ହେଲେ ସମୟ ଠିକ୍ ନୁହେଁ। ପ୍ରସ୍ତାବିତ ରୋଡ୍ ମ୍ୟାପ୍ ଅନୁଯାୟୀ ଏଲ୍‌ଆର୍‌ପି କାର୍ଯ୍ୟକାରୀ ହେଉଥିବା ଗଣଶିକ୍ଷା ବିଭାଗ ଦର୍ଶାଇଛି। ଏଲ୍‌ଆର୍‌ପି ଯୋଜନାରୁ ରାଜ୍ୟର ୬ ପ୍ରତିଶତ ସ୍କୁଲ ବଞ୍ଚିତ ରହିଛି। ୟୁ-ଡାଏସ୍ ଭୁଲ୍ ଥିବାରୁ ପ୍ରାୟ ୧୦ ହଜାର ଛାତ୍ରୀଛାତ୍ର ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ଏଲ୍‌ଆର୍‌ପି ପୁସ୍ତକ ମିଳିନାହିଁ କି ସେମାନେ ଯୋଜନାରେ ମଧ୍ୟ ସାମିଲ ହୋଇନାହାନ୍ତି।

**-ସନ୍ଦୀପ ସତ୍ୟନାରାୟଣ ଭୂୟାଁ , ପ୍ରତିଷ୍ଠାତା,**
**ହ୍ୱାଇଟ୍ କୁମେଟ୍, ଭୁବନେଶ୍ୱର**

## ଚିରନ୍ତନୀ

ଧାନକ୍ଷେତ ପରେ ବଉଦ ଭାସୁଛି
ସେ ଚାହିଁଛି ମୋର ଆଶାରେ,
ନୀଳ ଆକାଶରେ ଚାତକ ମିଶଇ
ମୋହରି ବିରହ ଦଶାରେ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ସ୍ମାର୍ଟସିଟି ଅନ୍‌ଲାଇନ୍ ଅଟୋ ସଂଘ ପକ୍ଷରୁ ସୋମବାର ଆର୍‌ଟିଓ ଘେରାଇ କରିବା ସହ ସମ୍ମୁଖ ଜାତୀୟ ରାଜପଥରେ ଶୋଇ ଅଭିନବ ପ୍ରତିବାଦ କରିବାରୁ ଗାଡିମୋଟର ଅଟକି ରହିଛି। ଜନପଥରେ ଅଟୋ ଶୋଭାଯାତ୍ରା। (ଫଟୋ-ମନୋରଞ୍ଜନ)

# ଅଚଳ କରିଦେଲେ ଅନ୍‌ଲାଇନ୍ ଅଟୋ ଚାଳକ

## ଓଲା, ରାପିଡ଼ୋ ବାଇକ୍ କମର୍ସିଆଲ ପଞ୍ଜୀକରଣ ହେଉ

- ରାସ୍ତାରେ ଶୋଇ ପ୍ରତିବାଦ କଲେ, ଆର୍‌ଟିଓ ଘେରିଲେ
- କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ହଟିଲେ
- ବିନାନୁମତିରେ ଆନ୍ଦୋଳନ, ଥାନାରେ ମାମଲା

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ଘରୋଇ ଓଲା, ଉବର, ରାପିଡ଼ୋ ବାଇକ୍ ବିନା କମର୍ସିଆଲ ନମ୍ବର ପ୍ଲେଟ୍‌ରେ ଲୋକଙ୍କୁ ପରିବହନ କରୁଛି। ଅଧିକାଂଶ ବାଇକ୍‌ର ପରମିଟ୍, ଫିଟନେସ୍, ଇନ୍ସୁରାନ୍ସ, ଲାଇସେନ୍ସ ନାହିଁ। ଲୋକଙ୍କ ଜୀବନ ସହ ଖେଳଖେଳାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏହାର ପ୍ରତିବାଦ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ମାର୍ଟସିଟି ଅନ୍‌ଲାଇନ୍ ଅଟୋ ସଂଘ ପକ୍ଷରୁ ଅଟୋ ଚାଳକମାନେ ରାସ୍ତାକୁ ଓହ୍ଲାଇଥିଲେ। ହଜାର ହଜାର ଅଟୋ ସହ ଚାଳକମାନେ ଲୋୟର ପିଏମ୍‌ଜିରୁ ଶୋଭାଯାତ୍ରାରେ ବାହାରି ଆଚାର୍ଯ୍ୟ ବିହାରସ୍ଥିତ ଆର୍‌ଟିଓ ଘେରାଉ କରିଥିଲେ। ଏଥିସହ ଆର୍‌ଟିଓ ସମ୍ମୁଖ ଜାତୀୟ ରାଜପଥରେ ଶୋଇ ଅଭିନବ ପ୍ରତିବାଦ କରିଥିଲେ। ଫଳରେ ଅଧା ସହର ୨ ଘଣ୍ଟା ଧରି ଅଚଳ ହୋଇଯାଇଥିବାବେଳେ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା।

ସକାଳେ ସହର ବେଶ୍ ସ୍ୱାଭାବିକ ଥିଲା। ହେଲେ ଦିନ ୧୨ଟାରୁ ଚିତ୍ର ପୂରା ବଦଳିଗଲା। ହଠାତ ସହରର ଚାରି ପଟୁ ହଜାର ହଜାର ଅଟୋ ରାସ୍ତା ଉପରକୁ ମାଡି ଆସିଥିଲା। ଲୋୟର ପିଏମ୍‌ଜି, ଆଇଜି ପାର୍କ ପଛପାର୍ଶ୍ୱ ରାସ୍ତାରେ ଏକାଠି ହେବା ପରେ ଗର୍ଜନ କରି ଶୋଭାଯାତ୍ରାରେ ବାହାରିଥିଲେ। ଏଜି ଛକ, ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ, ବାଣୀବିହାର ଦେଇ ଆଚାର୍ଯ୍ୟ ବିହାରରେ ପହଞ୍ଚିଥିଲେ। ଏହାପରେ ରାସ୍ତାରେ ଅଟୋ ଛିଡା କରି ନିଜର ଦାବି ଉପସ୍ଥାପନ ପୂର୍ବକ ଆରଟିଓ-୧ କାର୍ଯ୍ୟାଳୟ ଘେରାଉ କରିଥିଲେ। କିଏ ରାସ୍ତାରେ ଶୋଇଲା ତ ପୁଣି କିଏ ଅଟୋରେ ଚଢି ଅଭିନବ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା। ଜନପଥ ଓ ରାଜପଥରେ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ସ୍ଥିତି ଏପରି ହୋଇଥିଲା ଟ୍ରାଫିକ କର୍ମଚାରୀ ଓ ପୋଲିସ ଅସହାୟ ହୋଇପଡିଥିଲେ। ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅଟୋ ଚାଳକମାନେ ମୋ ବସ ଓ ଅନ୍ୟ ଯାତ୍ରୀବାହୀ ଗାଡି ନ ଛାଡିବାରୁ ବହୁ ଲୋକ ଗାଡିରୁ ଓହ୍ଲାଇ ଚାଲିଚାଲି ଯାଇଥିଲେ। ଏସିପି ସଞ୍ଜୀବ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ପରିବହନ ବିଭାଗର କମିଶନରଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଏହାପରେ ବେଆଇନ ଭାବେ ଯାତ୍ରୀ ପରିବହନ କରୁଥିବା ଉକ୍ତ ଘରୋଇ ଗାଡିଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିବହନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଥିଲା।

ଅନ୍‌ଲାଇନ ଅଟୋ ସଂଘ ସଭାପତି ଦୀନବନ୍ଧୁ ନାୟକ କହିଛନ୍ତି, ସହରରେ ବିନା ବାଣିଜ୍ୟକ ନମ୍ବର ପ୍ଲେଟ୍‌ରେ ଶହ ଗାଡି ଚଳାଉଛନ୍ତି। ଏନେଇ ସଂଘ ପକ୍ଷରୁ ପରିବହନ ବିଭାଗକୁ ଅବଗତ କରାଇବା ସହ ବାରମ୍ବାର ଅଭିଯୋଗ କରିଥିଲୁ। ନଭେମ୍ବର ୯ରେ ଡିସିପି ଓ ପରିବହନ ଅଧିକାରୀଙ୍କୁ ଜଣାଇଥିଲୁ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାବତ କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେମାନଙ୍କ ପାଇଁ ସାଧାରଣ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ତେଣୁ ଉକ୍ତ ଗାଡିଗୁଡିକ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି।

ପରିବହନ ବିଭାଗର ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀ କହିଛନ୍ତି, ବେଆଇନ ଭାବେ ଯାତ୍ରୀସେବା ଯୋଗାଉଥିବା ଗାଡି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ୧୪ ଗାଡିଠାରୁ ଜରିମାନା କରାଯାଇଛି। ଏଥର ଗାଡି ଜବତ କରାଯିବ। ଅନ୍ୟପଟେ ଡିସିପି ପ୍ରତୀକ ସିଂ କହିଛନ୍ତି, ଅଟୋ ଚାଳକଙ୍କ ପକ୍ଷରୁ ଶୋଭାଯାତ୍ରା କରିବାର ଖବର ପାଇଥିଲୁ। କିନ୍ତୁ ସେମାନେ କୌଣସି ଅନୁମତି ନେଇ ନ ଥିଲେ। ତେଣୁ ସେମାନଙ୍କ ବିରୋଧରେ ଶହୀଦନଗର ଥାନାରେ ଏକ ମାମଲା (ନଂ.୬୦୯/୨୨) ରୁଜୁ କରାଯାଇଛି।



## ଶିଶୁଙ୍କୁ କୋଳରେ ଧରି ଟ୍ରେନ୍ ଲାଇନରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**କଟକ ଅଫିସ, ୨୬।୧୨:** ଘରୋଇ କଳିରୁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲେ ଜଣେ ମହିଳା। କୋଳରେ ଶିଶୁକୁ ଧରି ସେ କଟକ ରେଳଷ୍ଟେଶନ ନିକଟ ରେଳଧାରଣା ଉପରେ ବସିଥିଲେ। ଏହି ସମୟରେ ଦେବଦୂତ ସାଜିଥିଲେ ଆରପିଏଫ୍ କର୍ମଚାରୀ। ସନ୍ଦେହଜନକ ଅବସ୍ଥାରେ ବସିଥିବା ଦେଖି ଉଭୟ ମା' ଓ ଶିଶୁକୁ ନିଶ୍ଚିତ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ। ରବିବାର ରାତିରେ ଏହି ଘଟଣା ଘଟିଥିଲା। ଆରପିଏଫ୍ ସବ୍‌ଇନ୍ସପେକ୍ଟର ରୋଜି ମହାନନ୍ଦା ଅନ୍ୟ ଦୁଇ କର୍ମଚାରୀଙ୍କ ସହ ରାତ୍ରୀକାଳୀନ ଯାଞ୍ଚ କରୁଥିଲେ। ଓଏମ୍‌ପି ଓଭରବ୍ରିଜ ନିକଟ ରେଳଷ୍ଟେଶନର ୧ ନମ୍ବର ଟ୍ରାକ୍ ଉପରେ ସମ୍ପୃକ୍ତ ମହିଳା ଜଣକ ତାଙ୍କ ଶିଶୁକୁ କୋଳରେ ଧରି ବସିରହିଥିଲେ। ଏତିକିବେଳେ ପୁରୀ-ଦୁର୍ଗ ଏକ୍ସପ୍ରେସ୍ ଟ୍ରେନ୍ ନଂ. ୧୮୪୨୫ ସେହି ଟ୍ରାକ୍‌ରେ ଷ୍ଟେଶନ ମଧକୁ ପ୍ରବେଶ କରୁଥିବା ଆର୍‌ପିଏଫ୍ କର୍ମଚାରୀମାନେ ଦେଖିଥିଲେ। ସେମାନେ କାଳବିଳମ୍ବ ନ କରି ମହିଳାଙ୍କ ନିକଟରେ ପହଞ୍ଚି ତାଙ୍କୁ ରେଳଧାରଣାରୁ ଭିଡ଼ି ବାହାରକୁ ନେଇଆସିଥିଲେ। ସ୍ୱାମୀଙ୍କ ସହ କଳହ ହେବାରୁ ମହିଳା ଜଣକ ଆତ୍ମହତ୍ୟା କରିବାକୁ ଆସିଥିବା କହିଥିଲେ। ତାଙ୍କ ଘର ଚାଉଳିଆଗଞ୍ଜ ଅଞ୍ଚଳରେ। ଆର୍‌ପିଏଫ୍ ପକ୍ଷରୁ ପରିବାର ଲୋକଙ୍କୁ ଡକାଇ ସମ୍ପୃକ୍ତ ମହିଳା ଓ ଶିଶୁଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।



ଓୟୁଏଟିର ୩୯ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଓ ସାବରମତୀ ଡକ୍ଟରେଟ ଉପାଧି ଗ୍ରହଣ କରୁଛନ୍ତି। (ଫଟୋ- ବିକାଶ)

# ପୂର୍ଣ୍ଣାଙ୍ଗ ଶିକ୍ଷା ମାଧ୍ୟମରେ ସାମଗ୍ରିକ ବିକାଶ ସମ୍ଭବ: ରାଜ୍ୟପାଳ

## ଓୟୁଏଟିର ସମାବର୍ତ୍ତନ ଉତ୍ସବ

- ଡ. ମୃତ୍ୟୁଞ୍ଜୟ ମହାପାତ୍ର ଓ ସାବରମତୀଙ୍କୁ ଡକ୍ଟରେଟ ଉପାଧି
- ୧୧୩ଜଣଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ୬ଜଣଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୩୯ତମ ସମାବର୍ତ୍ତନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ପୌରୋହିତ୍ୟ କର କହିଲେ, ପୂର୍ଣ୍ଣାଙ୍ଗ ଶିକ୍ଷା ପଦ୍ଧତି ମାଧ୍ୟମରେ ଜଣେ ବ୍ୟକ୍ତିର ସାମଗ୍ରିକ ବିକାଶ ସମ୍ଭବ। ବିଶ୍ୱବିଦ୍ୟାଳୟଗୁଡ଼ିକ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଶିକ୍ଷା ପଦ୍ଧତି ବ୍ୟକ୍ତିର ଆଚରଣ ଏବଂ ଉଚ୍ଚାରଣରେ ଶୁଦ୍ଧତା ଆଣିବାରେ ସହାୟକ ହେବ ବୋଲି ରାଜ୍ୟପାଳ କହିଥିଲେ। ଭାରତର କୃଷି ଗବେଷଣା ଓ ଶିକ୍ଷା ବିଭାଗ ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ସମାଜର ସେବା କରିବା ସହିତ ଦେଶର ଭବିଷ୍ୟତ ଗଢ଼ିବାରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ପରିଚାଳନା ପରିଷଦ ସଦସ୍ୟ ତଥା ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ତଥା ପାଣିପାଗ ବିଜ୍ଞାନୀ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଓ ଜୈବିକ କୃଷି ଏବଂ ଜୈବ ବିବିଧତା ସଂରକ୍ଷଣରେ ପାରଦର୍ଶିତା ଲାଭ କରିଥିବା ସୁଶ୍ରୀ ସାବରମତୀଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ଏଥିସହ ୮୨୧ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସ୍ନାତକ, ୫୧୦ ଜଣଙ୍କୁ ସ୍ନାତକୋତ୍ତର ଏବଂ ୬୪ ଜଣଙ୍କୁ ପି.ଏଚ୍.ଡି. ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗ ଓ ପ୍ରତିଯୋଗିତାରେ ଯୋଗ୍ୟତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ୧୧୩ଟି ସ୍ୱର୍ଣ୍ଣ ପଦକ ଏବଂ ୬ଜଣଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଗବେଷଣା ଓ ସମ୍ପ୍ରସାରଣ ବ୍ୟବସ୍ଥାର ସଫଳତା ସମ୍ବନ୍ଧିତ ରିପୋର୍ଟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଚଳିତବର୍ଷ କଳିଙ୍ଗ ସୁଆଁ ୧୮ ସହିତ ୧୭୧ଟି ଉନ୍ନତ ବିହନ କିସମ, ଶଙ୍କର କିସମ ବିକଶିତ କରିଛି। ସେହିପରି କଳିଙ୍ଗ ପଲ୍ଲିଶ୍ରୀ ଭଳି ବିଲୁପ୍ତ ଏକ ମାଂସାଳ ରଙ୍ଗିନ କୁକୁଡ଼ାକୁ ପୁନଃବିକଶିତ କରାଯାଇଥିବା ଦର୍ଶାଇଥିଲେ। ଅନ୍ୟାନ୍ୟ ସଫଳତା ମଧ୍ୟରେ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ବିଜ୍ଞାନ କେନ୍ଦ୍ରର ପ୍ରୟାସରେ ମୟୂରଭଞ୍ଜ କାଇ ଚଟଣୀ, ଢେଙ୍କାନାଳ ମଗ୍‌ଜୀ ଏବଂ ନୟାଗଡ଼ କଣ୍ଟେଇମୁଣ୍ଡି ବାଇଗଣ ନିକଟ ଭବିଷ୍ୟତରେ ଜି.ଆଇ. ଟ୍ୟାଗ୍ ହାସଲ କରିବାର ଆଶା ଥିବା ସେ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଲୋପାମୁଦ୍ରା ମହାନ୍ତି ଉତ୍ସବ ପରିଚାଳନା କରିଥିଲେ।

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବର୍ଷାରାଣୀ



@ ପବିତ୍ର



@ ରାଜେନ୍ଦ୍ର



@ ବିକାଶ



@ ଶକ୍ତିପ୍ରସାଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ବିଜେଡିର ପ୍ରତିଷ୍ଠା ଦିବସରେ ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଆଖଣ୍ଡଳମଣୀ ଯୁବକ ସଂଘ ପକ୍ଷରୁ ଫରେଷ୍ଟ ପାର୍କସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ଭୁବନେଶ୍ୱର ସୂଚନା ଭବନରେ ସୋମବାର ଶତଭିଷାର ରଜତ ଜୟନ୍ତୀ ସମାରୋହରେ ଅତିଥିମାନେ 'ଅନୁବାଦ ଗ୍ରନ୍ଥରତ୍ନାବଳୀ'କୁ ଉନ୍ମୋଚନ କରୁଛନ୍ତି।

## ଅଙ୍ଗନୱାଡିକର୍ମୀଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଜିଲାପାଳଙ୍କ ନିବେଦନ

ଡିଗିରିଆ,(ଡି.ଏନ୍.ଏ.): ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଆନ୍ଦୋଳନକୁ ସୋମବାର ୩୬ ଦିନରେ ପହଞ୍ଚି ବେଳେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ ନିବେଦନ କରିଛନ୍ତି। ସେ ଡିଗିରଆ ବ୍ଲକ ଗସ୍ତରେ ଆସିଥିବାବେଳେ ଆନ୍ଦୋଳନରତ ଅଙ୍ଗନୱାଡିକର୍ମୀଙ୍କ ପାଖକୁ ଯାଇ ଆଲୋଚନା କରିଥିଲେ। ଶିଶୁ, ଗର୍ଭବତୀ ଓ କିଶୋରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ କାର୍ଯରେ ଯୋଗ ଦେବାକୁ ସେ କହିଥିଲେ। ସମ୍ପୂର୍ଣ୍ଣ କାମ ବନ୍ଦ କରି ଆନ୍ଦୋଳନ କରିବା ଠିକ୍ ନୁହେଁ ବୋଲି ଜିଲାପାଳ କହିଥିଲେ। ଏହି ଆଲୋଚନାରେ ଡିଗିରିଆ ବ୍ଲକ ସିଡିପିଓ ସତ୍ୟଭାମା ବିଶୋଇ, ବିଡିଓ ପ୍ରଣବ କୁମାର ବେହେରା ଓ ଡିଗିରିଆ ବ୍ଲକ ଶିଶୁ ପ୍ରକଳ୍ପ କାର୍ଯାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ତ୍ରିରଙ୍ଗା ଯୋଜନାରେ ଘୋଟାଲା ଅଭିଯୋଗ
## ୬ରେ ଧାରଣା ଦେବେ ସୂଚନା ଅଧିକାର କର୍ମୀ

ବାଙ୍କୀ,୨୬।୧୨(ସ୍ୱ.ପ୍ର.)- ଦେଶ ସ୍ୱାଧୀନତାର ୭୫ବର୍ଷ ପାଳନ କରୁଥିବା ବେଳେ ସରକାରଙ୍କ ତରଫରୁ ତ୍ରିରଙ୍ଗା ଯୋଗାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କିନ୍ତୁ ଏଥିରେ ବ୍ୟାପକ ଘୋଟାଲା ହୋଇଥିବା ସନ୍ଦେହ କରି ସୂଚନା ଅଧିକାର ଆଇନ ଜରିଆରେ ସବିଶେଷ ତଥ୍ୟ ମଗାଯାଇଥିଲା। ବାଙ୍କୀ-ଡମପଡ଼ା ବ୍ଲକର କେତୋଟି ପଞ୍ଚାୟତକୁ ତ୍ରିରଙ୍ଗା ଯୋଜନାରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ସରକାରଙ୍କ ଆଦେଶ ଚିଠିର ନକଲ, କେଉଁ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସମ୍ପୃକ୍ତ କରାଯାଇଛି ଓ କାର୍ଯ୍ୟାଦେଶ ଚିଠିର ନକଲ, କେଉଁ ମହିଳା ଗୋଷ୍ଠୀ କେତେ ତ୍ରିରଙ୍ଗା ନିର୍ମାଣ କରି ଯୋଗାଇଥିଲେ, ସେମାନଙ୍କୁ ସେ ବାବଦରେ କେତେ ଟଙ୍କା ପୈଠ କରାଯାଇଛି, ବ୍ଲକରେ ଏହି ଯୋଜନାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ଅର୍ଥ ଖର୍ଚ୍ଚର ବିଲ୍ ପ୍ରଦାନ ପାଇଁ ଆବେଦନ କରାଯାଇଥିଲା। ତେବେ ବ୍ଲକରୁ ଏହି ତଥ୍ୟ ନ ମିଳିବାରୁ ପରବର୍ତ୍ତୀ ସମୟରେ ପ୍ରଥମ ଅପିଲ ଏବଂ ସୂଚନା କମିଶନରଙ୍କ ପାଖରେ ଦରଖାସ୍ତ କରାଯାଇଥିଲା । ଏ ସମ୍ପର୍କରେ ସୂଚନା କମିଶନର ବ୍ଲକ କାର୍ଯ୍ୟାଳୟକୁ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଏ ପର୍ଯ୍ୟନ୍ତ ତଥ୍ୟ ଆବେଦନକାରୀଙ୍କୁ ପ୍ରଦାନ କରାଗଲା ନାହିଁ। ସୂଚନା ଅଧିକାର କର୍ମୀ ପୀତବାସ ନାୟକ ସବିଶେଷ ତଥ୍ୟ ମାଗିଥିବା ବେଳେ ବ୍ଲକ କର୍ତ୍ତୃପକ୍ଷ ତ୍ରିରଙ୍ଗା ଯୋଜନାରେ ମହାଘୋଟାଲା କରିଥିବା ଯୋଗୁଁ ତଥ୍ୟ ଦେଉନାହାନ୍ତି ନାୟକ କହିଛନ୍ତି। ତେଣୁ ଏ ନେଇ ଆସନ୍ତା ୬ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ଅଧିକାର କର୍ମୀମାନେ ଧାରଣା ଦେବେ ବୋଲି ଡମପଡ଼ା ବିଡିଓ, ଉପଜିଲାପାଳ ବାଙ୍କୀ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ କଟକ, ଜିଲାପାଳ କଟକ, ବାଙ୍କୀ ଥାନା ଅଧିକାରୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଓ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଦରଖାସ୍ତ ମାଧମରେ ଅବଗତ କରାଯାଇଛି।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ଭାଜପାର ସତ୍ୟାଗ୍ରହ

ସାଲେପୁର/ବାଙ୍କୀ,୨୬।୧୨(ଡି.ଏନ୍.ଏ./ସ୍ୱ.ପ୍ର.)- ସାଲେପୁରରେ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ସତ୍ୟାଗ୍ରହ କରାଯାଇଛି। ଯାଇଛି। କଟକ ଜିଲା ଭାଜପା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ନେତୃତ୍ୱରେ ବହୁ କର୍ମୀ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ହୋଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏଥିରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ, ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ସମ୍ରାଟ କେଶରୀ ଲେଙ୍କା, ସନ୍ତୋଷ କୁମାର ଭୂୟାଁ, ବିନୀତ ରଞ୍ଜନ ବିଶ୍ୱାଳ, ଜ୍ଞାନରଞ୍ଜନ ପଣ୍ଡା, ସୁଜିତ୍ ଭୂୟାଁ, ପୂର୍ଣ୍ଣିମା ବଡ଼ିଆ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବାଙ୍କୀରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା । ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ଏହାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳମଣୀ ମିନ୍ତ୍ରୀ, ସଂଯୋଜକ ସଂଗ୍ରାମ ବିଭୂତି ରାୟ, ଗୋପାଳପୁର ମଣ୍ଡଳ ସଭାପତି ବିପ୍ରବର ଲେଙ୍କା, ସୁବର୍ଣ୍ଣପୁର ମଣ୍ଡଳ ସଭାପତି ତପନ ସ୍ୱାଇଁ, କଳାପଥର ମଣ୍ଡଳ ସଭାପତି ସୁଶାନ୍ତ ଭଞ୍ଜ, ବ୍ରହ୍ମପୁରା ମଣ୍ଡଳ ସଭାପତି ବିଜୟ ବରାଡ ପ୍ରମୁଖ ଯୋଗଦେଇ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ସରିପାରୁନି ଡିଜିଟାଲ ଡୋର ନମ୍ବରିଂ

■ସଂସ୍ଥାକୁ ଦୋଷ ଲଦୁଛି ସିଏମ୍‌ସି

■ଆହୁରି ଲାଗିବ ଏକ ମାସ

କଟକ ଅଫିସ,୨୬।୧୨

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରାଯାଉଛି। ହେଲେ ସେଥିମଧ୍ୟରୁ ଅଧିକାଂଶ ବାଟବଣା ହୋଇପଡିଥିବା ବେଳେ ଅନେକ ଫେଲ୍ ମାରିଛି । ସହରରେ ଡିଜିଟାଲ ଡୋର ନମ୍ବର ବ୍ୟବସ୍ଥା ନେଇ ସେହିଭଳି ସ୍ଥିତି ଦେଖାଦେଇଛି। ଡୋର ନମ୍ବରିଂ ବ୍ୟବସ୍ଥା ଲାଗୁ କରିବା ପାଇଁ ସିଏମ୍‌ସି ପକ୍ଷରୁ ୨୦୨୧ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ୪ରୁ ୫ ମାସ ମଧ୍ୟରେ କାର୍ଯ୍ୟ ଶେଷ କରି ଘରଗୁଡ଼ିକରେ ଡିଜିଟାଲ ଡୋର ନଂ. ଲାଗିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଥିଲା। ହେଲେ ୨୦୨୨ ଶେଷ ହୋଇ ୨୩ ଆରମ୍ଭ ହେବାକୁ ଯାଉଛି, କିନ୍ତୁ ଘରେ ଲାଗିପାରିନି ଡିଜିଟାଲ ଡୋର ନଂ.।

ଘର ଠିକଣା ଖୋଜିବା, ଟିକସ ପ୍ରଦାନ ନ କରିବା କିମ୍ବା ଘର ଓ ଦୋକାନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇଁ ସିଏମ୍‌ସି ପକ୍ଷରୁ ସହରରେ ଡିଜିଟାଲ ଡୋର ନମ୍ବରିଂବ୍ୟବସ୍ଥା ୨୦୨୧ ସେପ୍ଟେମ୍ବରରୁ ଆରମ୍ଭ କରାଯାଇଥିଲା। ତେବେ ଡୋର ନମ୍ବରିଂ ବ୍ୟବସ୍ଥା ୨୦୨୨ ଜାନୁୟାରୀ ଶେଷ ସୁଦ୍ଧା ସମସ୍ତ ୱାର୍ଡରେ ଏହି ବ୍ୟବସ୍ଥା କାର୍ଯ୍ୟକାରି କରିବାକୁ ସିଏମ୍‌ସି ପକ୍ଷରୁ ପ୍ରଥମେ କୁହାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ କୋଭିଡ୍, ବନ୍ୟା, ବାତ୍ୟା କାରଣରୁ ସର୍ଭେ ପ୍ରଭାବିତ ହୋଇଥିବାରୁ ୨୦୨୨ ମାର୍ଚ୍ଚ, ଏପ୍ରିଲରେ କାର୍ଯ୍ୟ ଶେଷ କରାଯିବ ବୋଲି କୁହାଗଲା। ହେଲେ ବର୍ଷ ଶେଷ ହେବାକୁ ବସିଲାଣି ବର୍ତ୍ତମାନ ଘରଗୁଡିକରେ ଲାଗିପାରିନି ଡିଜିଟାଲ ଡୋର ନମ୍ବରିଂ। ଏ ନେଇ ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ସମସ୍ତ ୱାର୍ଡରେ ସର୍ଭେ କାର୍ଯ୍ୟ ନଭେମ୍ବରରୁ ଶେଷ ହେଲାଣି। ନଂ. ପ୍ଲେଟ ପ୍ରିଣ୍ଟିଂ ପାଇଁ ଦାୟିତ୍ୱ ନେଇଥିବା ସଂସ୍ଥା ବିଳମ୍ବ କରୁଛି। ଆସନ୍ତା ଏକ ମାସ ମଧ୍ୟରେ ଘରେ ନଂ. ପ୍ଲେଟ ଲାଗିବା କାର୍ଯ୍ୟ ଆରମ୍ଭ ହୋଇଯିବ। ସୂଚନାଥାଉକି, ସିଏମ୍‌ସି ପକ୍ଷରୁ ଦିଲ୍ଲୀର ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସଂସ୍ଥାର କର୍ମଚାରୀମାନେ ସହରର ଘରକୁ ଘର ବୁଲିବେ କେଉଁ ଘରର ମାଲିକ କିଏ, ଉକ୍ତ ଘରେ, କେତେ ଲୋକ ରହୁଛନ୍ତି, ଘରର ସମ୍ପୂର୍ଣ୍ଣ ଠିକଣା ଆଦି ସଂଗ୍ରହ କରି ସିଏମ୍‌ସିରେ କାର୍ଯ୍ୟାଳୟରେ ଦାଖଲ କରିବେ। ଏହାପରେ ସିଏମ୍‌ସି ୱାର୍ଡ ଅଫିସର ଏବଂ ଟ୍ୟାକ୍ସ କଲେକ୍ଟରମାନଙ୍କ ଦ୍ୱାରା ଏହାର ପୁନର୍ବାର ତଦନ୍ତ କରାଯାଇ ପ୍ରତି ଘର ଓ ପଞ୍ଜିକୃତ ଦୋକାନଗୁଡ଼ିକୁ ଏକ ୧୩ ଟିକିଆ ଡିଜିଟାଲ ନମ୍ବର ଦିଆଯିବ। ଏହି ନମ୍ବର ଘର ଆଗରେ ଲଗାଯିବ, ଫଳରେ ଘର ଖୋଜିବାରେ ଆଉ ଅସୁବିଧା ହେବନାହିଁ। ଏଥିସହିତ ଟିକସ ଦେବାରେ ଠକୁଥିବା ଘର ମାଲିକ ଏବଂ ଦୋକାନୀମାନେ ଏହାଦ୍ୱାରା ସହଜରେ ଧରାପଡ଼ିପାରିବେ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଥିଲା। ହେଲେ ଏହାର କାର୍ଯ୍ୟକାରିତାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେତେକ ୱାର୍ଡରେ ଠିକ୍ ଭାବରେ ସର୍ଭେ ହୋଇ ନ ଥିବା ଅଭିଯୋଗ ହେଉଛି।

## ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ



ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିଜେଡି କର୍ମୀମାନେ।

ଆଠଗଡ,୨୬।୧୨(ସ୍ୱ.ପ୍ର.)

ଆଠଗଡରେ ବିଜେଡି ପକ୍ଷରୁ ଦଳର ୨୫ବର୍ଷ ପୂର୍ତ୍ତି ଓ ୨୬ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ରାଧାଗୋବିନ୍ଦ ପୁରସ୍ଥିତ ସୂର୍ଯ୍ୟଭବନରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଦଳୀୟ କାର୍ଯ୍ୟାଳୟ ପରିସର, ଆଠଗଡ ସହରସ୍ଥିତ ବିଜୁପଟ୍ଟନାୟକ ଶିଶୁ ଉଦ୍ୟାନ, ପୂଜପୂଜା ପୀଠ ଓ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଇଚ୍ଛାପୁର ଛକରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ଅନ୍ୟାନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଯୁବ ସଙ୍ଗଠକ ତଥା ସୁପ୍ରିମ୍ କୋର୍ଟରେ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ଉପକାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳମୂଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଆଠଗଡ଼ ସହରର ପୂର୍ବତନ ସଭାପତି ସଞ୍ଜୟ କୁମାର ରଥ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ମହାନ୍ତି, ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ସନ୍ତୋଷ କୁମାର ଦାସ, ମୁରଲୀଧର ବେହେରା ଓ ପ୍ରଭାକର ମହାନ୍ତି ପ୍ରମୁଖ ସଂଯୋଜନା କରିଥିଲେ।

## ବେଆଇନ ହମ୍ପ୍ସ ଉଚ୍ଛେଦ ପାଇଁ ଅଣ୍ଟାଭିଡ଼ିଲା ବାର୍ ଆସୋସିଏଶନ



ବୈଠକରେ ଯୋଗଦେଇଥିବା ସାଲେପୁର ବାର୍ ଆସୋସିଏଶନର କର୍ମକର୍ତ୍ତା।

ସାଲେପୁର,୨୬।୧୨(ଡି.ଏନ୍.ଏ.)

ସାଲେପୁର ବାର ଆସୋସିଏଶନ ପକ୍ଷରୁ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସାହେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବିଜୟ କେତନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଲେପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଖବରଦାତା ଓ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ସାଲେପୁର ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଜଗତପୁରଠାରୁ ସାଲେପୁର ମଧ୍ୟରେ କଟକ ଚାନ୍ଦବାଲି ରାସ୍ତାର ବିଭିନ୍ନ ସ୍ଥାନରେ ବେଆଇନ ହମ୍ପ୍ସ ନିର୍ମାଣ କରାଯାଇଥିବାରୁ ବହୁ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଏହା ରାଜ୍ୟ ରାଜପଥ ହୋଇଥିବାବେଳେ ଏହି ରାସ୍ତା ଦେଇ କେନ୍ଦ୍ରାପଡ଼ାଠାରୁ ଆରମ୍ଭ କରି ରାଜନଗର, ପଟ୍ଟାମୁଣ୍ଡାଇ, ଚାନ୍ଦବାଲି ଲୋକ ଯାତାୟାତ କରୁଥିବାବେଳେ କଟକ ବଡ଼ମେଡିକାଲକୁ ମଧ୍ୟ ଆମ୍ବୁଲାନ୍ସ ରୋଗୀ ନେଇ ଯାତାୟତ କରିଥାଏ। କିନ୍ତୁ ଏହି ହମ୍ପ୍ସ ଯୋଗୁ ଯେଉଁ ଗତିରେ ଆମ୍ବୁଲାନ୍ସ ରୋଗୀ ନେଇ ଯିବାକଥା ସେଥିରେ ବାଧା ସୃଷ୍ଟି ହେଉଛି। ଏ ନେଇ ଆସୋସିଏଶନ ସଭାପତି ଦୀପକ କୁମାର ମହାନ୍ତି ରାଜ୍ୟ ପୂର୍ତ୍ତ ମନ୍ତ୍ରୀ, କଟକ ଜିଲାପାଳଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ସହ ତୁରନ୍ତ ଏହି ହମ୍ପ୍ସକୁ ଉଠାଇବା ପାଇଁ ଦାବି କରାଯିବ ବୋଲି କହିଛନ୍ତି। ଯଦି ପ୍ରଶାସନ ଏ ଦିଗରେ ଦୃଷ୍ଟି ନ ଦିଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଆଇନଜୀବୀ ଜିତେନ୍ଦ୍ର ମହାନ୍ତି, ରବୀନ୍ଦ୍ର ପଣ୍ଡା, ମାନସ ଦାଶ, ନବକିଶୋର କର, ନିମାଇଁ ଚରଣ ବିଶ୍ୱାଳ, ମାନସ ସାହୁ, ହଳଧର ସାହୁ, ଡା. କିଶୋର ଚନ୍ଦ୍ର ଦାସ, ବସନ୍ତ କର, ବିଶ୍ୱମୋହିତ କର, ଖବରଦାତା ଅକ୍ଷୟ କୁମାର ଦାଶ, ଅଜୟ କୁମାର ମହାନ୍ତି, ହେମନ୍ତ କୁମାର ଭୂୟାଁ, ବିରଞ୍ଚି ନାରାୟଣ କର, ସୁଧୀର କୁମାର ଶତପଥୀ, ସୁଜିତ ଭୂୟାଁ, ପ୍ରତାପ ଭୂୟାଁ, ଅରବିନ୍ଦ ଭୂୟାଁ, ଶୁଭାଶିଷ ବସନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

## ନିମ୍ନମାନର କାମ ନେଇ ଅଭିଯୋଗ

ଚୌଦ୍ୱାର,୨୬।୧୨(ଡି.ଏନ୍.ଏ)

୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରି ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀଙ୍କୁ ଚୌଦ୍ୱାର ସାମାଜିକ କର୍ମୀମାନଙ୍କ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚୌଦ୍ୱାର ଅଞ୍ଚଳର କେତେଜଣ ସାମାଜିକ କର୍ମୀ ଏନ୍ଏଚ୍ଆଇ ପ୍ରକଳ୍ପ ଅଧିକାରୀ ଗୌତମ ଦାସଙ୍କୁ ଭେଟି ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଅତି ନିମ୍ନମାନର କାର୍ଯ୍ୟ କରୁଥିବା, ରାସ୍ତା ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର, ନିର୍ମାଣ ଜନିତ ସରକାରୀ ତଥା ଏନ୍ଏଚ୍ଏଆଇର ନିୟମାବଳୀ ପାଳନ କରୁନ ଥିବା ଅଭିଯୋଗ କରିଥିଲେ। ସୂଚନାଧିକାର ଭୀମସେନ ବିଶ୍ୱାଳ, ହରିହର ବେଉରା, ପ୍ରଭାନନ୍ଦ ସାହୁ, ଶଂକର୍ଷଣ ମହାପାତ୍ର, ରନ୍ ବାରିକ ପ୍ରମୁଖ ଢେଙ୍କାନାଳରେ ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀଙ୍କୁ ଭେଟି ଏସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗପତ୍ର ଦେଇଥିଲେ। ପ୍ରତିନିଧି ମଣ୍ଡଳୀ ସହିତ ଆଲୋଚନା କରିବା ପରେ ରାସ୍ତା କାର୍ଯ୍ୟ ଠିକ୍ ଭାବେ କରାଯିବା ସହ ପ୍ରଦୂଷଣ ରୋକିବା ପାଇଁ ରାସ୍ତାରେ ନିୟମିତ ପାଣି ସିଞ୍ଚନ, ସତର୍କ ସୂଚନାଫଳକ ଲଗାଯିବା ସହିତ ନିର୍ମାଣ କାର୍ଯ୍ୟର ମାନ ନିର୍ଦ୍ଧାରଣ କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରକଳ୍ପ ଅଧିକାରୀ ଦାସ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ମଣ୍ଡଳୀ କହିଛନ୍ତି।

## ରୀତା, ଗୌରୀଶଙ୍କର ପିଏସ୍ଆଇ କାର୍ଯ୍ୟକାରିଣୀ ସଦସ୍ୟ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ଲେଜର, ନ୍ୟୁଟ୍ରନ୍‌ବିମ୍ ଓ ପ୍ଲାଜା ସମ୍ବନ୍ଧୀୟ ଗବେଷଣାକୁ ବିଶ୍ୱବିଦ୍ୟାଳୟ ଓ ଜାତୀୟ ଗବେଷଣାଗାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ପାୱାରବିମ୍ ସୋସାଇଟି ଅଫ୍ ଇଣ୍ଡିଆ (ପିଏସ୍ଆଇ)ର ସାଧାରଣ ସଭା କୋଏମ୍ବାଟୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଭା ପାରମାଣବିକ ଗବେଷଣା କେନ୍ଦ୍ରରେ ବିମ୍ ଟେକ୍ନୋଲୋଜି ଡେଭଲପମେଣ୍ଟ ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ଅର୍ଚ୍ଚନା ଶର୍ମା ସଭାପତି ଓ ସମ୍ପାଦକ ଭାବେ ଡ. ରାମଚନ୍ଦ୍ରନ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ରୂପେ ଭାଭା ପାରମାଣବିକ ଗବେଷଣା କେନ୍ଦ୍ରର ଆସେଲେରେଟର ଓ ପଲ୍ସ ପାୱାର ଡିଭିଜନର ବିଭାଗୀୟ ମୁଖ୍ୟ ବର୍ଖ୍ତ ସିଂହ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ମୁମ୍ବାଇସ୍ଥିତ ବୀରମାତା ଜିଜାବାଇ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟର ଡ. କ୍ରିଷ୍ଣା କନକଗିରି, ସଂଯୁକ୍ତ ସଚିବ ଭାବେ ଗାନ୍ଧୀନଗରସ୍ଥିତ ଇନଷ୍ଟିଚ୍ୟୁଟର ଫର୍ ପ୍ଲାଜା ରିସର୍ଚ୍ଚର ବରିଷ୍ଠ ବୈଜ୍ଞାନିକ ଡ. ବାଲା ସୁବ୍ରମଣିଆନ୍ ଓ ଭାଭାର ବରିଷ୍ଠ ବୈଜ୍ଞାନିକ ଡ. ଏମ୍.ଏନ୍. ଝା ସଂଯୁକ୍ତ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଭାରତର ବିଭିନ୍ନ ପ୍ରାନ୍ତରୁ ୪ଜଣ ଶିକ୍ଷାବିତ୍ ଓ ଗବେଷକ କାର୍ଯ୍ୟକାରିଣୀ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ରୀତା ପାଇକରାୟ, ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ମାଧବ କୁଲକର୍ଣ୍ଣୀ, ସେଣ୍ଟର ଫର୍ ପ୍ଲାଜା ଫିଜିକ୍ସ, ଗୌହାଟୀର ବରିଷ୍ଠ ବୈଜ୍ଞାନିକ ଡ. ମୟୂର କାକାତି, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା ଅଧାପକ ଡ. ଗୌରୀଶଙ୍କର ସାହୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ବୈଜ୍ଞାନିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଡ. ପଦ୍ମନାଭନ୍, ଡ. ଭେଙ୍କଟରମଣଙ୍କ ସମେତ ୬ଜଣ ବରିଷ୍ଠ ଗବେଷକ ସ୍ଥାନ ପାଇଛନ୍ତି।

## କ୍ରିକେଟ: ସେମିଫାଇନାଲରେ ଦିଶା ବୈଦ୍ୟେଶ୍ୱର



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବାଙ୍କୀ,୨୬।୧୨(ସ୍ୱ.ପ୍ର.)

ବୈଦ୍ୟେଶ୍ୱର ଦିଶା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ୧୫ତମ ବୈଦ୍ୟେଶ୍ୱର କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଆୟୋଜକ ଦିଶା ବୈଦ୍ୟେଶ୍ୱର ଏବଂ ଢେଙ୍କାନାଳ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସାହୁ ଓ ଜୟକୃଷ୍ଣ ସାହୁ ମିଳିତ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ନିର୍ଦ୍ଧାରିତ ୨୦ ଓଭରରେ ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ୍ ବିନିମୟରେ ୨୪୪ରନ ସଂଗ୍ରହ କରିଥିଲା । ଜବାବରେ ଦିଶା ବୈଦ୍ୟେଶ୍ୱର ୪ ଉଇକେଟ୍ ହରାଇ ୨୪୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ମହାପାତ୍ର ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ବିଜୟୀ ହୋଇଥିଲେ। ଜ୍ୟୋତି ପ୍ରକାଶ ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ପ୍ରେମାନନ୍ଦ ବେହେରା , ଗୁରୁପ୍ରସାଦ ଖଟୁଆ ସହଯୋଗ କରିଥିଲେ।

## ୩୩୫ ଅଭିଯୋଗରୁ ୨୯୨ ଫଇସଲା

### ଜିଲାପାଳଙ୍କ ଜନଶୁଣାଣି




ଶିବିରରେ ଯୋଗଦେଇଥିବା ଜିଲାପାଳ ଓ ଅନ୍ୟଅଧିକାରୀମାନେ ।

ଡିଗିରିଆ, ୨୬।୧୨(ଡି.ଏନ୍.ଏ.)

ଡିଗିରିଆ ବ୍ଲକ କାର୍ଯ୍ୟାଳୟରେ ସୋମବାର କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩୩୫ ଅଭିଯୋଗ ପଞ୍ଜି କୃତ ହୋଇଥିଲା। ସେଥିରୁ ୩୩୨ ବ୍ୟକ୍ତିଗତ ଓ ୩ ସାମୂହିକ ଅଭିଯୋଗ ଥିଲା। ସେଥିରୁ ୨୯୨ ଅଭିଯୋଗର ଫଇସଲା କରାଯାଇଛି। ୪ ଜଣଙ୍କୁ ରେଡ୍‌କ୍ରସ ତରଫରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ୬ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ସାମୂହିକ ଅଭିଯୋଗ ମଧ୍ୟରେ ବିନ୍ଧାଣିମା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନ ଥିବା, ଡିଗିରିଆ ବ୍ଲକ ସଦରମହକୁମା ନିଜିଗଡ଼ଠାରେ ଥିବା କ୍ଷୁଦ୍ର ଜଳସେଚନ କାର୍ଯାଳୟ ଜରାଜୀର୍ଣ୍ଣ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ କଟକ ଗ୍ରାମାଞ୍ଚଳ ଏସ୍‌ପି. ବି ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଆଠଗଡ ଉପଜିଲାପାଳ ହେମନ୍ତ ସ୍ୱାଇଁ, ଡିଗିରିଆ ବିଡିଓ ପ୍ରଣବ କୁମାର ବେହେରା, ତହସିଲଦାର ପ୍ରମୋଦ କୁମାର ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟ୍‌ବଲ: ଅରିଲୋ ଟିମ୍ ବିଜୟୀ

କଟକ ସଦର,୨୬।୧୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ା ଖେଳପଡିଆରେ ରବିବାର ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅରିଲୋ ଟିମ୍ ୧-୦ ଗୋଲ୍‌ରେ ବୋଧପୁର ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ୪୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିମଳ କୁମାର ପଣ୍ଡା, ବିକ୍ରମ ଦାଶ, ବିଜୟ ରାଉତ, ଅଜୟ ପଟ୍ଟନାୟକ, ଅନନ୍ତ ନାଥ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## 'ଆଧୁନିକ ନାଟ୍ୟ ଜଗତର ଉଜ୍ଜ୍ୱଳତମ ନକ୍ଷେତ୍ର ଥିଲେ ଜଗନମୋହନ'



ସ୍ମୃତି ଉତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ମାହାଙ୍ଗା, ୨୬।୧୨(ସ୍ୱ.ପ୍ର.)

ମାହାଙ୍ଗାର ଅନ୍ୟତମ ବରପୁତ୍ର ଆଦି ନାଟ୍ୟକାର ଜଗନମୋହନ ଲାଲଙ୍କ ୧୦୯ ତମ ସ୍ମୃତି ଉତ୍ସବ ଜନ୍ମମାଟିରେ ପାଳିତ ହୋଇଯାଇଛି। ମାହାଙ୍ଗା ପଞ୍ଚାୟତ ମେଡିକାଲ ଛକସ୍ଥିତ ଆଦି ନାଟ୍ୟକାର ସ୍ମୃତି ମଣ୍ଡପରେ ନାଟ୍ୟକାର ଜଗନମୋହନ ଲାଲ ସ୍ମୃତି ସଂସଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନମୋହନଙ୍କ ପ୍ରତିମୂର୍ତ୍ତିରେ ବହୁ ରାଜନେତା, କବି, ସାହିତ୍ୟିକ, ସାମାଜିକ କର୍ମୀ ଓ ଜନପ୍ରତିନିଧିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମାହାଙ୍ଗା କୃଷି ସମବାୟ ସମିତି ଅଧ୍ୟକ୍ଷ ରଜନୀକାନ୍ତ ପରିଡାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଜଗନମୋହନ ଲାଲ ଆଧୁନିକ ନାଟ୍ୟ ଜଗତର ଉଜ୍ଜ୍ୱଳତମ ନକ୍ଷେତ୍ର ଥିଲେ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତାଭାବେ ସାହିତ୍ୟିକ ଡ. ଭୁବନାନନ୍ଦ ସାହୁ, ସମ୍ମାନିତ ଅତିଥିଭାବେ ଓଡ଼ିଶା ଯାତ୍ରା ଜଗତର ଉଦୀୟମାନ ଅଭିନେତା ବାପି ପଣ୍ଡା, ଖଳନାୟକ ସଞ୍ଜୟ ଭୋଳ, ବ୍ଲକ ଅଧ୍ୟକ୍ଷା ଦୀପା ମଳିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଡାକ୍ତର ନୃପେନ୍ଦ୍ର କୁମାର ଶତପଥୀ, ସମ୍ମାନିତ ବକ୍ତାଭାବେ ଡ. ଜୟରାମ ସ୍ୱାଇଁ, ସରପଞ୍ଚ ବେବିନା ଜେନା ପ୍ରମୁଖ ଯୋଗଦେଇଥିଲେ। ଅଶୋକ କୁମାର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପଞ୍ଚାୟତ ବିଜେଡି ସଭାପତି ନିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାହିତ୍ୟିକ ଭାବଗ୍ରାହୀ ଦାଶ, କବି ରସରାଜ ବୀରକିଶୋର ସ୍ୱାଇଁ, ଯୋଗେଶ ମହାନ୍ତି, ତ୍ରିନାଥ ଜେନା, ପ୍ରୀତମ କାନୁନଗୋ, ସୁନାକର ସିଂହ, ତ୍ରିଲୋଚନ ମିଶ୍ର, କୈଳାସ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ ।

# କିଆପଲା ପଞ୍ଚାୟତ ଦୁର୍ନୀତିର ତଦନ୍ତ ହେଉ

### ବିଡିଓଙ୍କୁ ସ୍ମାରକପତ୍ର ଦେଲେ ପଞ୍ଚାୟତବାସୀ



ବାଙ୍କୀ,୨୬।୧୨(ସ୍ୱ.ପ୍ର.)

ବାଙ୍କୀ ବ୍ଲକ କିଆପଲା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ ଦାବିରେ ପଞ୍ଚାୟତବାସୀ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କିଆପଲା ରାଜସ୍ୱ ଗ୍ରାମରେ ଗାଁ ସାଥୀଙ୍କୁ ବେଆଇନ ନିଯୁକ୍ତି, ତାରିଣୀ ଛକଠାରୁ ପାଥପୁର ଆର୍.ଡି. ରୋଡ଼ର ଦୁଇ ପାର୍ଶ୍ୱରେ ବୃକ୍ଷରୋପଣ ନାଁରେ ଅର୍ଥ ବିଲ୍ କରାଯିବା, ନରଣପୁର ପ୍ରାଥମିକ ବିଦ୍ୟାଳୟ ପାଚେରି କାନ୍ଥକୁ ଲଗାଇ ଛାତ ଘର ନିର୍ମାଣ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହା ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ନରଣପୁର ହନୁମାନ ମନ୍ଦିର ନିକଟରେ ନିମ୍ନମାନର ଡଷ୍ଟବିନ ନିର୍ମାଣ, ନରଣପୁର ଛକ ରାସ୍ତାରେ ହୋଇଥିବା ଡ୍ରେନେଇ କାର୍ଯ୍ୟ ନିମ୍ନମାନର ହୋଇଥିବା ଏଥିରେ କୌଣସି ଫଳକ ଲାଗି ନଥିବା ଅଭିଯୋଗ କରିଛନ୍ତି। ସେହିପରି କଲ୍ୟାଣ ମଣ୍ଡପ ନିମନ୍ତେ ଫଳକ ନ ଲଗାଯାଇ ନିର୍ମାଣ କାର୍ଯ୍ୟ କରାଯାଉଛି । କଲ୍ୟାଣ ମଣ୍ଡପ ଓ ଗାଁ ମଶାଣି ଗୋଟିଏ ପ୍ଲଟରେ ଅବସ୍ଥିତ ଥିବା ଅଭିଯୋଗ କରିଛନ୍ତି । ନୂଆଗାଁରେ ଏନଆରଜିଏସ କାର୍ଯ୍ୟରେ ଯେତିକି ଶ୍ରମିକ କାମ କରୁଛନ୍ତି ତାହାଠାରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିବା କାଗଜପତ୍ରରେ ଦର୍ଶାଯାଉଛି ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି । କିଆପଲା ପଞ୍ଚାୟତ ଡେଙ୍ଗାଆମ୍ବ ପ୍ରାଥମିକ ସ୍କୁଲ ପରିସରରେ ଥିବା ନଳକୂପ ୬ମାସରୁ ଉର୍ଦ୍ଧ୍ୱ ଖରାପ ହୋଇଥିବା ସତ୍ତ୍ୱେ ମରାମତି କରାଯାଉନାହିଁ। କୁମୁସର ଗ୍ରାମରେ ପଞ୍ଚାୟତ ତରଫରୁ ନିର୍ମାଣ ହୋଇଥିବା ଖୋଲା କୂଅ ସରକାରୀ ଜାଗାରେ ନକରି ବ୍ୟକ୍ତିଗତ ଜାଗାରେ ହୋଇଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ଗ୍ରାମର ବିଦ୍ୟାଧର ନାୟକ, ଆନନ୍ଦ ବେହେରା, ରାଜକିଶୋର ସାହୁ, ଦେବେନ୍ଦ୍ର ପ୍ରଧାନ, ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ସ୍ମାରକପତ୍ର ଜରିଆରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପତ୍ରର ନକଲ ଉପଜିଲାପାଳ, ଜିଲାପାଳ, ପଞ୍ଚାୟତିରାଜ ସଚିବ ଏବଂ କଟକ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦିଆଯାଇଛି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ: ୪ ଗିରଫ

ବେଗୁନିଆ,୨୬।୧୨(ଡି.ଏନ୍.ଏ.): ବେଗୁନିଆ ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବନ ନାୟକ, ଗୁଣ୍ଡିଚା ବେହେରା, ସରୋଜ ନିଶଙ୍କ ଓ ପ୍ରତାପ ଛୁଆଳସିଂହ। ଏମାନଙ୍କ ନିକଟରୁ ୬ଟି ବାଇକ୍ ସହ ୨୫୦୦ ଟଙ୍କା ଜବତ କରାଯାଇଛି। ତେବେ ଗିରଫ ବ୍ୟକ୍ତିଙ୍କୁ ପିଆର୍ ବଣ୍ଡ୍ ଜରିଆରେ ପୋଲିସ ଛାଡ଼ିଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ବେଗୁନିଆ ଥାନା ଅଧୀନ ମାଣିବନ୍ଧ ପଞ୍ଚାୟତ ଅନ୍ତର୍ଗତ ଏକଡାଲିଆ ଗ୍ରାମ ନିକଟ ନିଛାଟିଆ ସ୍ଥାନରେ ଜୁଆଖେଳ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଧରିଥିବା ବେଳେ ଅନ୍ୟମାନେ ଚମ୍ପଟ ମାରିଥିଲେ। ଥାନାରେ ମାମଲା ମାମଲା (ନଂ.୩୩୧/୨୨) ରୁଜୁ ହୋଇଛି। ଚଢ଼ାଉରେ ଏସ୍‌ଡିପିଓ ଦିଲୀପ ଦାଶ, ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ ସାମିଲ ଥିଲେ।

### ସିସିଟିଭି କ୍ୟାମେରା ଚୋରି

ଗମ୍ଭାରୀମୁଣ୍ଡା,୨୬।୧୨(ଡି.ଏନ୍.ଏ.): ବାଣପୁର ଥାନା ଅଧୀନ କୁମାରଙ୍ଗ ସୋସାଇଟି କାର୍ଯ୍ୟାଳୟରୁ ଦୁଇଟି ସିସିଟିଭି କ୍ୟାମେରା ଚୋରି ହୋଇଥିବା ସେକ୍ରେଟାରୀ ସଞ୍ଜୀବ କୁମାର ସାହୁ ଅଭିଯୋଗ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଧାନ ପ୍ରୋକ୍ୟୁରମେଣ୍ଟ ସମୟରେ ସମସ୍ତ ସୋସାଇଟିରେ ସିସି ଟିଭି କ୍ୟାମେରା ବାଧ୍ୟତାମୂଳକ ଥିବାବେଳେ କୁମାରଙ୍ଗ ସୋସାଇଟିରେ ଲାଗିଥିବା କ୍ୟାମେରାକୁ ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ସେକ୍ରେଟାରୀ ସାହୁ ସକାଳେ ଅଫିସ ଖୋଲିବା ବେଳେ ସିସିଟିଭି କ୍ୟାମେରା ଚୋରି ହୋଇଥିବା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଯୋଗାଣ ନିରୀକ୍ଷକ ଶିବପ୍ରସାଦଙ୍କୁ 'କବି ସୌରଭ' ଉପାଧି

କୃଷ୍ଣପ୍ରସାଦ,୨୬।୧୨(ଡି.ଏନ୍.ଏ.): ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତିଙ୍କୁ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ପକ୍ଷରୁ 'କବି ସୌରଭ' ଉପାଧିରେ ସମ୍ମାନିତ କରାଯାଇଛି। ଜଣେ ଦକ୍ଷ ପ୍ରଶାସକ ଏବଂ ସୁଲେଖକଭାବେ ସେ ବିଭିନ୍ନ ମହଲରେ ଜଣାଶୁଣା। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଅନେକ କାବ୍ୟ କବିତା ପ୍ରକାଶ ପାଇଛି। ପୂର୍ବରୁ ମଧ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି।

### ନୂତନ କର୍ମକର୍ତ୍ତା ଚୟନ

ଟାଙ୍ଗୀ(ଖୋର୍ଦ୍ଧା),୨୬।୧୨(ଡି.ଏନ୍.ଏ.): ଗୋପାଳପୁର ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ୧୯୮୯ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ରଣବିଜୁଳି ସାମନ୍ତସିଂହାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହପାଠୀମାନେ ପୁରୁଣା ସ୍ମୃତି ମନେପକାଇବା ସହ ଉନ୍ନତିମୂଳକ କାର୍ଯ୍ୟ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଆଲୋକ ତ୍ରିପାଠୀ, ଉପସଭାପତି ଜିତେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ନୀଳକଣ୍ଠ ପ୍ରଧାନ, ସହସମ୍ପାଦକ ଦୁର୍ଯ୍ୟୋଧନ ସାହୁ, କୋଷାଧ୍ୟକ୍ଷ ଭାବେ ପ୍ରଦୀପ ସ୍ୱାଇଁ ମନୋନୀତ ହୋଇଛନ୍ତି।

# ପାଇକ ସ୍ମାରକୀ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ

## ଭୂମିପୂଜନ, ଖୁବ୍ ଶୀଘ୍ର ପାଚେରି ନିର୍ମାଣ

ଖୋର୍ଦ୍ଧା ଅଫିସ,୨୬।୧୨

ବହୁ ପ୍ରତୀକ୍ଷିତ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ବାଟ ଫିଟିଲା। ସୋମବାର ପ୍ରସ୍ତାବିତ ସ୍ଥାନରେ ଭୂମିପୂଜା କରାଯାଇ ପାଚେରି ନିର୍ମାଣ ପାଇଁ ମାଟି ଖୋଳାଯାଇଛି। ସ୍ମାରକୀ ନିର୍ମାଣ ଦାୟିତ୍ୱରେ ରହିଥିବା ଇଣ୍ଡିଆନ ଅଏଲ ଫାଉଣ୍ଡେଶନର ସମ୍ପାଦକ ରଞ୍ଜନ ମହାପାତ୍ର ଓ ଜେନେରାଲ ମ୍ୟାନେଜର ଆର୍.ଏଲ. ଗମ୍ଭୀର ଏବଂ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍‌ର ପ୍ରକଳ୍ପ ମୁଖ୍ୟ ଡି. ମିତ୍ର, ବରିଷ୍ଠ ପରିଚାଳକ ଏସ୍.କେ. ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଙ୍ଗଠନର ମୁଖ୍ୟ ସଞ୍ଚାଳକ ଇଂ.ଶିଶିର କୁମାର ନାୟକ, ସଭାପତି ଭୀମସେନ ପ୍ରଧାନ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହ, ଅମରେନ୍ଦ୍ର ମହାପାତ୍ର, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ ଉପସ୍ଥିତ ଥିଲେ। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଆଶାପ୍ରକାଶ କରାଯାଇଛି। ସୂଚନାଥାଉ କି, ପୂର୍ବରୁ ପ୍ରସ୍ତାବିତ ଏ୯.୬୨୫ ଡିସିମିଲ ଜମିକୁ ନେଇ ବିବାଦ ଲାଗି ରହିଥିଲା। ପ୍ରସ୍ତାବିତ ଜମିରେ ଏକ ଘରୋଇ ଶିକ୍ଷାନୁଷ୍ଠାନ କମ୍ପାନୀ ଅଧୀନରେ ରହିଥିବା ନେଇ ବିବାଦ ଉଠିଥିଲା। ଅର୍ଦ୍ଧାଧିକ ଜମି ଜଙ୍ଗଲ ବିଭାଗ ଅଧୀନରେ ରହିଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିରୋଧ ପରେ ଜିଲା ପ୍ରଶାସନ ପକ୍ଷରୁ ରାଜସ୍ୱ, ଜଙ୍ଗଲ ବିଭାଗ, କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ମାପଚୁପ କରିଥିଲେ। ପରେ ପ୍ରସ୍ତାବିତ ଜମି ରାଜସ୍ୱ ବିଭାଗର ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟର ଯୋଗାଇବା ନେଇ ବିଭିନ୍ନ ମହଲରେ ଦାବି ହେବା ପରେ ରାଜ୍ୟ ସରକାର ଗତ ସେପ୍ଟେମ୍ବର ୧୯ରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଫ୍ରିପ୍ରିମିୟମରେ ଜମି ଯୋଗାଇ ଦେଇଥିଲେ। ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲା ପ୍ରଶାସନ ଏବଂ ଅଏଲ ଡିପାର୍ଟମେଣ୍ଟ ଉପସ୍ଥିତିରେ ଜମିର ସ୍ଥିତି ଅନୁଧ୍ୟାନ କରିଥିଲେ। ଖୁବ୍‌ଶୀଘ୍ର ପ୍ରସ୍ତାବିତ ଜମିରେ ପାଚେରି ନିର୍ମାଣ ଲାଗି ପରାମର୍ଶ ଦେଇଥିଲେ। ନିକଟରେ ରାଜସ୍ୱ ବିଭାଗ କର୍ମଚାରୀ ଜମିର ମାପଚୁପ କରି ପଥର ଖଣ୍ଡ ଦେଇଥିଲେ। ସୋମବାର ବିଧିବଦ୍ଧ ଭାବେ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରକାଶ ଯେ, ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷବ୍ୟାପୀ ବିଭିନ୍ନ ସଭା, ସମିତି, ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। ତେବେ ନିର୍ମାଣ କାର୍ଯ୍ୟରେ ବିଳମ୍ବ ନେଇ ବିଭିନ୍ନ ପାଇକ ସଙ୍ଗଠନ, ସାମାଜିକ ଅନୁଷ୍ଠାନ ତୀବ୍ର ବିରୋଧ କରିଆସୁଥିଲେ। ଏବେ ଏହାର ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଖୁସିର ଲହରି ଖେଳିଯାଇଛି।


ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳରେ ଭୂମିପୂଜନ କରାଯାଉଛି।

# ଦଳକ ଗାଁର ୩ ସ୍ଥାନରେ ବୋମାମାଡ଼

## ଗ୍ରାମବାସୀ ଭୟଭୀତ

ବେଗୁନିଆ,୨୬।୧୨(ଡି.ଏନ୍.ଏ.)

ବେଗୁନିଆ ଥାନା ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଳକ ଗାଁରେ ରବିବାର ରାତିରେ ୩ ସ୍ଥାନରେ ବୋମାମାଡ଼ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଏହାକୁ ବାଣ ଫୁଟିଥିବା ରୂପ ଦିଆଯାଉଥିବା ବେଳେ ଅସାମାଜିକ ଯୁବକଙ୍କ ଭୟରେ କେହି ମୁହଁ ଖୋଲୁନାହାନ୍ତି। ତେବେ ଏହି ଘଟଣା ପରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ସୂଚନା ମୁତାବକ, ମଳିପଡ଼ା ଗ୍ରାମ ନିକଟ ଠାକୁରାଣୀଙ୍କ ପୀଠ ପରିସରରେ ଭୋଜି ହେଉଥିଲା। କେତେଜଣ ଯୁବକ କୌଣସି କାରଣ ନେଇ ଗାଳିଗୁଲଜ କରୁଥିବା ଦେଖି କେହି ଜଣେ ବାରଣ କରିଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ କେତେଜଣ ଯୁବକ ଦଳକ ଗ୍ରାମର ସ୍କୁଲ ଖେଳପଡିଆ, ଆଶ୍ରମ ନିକଟ ଏବଂ ମଣ୍ଡପ ନିକଟରେ ୭ରୁ ୮ଟି ବୋମା ମାଡ଼ କରିଥିବା ଜଣାପଡ଼ିଛି।

# ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ



ବିଜ୍ଞାନମେଳାରେ ଯୋଗଦେଇଥିବା ଅତିଥିମାନେ।

ବାଲୁଗାଁ,୨୬।୧୨(ଡି.ଏନ୍.ଏ.)

ଚିଲିକା ବ୍ଲକ ଅନ୍ତର୍ଗତ ଡିଏଭି ଗୁରୁକୁଳ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ବିଜ୍ଞାନମେଳାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଅତିଥିଭାବେ ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ନନ୍ଦ, ବିଟ୍ ଶିକ୍ଷାନୁଷ୍ଠାନର ଇଂଲିଶ୍ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦାସ, ଗୋପାଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ରବି ନାରାୟଣ ଦାଶ ଯୋଗଦେଇଥିଲେ। ଅନ୍ତିମ ଦିବସ ମେଳାରେ ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶ୍ରେଷ୍ଠ ବିବେଚିତ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ପିଲାଙ୍କ ମନୋବଳ, ବିଜ୍ଞାନ ପ୍ରତି ଆକୃଷ୍ଟତା ଓ ନୂତନ ଚିନ୍ତାଧାରାକୁ ଆଧାର କରି ପ୍ରତ୍ୟେକ ବର୍ଷ ଏଭଳି ବିଜ୍ଞାନମେଳା ବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଶିକ୍ଷା ବିଭାଗ ମୁଖ୍ୟ ଜ୍ୟୋତି ପ୍ରକାଶ ତ୍ରିପାଠୀ କହିଥିଲେ। ଆସନ୍ତା ବର୍ଷ ଏଠାରେ ଜିଲାସ୍ତରୀୟ ବିଜ୍ଞାନମେଳା କରାଯିବ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଅଧ୍ୟକ୍ଷା ମିତା ମହାପାତ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏହି ବିଜ୍ଞାନମେଳାକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# 'ଏଇ ସହକାର' ଓଡ଼ିଆ ସାହିତ୍ୟର ପଥ ପ୍ରଦର୍ଶକ



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କୃଷ୍ଣପ୍ରସାଦ,୨୬।୧୨(ଡି.ଏନ୍.ଏ.)

ମାନସିଂହ ସାହିତ୍ୟ ସଂସଦର ମୁଖପତ୍ର 'ଏଇ ସହକାର' ମାନସିଂହଙ୍କ ଜନ୍ମପୀଠ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳାଠାରେ ଉନ୍ମୋଚିତ ହୋଇଯାଇଛି। ଉକ୍ତ ସାହିତ୍ୟ ସଭାରେ ମୁଖ୍ୟ ଅତିଥିଭାବେ ବ୍ୟଙ୍ଗ କବି ସତ୍ୟାନାଶ, ଲକ୍ଷ୍ମୀକାନ୍ତ ଦଳେଇ, ପତ୍ରିକାର ସମ୍ପାଦକ ଲଳିତ ସ୍ୱାଇଁ, ସଭାପତି ବିଷ୍ଣୁପ୍ରସାଦ ଦଳେଇ ମିଳିତ ଭାବେ ଉନ୍ମୋଚନ କରିଥିଲେ। କବି ବନ୍ଦନା ମିଶ୍ର, ବିଘ୍ନେଶ୍ୱର ସାହୁ, ଡ.ଅଭିମନ୍ୟୁ ଜେନା, ପ୍ରେମାନନ୍ଦ ବେହେରା, କିଶୋର ଚନ୍ଦ୍ର ବିଶୋୟୀ ପତ୍ରିକାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ ସାହିତ୍ୟ ସାଧନା ପାଇଁ ଡ.ସୁଷମା ମିଶ୍ରଙ୍କୁ ସର୍ବୋଚ୍ଚ ସମ୍ମାନ ମାନସିଂହ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗାଳ୍ପିକ ଅଜୟ ମହାପାତ୍ରଙ୍କୁ ମାନସିଂହ ଗଳ୍ପ ସମ୍ମାନ, ଲକ୍ଷ୍ମୀକାନ୍ତ ଦଳେଇଙ୍କୁ ସମାଜ ସଂସ୍କାରକ ସମ୍ମାନ ପ୍ରଦାନ ସହିତ ସୁରେଶ ଚନ୍ଦ୍ର ଚୌହାନ, ବନ୍ଦନା ପଣ୍ଡା, ମୋଚିରାମ ବିଶ୍ୱାଳଙ୍କୁ ସାରସ୍ୱତ ସାଧକ ସମ୍ମାନ ପ୍ରଦାନ କରାଯାଇଥିଲା। 'ଏଇ ସହକାର' ଓଡ଼ିଆ ସାହିତ୍ୟର ପଥ ପ୍ରଦର୍ଶକ ବୋଲି ମତପ୍ରକାଶ ପାଇଥିଲା। ବିଭୁତି ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ଲଳିତ କୁମାର ସ୍ୱାଇଁଙ୍କ ପୁସ୍ତକ 'ରିହା', ସୁରେଶ ଚନ୍ଦ୍ର ଚୌହାନଙ୍କ 'ମହାକୋଶଳ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ରାଜ୍ୟସ୍ତରୀୟ କବିତା ଆସରକୁ ସଂଯୋଜକ ବିଦ୍ୟାଧର ଦଳବେହେରା ଓ ସହସମ୍ପାଦକ ରାଜ କିଶୋର ନାୟକ ପରିଚାଳନା କରିଥିଲେ। ବିଦେଶୀ ନାୟକ, ବନବିହାରି ପଟ୍ଟନାୟକ, ବସନ୍ତ ନାୟକ, ଅଶୋକ ପଣ୍ଡା, ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ, ଦାଶରଥି ପଡିଆରୀ, ସ୍ୱାଗତିକା ବାହିନୀପତି, ଅଞ୍ଜନା ବେହେରା, ବିଳାସିନୀ ପଟ୍ଟନାୟକ ଉପସ୍ଥିତ ଥିଲେ। ୬୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଲକ୍ଷ୍ମୀ ନାରାୟଣ ଦାଶ, ସଞ୍ଜୟ ପଣ୍ଡା, ସତ୍ୟନାରାୟଣ ଦଳେଇ, ଭାଗୀରଥି ବେହେରା, ସନାତନ ତରେଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା

ଖୋର୍ଦ୍ଧା ଅଫିସ,୨୬।୧୨

ପୁରୁଷ ବିଶ୍ୱକପ୍ ହକି ଟ୍ରଫି ଖୋର୍ଦ୍ଧା ଗସ୍ତ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଟ୍ରଫି ସହ ପ୍ରଶାସନିକ ଅଧିକାରୀମାନେ ଠିଆ ହୋଇ ଫଟୋ ଓ ସେଲ୍ଫି ନେଉଥିଲେ। ତେବେ କେତେଜଣ ଖବରଦାତା ଟ୍ରଫି ସହ ଫଟୋ ଉଠାଇବା ବେଳେ ତହସିଲଦାର ଇପସିତ ସାହୁ ବାରଣ କରିବା ଏବଂ ଦୁର୍ବ୍ୟବହାର ପ୍ରଦର୍ଶନ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ବିରୋଧ କରିଥିଲେ। ଏପରିକି ଟାଉନହଲରେ କିଛି ସମୟ ଧରି ତହସିଲଦାର ଏବଂ ଖବରଦାତାମାନେ ମୁହାଁମୁହିଁ ହୋଇଥିଲେ। ଏନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏଡିଏମ ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଉପଜିଲାପାଳ ଦିପ୍ତିରଞ୍ଜନ ସେଠୀ ଆଲୋଚନା କରିଥିଲେ। ଖୋର୍ଦ୍ଧା ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ଓୟୁଜେର ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନକଲେ, ଆଗାମୀ ଦିନରେ ଜିଲା ପ୍ରଶାସନର କାର୍ଯ୍ୟକୁ ବର୍ଜନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଗଣମାଧ୍ୟମ ପ୍ରତିନିଧି ଚେତାବନୀ ଦେଇଛନ୍ତି। ଜିଲାପାଳ ଚକ୍ରବର୍ତ୍ତୀ କୁହନ୍ତି, ଏନେଇ ତହସିଲଦାରଙ୍କୁ ତାଗିଦ୍ କରିଛି। ଉପଜିଲାପାଳ ସେଠୀ କହିଥିଲେ, ଖବରଦାତା ଓ ତହସିଲଦାରଙ୍କ ମଧ୍ୟରେ ରହିଥିବା ମତାନ୍ତର ଦୂର ଲାଗି ଚେଷ୍ଟା ସତ୍ତ୍ୱେ ଖବରଦାତା ମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଅନ୍ୟପକ୍ଷରେ ତହସିଲଦାର ସାହୁ କୁହନ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଟ୍ରଫି ସହ ଫଟୋ ଉଠାଇବାକୁ କହିବାରୁ ଖବରଦାତା ମାନେ ହଠାତ୍ ରାଗି ସେଠାରୁ ପଳାଇଥିଲେ ବୋଲି ସେ କହିଛନ୍ତି।

# ଡି.ପୁରନ୍ଦେଶ୍ୱରୀଙ୍କ ସଭାସ୍ଥଳ ପରିଦର୍ଶନ



## ୨୮ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ବାଣପୁର ଗସ୍ତ

ବାଣପୁର,୨୬।୧୨(ଡି.ଏନ୍.ଏ.)

ଆସନ୍ତା ୨୮ ତାରିଖରେ ଓଡ଼ିଶା ଆସିବେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଯୋଗଦେବେ ନଡ୍ଡା। ଏନେଇ ସୋମବାର ଭାଜପା ରାଜ୍ୟପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ବାଣପୁର ପଲଟଣ ପଡିଆରେ ପହଞ୍ଚି ସଭାସ୍ଥଳ ଓ ହେଲିପ୍ୟାଡର ସ୍ଥାନ ବୁଲି ଦେଖିଥିଲେ। ଏଥି ସହ ଭାଜପା କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଭାଜପା ମୁଖପାତ୍ର ପୃଥ୍ୱୀରାଜ ହରିଚନ୍ଦନ, ଅମିୟ ଦାସ, ଦୁଷ୍ମନ୍ତ ହରିଚନ୍ଦନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ସରପଞ୍ଚ ସୁରେଶ ଚନ୍ଦ୍ର ବାରିକ, ଭଗବାନ ପ୍ରଧାନଙ୍କ ସମେତ ଭାଜପାର ବହୁ ନେତା ଉପସ୍ଥିତ ଥିଲେ।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୬।୧୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ମା'ଚଣ୍ଡୀ ଦେବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ନୀଳସାଗର ପଡ଼ିଆରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ମହଲା ସଭ୍ୟ ଦାଶରଥି ମହାନ୍ତି ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିଥିଲେ। ଜୟ ଦୁର୍ଗା କ୍ରିକେଟ ଟିମ୍ ଟୁବୁକା ଏବଂ ଜୟ ବଜରଙ୍ଗବାଲି କ୍ରିକେଟ ଟିମ୍ ଗୋଲପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟୁବୁକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪୨ ରନ ସଂଗ୍ରହ କରିଥିଲା। ଜବାବରେ ଗୋଲପୁର ୭ ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ସିଦ୍ଧାନ୍ତ ପ୍ରଧାନ, ରୁଦ୍ର ପଲେଇ ମ୍ୟାଚ୍ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଟ୍ରଫିକୁ ଭବ୍ୟ ସ୍ୱାଗତ

ବୋଲଗଡ଼/ବେଗୁନିଆ/ଜଟଣୀ, ୨୬।୧୨(ଡି.ଏନ୍.ଏ.)

ପୁରୁଷ ବିଶ୍ୱକପ୍ ହକି ଟ୍ରଫି ସୋମବାର ନୟାଗଡ଼ରୁ ଆସି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ବିଜିପୁରଠାରେ ପହଞ୍ଚିଥିଲା। ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ସନ୍ତୋଷିନୀ ଦାସ ଓ ଏବିଡିଓ ରତିକାନ୍ତ ମିଶ୍ର ପ୍ରମୁଖ ଟ୍ରଫିକୁ ସ୍ୱାଗତ କରିଥିଲେ। ଗୋପବନ୍ଧୁ ଛକଠାରେ ଟ୍ରଫିକୁ ପ୍ରଶାସନ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଟ୍ରଫିକୁ ବେଗୁନିଆର ଚକାପଦା ଛକ, ଆଦର୍ଶ ବିଦ୍ୟାଳୟ, ବ୍ଲକ ଓ ଥାନା କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରଧାନ, ବିଡିଓ ତଥା ତହସିଲଦାର ଲକ୍ଷ୍ମୀଧର ସାହୁ, ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ, ବିଇଓ ଭାସ୍କର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଟ୍ରଫି ଖୋର୍ଦ୍ଧା ଦେଇ ଜଟଣୀର ନାଇଜର ସମ୍ମୁଖରେ ପହଞ୍ଚିଥିଲା। ଜଟଣୀ ପୌରପରିଷଦର ଅଧ୍ୟକ୍ଷ ଅନନ୍ତ ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ପ୍ରମୁଖ ଟ୍ରଫିକୁ ସ୍ୱାଗତ କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହାପରେ ଟ୍ରଫିକୁ ଶୋଭାଯାତ୍ରାରେ ନିଆଯାଇ ହରିଭାଇନା ଛକ, ମହୁଲିଗୁଡ଼ିଆ ଛକ, ପୋଷ୍ଟ ଅଫିସ ଛକ, ସୀତାରାମ ଛକ, କୁଦିଆରୀ ଦେଇ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ବିଡିଓ ସରୋଜ କୁମାର ରାଉତ, ତହସିଲଦାର ରୁମାନି ଜାଫ୍ରିଙ୍କ ସମେତ ବହୁ ଅଧିକାରୀ କର୍ମଚାରୀ ସାମିଲ ଥିଲେ।


ବୋଲଗଡ଼ରେ ବିଶ୍ୱକପ୍ ହକି ଟ୍ରଫିକୁ ସ୍ୱାଗତ କରାଯାଉଛି।

# 'ହକି ଓଡ଼ିଶାର ପରିଚୟ ସୃଷ୍ଟି କରିଛି'

ଖୋର୍ଦ୍ଧା ଅଫିସ,୨୬।୧୨



କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ବିଧାୟକ ଏବଂ ଅନ୍ୟମାନେ।

ପୁରୁଷ ହକି ବିଶ୍ୱକପ୍ ଟ୍ରଫି ସୋମବାର ଖୋର୍ଦ୍ଧାରେ ପହଞ୍ଚିବା ପରେ ଚଣ୍ଡିଚୁଆ ଛକରେ ଜିଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରୁ ଶୋଭାଯାତ୍ରାରେ ପାରମ୍ପରିକ ଲୋକନୃତ୍ୟ, ବାଦ୍ୟଯନ୍ତ୍ରର ତାଳେ ତାଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, କ୍ରୀଡ଼ାପ୍ରେମୀ ଟାଉନହଲ ପର୍ଯ୍ୟନ୍ତ ଯାଇଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଲୋକେ ପୁଷ୍ପ ପକାଇ ସମ୍ବର୍ଦ୍ଧନା ଜଣାଇଥିଲେ।

ଏହି ଅବସରରେ ଟାଉନ ହଲ୍‌ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଜିଲା ପରିଷଦ ଚେୟାରମ୍ୟାନ ରୂପଶ୍ରୀରାଣୀ ଗୁମାନ୍‌ସିଂ, ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପଜିଲାପାଳଙ୍କ ସମେତ ଭେଟେରାନ ୫ କ୍ରୀଡ଼ାବିତ୍ ମଞ୍ଚାସୀନ ଥିଲେ। ବିଧାୟକ ମିତ୍ର କହିଥିଲେ, ରାଜ୍ୟ ସରକାର ବିଦ୍ୟାଳୟର ରୂପାନ୍ତରଣ ସହ କ୍ରୀଡ଼ା ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ହକିର ହବ୍ ପାଲଟିଛି। ହକି ଆୟୋଜନକୁ ନେଇ ସାରା ଓଡ଼ିଶାରେ ଉତ୍ସାହ ରହିଛି। ସେହିପରି ବିଧାୟକ ରାଉତରାୟ କହିଥିଲେ, ବିଶ୍ୱ ହକି ଜଗତକୁ ଓଡ଼ିଶାର ଦାନ ଅତୁଳନୀୟ। ଦିଲୀପ ତିର୍କୀ ଏବେ ହକି ଇଣ୍ଡିଆର ଅଧ୍ୟକ୍ଷ ହୋଇଛନ୍ତି। ଓଡ଼ିଶା ଆଜି ଜାତୀୟସ୍ତରରେ ଗୌରବାନ୍ୱିତ ହୋଇଛି। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଉତରାୟ କହିଥିଲେ, ହକି ଇତିହାସରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହକିକୁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହିତ କରୁଛନ୍ତି। ରାଜ୍ୟରେ ହକିର ଫିବର ସୃଷ୍ଟି ହୋଇଛି। ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ରାଜ୍ୟ ସରକାର କ୍ରୀଡ଼ାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ମିନି ଷ୍ଟାଡିୟମ ନିର୍ମାଣ ଯୋଜନା କରିଛନ୍ତି। ବିଦ୍ୟାଳୟସ୍ତରରୁ ପିଲାଙ୍କ ମଧ୍ୟରେ କ୍ରୀଡାର ବିକାଶ ଲାଗି ଗୁରୁତ୍ୱ ଦିଆଯାଉଛି। ପିଲାମାନେ ଏଥିପ୍ରତି ଯତ୍ନବାନ୍ ହେବା ଲାଗି ପରାମର୍ଶ ଦେଇଥିଲେ। ଜିଲା କ୍ରୀଡ଼ାଧିକାରୀ ଅଜୟ ବେହେରା ସ୍ୱାଗତ ଭାଷଣରେ ବିଶ୍ୱ ହକି କପ୍‌ର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଜାନୁୟାରୀ ୧୩ରେ ହକି କପ୍ ଉଦ୍‌ଘାଟନ ଦିବସରେ ଜିଲାରେ ଏକ ଗଣଦୌଡ଼ ଆୟୋଜନ କରାଯିବ। ଅତିରିକ୍ତ ଜିଲାପାଳ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଖୋର୍ଦ୍ଧା ତହସିଲଦାର ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଇପ୍‌ସିତ ସାହୁ, ଜଟଣୀ ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ପୌର କର୍ମଚାରୀ ସହଯୋଗ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଟ୍ରଫି ଶୋଭାଯାତ୍ରାରେ ଜଟଣୀ ଅଭିମୁଖେ ବାହାରିଥିଲା। ସଦର ଏସ୍‌ଡିପିଓ ଦିଲୀପ କୁମାର ଦାସ, ଥାନା ଅଧିକାରୀ ତାରିକ୍ ଅହମ୍ମଦ ଶୋଭାଯାତ୍ରା ପରିଚାଳନା କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

## ସଂକ୍ଷେପରେ

### ଦଳକ ଗାଁର ୩ ସ୍ଥାନରେ ବୋମାମାଡ଼ ଗ୍ରାମବାସୀ ଭୟଭୀତ

ବେଗୁନିଆ,୨୬।୧୨(ଡି.ଏନ୍.ଏ.): ବେଗୁନିଆ ଥାନା ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଳକ ଗାଁରେ ରବିବାର ରାତିରେ ୩ ସ୍ଥାନରେ ବୋମାମାଡ଼ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଏହାକୁ ବାଣଫୁଟାର ରୂପ ଦିଆଯାଉଥିବା ବେଳେ ଅସାମାଜିକ ଯୁବକଙ୍କ ଭୟରେ କେହି ମୁହଁ ଖୋଲୁନାହାନ୍ତି। ତେବେ ଏହି ଘଟଣା ପରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ସୂଚନା ମୁତାବକ, ମଳିପଡ଼ା ଗ୍ରାମ ନିକଟ ଠାକୁରାଣୀଙ୍କ ପୀଠ ପରିସରରେ ଭୋଜି ହେଉଥିଲା। କେତେଜଣ ଯୁବକ କୌଣସି କାରଣ ନେଇ ଗାଳିଗୁଲଜ କରୁଥିବା ଦେଖି କେହି ଜଣେ ବାରଣ କରିଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ କେତେଜଣ ଯୁବକ ଦଳକ ଗ୍ରାମର ସ୍କୁଲ ଖେଳପଡିଆ, ଆଶ୍ରମ ଏବଂ ମଣ୍ଡପ ନିକଟରେ ୭ରୁ ୮ଟି ବୋମା ମାଡ଼ କରିଥିବା ଜଣାପଡ଼ିଛି।

### ବିଜେଡି ପ୍ରତିଷ୍ଠା ଦିବସ

ବାଲିପାଟଣା,୨୬।୧୨(ଡି.ଏନ୍.ଏ.): ଅଠାନ୍ତର ଛକସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଜଡେିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏନେଇ ଆୟୋଜିତ ସଭାରେ ଦଳର ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ, ସତ୍ୟଭାମା ବେହେରା, ସଦାଶିବ ଦାଶ, ଦିଲ୍ଲୀପ କୁମାର ବଳିଆରସିଂ, ଜୟଦେବ ଯୁବ ସଭାପତି ସନ୍ଦୀପ୍ତ ସେନାପତି, ମହମ୍ମଦ ଜାକିର ହୁସେନ, କାଶୀନାଥ ବାରିକ, ନବକୃଷ୍ଣ ସାହୁ, ଉର୍ମିଳା ବେହେରା, ସତ୍ୟପୀର ସେଠୀ, ବାବୁ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ମାଗେ ମେଲାଣି ସନ୍ଧ୍ୟାରେ ଝୁମିଲେ ଶ୍ରୋତା

ଭୁବନେଶ୍ୱର,୨୬।୧୨(ବ୍ୟୁରୋ): ସଂଭାବନା ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ରର କିଛି ମନଛୁଆଁ ଲଘୁ ଶାସ୍ତ୍ରୀୟ ସଂଗୀତର ଆସରକୁ ନେଇ ମାଗେ ମେଲାଣି କାର୍ଯ୍ୟକ୍ରମ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଭାବନାର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବର ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଓଡିଶା ହାଉସିଂ ବୋର୍ଡର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ସିପିଆଇର ସର୍ବ ଭାରତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ୨୦୨୨ ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରୁଷ୍ଟି ସ୍ମୃତି ମହାନ୍ତି ପରିଚାଳନା ଓ ସମ୍ପାଦକ ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତାଳବାଦ୍ୟ ଶିଳ୍ପୀ ଅଜୟ କୁମାର ଚୌଧୁରୀ ଏବଂ ଦୀପ୍ତି ରଞ୍ଜନ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ରୀମନ୍ଦିରରେ ପ୍ରବଳ ଭିଡ଼: ୯ ଛାତ୍ରୀ ଅସୁସ୍ଥ

ପୁରୀ ଅଫିସ, ୨୬।୧୨:

ଶ୍ରୀମନ୍ଦିରରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ପ୍ରାୟ ୭୦ଜଣ ଛାତ୍ରୀଙ୍କ ମଧ୍ୟରୁ ୯ରୁ ଊର୍ଦ୍ଧ୍ୱ ଛାତ୍ରୀ ଭିଡ଼ ଯୋଗୁ ବାଇଶିପାହାଚ ନିକଟରେ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ହୃଦାନନ୍ଦ ହାଇସ୍କୁଲରୁ ୭୦ଜଣ ଛାତ୍ରୀ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ବୁଲାବୁଲି ସାରି ମହାପ୍ରଭୁଙ୍କ ଦର୍ଶନ ଲାଗି ବଡ଼ଦାଣ୍ଡରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡରେ ଦୀର୍ଘ ସମୟ ଧରି ଲମ୍ବା ଧାଡ଼ିରେ ଠିଆ ହୋଇ ରହିବା ପରେ ପରେ ଶ୍ରୀମନ୍ଦିର ବାଇଶିପାହଚ



ପୁରୀ ମୁଖ୍ୟ ଚିକିତ୍ସାଳୟରେ ଆହତ ଛାତ୍ରୀଙ୍କୁ ଚିକିତ୍ସା କରାଯାଉଛି।

ନିକଟରେ ପହଞ୍ଚିଥିଲେ। ତେବେ ଗହଳି ଯୋଗୁ ୯ରୁ ଊର୍ଦ୍ଧ୍ୱ ଛାତ୍ରୀ ବାଇଶିପାହାଚ ନିକଟରେ ଅସୁସ୍ଥ ହୋଇପଡ଼ିଥିଲେ। ଏମାନେ ଅଚେତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ସଙ୍ଗେସଙ୍ଗେ ସମସ୍ତଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଶ୍ରୀମନ୍ଦିର ଭିତରେ ପ୍ରବଳ ଭିଡ଼ ଯୋଗୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଶ୍ରୀମନ୍ଦିର ମଧ୍ୟରେ ପ୍ରବଳ ଭିଡ଼ ରହୁଛି। ଶ୍ରୀମନ୍ଦିର ବାଇଶିପାହାଚ ଦେଇ ଛାତ୍ରୀମାନେ ଯିବାବେଳେ ପ୍ରଥମେ ୬ ଜଣ ଓ କିଛି ସମୟ ପରେ ଆଉ ୩ଜଣ ଛାତ୍ରୀ ବେହୋସ୍ ହୋଇପଡ଼ିଥିଲେ। ଅଚେତ ଛାତ୍ରୀଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ଛାତ୍ରୀମାନଙ୍କ ମଧ୍ୟରେ ସୁଭଦ୍ରା ଦାସ, ଲିଜା ଟୁଡୁ, କ୍ରିଷ୍ଟା ପରିଡା, ଇତିଶ୍ରୀ ଜେନା, ବିଷ୍ଣୁପ୍ରିୟା ବେହେରା, ବର୍ଷାରାଣୀ ପରିଡା, ରଶ୍ମିତା ସାହୁ ଓ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ରହିଛନ୍ତି। ଏମାନେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ବୋଲି ସୂଚନା ମିଳିଛି। ଚିକିତ୍ସା ପରେ ଛାତ୍ରୀମାନେ ସୁସ୍ଥ ଥିବା ସୂଚନା ମିଳିଛି। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ମରିଚିକୋଟ୍ ଛକରୁ ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଛି। ଉକ୍ତ ବ୍ୟାରିକେଡ ଦେଇ ଦେଇ ଲକ୍ଷ ଲକ୍ଷ ଭକ୍ତ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। ତେବେ ଆଗକୁ ନୂଆବର୍ଷ ଆସୁଥିବା ବେଳେ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶା ରହିଛି। ତେଣୁ ଏପରି ଅଘଟଣକୁ ଏଡାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ରୀତା, ଗୌରୀଶଙ୍କର ପିଏସ୍ଆଇ କାର୍ଯ୍ୟକାରିଣୀ ସଦସ୍ୟ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ଲେଜର, ନ୍ୟୁଟ୍ରନ୍‌ବିମ୍ ଓ ପ୍ଲାଜା ସମ୍ବନ୍ଧୀୟ ଗବେଷଣାକୁ ବିଶ୍ୱବିଦ୍ୟାଳୟ ଓ ଜାତୀୟ ଗବେଷଣାଗାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ପାୱାରବିମ୍ ସୋସାଇଟି ଅଫ୍ ଇଣ୍ଡିଆ (ପିଏସ୍ଆଇ)ର ସାଧାରଣ ସଭା କୋଏମ୍ବାଟୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଭା ପାରମାଣବିକ ଗବେଷଣା କେନ୍ଦ୍ରରେ ବିମ୍ ଟେକ୍ନୋଲୋଜି ଡେଭଲପମେଣ୍ଟ ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ଅର୍ଚ୍ଚନା ଶର୍ମା ସଭାପତି ଓ ସମ୍ପାଦକ ଭାବେ ଡ. ରାମଚନ୍ଦ୍ରନ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ରୂପେ ଭାଭା ପାରମାଣବିକ ଗବେଷଣା କେନ୍ଦ୍ରର ଆସେଲେରେଟର ଓ ପଲ୍ସ ପାୱାର ଡିଭିଜନର ବିଭାଗୀୟ ମୁଖ୍ୟ ବକ୍ସିତ ସିଂହ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ମୁମ୍ବାଇସ୍ଥିତ ବୀରମାତା ଜିଜାବାଇ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟର ଡ. କ୍ରିଷ୍ଣା କନକଗିରି, ସଂଯୁକ୍ତ ସଚିବ ଭାବେ ଗାନ୍ଧୀନଗରସ୍ଥିତ ଇନଷ୍ଟିଚ୍ୟୁଟର ଫର୍ ପ୍ଲାଜା ରିସର୍ଚ୍ଚର ବରିଷ୍ଠ ବୈଜ୍ଞାନିକ ଡ. ବାଲା ସୁବ୍ରମଣିଆନ୍ ଓ ଭାଭାର ବରିଷ୍ଠ ବୈଜ୍ଞାନିକ ଡ. ଏମ୍.ଏନ୍. ଝା ସଂଯୁକ୍ତ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଭାରତର ବିଭିନ୍ନ ପ୍ରାନ୍ତରୁ ୪ଜଣ ଶିକ୍ଷାବିତ୍ ଓ ଗବେଷକ କାର୍ଯ୍ୟକାରିଣୀ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ରୀତା ପାଇକରାୟ, ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ମାଧବ କୁଲକର୍ଣ୍ଣୀ, ସେଣ୍ଟର ଫର୍ ପ୍ଲାଜା ଫିଜିକ୍ସ, ଗୌହାଟୀର ବରିଷ୍ଠ ବୈଜ୍ଞାନିକ ଡ. ମୟୂର କାକାତି, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା ଅଧାପକ ଡ. ଗୌରୀଶଙ୍କର ସାହୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ବୈଜ୍ଞାନିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଡ. ପଦ୍ମନାଭନ୍, ଡ. ଭେଙ୍କଟରମଣଙ୍କ ସମେତ ୬ଜଣ ବରିଷ୍ଠ ଗବେଷକ ସ୍ଥାନ ପାଇଛନ୍ତି।





ଭୁବନେଶ୍ୱର ରୟାଲ ହାୟର ସେକେଣ୍ଡାରୀ ହାଇସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିଠାରେ ଅନୁଷ୍ଠିତ ଇଟିକିଲି ମିଟିକିଲି ରୌପ୍ୟଜୟନ୍ତୀ ଉତ୍ସବର ଉଦ୍‌ଯାପନ ଅବସରରେ ଅତିଥିଙ୍କ ଗହଣରେ କୁନି କୁନି ପିଲାମାନେ।

## ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)

ଜଙ୍ଗଲ କ୍ଷୟ ଯୋଗୁ ବିଶ୍ୱ ତାପମାନ ବୃଦ୍ଧି ପାଉଛି। ପରିବେଶ ପ୍ରତି ଏହା ବିପଦ ସୃଷ୍ଟି କରୁଥିବାରୁ ଏହାର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ହେବା ଉଚିତ ବୋଲି ଯୁବ ଗଣମାଧ୍ୟମ ପ୍ରତିନିଧି ମତ ଦେଇଛନ୍ତି। ଚନ୍ଦକା ଜଙ୍ଗଲ ଅନ୍ତର୍ଗତ ଝୁମୁକା ଜଳଭଣ୍ଡାରଠାରେ ରବିବାର 'ପର୍ବତ ସୁରକ୍ଷା ଦିବସ' ପାଳିତ ହୋଇ ଯାଇଛି। ଏଥିରେ ଅମିତ କଲେଜ ସାମ୍ବାଦିକତା ବିଭାଗର ପୂର୍ବତନ ଛାତ୍ରୀଛାତ୍ର ତଥା ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଯୋଗଦେଇଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ଧଡା ଏବଂ ସୁବ୍ରତ ପତିଙ୍କ ତତ୍ତ୍ୱାବଧାନରେ ପର୍ବତ ସୁରକ୍ଷା ସମ୍ପର୍କୀତ ଆଲୋଚନା ହୋଇଥିଲା। ବିଭିନ୍ନ କାରଣକୁ ନେଇ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଥିବାରୁ ପାହାଡ଼ ପର୍ବତ ମାତ୍ର ଅଳ୍ପ କେତୋଟି ବର୍ଷରେ ଉଦ୍ଭିଦ ଶୂନ୍ୟ ହୋଇ ପଥରଗଦାରେ ପରିଣତ ହେଉଛି। ଏହା ସୂର୍ଯ୍ୟ କିରଣର ତାପକୁ ଅତି ମାତ୍ରାରେ ଗ୍ରହଣକରି ବିକିରଣ କରୁଛି। ଅପରପକ୍ଷେ ପର୍ବତ ଟାଙ୍ଗର-ପଥର ଗଦାରେ ପରିଣତ ହେଲେ ସେ ସବୁକୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଉଦ୍ଦେଶ୍ୟରେ ତାଡିନେଇ ନିଶ୍ଚିହ୍ନ କରିଦିଆଯାଉଛି। ତେଣୁ ଜଙ୍ଗଲ ନିଶ୍ଚିହ୍ନ ହେବା କ୍ଷେତ୍ରରେ ନିଆଁ ପ୍ରଥମ ସୋପାନ ହୋଇଥିବାରୁ ଏ ଦିଗରେ ସଚେତନତା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ସାଧାରଣତଃ ଓଡ଼ିଶାରେ ଡିସେମ୍ବର ଶେଷ ଓ ଜାନୁୟାରୀ ଆରମ୍ଭରୁ ଜଙ୍ଗଲଗୁଡିକରେ ନିଆଁ ଲଗାଇ ଦିଆଯାଉଥିବାରୁ କଲେଜର ଛାତ୍ରୀଛାତ୍ର ପ୍ରତିବର୍ଷ ଡିସେମ୍ବର ୨୫ରୁ ଜାନୁୟାରୀ ୧ ମଧ୍ୟରେ ପର୍ବତ ସୁରକ୍ଷା ଦିବସ ପାଳନ କରୁଛନ୍ତି।

## ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକଙ୍କ ସିଫା ପରିଦର୍ଶନ

ପିପିଲି/ବାଲକାଟୀ, ୨୬।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ସୋମବାର କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା (ସିଫା) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଦ୍ୱାରା ପ୍ରତିଷ୍ଠିତ ବ୍ୟବସାୟ ଉନ୍ନୟନ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏଥିସହ ବାହାର ରାଜ୍ୟର ବୈଜ୍ଞାନିକଙ୍କ କିଛି ରିସର୍ଚ୍ଚ ମଡେଲ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ନୂତନ କେନ୍ଦ୍ରଟି ଜଳ କୃଷି ଉଦ୍ୟୋଗୀଙ୍କୁ ବୈଜ୍ଞାନିକ ଜ୍ଞାନକୌଶଳ ହାସଲ କରିବା ପାଇଁ ସହାୟକ ହେବ ବୋଲି ଡ. ପାଠକ ଏବଂ ବରିଷ୍ଠ ବୈଜ୍ଞାନିକ ନଗେଶ ବାରିକ କହିଥିଲେ। ଏହି ଅବସରରେ ସିଫା ପରିସରରେ ଅବସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର

### ବ୍ୟବସାୟ ଉନ୍ନୟନ କେନ୍ଦ୍ର ଉଦ୍‌ଘାଟନ କଲେ

ଖୋର୍ଦ୍ଧାଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଆୟୋଜିତ ଏକ ପ୍ରଦର୍ଶନୀ ବୁଲି ଦେଖିଥିଲେ। ପରେ ଭୁବନେଶ୍ୱର ଓ କଟକଠାରେ ଅବସ୍ଥିତ ଆଇସିଏଆର୍ ସଂସ୍ଥାଗୁଡ଼ିକର ମୁଖ୍ୟ ଓ ସିଫା କର୍ମଚାରୀଙ୍କ ସହ କଥା ହୋଇଥିଲେ। କୃଷକ ସମୁଦାୟ ପାଇଁ ସ୍ଥାପିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସମସ୍ତ ସୀମାରେଖାକୁ କୋହଳ କରି 'ୱାନ୍ ଆଇସିଏଆର୍' ପ୍ରତିଷ୍ଠା କରିବାକୁ ଗୁରୁତ୍ୱ ଦେଇଥିଲେ। ଡ. ପାଠକଙ୍କ ଗସ୍ତ ସମୟରେ ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ ସ୍ୱାଇଁ ସିଫା ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର କୃତିତ୍ୱ ଓ କାର୍ଯ୍ୟାବଳୀଗୁଡ଼ିକର ବିବରଣୀ ପ୍ରଦାନ କରିଥିଲେ।



ସିଫାଠାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଦ୍ୱାରା ପ୍ରତିଷ୍ଠିତ ବ୍ୟବସାୟ ଉନ୍ନୟନ କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଛାତ୍ରଙ୍କୁ କଟୁରିରେ ହାଣିଲେ

ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)

**ପୂର୍ବ ଶତ୍ରୁତାରୁ ଆକ୍ରମଣ ସନ୍ଦେହ**
- ଥାନାରେ ୩ ନାବାଳକ ଅଟକ, ପଚରାଉଚରା ଜାରି
- କଲେଜ ଯିବାକୁ ସାଙ୍ଗଙ୍କୁ ଅପେକ୍ଷା କରିବାବେଳେ ଆକ୍ରମଣ

ରାଜଧାନୀ ଖଣ୍ଡଗିରି ଥାନା ଅନ୍ତର୍ଗତ ୟୁନିଟ-୮ ହାଇସ୍କୁଲ ନିକଟରେ ସୋମବାର ଜଣେ ଛାତ୍ରଙ୍କୁ କଟୁରୀରେ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ଛାତ୍ର ହେଲେ ବରମୁଣ୍ଡା ଅଞ୍ଚଳର ରବୀନ୍ଦ୍ର ସାହୁ (୧୮)। କଟୁରୀ ଚୋଟରେ ରବୀନ୍ଦ୍ରଙ୍କ ବାମ ହାତ ଓ ବାମ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ରବୀନ୍ଦ୍ର ଘଟଣା ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ବିଭିନ୍ନ ଦଫାରେ ଏକ ମାମଲା (ନଂ.୬୨୧/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ଥିବା ଲୋକ ଓ ଅନ୍ୟମାନଙ୍କୁ ପଚରାଉଚରା କରିବା ପରେ ପୋଲିସ ମାମଲାରେ ସମ୍ପୃକ୍ତ ଥିବା ୩ଜଣ ନାବାଳକଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖିଛି। ୩ଜଣ ନାବାଳକଙ୍କୁ ପଚରାଉଚରା କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ପୋଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ରବୀନ୍ଦ୍ରଙ୍କ ସାଙ୍ଗ ବିଜୁଙ୍କ ଘର ୟୁନିଟ-୮ ହାଇସ୍କୁଲ ନିକଟରେ। ବିଜୁଙ୍କ ସହ କଲେଜ ଯିବାକୁ ରବୀନ୍ଦ୍ର ଦିନ ପ୍ରାୟ ୧୧ଟା ୩୦ରେ ତାଙ୍କ ଘର ନିକଟକୁ ଯାଇଥିଲେ। ରାସ୍ତା କଡ଼ରେ ରବୀନ୍ଦ୍ର ଠିଆ ହୋଇ ସାଙ୍ଗଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ୩ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ତାଙ୍କ ପାଖକୁ ଆସି ଏକ କଟୁରୀରେ ହଠାତ୍ ଆକ୍ରମଣ କରିଥିଲେ। ରବୀନ୍ଦ୍ର ଚିତ୍କାର କରୁଥିବାବେଳେ ଆକ୍ରମଣକାରୀମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଥିଲେ। ଏନେଇ ସାଙ୍ଗ ବିଜୁ ଓ ସ୍ଥାନୀୟ ଲୋକମାନେ ଆସି ରବୀନ୍ଦ୍ରଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

# ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ ଉଦ୍‌ଯାପିତ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ଭଞ୍ଜକଳାମଣ୍ଡପରେ ସୋମବାର ଊନବିଂଶ ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଭା ରହିଛି, ସେମାନେ ଯଦି ଏହାକୁ ଠିକ୍ ଭାବେ ଉପଯୋଗ କରିବେ ତାହା ତାଙ୍କୁ ଭବିଷ୍ୟତରେ କଳାକ୍ଷେତ୍ରରେ ପାରଦର୍ଶିତା ଲାଭ କରିବେ ବୋଲି କହିଥିଲେ। ସମ୍ମାନନୀୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ.ହୃଷୀକେଶ ମଲ୍ଲିକ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଅତିରିକ୍ତ ଶାସନ ସଚିବ ବିଶିକେଶନ ଦେହୁରୀ, ପୂର୍ବତଟ ରେଳପଥର ବରିଷ୍ଠ ଜନସମ୍ପର୍କ ଅଧିକାରୀ ନିରାକାର ଦାସ, ସାମାଜିକ କର୍ମୀ ରଣଧୀର ଜେନା, ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ ଚେୟାରମ୍ୟାନ କୈଳାସ ମିଶ୍ର, ସ୍କୁଲର ଅଧକ୍ଷା ମିନାକ୍ଷୀ ପଟ୍ଟନାୟକ, ଟ୍ରଷ୍ଟି ସୁନୀତା ମହାନ୍ତି ଓ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର ନିର୍ଦ୍ଦେଶିକା ଦେବସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଭଞ୍ଜକଳାମଣ୍ଡପରେ ସୋମବାର ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ କରୁଛନ୍ତି।

# ମାନସିକ ବିକାରଗ୍ରସ୍ତ ହେଉଛନ୍ତି ସ୍ୱାବଲମ୍ବୀ

### ରୋଜଗାର ଦେଉଛି 'ସ୍ୱାଭିମାନ କକ୍ଷ'

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ସେମାନେ ବାସହୀନ ଓ ମାନସିକ ବିକାରଗ୍ରସ୍ତ। କିନ୍ତୁ ଟିକେ ସାହାଯ୍ୟ ସହାନୁଭୂତି ପାଇଲେ ସ୍ୱାବଲମ୍ବୀ ହେବାର ଆଶା ସେମାନଙ୍କ ମନରେ ସୃଷ୍ଟି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବାସହୀନଙ୍କ ପାଇଁ ଉଦ୍ଦିଷ୍ଟ ଏକାମ୍ର ନୀଳୟରେ ଆରମ୍ଭ ହୋଇଛି 'ସ୍ୱାଭିମାନ କକ୍ଷ'। ବାସହୀନ ତଥା ମାନସିକ ବିକାରଗ୍ରସ୍ତଙ୍କୁ ଭିକ୍ଷାବୃତ୍ତିରୁ ନିବୃତ୍ତ କରିବା ତଥା ସ୍ୱାଭିମାନ କରିବା ଉଦ୍ଦେଶ୍ୟରେ ଏହି ଯୋଜନା କରାଯାଇଛି। ରବିବାର ଜନପଥରେ ଆୟୋଜିତ ପଥୋତ୍ସବରେ 'ସ୍ୱାଭିମାନ କକ୍ଷ' ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଫିନାଇଲ୍, ପାପୋଛ ସହ ଅନ୍ୟାନ୍ୟ ଜିନିଷର ବେଶ୍ ଚାହିଦା ରହିଥିଲା। ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ଘରୋଇ ଉପକରଣ ପ୍ରସ୍ତୁତି ପାଇଁ ପ୍ରାୟ ୧ମାସ ହେଲା ଏକାମ୍ର ନୀଳୟରେ ତାଲିମ ପ୍ରଦାନ ଆରମ୍ଭ ହୋଇଛି। ଓଡ଼ିଶା ପତିତା ଉଦ୍ଧାର ସମିତି ପକ୍ଷରୁ ଏହି ସମସ୍ତ



'ସ୍ୱାଭିମାନ କକ୍ଷ'ରେ ଦିବ୍ୟାଙ୍ଗମାନେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି।

କାର୍ଯ୍ୟ ପରିଚାଳନା କରାଯାଉଛି।

ଏକାମ୍ର ନୀଳୟରେ ୯୬ ଅନ୍ତେବାସୀ ରହିଥିବାବେଳେ ୧୫ ଜଣ ମାନସିକ ବିକାରଗ୍ରସ୍ତଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ୯ ମହିଳା ଏବଂ ୬ ଜଣ ପୁରୁଷ ଅଛନ୍ତି। ଫିନାଇଲ୍ ବୋତଲ, ଝୋଟ ଓ ନଡ଼ିଆ କତାରୁ ବିଭିନ୍ନ ଘରୋଇ ଉପକରଣ ପ୍ରସ୍ତୁତ କରୁଛନ୍ତି। ବର୍ତ୍ତମାନ ସେମାନଙ୍କୁ ହାତଖର୍ଚ୍ଚ ଦିଆଯାଉଥିବା ଓଡ଼ିଶା ପତିତା ଉଦ୍ଧାର ସମିତିର ସମ୍ପାଦିକା ଆଭାରାଣୀ ଚୌଧୁରୀ କହିଛନ୍ତି। ସେମାନେ ନିଜର ଆଧାର କାର୍ଡ ହଜାଇ ଦେଇଥିବାରୁ ବ୍ୟାଙ୍କରେ ଖାତା ଖୋଲିବା ସମ୍ଭବ ହୋଇ ନ ଥିବା ସେ କହିଛନ୍ତି। ଆଗାମୀ ଦିନରେ କାମ କରୁଥିବା ଲୋକଙ୍କୁ ସେମାନଙ୍କ ପାରିଶ୍ରମିକ ସିଧା ବ୍ୟାଙ୍କଖାତାକୁ ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସମ୍ମାନିତ ମୀନା କୁମାରୀଙ୍କୁ ସ୍ୱାଗତ

ନିଆଳି,(ଡି.ଏନ୍.ଏ.): ନିଆଳି ଅଞ୍ଚଳର କାନପୁର ଗ୍ରାମର ଝିଅ ମିନା କୁମାରୀଙ୍କୁ ବଡ଼ଦିନରେ କଟକର ଏକ କାର୍ଯ୍ୟକ୍ରମରେ ''ଉତ୍କଳ ଜ୍ୟୋତି''ରେ ସମ୍ମାନିତ କରାଯାଇଥିଲା। ମଙ୍ଗଳବାର ନିଆଳିଠାରୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମିନାଙ୍କୁ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ କଟକ ଶହୀଦ୍ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ''ଉତ୍କଳ ଜ୍ୟୋତି'' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେ ଏକାଧାରାରେ ଜଣେ ସୁଶିକ୍ଷୟିତ୍ରୀ ହୋଇଥିବା ବେଳେ ସମାଜ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ତାଙ୍କୁ ନିଆଳିର ବିକାଶ ପରିଷଦ,ସ୍ୱପ୍ନା ଫାଉଣ୍ଡେସନ୍, ଗାନ୍ଧୀ ଯୁବ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଥିଲା।

## ଆଜି କ'ଣ କେଉଁଠି

କଟକ

- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, କଲେଜ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା।
- ୧୭ତମ ମହାନଦୀ ଫେଷ୍ଟିଭାଲର ସପ୍ତମ ସନ୍ଧ୍ୟା, ନେତାଜୀ ଖେଳପଡ଼ିଆ, ପୋତାପୋଖରୀ, ନୂଆବଜାର, ସନ୍ଧ୍ୟା ୬ଟା।
- ଶ୍ରୀ ବିଦ୍ୟା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟୁଜିକ୍ ଆଣ୍ଡ ଆର୍ଟର ବାର୍ଷିକୋତ୍ସବ, ମହାନଦୀ ଭବନ, ସନ୍ଧ୍ୟା ୬ଟା।

# ଧବଳେଶ୍ୱର ପୂଜକ ସମିତିର ଧାରଣା

- ଜିଲାପାଳଙ୍କ ପ୍ରତିଶ୍ରୁତିକୁ ପୂଜକ ସମାଜର ନା
- ଦାବି ପୂରଣ ନ ହେବା ଯାଏ ଅହୋରାତ୍ର ଧାରଣା

ଖୁଣ୍ଟୁଣୀ, ୨୬।୧୨(ଡି.ଏନ୍.ଏ.)

ଗତ ନଭେମ୍ବର ୧ ତାରିଖଠାରୁ ଏପର୍ଯ୍ୟନ୍ତ ଆଠଗଡ଼ର ପ୍ରସିଦ୍ଧ ତଥା ମହାନଦୀ ପଠାରେ ଅବସ୍ଥିତ ବାବା ଧବଳେଶ୍ୱରଙ୍କ ମନ୍ଦିର ୧୪୪ ଧାରା ଜାରି ଯୋଗୁ ବନ୍ଦ ରହିଛି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ବାଡ଼ ହୋଇଛି ୧୫ ବର୍ଷ ତଳେ ନିର୍ମିତ ଏସିଆ ମହାଦେଶର ୨ୟ ବୃହତ ଝୁଲାପୋଲ। ଏଥିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଧବଳେଶ୍ୱରଙ୍କ ୧୧୭ ପୂଜକ ପରିବାର। ଏହାସତ୍ତ୍ୱେ ପୂଜକମାନେ ଦୈନନ୍ଦିନ ମନ୍ଦିର ଯାଇ ଠାକୁରଙ୍କ ସେବା ନୀତି ଅବ୍ୟାହତ ରଖିଛନ୍ତି। ଏମାନଙ୍କୁ ସମସ୍ତ ସାହାଯ୍ୟ ସହଯୋଗ କରାଯିବ ବୋଲି ଜିଲା ଓ ଆଠଗଡ଼ ବ୍ଲକ ପ୍ରଶାସନ ଦେଇଆସୁଥିବା ପ୍ରତିଶ୍ରୁତି ପାଣିର ଗାର ହୋଇରହିଛି। ପୂଜକମାନଙ୍କ ୫ ଦଫା ଦାବିକୁ ଦେବୋତ୍ତର ମୁଖ୍ୟ ଗ୍ରହଣ କରି ନ ଥିବାରୁ ସୋମବାର ସକାଳୁ ପୂଜକ ସମିତି ପକ୍ଷରୁ ଧବଳେଶ୍ୱରଙ୍କ ମୁଖ୍ୟ ପ୍ରବେଶ ଦ୍ୱାର ଆଗରେ ଧାରଣାରେ ବସିଛନ୍ତି। ପୂଜକ ସମାଜ ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା କହିଛନ୍ତି, ସେମାନଙ୍କୁ ପଞ୍ଝୁକ ଓ ବଡ଼ଓଷା ପାଇଁ ପ୍ରତି ପରିବାରକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଉ। ଏଥିସହିତ ଦ୍ୱିତୀୟ କୋଭିଡ୍‌ବେଳେ ଜିଲାପାଳ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଉ, ନଭେମ୍ବର ୯ ତାରିଖଠାରୁ ଡିସେମ୍ବର ପର୍ଯ୍ୟନ୍ତ ସେବାୟତ ପରିବାରଙ୍କୁ ପ୍ରତିପୋଷଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଜାନୁୟାରୀ ପହିଲା ନୂଆବର୍ଷଠାରୁ ସର୍ବସାଧାରଣଙ୍କୁ ଧବଳେଶ୍ୱରଙ୍କ ଦର୍ଶନ ବ୍ୟବସ୍ଥା କରାଯାଉ ଏବଂ ଧବଳେଶ୍ୱରଙ୍କ ପୀଠ ପରିସରରେ ଚାଲିଥିବା ସମସ୍ତ ଉନ୍ନୟନ କାର୍ଯ୍ୟରେ ସେବାୟତମାନଙ୍କୁ



ଧବଳେଶ୍ୱର ମନ୍ଦିର ବନ୍ଦ ନେଇ ପୂଜକ ସମିତି ପକ୍ଷରୁ ମନ୍ଦିର ପ୍ରବେଶ ଦ୍ୱାରରେ ଧାରଣା ଦିଆଯାଇଛି।

ପ୍ରତିନିଧିତ୍ୱର ସୁବିଧା ଦିଆଯାଉ ବୋଲି ପଣ୍ଡା କହିଛନ୍ତି। ଏହି ସବୁ ଦାବି ତୁରନ୍ତ ପୂରଣ କରିବା ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି। ଖବରପାଇ ମଧ୍ୟାହ୍ନରେ ତହସିଲଦାର ପ୍ରିୟବ୍ରତ ଦାସ ଆସି ପୂଜକ ସମାଜକୁ ବୁଝାଇଥିଲେ ମଧ୍ୟ ସେମାନେ ରାଜି ହୋଇ ନ ଥିଲେ। ଅପରାହ୍ନରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଆସି ପୂଜକ ସମାଜ ଦାବି ଯୁକ୍ତିଯୁକ୍ତ, ଏଥିପାଇଁ ଦେବୋତ୍ତର କମିଶନଙ୍କ ପାଖରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିବା ପରେ ମଧ୍ୟ ପୂଜକ ସମାଜ ନିଜ ଜିଦ୍‌ରେ ଅଟଳ ରହିଥିଲେ। ସଭାପତି ବିଷ୍ଣୁ ଚରଣ ପତ୍ରି କହିଛନ୍ତି ଆଉ ଜିଲାପାଳ କିମ୍ବା ଉପଜିଲାପାଳଙ୍କ ଉପରେ ଭରସା ରଖିପାରୁ ନାହୁଁ। ଆମ ଦାବି ମୁତାବକ ଯଦି ପ୍ରାପ୍ୟ ନ ମିଳେ, ଏହି ଧାରଣା ଅହୋରାତ୍ର ଚାଲୁ ରହିବ।

# ବଦଳିଲେ ସିଏମ୍‌ସିର ୪ କନିଷ୍ଠ ଯନ୍ତ୍ରୀ

କଟକ ଅଫିସ, ୨୬।୧୨

କଟକ ମହାନଗର ନିଗମ(ସିଏମ୍‌ସି) କନିଷ୍ଠ ଯନ୍ତ୍ରୀ(ଜେଇ)ଙ୍କ ୱାର୍ଡ ଅଦଳବଦଳ ନେଇ କିଛିଦିନ ପୂର୍ବରୁ ବିବାଦ ଦେଖାଦେଇଥିଲା। ଜେଇଙ୍କ ୱାର୍ଡ ଅଦଳବଦଳ ନେଇ କର୍ପୋରେଟରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କମିଶନର ଏହି ବଦଳି କରିଥିବା ବେଳେ କର୍ପୋରେଟରମାନେ ଏହାଉପରେ ଅଙ୍କୁଶ ଲଗାଇବା ପାଇଁ କମିଶନରଙ୍କ ନିକଟରେ ପହଞ୍ଚିଥିଲେ। ଏହାପରେ କମିଶନରଙ୍କ ମନ୍ତବ୍ୟ ନେଇ ବିବାଦ ଉପୁଜିଥିଲା। ପରବର୍ତ୍ତୀ ସମୟରେ ଉକ୍ତ ବଦଳିକୁ ସ୍ଥଗିତ ରଖାଯାଇଥିବା ନେଇ ସିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଏହିସବୁ ବିବାଦ ଉପରେ ରୋକ ଲଗାଇବାକୁ ଯାଇ ଗୃହ ନଗର ଉନ୍ନୟନ ବିଭାଗ ପକ୍ଷରୁ ସିଏମ୍‌ସିର କନିଷ୍ଠ ଯନ୍ତ୍ରୀଙ୍କ ବଦଳି କରାଯାଇଛି। ଏନେଇ ସୋମବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ସିଏମସି ୪ଜଣ ଜେଇଙ୍କ ବଦଳି କରିଥିବା ବେଳେ ନୂତନ ୪ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ଏହି ବିଜ୍ଞପ୍ତି ପରେ ଦୀର୍ଘ ବର୍ଷ ହେବ ସିଏମ୍‌ସିରେ ପଡ଼ିରହିଥିବା ଯନ୍ତ୍ରୀଙ୍କ ବଦଳି ହେବ କି ନାହିଁ ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି।

ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ସିଏମ୍‌ସିରେ କାର୍ଯ୍ୟରତ ଜେଇ ଲଲାଟେନ୍ଦୁ ନାୟକଙ୍କ ଜଗତ୍‌ସିଂପୁର ଜିଲା ପାରାଦୀପକୁ ବଦଳି ହୋଇଛି। ସେହିପରି ପାରାଦ୍ୱୀପରୁ ପୁରୁଷୋତ୍ତମ ମଲ୍ଲିକଙ୍କୁ ସିଏମ୍‌ସିକୁ ବଦଳି କରାଯାଇଛି। ରାୟଗଡ଼ା ଜିଲା ଗୁଡାରିରୁ ଦିଲୀପ ସ୍ୱାଇଁ, ବୌଦ୍ଧଗଡରୁ ଧନଞ୍ଜୟ ପଣ୍ଡା ଓ ନୂଆପଡାରୁ ସୁଜାତା ଗୋଚ୍ଛାୟତଙ୍କୁ ସିଏମ୍‌ସିରେ ଜେଇ ଭାବରେ ନିଯୁକ୍ତି ମିଳିଛି। ସିଏମସିରେ ଥିବା ଗୀତା ରାଣୀ ସାହୁଙ୍କୁ ଆଠଗଡ଼ ଓ ବିପିନ ବିହାରୀ ପ୍ରଧାନଙ୍କ ଗୁଡ଼ାରି ଓ ସ୍ୱାଗତିକ ମହାନ୍ତିଙ୍କୁ ନୂଆପଡା ଜିଲାକୁ ବଦଳି ହୋଇଛି।

ସୂଚନାଥାଉ କି, ନଭେମ୍ବର ୨୪ରେ ଜେଇ ୱାର୍ଡ ବଦଳି ନେଇ ସିଏମ୍‌ସି କମିଶନର ଚିଠି କରିଥିଲେ । ଉକ୍ତ ଚିଠି ସମ୍ପର୍କରେ କମିଶରନଙ୍କ ସହ ଆଲୋଚନା ବେଳେ କର୍ପୋରେଟରଙ୍କ ସହ ବିବାଦ ଉପୁଜିଥିଲା। କମିଶନ ମହିଳା କର୍ପୋରେଟରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ସମସ୍ତ କର୍ପୋରେଟର ସିଏମ୍‌ସିର ସମସ୍ତ ବୈଠକ ବର୍ଜନ କରିଥିଲେ। ଏହାପରେ ଏହି ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଗତ ୨୪ ତାରିଖରେ ସମସ୍ତ ଦଳୀୟ କର୍ପୋରେଟରଙ୍କ ସମେତ ପୂର୍ବତନ ୨ ବିଧାୟକ, ମେୟର, ବିଧାୟକଙ୍କୁ ଡକାଇ ଆଲୋଚନା କରିବା ସହିତ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଥିଲେ। ତେବେ କର୍ପୋରେଟରମାନେ ସେମାନଙ୍କ ସମସ୍ୟା ସଂକ୍ରାନ୍ତରେ ବୈଠକରେ ଯନ୍ତ୍ରୀଙ୍କ ବଦଳି ଦାବି କରିଥିଲେ। ବୈଠକର ୨ଦିନ ପରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯନ୍ତ୍ରୀଙ୍କ ବଦଳି ତାଲିକା ପ୍ରକାଶ ପାଇଛି।

## ୩ ମାସ ମଧ୍ୟରେ ପଦକ୍ଷେପ ନେବେ ଜିଲାପାଳ

### ଆର୍.ଡି ରାସ୍ତାରୁ ଜବରଦଖଲ ଉଚ୍ଛେଦ ମାମଲା

କଟକ ଅଫିସ, ୨୬।୧୨: ଢେଙ୍କାନାଳ ଜିଲା ଓଡ଼ପଡ଼ା ତହସିଲ ଅନ୍ତର୍ଗତ ଖଡ଼ଗପ୍ରସାଦ- କମଳାଙ୍ଗ ଗ୍ରାମ ଆର୍.ଡି. ରାସ୍ତାରୁ ଜବରଦଖଲ ହଟାଇବା ମାମଲାରେ ଜିଲାପାଳ ୩ମାସ ମଧ୍ୟରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଢେଙ୍କାନାଳ ଜିଲାପାଳ ଆବେଦନକାରୀଙ୍କଠାରୁ କୋର୍ଟ ନିର୍ଦ୍ଦେଶ ପାଇବାର ୩ ମାସ ମଧ୍ୟରେ ଦୁର୍ଦ୍ଦଶା ଭୋଗୁଥିବା ଜନସାଧାରଣ ଓ ସମ୍ପୃକ୍ତ କମ୍ପାନୀକୁ ସାମିଲ କରାଇ ଶୁଣାଣି କରିବେ ବୋଲି ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି। ପ୍ରକାଶ ଯେ, ଖଡ଼ଗପ୍ରସାଦରୁ କମଳଙ୍ଗା ଗ୍ରାମ ପର୍ଯ୍ୟନ୍ତ ଆର୍.ଡି. ରୋଡ୍‌ରେ କଣ୍ଟାବାଞ୍ଜିସ୍ଥିତ ଜିଏମ୍‌ଆର୍ ଏନର୍ଜି ଲିମିଟେଡ ପକ୍ଷରୁ ବେଆଇନ ପାଚେରି ନିର୍ମାଣ ସହ ଜବରଦଖଲ କରାଯାଇଥିବା ନେଇ ଆବେଦନରେ ଦର୍ଶାଯାଇଥିଲା। ଉକ୍ତ ରାସ୍ତାରୁ ବେଆଇନ୍ ନିର୍ମାଣ ଓ ଜବରଦଖଲ ହଟାଇବା ନେଇ ଆବେଦନକାରୀ ଶ୍ରୀତମ ସ୍ୱରୂପ ରାଉତ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଅନ୍ୟପକ୍ଷରେ, ଉକ୍ତ ରାସ୍ତାର କିଛି ଅଂଶକୁ ସରକାରୀ ଅନୁମତି ବଳରେ ଗତ ସେପ୍ଟେମ୍ବର ୭ରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଅଧିକାରୀ ଏବଂ ଜିଏମ୍‌ଆର୍ କମ୍ପାନୀ ମୁଖ୍ୟଙ୍କ ମଧ୍ୟରେ ରାସ୍ତା ହସ୍ତାନ୍ତର ଓ ଗ୍ରହଣ ନେଇ ଏକ ରାଜିନାମା ସ୍ୱାକ୍ଷର ହୋଇଥିବା ସମ୍ପୃକ୍ତ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ୨୯ରେ ସିଏମ୍‌ସି କାଉନସିଲ ବୈଠକ

କଟକ ଅଫିସ, ୨୬।୧୨- ମୁଖ୍ୟମନ୍ତ୍ରୀଙ୍କ ସହ କର୍ପୋରେଟରଙ୍କ ଆଲୋଚନାର ୨ଦିନ ପରେ କାଉନସିଲ ବୈଠକ ପାଇଁ ବାଟ ଫିଟିଛି। ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ ସିଏମ୍‌ସି କଉନସିଲ ବୈଠକ। ଏନେଇ ସୋମବାର ଡେପୁଟି କମିଶନର ଅଜୟ ମହାନ୍ତି ସୂଚନା ଦେଇଛନ୍ତି। ଦୀର୍ଘ ୨ ମାସ ହେବ ସିଏମ୍‌ସି କାଉନସିଲ ବୈଠକ ବସି ନ ଥିବାବେଳେ ସହରର ସମସ୍ୟା ବଢ଼ିବାରେ ଲାଗିଥିଲା। ଶେଷଥର ପାଇଁ ଅକ୍ଟୋବର ୧୦ରେ ସପ୍ତମ କାଉନସିଲ ବୈଠକ ହୋଇଥିଲା। ପରେ ଅଷ୍ଟମ ବୈଠକ ନଭେମ୍ବର ୨୩ରେ ଡକାଯାଇଥିଲା କିନ୍ତୁ ଉକ୍ତ ଦିନ ପୂର୍ବତନ ଡେପୁଟି ମେୟର ଅଜୟ ବାରିକଙ୍କ ପରଲୋକ ହେବା ଯୋଗୁ ମେୟର ବୈଠକ ବାତିଲ କରିଥିଲେ। ସେହିପରି ଗତ ୯ରେ ବିରୋଧୀ ଓ ଶାସକ ଦଳ କର୍ପୋରେଟର ମିଳିତ ହୋଇ କମିଶନର ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ସିଏମ୍‌ସି ସମ୍ମୁଖରେ ଧାରଣା ବସିବା ସହ ସମସ୍ତ ବୈଠକ ବର୍ଜନ କରିଥିଲେ। ଫଳରେ ଗତ ୧୬ ତାରିଖ ଡକାଯାଇଥିବା ବୈଠକ ବସିପାରି ନ ଥିଲା।



ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆରେ ଆୟୋଜିତ ମହାନଦୀ ଫେଷ୍ଟିଭାଲର ଷଷ୍ଠ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଆସାମର ସାତ୍ରୀୟ ନୃତ୍ୟରେ ଦର୍ଶକ ବିଭୋର

### ମହାନଦୀ ଫେଷ୍ଟିଭାଲର ଷଷ୍ଠ ସନ୍ଧ୍ୟା

କଟକ ଅଫିସ,୨୬।୧୨

ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲ ଦ୍ୱାରା ପ୍ରାୟୋଜିତ କାଇଣ୍ଡ୍ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ପୋତାପୋଖରୀ ପୂଜା କମିଟି ଓ ଭାରତ ମସଲାର ମିଳିତ ଆନୁକୂଲ୍ୟରେ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆରେ ଚାଲିଥିବା ୧୭ତମ ମହାନଦୀ ଫେଷ୍ଟିଭାଲର ସୋମବାର ଥିଲା ଷଷ୍ଠ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଆସାମର ରୀତାମୋନୀ ଦାସ ଓ ସାଥୀ କଳାକାରଙ୍କ ପାରମ୍ପରିକ ସାତ୍ରୀୟ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଅପରପକ୍ଷେ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଫେଷ୍ଟିଭାଲ ଆୟୋଜକ କମିଟି ସଭାପତି ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ବିହନ ନିଗମର ଅଧ୍ୟକ୍ଷ ବିଜୟ କୁମାର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରବୀନ୍ଦ୍ରନାଥ ମହାନ୍ତି, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, ଶିଖରପୁର- ଗଣ୍ଡରପୁର- ମହାନଦୀ ବିହାର ପୂଜା କମିଟିର ସଭାପତି ଜୟନ୍ତ ପ୍ରଧାନ, ପ୍ରଫୁଲ୍ଲ ସିଂ, ସ୍ନିଗ୍ଧା ମହାନ୍ତି, ରମେଶ ରାଉତ, ପ୍ରଦୋଷ ସ୍ୱାଇଁ, ପ୍ରମୋଦ ଗୋଚ୍ଛାୟତ, ମଳୟ ବିଶ୍ୱାଳ, ବିଳାସ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାବିତ ଡ. ଚୌଧୁରୀ ସତ୍ୟ ଦାସ ଅତିଥି ପରିଚୟ ଓ ଫେଷ୍ଟିଭାଲର ଉପାଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ମହାନଦୀ ଫେଷ୍ଟିଭାଲର ସାଂସ୍କୃତିକ ସମ୍ପାଦିକା ମଡେଲ ସ୍କୁଲର ଅଧ୍ୟକ୍ଷା ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଡ. ଦୀପକ ରଞ୍ଜନ ଦାସଙ୍କୁ ଚିକିତ୍ସା ଜ୍ୟୋତି ସମ୍ମାନ ଏବଂ ଆସୋର୍ଡ ପେଟ୍ରୋ ସ୍ପେଶିଆଲିଟିଜ୍ ପ୍ରାଇଭେଟ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ଦାସଙ୍କୁ ମହାନଦୀ ଫେଷ୍ଟିଭାଲ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଟକର ଶ୍ରୀ ବିଦ୍ୟା ଗ୍ରୁପର କଳାକାରଙ୍କ ଦ୍ୱାରା ଓଡ଼ିଶୀ ଓ ଲୋକନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ପ୍ରଧାନମନ୍ତ୍ରୀ ଆବାସ ସର୍ଭେରେ ବାଧା

କଟକ ସଦର,୨୬।୧୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ପାଇଁ ସର୍ଭେ ଆରମ୍ଭ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକମାନେ ତାଲିକା ଧରି ଜିଓ ଟ୍ୟାଗ କରିବା ସହ ତଦନ୍ତ ଚଳାଇଛନ୍ତି। ମାତ୍ର ଏହି ତଦନ୍ତରେ କେତେଜଣ ଲୋକପ୍ରତିନିଧି ବାଧା ପହଞ୍ଚାଉଥିବା ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଯାହାବି ହେଉ ଆମ ମନପସନ୍ଦ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କର, ନଚେତ୍ ପରିସ୍ଥିତି ଭୟାବହ ହେବ ବୋଲି ଧମକ ଦିଆଯାଉଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ଅବଗତ ଥିବା କର୍ମଚାରୀମାନେ କହିବା ପରେ ଲୋକ ପ୍ରତିନିଧିମାନେ ପାଟିତୁଣ୍ଡ କରିଥିଲେ। ଧରିଣା ପଞ୍ଚାୟତର ଜଣେ ବ୍ୟକ୍ତିଙ୍କର ୨ଜଣ ସ୍ତ୍ରୀ ଅଛନ୍ତି। ୨୦୧୪ ପୂର୍ବରୁ ସ୍ୱାମୀ ଆବାସ ଯୋଜନାରେ ଘର ପାଇଥିବା ବେଳେ ପରେ ସ୍ତ୍ରୀ ପାଇଥିଲେ। ଏବେ ଦ୍ୱିତୀୟ ସ୍ତ୍ରୀଙ୍କୁ କିପରି ଘର ମିଳିବ ସେନେଇ ଆବେଦନ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ପଞ୍ଚାୟତର ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ସୂଚନା ଅଧିକାର ଆଇନ ବଳରେ ଅନୁସନ୍ଧାନ ପାଇଁ ତଥ୍ୟ ମାଗିଛନ୍ତି। ଅନ୍ୟପକ୍ଷେ କ୍ୟାଡର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବେଆଇନ କାମକୁ ବିରୋଧ କରୁଥିବା ବେଳେ ଅଣ କ୍ୟାଡର ନିର୍ବାହୀମାନେ ବେଆଇନ କାମ କରିବା ପାଇଁ ପଛାଉ ନ ଥିବା କୁହାଯାଉଛି। ୨୦୨୩ ଜାନୁୟାରୀରେ ୧୨୦୦ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ସହ କିସ୍ତି ମିଳିବ। ମାତ୍ର ସମ୍ଭାବ୍ୟ ହିତାଧିକାରୀ ତାଲିକା ଏଯାବତ ସାର୍ବଜନୀନ କରାଯାଇ ନ ଥିବା ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ପ୍ରତିକ୍ରିୟା ଦେବା ପାଇଁ ସେ ମନା କରିଥିଲେ।

## ନାଟକରେ ସଂସ୍କାର ବାର୍ତ୍ତା ଦେଇଛନ୍ତି ଜଗମୋହନ


ଜଗମୋହନ ଲାଲଙ୍କ ସ୍ମୃତି ଉତ୍ସବରେ ନାଟ୍ୟକାର ପ୍ରବୋଧ ରଥଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

କଟକ ଅଫିସ,୨୬।୧୨

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାହାଙ୍ଗାସ୍ଥିତ ଆଦି ନାଟ୍ୟକାର ସ୍ମୃତି ସଂସଦ ମିଳିତ ଆନୁକୁଲ୍ୟରେ ଶ୍ରୀରାମଚନ୍ଦ୍ର ଭବନରେ ଆଦିନାଟ୍ୟକାର ଜଗମୋହନ ଲାଲଙ୍କ ୧୦୯ତମ ସ୍ମୃତି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ତଥା ସାହିତ୍ୟ ସମାଲୋଚକ ପ୍ରଫେସର ବିଜୟ କୁମାର ଶତପଥୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଦିନାଟ୍ୟକାର ସ୍ମୃତି ସଂସଦର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ.ଗୋବିନ୍ଦ ଚନ୍ଦ୍ର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟକ ମାଧ୍ୟମରେ ଜଗମୋହନ ସମକାଳୀନ ସମାଜର ଚିତ୍ରଚରିତ୍ରରେ ସଂସ୍କାରର ବାର୍ତ୍ତା ଦେଇଛନ୍ତି ବୋଲି କହିଥିଲେ। ସେହିପରି ନାଟ୍ୟକାର ଡ.ବୈଜୟନ୍ତୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗମୋହନଙ୍କ କାବ୍ୟ ଓ ନାଟକ ବେଶ୍ ପ୍ରଭାବଶାଳୀ ବୋଲି ମତ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଗୀତିକବି ମନୋଜ ପଟ୍ଟନାୟକ ଜଗମୋହନ ଦୂରଦୃଷ୍ଟି ସମ୍ପନ୍ନ ନାଟ୍ୟସ୍ରଷ୍ଟା ଥିଲେ ବୋଲି କହିଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ନାଟ୍ୟକାର ପ୍ରବୋଧ ରଥଙ୍କୁ ଆଦିନାଟ୍ୟକାର ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦର ସମ୍ପାଦକ ସୁକାନ୍ତ ପ୍ରସାଦ ନନ୍ଦ ସ୍ୱାଗତ ଭାଷଣ, ଡ. ଶାରଦା ପ୍ରସାଦ ମହାନ୍ତି ମାନପତ୍ର ପାଠ, ଅଧ୍ୟାପକ କମଳ ମାହୁନ୍ତ ଅତିଥି ଆମନ୍ତ୍ରଣ ଓ ସେକ୍ ମସୁଦ୍ ଅଲି ଧନ୍ୟବାଦ ଦେଇଥିଲେ।

# ସନ୍ଧ୍ୟାରାଣୀ ମଲ୍ଲିକ ପାଇବେ ଅନ୍ନପୂର୍ଣ୍ଣା ସମ୍ମାନ

କଟକ ଅଫିସ,୨୬।୧୨

ସତ୍ୟଭାମାପୁରସ୍ଥିତ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ସମ୍ପାଦିକା ତଥା ସମାଜ ସେବିକା ସନ୍ଧ୍ୟାରାଣୀ ମଲ୍ଲିକ ଚଳିତବର୍ଷର ମର୍ଯ୍ୟାଦାଜନକ ଅନ୍ନପୂର୍ଣ୍ଣା ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ। ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ମଲ୍ଲିକଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ଏ ସମ୍ପର୍କରେ ସ୍ମାରକ ନିଧି ସମ୍ପାଦକ ଜୟନ୍ତ କୁମାର ଦାସ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ସରସ୍ୱତୀ କଳା ପରିଷଦର ମହୋତ୍ସବ ଉଦ୍‌ଯାପିତ

କଟକ ସଦର,୨୬।୧୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ସରସ୍ୱତୀ କଳା ପରିଷଦର ୩ଦିନିଆ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପରିଷଦର ସଭାନେତ୍ରୀ ପ୍ରତିଭା ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଶ୍ରୀସନ୍ନ୍ୟାସୀ, ଡ.ଶରତ ରଥ, ପ୍ରକାଶ ଚନ୍ଦ୍ର ସେଠୀ, ଦୁଷ୍ମନ୍ତ ପାତ୍ର, ପ୍ରଭାତ ମଲ୍ଲିକ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ମହୋତ୍ସବକୁ ଗୁରୁ ଅଶୋକ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ ଦାସ ପ୍ରମୁଖ ପରିଚାଳନା କରିଥିଲେ। ମହୋତ୍ସବରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅମିୟରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ କରାଯାଇଥିଲା।

## ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟିତ


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କଟକ ଅଫିସ,୨୬।୧୨

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ୩୯ତମ ରାଜ୍ୟସ୍ତରୀୟ ଶିଶୁଉତ୍ସବ କଟକସ୍ଥିତ ଶହୀଦ ଭବନରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ଗର୍ବ ଓ ଗୌରବ ଡ. ଭଗବାନ ପ୍ରକାଶ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଓଷ୍ଟା ଏକ ଜ୍ଞାନଦୀପ୍ତ ସଂଗଠନ। ଓଷ୍ଟାକୁ ବାଦ୍‌ଦେଇ ସାମଗ୍ରିକ ବିକାଶ ଅସମ୍ଭବ ବୋଲି ମତପ୍ରକାଶ କରିଥିଲେ। ଶିଶୁ ମନୋବିଜ୍ଞାନର ପୂର୍ବତନ ପ୍ରଫେସର ଡ. ପ୍ରତାପ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ସବୁ ଶିଶୁ ମୁଖ୍ୟଧାରକୁ ନ ଆସିଲେ ଅଧୁରା ରହିବ ପୃଥିବୀ। ସରକାର, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ସାଧାରଣ ଜନତା ସମସ୍ତେ ଏହି ଶିଶୁମାନଙ୍କର ସମନ୍ୱିତ ବିକାଶ କରିବା କର୍ତ୍ତବ୍ୟ ବୋଲି ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଚନ୍ଦର ନବଦୀପ ଭାରତୀ, ବିକ୍ରମ କୁମାର ଦାସ, ଦୀପ୍ତିରେଖା ପାଢ଼ୀ ଯୋଗଦେଇଥିଲେ। ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ଭିକାରିଚରଣ ସାହୁ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି, ଓଷ୍ଟାର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ଡ୍ରେନ ନିର୍ମାଣ କାର୍ଯ୍ୟକୁ ବିରୋଧ

- ବିନା ଫଳକରେ ଚାଲିଛି କାର୍ଯ୍ୟ
- ଦାବି ପୂରଣ ନ ହେବା ଯାଏ କାର୍ଯ୍ୟ ବନ୍ଦ

ମଙ୍ଗୁଳି-ଜଗତପୁର,୨୬।୧୨(ଡି.ଏନ୍.ଏ)

କଟକ ମହାନଗର ନିଗମ ଅଧୀନ ଜଗତପୁର ୪୮ନମ୍ବର ୱାର୍ଡ ମଙ୍ଗଳାଗଡାଠାରୁ ଭୁବନପୁର କେନାଲବନ୍ଧ ପର୍ଯ୍ୟନ୍ତ ସିଏମ୍‌ସି ପକ୍ଷରୁ ଡ୍ରେନ ନିର୍ମାଣ କାର୍ଯ୍ୟ ହେଉଛି। ତେବେ ଏହି ନିର୍ମାଣ କାର୍ଯ୍ୟକୁ ଉକ୍ତ ୱାର୍ଡବାସୀ ସୋମବାର ବିରୋଧ କରିବା ସହ ରାସ୍ତା ଚିହ୍ନଟ ନ କରାଯାଇ କିପରି ଆର୍‌ସିସି ନିର୍ମାଣ ହେଉଛି ଏବଂ ନିୟୁ ନିମପୁର ବସ୍ତି ଡ୍ରେନ ପାଣିକୁ କିପରି ଆମ ସାହି ଡ୍ରେନ୍‌କୁ ସଂଯୋଗ କରିବ ତାହାର ପ୍ରତିବାଦରେ ଡ୍ରେନ ନିର୍ମାଣକୁ ବନ୍ଦ କରାଯାଇଛି। କାର୍ଯ୍ୟବନ୍ଦର ପ୍ରାୟ ଏକ ଘଣ୍ଟା ପରେ ସିଏମ୍‌ସିର ଆର୍‌ଆଇ ଏବଂ ଜଣେ ଅମିନ ରାସ୍ତା ମାପଚୁପ କରିବାକୁ ପହଞ୍ଚିଥିଲେ। ହେଲେ ସେମାନେ ସମ୍ପୂର୍ଣ୍ଣ ମାପଚୁପ ନ କରି ଫେରି ଯାଇଥିଲେ।

ଅଭିଯୋଗ ଅନୁଯାୟୀ, ଭୁବନପୁର ନୂଆସାହି ରାସ୍ତାକଡ଼ରେ ଏହି ଡ୍ରେନ ନିର୍ମାଣ ପାଇଁ ୩୪ଲକ୍ଷ ଟଙ୍କାର ବ୍ୟୟରେ ବିଧାୟକ ସୌଭିକ ବିଶ୍ୱାଳ ମଙ୍ଗଳବାର ଫଳକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନକୁ ଏକ ଘଣ୍ଟା ନ ପୂରୁଣୁ ଫଳକକୁ କେହି ଦୁର୍ବୃତ୍ତ ଓପାଡ଼ି ଫିଙ୍ଗିଦେଇଥିବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଫଳକ ଖୋଜି ପାଇବା ପରେ ବିଧାୟକଙ୍କ ଉପସ୍ଥିତିରେ ସିଏମ୍‌ସି ତରଫରୁ ପ୍ରତିଶ୍ରୁତି ଦେଇଯାଇଥିଲା କି ଫଳକ ପୁନଶ୍ଚ ଲାଗିବ ଏବଂ ରାସ୍ତା ଚିହ୍ନଟ ପରେ ଯାଇ ଡ୍ରେନ କାର୍ଯ୍ୟ କରାଯିବ। କିନ୍ତୁ ଠିକାଦାର ଏହାକୁ ବେଖାତିର କରି ଡ୍ରେନ କାର୍ଯ୍ୟ ତରବରିଆ ଭାବେ ନିର୍ମାଣ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ମନରେ ସନ୍ଦେହ ସୃଷ୍ଟି କରୁଛି। ଏ ନେଇ ସ୍ଥାନୀୟ ସିଦ୍ଧାନ୍ତ କୁମାର ପଣ୍ଡା କୁହନ୍ତି, ବିନାଫଳକରେ କିପରି ଡ୍ରେନ ନିର୍ମାଣ ଚାଲିଛି, କାମ ପାଇଁ କେତେ ଟଙ୍କା ମଞ୍ଜୁରୀ ହେଇଛି ତାହା ଜଣାପଡୁନି। ଆମ ଅଜଣାତରେ ନିମପୁର ନିୟୁ ବସ୍ତିର ଡ୍ରେନକୁ ଆଣି ମୂଳ ଡ୍ରେନକୁ ତାଡ଼ି ପୁନଶ୍ଚ ନୂଆ ଡ୍ରେନ ତିଆରି କରି ଏଥିରେ


ଡ୍ରେନ ନିର୍ମାଣ କାର୍ଯ୍ୟକୁ ୪୮ ନଂ ୱାର୍ଡବାସୀ ବିରୋଧ କରୁଛନ୍ତି।

ସଂଯୋଗ କରିବା କେତେଦୂର ଠିକ୍। ସେହିଭଳି ଅମନ ନନ୍ଦ କୁହନ୍ତି, ସିଏମ୍‌ସି ପକ୍ଷରୁ ୱାର୍ଡ ନମ୍ବର ୩୪ ଏବଂ ୩୫ରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରି ଏଠାରେ ମାତ୍ର ଦୁଇ ବର୍ଷ ପାଇଁ ଅସ୍ଥାୟୀ ରୂପେ ଥଇଥାନ କରାଯାଇଥିଲା। କିନ୍ତୁ ଆଜକୁ ୨ ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି ସେମାନଙ୍କୁ ଏଠାରୁ ଉଠାଇବା ପରିବର୍ତ୍ତେ ଆମକୁ ହଇରାଣ କରାଯାଉଛି। ବର୍ଷାଦିନେ ପାଣି ଘରେ ପଶୁଥିବାବେଳେ ସିଏମ୍‌ସି ପକ୍ଷରୁ ନିଷ୍କାସନ ଫେଲ୍ ମାରିଥାଏ। ଫଳରେ ନିଜ ବ୍ୟକ୍ତିଗତ ପଇସାରୁ ପାଣି ମୋଟର ଲଗାଇ ମାସ ମାସ ଧରି ପାଣି ନିଷ୍କାସନ କରୁ। ସେ କଷ୍ଟ ନ ଲିଭୁଣୁ ସିଏମ୍‌ସି କର୍ତ୍ତୃପକ୍ଷ ଏବେ ପୁଣି ଡ୍ରେନ ନାମରେ ଏଭଳି ବ୍ୟବସ୍ଥା କରି ହଇରାଣ କରୁଛି। ସ୍ଥାନୀୟ ସୁବ୍ରତ ପଣ୍ଡା କୁହନ୍ତି, ମଙ୍ଗଳାଗଡ଼ାରେ କେତେଜଣ ଜବରଦସ୍ତ ରାସ୍ତା ଉପରେ ଘର କଲେ, ଯଦ୍ୱାରା ଗାଡ଼ି ନେବାରେ ଏବଂ ଅଳିଆ ଗାଡ଼ି ସଫାରେ ଅସୁବିଧା ହେବାରୁ ବିଧାୟକଙ୍କୁ ଜଣାଯାଇଥିଲା। ବିଧାୟକ ୨୦୨୧ ନଭେମ୍ବର ୨୬ରେ ତହସିଲ କାର୍ଯ୍ୟାଳୟକୁ ଲିଖିତ ଅଭିଯୋଗ କରିବା ପରେ କାର୍ଯ୍ୟାଳୟ ପକ୍ଷରୁ ରାସ୍ତାର ମାପଚୁପ ପାଇଁ ସିଏମ୍‌ସିକୁ ନୋଟିସ୍ କରାଯାଇଥିଲା। ସିଏମ୍‌ସି ତରଫରୁ ରାସ୍ତା ଚିହ୍ନଟ ନ କରାଯାଇ କିପରି ଡ୍ରେନ କାମ ମଞ୍ଜୁରୀ ଦେଇଛି ତାହାକୁ ନେଇ ସନ୍ଦେହ ହେଉଛି। ବିରୋଧ ସମୟରେ ଅମନ ନନ୍ଦ, ଇତିଶ ପଣ୍ଡା, ପୁଷ୍ପେନ୍ଦୁ ପ୍ରକାଶ ପଣ୍ଡା, ବିଶ୍ୱକଲ୍ୟାଣ ରଥ, ସୁଧାଂଶୁ ଶେଖର ପଣ୍ଡା, ସତ୍ୟରଞ୍ଜନ ପଣ୍ଡା, ସତ୍ୟଜିତ ପାତ୍ର, ରାକେଶ ପଣ୍ଡା, କାହ୍ନୁଚରଣ ପଣ୍ଡା, ହେମନ୍ତ ପଣ୍ଡା, ହୃଷୀକେଶ ପଣ୍ଡା, ମନୋଜ ପଣ୍ଡା ପ୍ରମୁଖ ସାମିଲ ରହି ଦାବି ପୂରଣ ନ ହେବା ଯାଏ କାର୍ଯ୍ୟ ବନ୍ଦ ରହିବ ବୋଲି କହିଛନ୍ତି। ଏ ନେଇ ସର୍ଭେ ରିପୋର୍ଟ ଦାୟିତ୍ୱରେ ଥିବା ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ଜାତୀୟ ସେବାସଂସ୍ଥାର ସ୍ୱତନ୍ତ୍ର ଶିବିର

**କୃଷ୍ଣପ୍ରସାଦ,୨୬।୧୨(ଡି.ଏନ୍.ଏ.):** ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧୀନ କନ୍ଧାଖାଇ ଉଚ୍ଚ ମାଧମିକ ବିଦ୍ୟାଳୟରେ ଜାତୀୟ ସେବାସଂସ୍ଥାର ସ୍ୱତନ୍ତ୍ର ଶିବିର ଅଧକ୍ଷ ନୃସିଂହାନନ୍ଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବାସଂସ୍ଥାର ପ୍ରୋଗ୍ରାମ ଅଫିସର ପ୍ରାଧାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ନେତୃତ୍ୱରେ ଶିବିର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସାମିଲ ହୋଇ ସଡ଼କ ସୁରକ୍ଷା, ପରିବେଶ ସୁରକ୍ଷା, ଚିଲିକାରେ ସୁରକ୍ଷିତ ନୌକା ଯାତ୍ରା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟରେ ସଚେତନ କରାଇଥିଲେ। ମାଲୁଦ ପଞ୍ଚାୟତର ଜଗତିସାହିକୁ କଲେଜର ପୋଷ୍ୟ ଗ୍ରାମ ଭାବେ ନିଆଯାଇଥିଲା। ଏହି ଗ୍ରାମରେ ୭ ଦିନ ସଫେଇ ସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରୋଗ୍ରାମ ଅଫିସର ମହାନ୍ତି କହିଛନ୍ତି। ଶିବିରରେ ପ୍ରାଧାପକ ଡ. ପ୍ରଭାତ କୁମାର ଆଚାର୍ଯ୍ୟ, ଅଧାପିକା ଚନ୍ଦନା ନାୟକ, ଦିଲୀପ ଦଳେଇ, ରମେଶ ଚନ୍ଦ୍ର ବିଶ୍ୱାଳ, ରମାନାଥ ପ୍ରଧାନ, ସୁକାନ୍ତ ଜେନା, ଅନିରୁଦ୍ଧ ସାହୁ, ପାଣ୍ଡବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରୀଶୁର ଫୁଟ୍‌ବଲ କ୍ଲବ ସେମିଫାଇନାଲରେ

**ଟାଙ୍ଗୀ(ଖୋର୍ଦ୍ଧା), ୨୬।୧୨(ଡି.ଏନ୍.ଏ.):** କୁହୁଡି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ତ୍ରୀଶୁର ଫୁଟବଲ କ୍ଲବ ଏବଂ ପଣ୍ଡିଚେରୀ ଇଲେଭେନ ମଧରେ ମ୍ୟାଚ୍ ହୋଇଥିଲା। ଏଥିରେ ତ୍ରୀଶୁର କ୍ଲବ ୧-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶିବ ଶଙ୍କର ପଣ୍ଡା, ସୁବ୍ରତ ପୁରୋହିତ, ଶଶିକାନ୍ତ ଦାସିଆ ଓ ଚନ୍ଦ୍ରକାନ୍ତ ବାରିକ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଥିଲେ ଅପର୍ତ୍ତି ବେହେରା। ଅତିଥିଭାବେ ଚିଲିକା ବ୍ଲକ ପୂର୍ବତନ ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ, ପଦ୍ମନାଭ ବିଶ୍ୱାଳ, ଅଖିଳ ପଲାଇ, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ।

### ସେମିରେ ମା' ରାମଚଣ୍ଡୀ କ୍ଲବ

**ବୋଲଗଡ଼,୨୬।୧୨(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦ୍ୱାଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଠଣାପଲ୍ଲୀର ମା'ରାମଚଣ୍ଡୀ କ୍ଲବ ଏବଂ ହାଟବସ୍ତର ସନସାଇନ୍ କ୍ଲବ ମଧରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ସନସାଇନ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ରାମଚଣ୍ଡୀ କ୍ଲବ ୧୬.୨ ଓଭରରେ ୩ ଉଇକେଟ ହରାଇ ୧୭୨ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ଅତିଥିଭାବେ ଉତ୍କଳ ସାମ୍ବାଦିକ ସଂଘର ଖୋର୍ଦ୍ଧା ଜିଲା ସଭାପତି ପ୍ରଭାତ କୁମାର ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଭଗବାନ ମଙ୍ଗରାଜ ଓ ଲକ୍ଷ୍ମୀଧର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶାନ୍ତନୁ ଛୋଟରାୟ ମ୍ୟାଚ୍ ଧାରାବିବରଣୀ ପ୍ରଦାନ କରିଥିଲେ।

### ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୨୬।୧୨:** ବୋଲଗଡ଼ ବ୍ଲକ ଧଳାପଥରର ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ(୫୭)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ସ୍ୱାସ୍ଥ୍ୟଗତ ସମସ୍ୟାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଧଳାପଥର ପଞ୍ଚାୟତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ୧୯୯୩ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସେବା ସମବାୟ ସମିତିର ସଭାପତି ଏବଂ ୨୦୦୨ ରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଅନିଲ କୁମାର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, କଂଗ୍ରେସ ନେତା ପୃଥୀ ବଲ୍ଲଭ ପଟ୍ଟନାୟକ, ସରପଞ୍ଚ ନାରାୟଣ ସାହୁ, ବେଗୁନିଆ ବ୍ଲକ ଅଧକ୍ଷ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ଜେଲ ଫେରିଲେ ଜଗବନ୍ଧୁ, ମିଳିଲା ଦ୍ୱିତୀୟ ଫରେନ୍‌ସିକ୍ ରିପୋର୍ଟ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**


ଜଗବନ୍ଧୁ ଚାନ୍ଦ।


ଅର୍ଚ୍ଚନା ନାଗ

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**
- ଜାନୁୟାରୀ ୨ରେ ହାଜର ହେବେ ନାଗ-ଚାନ୍ଦ ଦମ୍ପତି
- କୋର୍ଟରେ ଜେରା କରିବାକୁ ଇଡିର ପିଟିଶନ

ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ରବିବାର ୩ ଦିନିଆ ରିମାଣ୍ଡ ଅବଧି ସରିବା ପରେ ସୋମବାର ତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କୋର୍ଟରେ ହାଜର କରାଯାଇଥିଲଶ। ହେଲେ ଏହି ସମୟରେ ଜଗବନ୍ଧୁଙ୍କୁ ପୁନର୍ବାର ରିମାଣ୍ଡରେ ନେବାକୁ ଆବେଦନ କରାଯାଇ ନ ଥିଲା। ଫଳରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଗବନ୍ଧୁ ଝାରପଡ଼ା ଜେଲ ହାଜତକୁ ଫେରିଯାଇଛନ୍ତି। ପରବର୍ତ୍ତୀ ସମୟରେ ଜେଲରେ ନାଗଦମ୍ପତିଙ୍କୁ ଜେରା କରିବା ନେଇ ଇଡି ପକ୍ଷରୁ ଏକ ପିଟିଶନ୍ ଦାଖଲ କରାଯାଇଥିଲା। ତେବେ ଅର୍ଚ୍ଚନା ଓ ଜଗବନ୍ଧୁ ଜାନୁୟାରୀ ୨ରେ କୋର୍ଟରେ ହାଜର ହେବା ସମୟରେ ଜେଲରେ ଜେରା ନେଇ ତଥ୍ୟ ସମ୍ବଳିତ ଆଉ ଏକ ସଂଶୋଧନ ପିଟିଶନ୍ ଦାଖଲ କରିବାକୁ କୋର୍ଟ କହିଛନ୍ତି। ସେହି ସମୟରେ ଜେଲରେ ଜେରା ନେଇ କୋର୍ଟ ଅନୁମତି ଦେବେ କିମ୍ବା ନାହିଁ ସେନେଇ ଜଣାପଡ଼ିବ। ଗତ ୧୩ ତାରିଖରୁ ଇଡି ଅର୍ଚ୍ଚନାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୬ ଦିନିଆ ଏବଂ ୧୪ ତାରିଖରୁ ଜଗବନ୍ଧୁଙ୍କୁ ପ୍ରଥମ ପର୍ଯ୍ୟାୟରେ ୯ଦିନିଆ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିଥିଲା। ପରେ ଶୁକ୍ରବାରଠାରୁ କେବଳ ଜଗବନ୍ଧୁଙ୍କୁ ୩ଦିନ ପାଇଁ ରିମାଣ୍ଡରେ ନେଇ ଇଡି ଜେରା କରିଥିଲା। ହେଲେ ନାଗଚାନ୍ଦ ଦମ୍ପତି ଏହି ରିମାଣ୍ଡ ସମୟରେ କେତେ ସତ କହିଛନ୍ତି ଓ କେତେ ଲୁଚାଇଛନ୍ତି ସେନେଇ ଇଡି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ହେଲେ ସେମାନେ ଅନେକ କିଛି ଗୁମର ଲୁଚାଇଥିବା ସୂଚନା ମିଳିଛି।

ଅପରପକ୍ଷରେ, ଖଣ୍ଡଗିରି ଥାନା ପୋଲିସକୁ ଷ୍ଟେଟ୍ ଫରେନ୍‌ସିକ୍ ଲାବ ପକ୍ଷରୁ ଅର୍ଚ୍ଚନାଙ୍କ ଡିଜିଟାଲ ଦସ୍ତାବିଜ୍‌ର ଦ୍ୱିତୀୟ ଫରେନ୍‌ସିକ୍ ରିପୋର୍ଟ ଦିଆଯାଇଛି। ଏଥିରେ ଅର୍ଚ୍ଚନାଙ୍କ ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କର ରିପୋର୍ଟ ରହିଥିବା ସୂଚନା ମିଳିଛି। ପୂର୍ବରୁ ଇଡି, ପୋଲିସ ଓ କୋର୍ଟକୁ ମଧ ପ୍ରଥମ ରିପୋର୍ଟ ଦିଆଯାଇଥିଲା। ତେବେ ଏହି ରିପୋର୍ଟ ଆଧାରରେ ପୋଲିସ ତଦନ୍ତକୁ ଅଧିକ ଅଗ୍ରଗତି କରିବ ବୋଲି ସୂଚନା ମିଳିଛି। କାରଣ ଅର୍ଚ୍ଚନାଙ୍କ ଘରକୁ କିଏ କିଏ ଆସୁଥିଲେ ସେନେଇ ଉକ୍ତ ରିପୋର୍ଟରେ ରହିଛି। ପୋଲିସ ସେମାନଙ୍କୁ ଚିହ୍ନଟ କରି ପଚରାଉଚାର କରିବ ବୋଲି ଚର୍ଚ୍ଚା ହେଉଛି।

# ୬ ବାଇକ୍ ଜବତ: ୨ ଗିରଫ


ଜବତ ବାଇକ୍ ଏବଂ ଗିରଫ ଅଭିଯୁକ୍ତ।

**ଜଟଣୀ,୨୬।୧୨(ଡି.ଏନ୍.ଏ.)**

ଜଟଣୀ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିବା ସହ ୬ଟି ବାଇକ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖଣ୍ଡଗିରି ଥାନା ଯଦୁପୁରର ସୁମିତ ଖାନ ଏବଂ ଡୁମୁଡୁମାର ଏସ୍.କେ ସାଜିଦ। ଏନେଇ ଥାନାରେ ଏକ ମାମଲା (ନଂ.୪୫୦/୨୨)ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲଣ କରାଯାଇଛି। ସୂଚନା ମୁତାବକ, ଜଟଣୀ ଥାନା ଅଞ୍ଚଳରେ ବାଇକ୍ ଚୋରି ସହିତ ନିଶା କାରବାର ବଢ଼ିଚାଲିଛି। ଗତ ୧୫ ତାରିଖରେ ତିରିମଲ୍ଲ ଅଞ୍ଚଳର ପ୍ରତାପ ବେହେରା ଜଟଣୀ ଷ୍ଟେଟ ବ୍ୟାଙ୍କ ନିକଟରେ ବାଇକ ରଖି ବ୍ୟାଙ୍କକୁ ଯାଇଥିଲେ। ଫେରିବା ପରେ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା।

# ଗଣତନ୍ତ୍ର ରକ୍ଷା ପାଇଁ ସମସ୍ତେ ଐକ୍ୟବଦ୍ଧ ହେବାକୁ ଆହ୍ୱାନ




**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

**ସିପିଆଇର ୯୭ତମ ପ୍ରତିଷ୍ଠା ଦିବସ**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୯୭ତମ ପ୍ରତିଷ୍ଠା ଦିବସ ସମାରୋହ ସୋମବାର ସିପିଆଇର ରାଜ୍ୟ ମୁଖ୍ୟାଳୟ ଭଗବତୀ ଭବନଠାରେ ପାଳିତ ହୋଇଯାଇଛି। ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟିର ଲାଲ୍ ପତାକାକୁ ଉତ୍ତୋଳନ କରିଥିଲେ। ୧୯୨୫ ଡିସେମ୍ବର ୨୬ରେ କାନପୁରଠାରେ କିଭଳି କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ତାହା ବର୍ଣ୍ଣନା କରିବା ସହ ବର୍ତ୍ତମାନ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତାକୁ ରକ୍ଷା କରିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇ ବରିଷ୍ଠ ନେତା ଦିବାକର ନାୟକ ଉଦ୍‌ବୋଧନ ଦେଇଥିଲେ। ପାର୍ଟିର ୯୭ବର୍ଷର ତ୍ୟାଗ ଓ ସଂଗ୍ରାମର ଗୌରବୋଜ୍ଜ୍ୱଳ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦେଶର ଖଟିଖିଆ ଓ ମଧବିତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ କିଭଳି ଅହରହ ସାଲିସ୍‌ବିହୀନ ସଂଗ୍ରାମ ଚଳାଇ ଆସିଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମାରୋହରେ ବିଶ୍ୱ ଶିକ୍ଷକ ସଂଘ ସଭାପତି ଅମିୟ ମହାନ୍ତି, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ମାୟାଧର ନାୟକ, ସତୀଶ ପ୍ରମୁଖ ଉପସ୍ଥିତ ଥିଲେ।

### କଣ୍ଟାବାଡ କପ୍ କ୍ରିକେଟ, ସେମିରେ ସୁନ୍ଦରଗ୍ରାମ

**ବେଗୁନିଆ,୨୬।୧୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ସୁନ୍ଦରଗ୍ରାମ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ସୁନ୍ଦରଗ୍ରାମ କ୍ରିକେଟ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ କଟକ ଟିମ୍ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୮ ରନ ସଂଗ୍ରହ କରିଥିଲା। ବିନୟ ପାଇକରାୟ ଓ ରମାକାନ୍ତ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ସ୍ଥାନୀୟ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡା.ବସନ୍ତ କୁମାର ପଣ୍ଡା ଓ ଡା. ମଧୁସ୍ମିତା ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରିଚନ୍ଦନ ଏବଂ ଇଂ.ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ବିଜୟୀ ଦଳର ପ୍ରଦୀପ ରାଉତଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ତପେନ୍ଦ୍ର ସିଂହଙ୍କୁ ବେଷ୍ଟ ଭାଲ୍ୟୁଏବୁଲ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଅଭିଯୁକ୍ତ ସ୍ୱାମୀଙ୍କୁ ଦେଢ଼ ବର୍ଷ କାରାଦଣ୍ଡ

**ସ୍ତ୍ରୀଙ୍କୁ ପୋଡ଼ି ମାରିଦେବା ପାଇଁ ଘରେ ନିଆଁ ଲଗାଇବା ଘଟଣା**

**ବାଣପୁର,୨୬।୧୨(ଡି.ଏନ୍.ଏ.)**

ବାଣପୁର ଥାନା ଅଧୀନ ଖୁଣ୍ଟପଲ୍ଲୀ ଗ୍ରାମର ରମେଶ ବେହେରା ୨୦୧୯ ନଭେମ୍ବର୧୫ରେ ସ୍ତ୍ରୀ ମଞ୍ଜୁଲତା ବେହେରାଙ୍କୁ ମାଡ଼ ମାରିବା ସହ ପୋଡ଼ି ମାରିଦେବା ପାଇଁ ଘରେ ନିଆଁ ଲାଗାଇ ଦେଇଥିଲେ। ତେବେ ମଞ୍ଜୁଲତା ଅଳ୍ପକେ ବର୍ତ୍ତି ଯାଇଥିଲେ। ଏନେଇ ମଞ୍ଜୁଲତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୧୬/୧୯) ରୁଜୁକରି ରମେଶଙ୍କୁ ଗିରଫ କରିଥିଲା। ତଦନ୍ତ ପରେ ପୋଲିସ ଅଦାଲତରେ ଅଭିଯୋଗପର୍ତ୍ତ ଦାଖଲ କରିବା ପରେ ବାଣପୁର ସହକାରୀ ଦୌରାଜଜଙ୍କ ଅଦାଲତରେ ମାମାଲାର ଶୁଣାଣି ହୋଇଥିଲା। ମଞ୍ଜୁଲତା ଏବଂ ତାଙ୍କ ଝିଅଙ୍କ ସମେତ ଗ୍ରାମର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀଙ୍କ ବୟାନ ଭିତ୍ତିରେ ସହକାରୀ ଦୌରାଜଜ୍ ମନୋରଞ୍ଜନ ମିଶ୍ର ଅଭିଯୁକ୍ତ ରମେଶଙ୍କୁ ଦେଢ଼ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଥିବା ଜଣାପଡ଼ିଛି।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

**ରାଜଭବନରୁ ଉତ୍ସବସ୍ଥଳ ତ୍ରିରଙ୍ଗାରେ ସଜାଯିବ**

୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହିବେ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ପତାକା ଉତ୍ତୋଳନ କରିବେ। ବିଭାଗ ପକ୍ଷରୁ ପରେଡ୍ ଓ ପତାକା ଉତ୍ତୋଳନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସାଧାରଣତନ୍ତ୍ର ଦିବସ ସମ୍ପର୍କିତ ଟିଭି ଓ ସାମାଜିକ ଗଣମାଧମ ଯୋଗେ ସିଧାପ୍ରସାରଣ, ଗଣମାଧମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏଥିରେ ଅଧକ୍ଷତା କରି ରାଜଭବନରୁ ପତାକା ଉତ୍ତୋଳନ ସ୍ଥାନ ପର୍ଯ୍ୟନ୍ତ ରାସ୍ତାକୁ ତ୍ରିରଙ୍ଗା ଦ୍ୱାରା ସାଜସଜ୍ଜା ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ। ବିଏମ୍‌ସି ପକ୍ଷରୁ ଉତ୍ସବସ୍ଥଳକୁ ସାନିଟାଇଜେଶନ ଓ ପିଇବା ପାଣି ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ସନ୍ତୋଷ ଦାସ, ଗୁରବୀର୍ ସିଂହ, ବିଶ୍ୱଜିତ ଦାସ, ସୁଚେତା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ଅନ୍ୟମାନେ।

### ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକୋତ୍ସବ

**ବାଲୁଗାଁ,୨୬।୧୨(ଡି.ଏନ୍.ଏ.)**

ଚିଲିକା ବ୍ଲକ ଅନ୍ତର୍ଗତ ବଡ଼କୁଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଦୁଃଶାସନ ଜାଲି ଅତିଥିଙ୍କ ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସଭାପତି କେଳୁଚରଣ ଚିନ୍ନରାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଦର୍ଶନ ବିଭାଗର ପୂର୍ବତନ ଅଧାପକ ରମାକାନ୍ତ ନନ୍ଦ, ମୁଖ୍ୟ ବକ୍ତା ରୋଟାରିଆନ ଭାଗୀରଥି ସ୍ୱାଇଁ, ଅତିଥିଭାବେ ସରପଞ୍ଚ ପ୍ରହ୍ଲାଦ ବେହେରା, ଶିକ୍ଷକ ପ୍ରମୋଦ ସ୍ୱାଇଁ, ବାଲୁଗାଁ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ପ୍ରଭାସ କୁମାର ସୁନ୍ଦରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପରି ଘଟଣା ଓ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଦୁଇଟି ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ବିଭିନ୍ନ କ୍ଷେତ୍ରର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭ୍ରମର ପାଇକରାୟ, ନଳିନୀପ୍ରଭା ସାମନ୍ତଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆନ୍ତର୍ଜାତିକ ଓଡ଼ିଶୀ ମହୋତ୍ସବ ଆରମ୍ଭ

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ଉତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ଦାସ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶୀ ନୃତ୍ୟାଙ୍ଗନା ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦି, ଓଡ଼ିଶୀ ଗାୟିକା ତଥା ସଂଯୋଜିକା ଶ୍ୟାମାମଣୀ ଦେବୀ, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଡ. ଅନୁଜା ତାରିଣୀ ମିଶ୍ର ଯୋଗଦେଇଥିଲେ। ଏହି ୫ଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଦେଶବିଦେଶରୁ ୩୫୦ରୁ ଅଧିକ କଳାକାର ଯୋଗଦେଇଛନ୍ତି। ପ୍ରଥମେ ଏକକ ନୃତ୍ୟ ପର୍ଯ୍ୟାୟରେ ବିଶିଷ୍ଟ ନୃତ୍ୟଶିଳ୍ପୀ ମାଧବୀ ମୁଦ୍‌ଗଲଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଅଷ୍ଟକମ୍ ପରେ ଦେବଶ୍ରିତା ମହାନ୍ତିଙ୍କ ଦ୍ୱାରା ଗୀତଗୋବିନ୍ଦ ଅଷ୍ଟପଦୀ ଏବଂ ଦେବାଶିଷ ପଟ୍ଟନାୟକଙ୍କ ଦ୍ୱାରା ଶିବାଷ୍ଟକ ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତି ଥିଲା ଦ୍ୱୈତ୍ୟ ନୃତ୍ୟ ପର୍ଯ୍ୟାୟରେ ବୈଷ୍ଣବୀ ପ୍ରିୟଦର୍ଶନୀ ଓ ଅର୍ପିତା ମହାପାତ୍ରଙ୍କ ଦ୍ୱାରା ସାଭିନୟ ପଲ୍ଲବୀ। ଏକକ ନୃତ୍ୟ ପର୍ଯ୍ୟାୟରେ ତୁଳିକା ତ୍ରିପାଠୀଙ୍କ ଦ୍ୱାରା କଳାବତୀ ପଲ୍ଲବୀ, ଚିଂଗ୍ ହାନ୍ ୱଙ୍ଗଙ୍କ ଦ୍ୱାରା ମା'ରେ ବାଣ ଧାରା ଶ୍ରାବଣୀ କି, ପୂଜା କୁମାରଙ୍କ ଦ୍ୱାରା ମୋହନା ପଲ୍ଲବୀ ଉପସ୍ଥାପିତ ହୋଇଥିଲା। ଦ୍ୱୈତ୍ୟ ନୃତ୍ୟରେ ଅସ୍ମିତା କର ଏବଂ ଜାହ୍ନବୀ ଆଚାର୍ଯ୍ୟଙ୍କ ଦ୍ୱାରା ଗୀତଗୋବିନ୍ଦ ଅଷ୍ଟପଦୀ ଓ ଶେଷରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ବୈଶାଳୀ କଳା କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା ପଲ୍ଲବୀ ଉପସ୍ଥିତ ଦର୍ଶକଙ୍କ ମନ ମୁଗ୍ଧ କରିଥିଲା।

# ବଟି ନ ଦେବାରୁ ଆକ୍ରମଣ: ମହିଳାଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

ଦାଦାବଟି ନ ଦେବାରୁ ଅଭିଯୋଗକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଗାଡି ପୋଡିଦେବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମର ମିଥୁନ୍ ଓରଫ୍ ମନୋଜ ମହାପାତ୍ର ଓ ଜଙ୍କିଆ ଥାନା ଅଞ୍ଚଳର ପୂଜା ବେହେରା ।

ସୂଚନାନୁସାରେ, ଅଭିଯୋଗକାରୀ ଏବଂ ତାଙ୍କର ଜଣେ ବନ୍ଧୁ ବାଇକରେ ମାଷ୍ଟରକ୍ୟାଣ୍ଟିନ ଛକରୁ ପିଏମଜି ଛକକୁ ଯାଉଥିଲେ । ପିଏମଜି ଛକ ଠାରେ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ୫ ରୁ ୧୦ ହଜାର ଟଙ୍କା ଦାଦାବଟି ଦାବି କରିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ଏକ ମାରଣାସ୍ତ୍ରରେ ହତ୍ୟା କରିବା ଲାଗି ଧମକ ଦେବା ସହିତ ଅଭିଯୋଗକାରୀଙ୍କ ବାଇକର ପେଟ୍ରୋଲ ପାଇପ ଖୋଲିଦେବା ସହ ଅଗ୍ନି ସଂଯୋଗ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଫଳରେ ନିଆଁ ଲାଗି ବାଇକଟି କ୍ଷତିଗ୍ରସ୍ତ ହୋଇଥିଲା ।

# ଉଠାଦୋକାନୀ ମହାସଂଘ ସହ ବିଏମ୍‌ସିର ଆଲୋଚନା

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

- ୩୦ରେ ବିଏମ୍‌ସି, ବିଡିଏ, ନବୀନ ନିବାସ ଘେରିବେ ଉଠାଦୋକାନୀ
- ଉଚ୍ଛେଦ ଦୋକାନୀଙ୍କୁ ଭେଣ୍ଡିଂଜୋନ୍ ମାଧମରେ ଥଇଥାନ ପ୍ରତିଶ୍ରୁତି

ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହ ଆଲୋଚନା କରିଛି ବିଏମ୍‌ସି। ସୋମବାର ଉତ୍ତର ବିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମହାସଂଘର ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉଠା ଦୋକାନ ଉଚ୍ଛେଦକୁ ତୁରନ୍ତ ବନ୍ଦ କରିବା, ଉଚ୍ଛେଦ ଦୋକାନୀଙ୍କୁ କ୍ଷତିପୂରଣ ସହ ଭେଣ୍ଡିଂଜୋନ୍‌ରେ ଥଇଥାନ କରିବା, ଉଚ୍ଛେଦ ସମୟରେ ଗାଳିଗୁଲଜ କରୁଥିବା ଅଧିକାରୀଙ୍କୁ ଆପରାଧିକ ଆଇନ ଅନୁଯାୟୀ ଗିରଫ କରିବା, ଉଚ୍ଛେଦ ସମୟରେ ମାନବିକତା ଅବଲମ୍ବନ କରିବା, ଉଚ୍ଛେଦ ହୋଇଥିବା ଦୋକାନୀଙ୍କ ତାଲିକା ଅନୁଯାୟୀ ୧ମାସ ମଧରେ ଥଇଥାନ କରିବା, ମହାସଂଘ କମିଟି ସହ ଆଲୋଚନା କରି ଉଚ୍ଛେଦ କରିବା, ଭେଣ୍ଡିଂଜୋନ୍‌ରେ ସ୍ଥାନୀୟ ଉଠା ଦୋକାନୀଙ୍କୁ ଥଇଥାନ କରିବା ଓ ବିଏମ୍‌ସି ସ୍କ୍ୱାଡ୍ ସହିତ ମହାସଂଘର ସ୍କ୍ୱାଡ୍‌କୁ ସାମିଲ୍ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ଉପରେ ଡେପୁଟି କମିଶନର ପୁରନ୍ଦର ନନ୍ଦଙ୍କ ସହ ଆଲୋଚନା କରାଯାଇଥିଲା। ଏନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ସମାଧାନ କରିବାକୁ ନନ୍ଦ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଉତ୍ତର ବିଏମ୍‌ସି ଅଞ୍ଚଳରେ ୩୦ଟି ଭେଣ୍ଡିଂଜୋନ ତିଆରି କରିବା ପାଇଁ ଜିଏ ବିଭାଗକୁ ଜାଗା ମଗାଯାଇଛି। ଜାଗା ମିଳିବା ପରେ ଉଚ୍ଛେଦ ଦୋକାନୀଙ୍କୁ ସେଠାରେ ଥଇଥାନ କରାଯିବ ବୋଲି ସେ କହିଥିଲେ। ତେବେ ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବାରୁ ଏହାକୁ ବିରୋଧ କରାଯାଇଥିଲା। ପ୍ରତିବାଦ ସ୍ୱରୂପ ୩୦ ତାରିଖରେ ବିଏମ୍‌ସି, ବିଡ଼ିଏ, ନବୀନ ନିବାସ, କଳିଙ୍ଗ ଷ୍ଟାଡ଼ିୟମର ୪ଟି ଗେଟ୍‌କୁ ଉଠାଦୋକାନୀ ଏବଂ ତାଙ୍କ ପରିବାର ସଦସ୍ୟ ଘେରାଉ କରିବେ ବୋଲି ମହାସଂଘ ସଭାପତି ପ୍ରତାପ ସାହୁ ସୂଚନା ଦେଇଛନ୍ତି। ବୈଠକରେ ଆସିଷ୍ଟାଣ୍ଟ କମିଶନର ଉମେଶ ଚନ୍ଦ୍ର ଲେଙ୍କା, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ମହାସଂଘର ଅନୁଜ ପ୍ରଧାନ, ଜଗବନ୍ଧୁ ବେହେରା, କରୁଣାକର ରାଉତ, ଏସ୍.କେ. ଗୁହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ପ୍ରବଳ ଭିଡ଼: ୯ ଛାତ୍ରୀ ଅସୁସ୍ଥ

ପୁରୀ ଅଫିସ ୨୬।୧୨

ଶ୍ରୀମନ୍ଦିରରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ପ୍ରାୟ ୭୦ଜଣ ଛାତ୍ରୀଙ୍କ ମଧ୍ୟରୁ ୯ରୁ ଊର୍ଦ୍ଧ୍ୱ ଛାତ୍ରୀ ଭିଡ଼ ଯୋଗୁ ବାଇଶିପାହାଚ ନିକଟରେ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ହୃଦାନନ୍ଦ ହାଇସ୍କୁଲରୁ ୭୦ଜଣ ଛାତ୍ରୀ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ବୁଲାବୁଲି ସାରି ମହାପ୍ରଭୁଙ୍କ ଦର୍ଶନ ଲାଗି ବଡ଼ଦାଣ୍ଡରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡରେ ଦୀର୍ଘ ସମୟ ଧରି ଲମ୍ବା ଧାଡ଼ିରେ ଠିଆ ହୋଇ ରହିବା ପରେ ପରେ ଶ୍ରୀମନ୍ଦିର ବାଇଶିପାହଚ ନିକଟରେ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅସୁସ୍ଥ ଛାତ୍ରୀ।

ପହଞ୍ଚିଥିଲେ। ତେବେ ଗହଳି ଯୋଗୁ ୯ରୁ ଊର୍ଦ୍ଧ୍ୱ ଛାତ୍ରୀ ବାଇଶିପାହାଚ ନିକଟରେ ଅସୁସ୍ଥ ହୋଇପଡ଼ିଥିଲେ। ଏମାନେ ଅଚେତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ସଙ୍ଗେସଙ୍ଗେ ସମସ୍ତଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଶ୍ରୀମନ୍ଦିର ଭିତରେ ପ୍ରବଳ ଭିଡ଼ ଯୋଗୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଶ୍ରୀମନ୍ଦିର ମଧ୍ୟରେ ପ୍ରବଳ ଭିଡ଼ ରହୁଛି। ଶ୍ରୀମନ୍ଦିର ବାଇଶିପାହାଚ ଦେଇ ଛାତ୍ରୀମାନେ ଯିବାବେଳେ ପ୍ରଥମେ ୬ ଜଣ ଓ କିଛି ସମୟ ପରେ ଆଉ ୩ଜଣ ଛାତ୍ରୀ ବେହୋସ୍ ହୋଇପଡ଼ିଥିଲେ। ଅଚେତ ଛାତ୍ରୀଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ଛାତ୍ରୀମାନଙ୍କ ମଧ୍ୟରେ ସୁଭଦ୍ରା ଦାସ, ଲିଜା ଟୁଡ୍ଡୁ, କ୍ରିଷ୍ଣା ପରିଡା, ଇତିଶ୍ରୀ ଜେନା, ବିଷ୍ଣୁପ୍ରିୟା ବେହେରା, ବର୍ଷାରାଣୀ ପରିଡା, ରଶ୍ମିତା ସାହୁ ଓ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ରହିଛନ୍ତି। ଏମାନେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ବୋଲି ସୂଚନା ମିଳିଛି। ଚିକିତ୍ସା ପରେ ଛାତ୍ରୀମାନେ ସୁସ୍ଥ ଥିବା ସୂଚନା ମିଳିଛି। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ମରିଚିକୋଟ୍ ଛକରୁ ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଛି। ଉକ୍ତ ବ୍ୟାରିକେଡ ଦେଇ ଦେଇ ଲକ୍ଷ ଲକ୍ଷ ଭକ୍ତ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି । ତେବେ ଆଗକୁ ନୂଆବର୍ଷ ଆସୁଥିବା ବେଳେ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶା ରହିଛି। ତେଣୁ ଏପରି ଅଘଟଣକୁ ଏଡାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ୬ ବାଇକ୍ ଜବତ, ୨ ଗିରଫ

ଜଟଣୀ,୨୬।୧୨(ଡି.ଏନ୍.ଏ.)

ଜଟଣୀ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିବା ସହ ୬ଟି ବାଇକ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖଣ୍ଡଗିରି ଥାନା ଯଦୁପୁରର ସୁମିତ୍ ଖାନ୍ ଏବଂ ଡୁମୁଡୁମାର ଏସ୍.କେ. ସାଜିଦ। ଏନେଇ ଥାନାରେ ଏକ ମାମଲା (ନଂ.୪୫୦/୨୨)ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଜଟଣୀ ଥାନା ଅଞ୍ଚଳରେ ବାଇକ୍ ଚୋରି ସହିତ ନିଶା କାରବାର ବଢ଼ିଚାଲିଛି। ଗତ ୧୫ ତାରିଖରେ ତିରିମଲ୍ଲ ଅଞ୍ଚଳର ପ୍ରତାପ ବେହେରା ଜଟଣୀ ଷ୍ଟେଟ୍‌ବ୍ୟାଙ୍କ ନିକଟରେ ବାଇକ୍ ରଖି ବ୍ୟାଙ୍କକୁ ଯାଇଥିଲେ। ଫେରିବା ପରେ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### ରାଜ୍ୟ ସରକାରଙ୍କୁ ବିରୋଧ କରି ଭାଜପାର ସତ୍ୟାଗ୍ରହ

ପିପିଲି,୨୬।୧୨(ଡି.ଏନ୍.ଏ./ସ୍ୱ.ପ୍ର.): ଭାଜପା ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ ସୋମବାର ସତ୍ୟାଗ୍ରହ ପାଳନ କରାଯାଇଛି। ପୁରୀ ଜିଲା ପିପିଲିଠାରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ବିଶେଷକରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ରାଜ୍ୟରେ ଅରାଜକତା ବଢ଼ି ଚାଲିଥିବାବେଳେ ନାରୀ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଥିଲା। ଓଡ଼ିଶା ଏବେ ଅପରାଧର ଚରାଭୂଇଁ ପାଲଟିଛି। ରାଜ୍ୟରେ ଦୀର୍ଘ ବର୍ଷ ଧରି କ୍ଷମତାରେ ଥିବା ଶାସକ ଦଳ ଅସ୍ଥିରତା ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇଥିଲା। ରାଜ୍ୟବ୍ୟାପୀ ଏହାର ବିରୋଧରେ ଭାଜପା ସତ୍ୟାଗ୍ରହ କରୁଛି ବୋଲି ସଭାପତି ପଟ୍ଟନାୟକ କହିଛନ୍ତି।

### ଦଳକ ଗାଁର ୩ ସ୍ଥାନରେ ବୋମାମାଡ଼

ବେଗୁନିଆ,୨୬।୧୨(ଡି.ଏନ୍.ଏ.): ବେଗୁନିଆ ଥାନା ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଳକ ଗାଁରେ ରବିବାର ରାତିରେ ୩ ସ୍ଥାନରେ ବୋମାମାଡ଼ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଏହାକୁ ବାଣଫୁଟାର ରୂପ ଦିଆଯାଉଥିବା ବେଳେ ଅସାମାଜିକ ଯୁବକଙ୍କ ଭୟରେ କେହି ମୁହଁ ଖୋଲୁନାହାନ୍ତି। ତେବେ ଏହି ଘଟଣା ପରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ସୂଚନା ମୁତାବକ, ମଳିପଡ଼ା ଗ୍ରାମ ନିକଟ ଠାକୁରାଣୀଙ୍କ ପୀଠ ପରିସରରେ ଭୋଜି ହେଉଥିଲା। କେତେଜଣ ଯୁବକ କୌଣସି କାରଣ ନେଇ ଗାଳିଗୁଲଜ କରୁଥିବା ଦେଖି କେହି ଜଣେ ବାରଣ କରିଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ କେତେଜଣ ଯୁବକ ଦଳକ ଗ୍ରାମର ସ୍କୁଲ ଖେଳପଡିଆ, ଆଶ୍ରମ ଏବଂ ମଣ୍ଡପ ନିକଟରେ ୭ରୁ ୮ଟି ବୋମା ମାଡ଼ କରିଥିବା ଜଣାପଡ଼ିଛି।

### ଜେଲ୍ ଫେରିଲେ ଜଗବନ୍ଧୁ, ମିଳିଲା ଦ୍ୱିତୀୟ ଫରେନ୍‌ସିକ୍ ରିପୋର୍ଟ

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**

ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ): ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ରବିବାର ୩ ଦିନିଆ ରିମାଣ୍ଡ ଅବଧି



ସରିବା ପରେ ସୋମବାର ତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କୋର୍ଟରେ ହାଜର କରାଯାଇଥିଲଣ। ହେଲେ ଏହି ସମୟରେ ଜଗବନ୍ଧୁଙ୍କୁ ପୁନର୍ବାର ରିମାଣ୍ଡରେ ନେବାକୁ ଆବେଦନ କରାଯାଇ ନ ଥିଲା। ଫଳରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଗବନ୍ଧୁ ଝାରପଡ଼ା ଜେଲ ହାଜତକୁ ଫେରିଯାଇଛନ୍ତି। ପରବର୍ତ୍ତୀ ସମୟରେ ଜେଲରେ ନାଗଦମ୍ପତିଙ୍କୁ ଜେରା କରିବା ନେଇ ଇଡି ପକ୍ଷରୁ ଏକ ପିଟିଶନ୍ ଦାଖଲ କରାଯାଇଥିଲା। ତେବେ ଅର୍ଚ୍ଚନା ଓ ଜଗବନ୍ଧୁ ଜାନୁୟାରୀ ୨ରେ କୋର୍ଟରେ ହାଜର ହେବା ସମୟରେ ଜେଲରେ ଜେରା ନେଇ ତଥ୍ୟ ସମ୍ବଳିତ ଆଉ ଏକ ସଂଶୋଧନ ପିଟିଶନ୍ ଦାଖଲ କରିବାକୁ କୋର୍ଟ କହିଛନ୍ତି। ସେହି ସମୟରେ ଜେଲରେ ଜେରା ନେଇ କୋର୍ଟ ଅନୁମତି ଦେବେ କିମ୍ବା ନାହିଁ ସେନେଇ ଜଣାପଡ଼ିବ। ଗତ ୧୩ ତାରିଖରୁ ଇଡି ଅର୍ଚ୍ଚନାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୬ ଦିନିଆ ଏବଂ ୧୪ ତାରିଖରୁ ଜଗବନ୍ଧୁଙ୍କୁ ପ୍ରଥମ ପର୍ଯ୍ୟାୟରେ ୯ଦିନିଆ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିଥିଲା। ପରେ ଶୁକ୍ରବାରଠାରୁ କେବଳ ଜଗବନ୍ଧୁଙ୍କୁ ୩ଦିନ ପାଇଁ ରିମାଣ୍ଡରେ ନେଇ ଇଡି ଜେରା କରିଥିଲା। ହେଲେ ନାଗଚାନ୍ଦ ଦମ୍ପତି ଏହି ରିମାଣ୍ଡ ସମୟରେ କେତେ ସତ କହିଛନ୍ତି ଓ କେତେ ଲୁଚାଇଛନ୍ତି ସେନେଇ ଇଡି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ହେଲେ ସେମାନେ ଅନେକ କିଛି ଗୁମର ଲୁଚାଇଥିବା ସୂଚନା ମିଳିଛି। ଅପରପକ୍ଷରେ, ଖଣ୍ଡଗିରି ଥାନା ପୋଲିସକୁ ଷ୍ଟେଟ୍ ଫରେନ୍‌ସିକ୍ ଲାବ ପକ୍ଷରୁ ଅର୍ଚ୍ଚନାଙ୍କ ଡିଜିଟାଲ ଦସ୍ତାବିଜ୍‌ର ଦ୍ୱିତୀୟ ଫରେନ୍‌ସିକ୍ ରିପୋର୍ଟ ଦିଆଯାଇଛି। ଏଥିରେ ଅର୍ଚ୍ଚନାଙ୍କ ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କର ରିପୋର୍ଟ ରହିଥିବା ସୂଚନା ମିଳିଛି। ପୂର୍ବରୁ ଇଡି, ପୋଲିସ ଓ କୋର୍ଟକୁ ମଧ ପ୍ରଥମ ରିପୋର୍ଟ ଦିଆଯାଇଥିଲା। ତେବେ ଏହି ରିପୋର୍ଟ ଆଧାରରେ ପୋଲିସ ତଦନ୍ତକୁ ଅଧିକ ଅଗ୍ରଗତି କରିବ ବୋଲି ସୂଚନା ମିଳିଛି। କାରଣ ଅର୍ଚ୍ଚନାଙ୍କ ଘରକୁ କିଏ କିଏ ଆସୁଥିଲେ ସେନେଇ ଉକ୍ତ ରିପୋର୍ଟରେ ରହିଛି। ପୋଲିସ ସେମାନଙ୍କୁ ଚିହ୍ନଟ କରି ପଚରାଉଚରା କରିବ ବୋଲି ଚର୍ଚ୍ଚା ହେଉଛି।



ନିମାପଡ଼ା ମହୋତ୍ସବରେ ସୋମବାର ଯୋଗଦେଇଥିବା ଅତିଥି ଏବଂ ସମ୍ବର୍ଦ୍ଧିତ ପ୍ରତିଭା।

# ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକ ବିମୋହିତ

- ଅଧ୍ୟାପକ ବିଶ୍ୱ ରଞ୍ଜନଙ୍କୁ ରମେଶ ପରିଡ଼ା ସ୍ମୃତି ସମ୍ମାନ
- ପଲ୍ଲିଶ୍ରୀ ମେଳା, ମୀନାବଜାରରେ ପ୍ରବଳ ଭିଡ଼

ନିମାପଡ଼ା,୨୬।୧୨(ଡି.ଏନ୍.ଏ.)

ନିମାପଡ଼ା ମହୋତ୍ସବ କମିଟି ଓ ହେଲ୍ପଲାଇନ ପକ୍ଷରୁ ୩ ଦିନିଆ ୨୨ତମ ନିମାପଡ଼ା ମହୋତ୍ସବ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେଉଛି। ସୋମବାର ମହୋତ୍ସବର ୨ୟ ସନ୍ଧ୍ୟାରେ ଅତିଥି ଭାବେ କ୍ରୀଡ଼ା ଯୁବବ୍ୟାପାର, ସୂଚନା, ପ୍ରଯୁକ୍ତିବିଦ୍ୟା, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲେ। ଆମ ଦେଶ ହେଉଛି ଜଗତର ନାଥ ଜଗନ୍ନାଥଙ୍କ ଦେଶ। ଆମ ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଆମ ରାଜ୍ୟ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାର ରାଜ୍ୟ। ଏହି କଳା, ସଂସ୍କୃତି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଅଫୁରନ୍ତ ଆନନ୍ଦ, ଭକ୍ତିଭାବ ଆଣିଦିଏ ବୋଲି ବେହେରା କହିଥିଲେ। ମହୋତ୍ସବ କମିଟି ସଭାପତି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ନିମାପଡ଼ାର ସାମଗ୍ରିକ ବିକାଶ ଆମର ମୂଳମନ୍ତ୍ର। ରାଜ୍ୟରେ କଳା, ସଂସ୍କୃତି, ଐତିହ୍ୟର ବିକାଶ ପାଇଁ ଆମ ସରକାର ସଦା ଚେଷ୍ଟିତ। ଏହି ମହୋତ୍ସବ ନିମାପଡ଼ାର ଏକ ପ୍ରସିଦ୍ଧ ଗଣପର୍ବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସମ୍ମାନିତ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଅତିଥି ଭାବେ ଶହୀଦ ସ୍ମୃତି ସଂସଦର ସମ୍ପାଦକ ଡ. ବେଣୁଧର ସେନାପତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ହେଲ୍ପ ଲାଇନ ସଭାପତି ଅକ୍ଷୟ ସାହୁ, ସମ୍ପାଦକ ନିଗମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବର ସଫଳ କାମନା କରିଥିଲେ। ଶିକ୍ଷାବିତ୍ ସ୍ୱର୍ଗତ ରମେଶଚନ୍ଦ୍ର ପରିଡ଼ାଙ୍କ ଅନୁଷ୍ଠାନ ପକ୍ଷରୁ ପ୍ରାବନ୍ଧିକ, ଗାଳ୍ପିକ, ଲେଖକ, ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ରମେଶ ପରିଡ଼ା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ହେଲେ ବିଶ୍ୱରଞ୍ଜନଙ୍କ ଅନୁପସ୍ଥିତି ଯୋଗୁ ଏହି ସମ୍ମାନ ତାଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ସମାରୋହରେ କଲିକତାର ନିତ୍ୟାବିତ୍ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ଗୁରୁ ରୁପ୍‌ସା କର୍ମକାର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ପ୍ରଭୁ ଶ୍ରୀ ବିଘ୍ନରାଜ ଗଣେଶଙ୍କର ମହିମାଗାନ ପୂର୍ବକ ଆକର୍ଷଣୀୟ ଭାରତନାଟ୍ୟମ୍ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିସହ କୋରାପୁଟର ମା' ମଉଳିକଳା ପରିଷଦ ପକ୍ଷରୁ ଦଣ୍ଡାହଳିଆ ନୃତ୍ୟ(ଢେମ୍‌ସା), ମୟୂରଭଞ୍ଜର ପଲ୍ଲଭି ଅନୁଷ୍ଠାନ ପକ୍ଷରୁ ମାଲଖମ୍ଭ ନୃତ୍ୟ, ନିମାପଡ଼ା ନଟରାଜ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଡ୍ୟାନ୍ସ ଡ୍ରାମା ପରିବେଶିତ ହୋଇଥିଲା। ଉତ୍ସବ ସ୍ଥଳରେ ବାଲୁକା ଶିଳ୍ପୀ ଶିକ୍ଷକ ଶ୍ରୀଚରଣ ରାଉତଙ୍କ ବିଶ୍ୱକପ୍ ହକି ଓଡ଼ିଶା ଅବସରରେ ହକିର ଯାଦୁକର ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତି ବାଲୁକାକଳା ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଓର୍‌ମାସ ଓ ପୁରୀ ଡିଆର୍‌ଡିଓ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳା ଓ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ମୀନାବଜାରରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିଥିଲା। ଶିକ୍ଷକ ପ୍ରତାପ ରାଉତ ଏହି ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୩୦ ପୀଡ଼ିତ ପରିବାରଙ୍କୁ ଉଠାଇ ନେଲା ପୋଲିସ

ପୁରୀ ଅଫିସ ୨୬।୧୨

ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏବଂ ରାଜ୍ୟ ସମ୍ପାଦକ ଦିଲ୍ଲୀପ କୁମାର ସାହୁଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟର ବିଭିନ୍ନ ଜିଲାରୁ ଜଘନ୍ୟ ହତ୍ୟା ଓ ଶିଶୁ ଅପହରଣ, ଶିଶୁ ଅଙ୍ଗତସ୍କରୀ ଭଳି ମାମଲାରେ ପ୍ରାୟ ୩୦ ପୀଡିତ ପରିବାର ପୁରୀରେ ସୋମବାର ସରକାରଙ୍କ ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ତାଳବଣିଆ ଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ କରୁଥିବା ବେଳେ ଗୁଣ୍ଡିଚାମନ୍ଦିର ସମ୍ମୁଖ ଶରଧାବାଲି ଠାରେ ପୀଡିତ ପରିବାର ନ୍ୟାୟ ଦାବି କରି ସରକାରଙ୍କ ବିରୋଧରେ ପ୍ରତିବାଦ କରିଥିଲେ। ତେବେ ପୀଡିତ ପରିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିଜ ନିଜର ଦୁଃଖ ଜଣେଇ ସମୂହ ଦୀପଦାନ କରିବା ସହ ଏବଂ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହାଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସମସ୍ତ କେଶର ସିବିଆଇ ତଦନ୍ତ ଦାବିରେ ଏକ ଦାବିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ଏ ନେଇ ପୂର୍ବରୁ ମଧ୍ୟ ଜିଲା ପ୍ରଶାସନକୁ ପୀଡିତ ପରିବାର ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ମାତ୍ର ପୀଡିତ ପରିବାରକୁ ପୋଲିସ ପ୍ରତିବାଦ କରିବା ସ୍ଥଳରୁ ଜୋର ଜବରଦସ୍ତ ଉଠାଇ ନେଇଥିଲା। ଯାହାକୁ ନେଇ ପୀଡିତ ପରିବାର କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ନେତା ଓମନ୍ତ୍ରୀ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ହେତୁ ସରକାର ତାଙ୍କୁ ନ୍ୟାୟ ପ୍ରଦାନ କରୁନାହାନ୍ତି। ଅପରପକ୍ଷରେ ସେ ନ୍ୟାୟ ଦାବି କରି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାକୁ ଚାହିଁଥିଲେ ମଧ୍ୟ ସରକାର ଭୟଭୀତ ହୋଇ ତାଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇ ଦିନ ତମାମ ପୋଲିସ ଗାଡିରେ ବିଭିନ୍ନ ସ୍ଥାନ ବୁଲାଇବା ପରେ ଅପରାହ୍ନ ୪ଟାରେ ତାଙ୍କୁ ଛାଡିଥିଲା। ପୋଲିସର ଏପରି କାର୍ଯ୍ୟକୁ ପୀଡିତ ପରିବାର ପକ୍ଷରୁ ନିନ୍ଦା କରିବା ସହ ଆଗକୁ ଏ ନେଇ ବିଚାର କରାଯିବା ସହ ମାନବ ଅଧିକାରଙ୍କ ଦ୍ୱାରସ୍ଥ ହେବା ସହ କୋର୍ଟର ଆଶ୍ରୟ ନେବା ପାଇଁ ଚିନ୍ତା କରାଯାଉଥିବା ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ସୂଚନା ଦେଇଛନ୍ତି।



ରାଜନୀତିର ଅପରାଧୀକରଣ ପ୍ରତିବାଦରେ ପୁରୀ ଭାଜପା ପକ୍ଷରୁ ଟାଉନ ହଲ ଆଗରେ ଧାରଣା।

## ଲକ୍ଷ୍ମୀନାରାୟଣ ଦେବ ସୁରକ୍ଷା କମିଟିର କର୍ମକର୍ତ୍ତା ଚୟନ

ସାକ୍ଷୀଗୋପାଳ, ୨୬।୧୨ (ଡି. ଏନ୍. ଏ./ସ୍ୱ.ପ୍ର.)

କବିରାଜପୁରସ୍ଥିତ ଲକ୍ଷ୍ମୀ ନାରାୟଣ ଦେବ ସୁରକ୍ଷା କମିଟିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ଆଖପାଖ ୮ଟି ଗ୍ରାମର ପ୍ରାୟ ୨ଶହ ସଦସ୍ୟଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିରେନ୍ଦ୍ର ଭୂଷଣ ହୋତା ସଭାରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ନଟର ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସୋମନାଥ ଦାଶ ଓ ଦିବାକର ଦାଶ ଉପଦେଷ୍ଟା, ବିରେନ୍ଦ୍ର ଭୂଷଣ ହୋତା ସଭାପତି, ନବକିଶୋର ହୋତା କାର୍ଯ୍ୟକାରୀ ସଭାପତି, ସମ୍ପାଦକ ନଟର ଆଚାର୍ଯ୍ୟ, ଅନିଲ ଦାଶ କୋଷାଧ୍ୟକ୍ଷ, ପ୍ରଭାକର ଦାଶ ସମୀକ୍ଷକ, ୧୧ ଜଣ କାର୍ଯ୍ୟକାରୀ କମିଟି ଓ ୨ ସହଯୋଗୀଙ୍କୁ ନେଇ ଆଗାମୀ ଦୁଇ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିଲେ।

## ଜିଲାସ୍ତରୀୟ ଧାନମଣ୍ଡି ଆରମ୍ଭ



ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ପିପିଲି,୨୬।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲା ପିପିଲିରେ ଚଳିତ ଖରିଫ ୨୨-୨୩ ବର୍ଷ ପାଇଁ ଜିଲାସ୍ତରୀୟ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ବିଧାୟକ ରୁଦ୍ରପ୍ରତାପ ମହାରଥୀ ସୋମବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ପିପିଲି ତେଇଶିପୁରରେ ମଣ୍ଡି ଉଦ୍‌ଘାଟିତ ହୋଇଥିବାବେଳେ ମଙ୍ଗଳବାରଠାରୁ ଜିଲାର ବିଭିନ୍ନ ବ୍ଲକରେ ଧାନମଣ୍ଡି ଖୋଲାଯିବ ବୋଲି ବିଧାୟକ କହିଛନ୍ତି। ବିଶେଷକରି ଚାଷୀଙ୍କ ପାଇଁ ଧାନମଣ୍ଡିରେ ସାଧାରଣ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କୁ ପାନୀୟ ଜଳ, ଶୌଚାଳୟ, ଧାନ ସୁରକ୍ଷା ପାଇଁ ଜରି ପାଲ ଆଦି ମଣ୍ଡିରେ ଯୋଗାଇ ଦିଆଯିବ। ସେପଟେ ଏଫ୍‌ଏକ୍ୟୁ ଧାନକୁ ଆଣି ମଣ୍ଡିରେ ଦେବା ପାଇଁ ଚାଷୀଙ୍କୁ ଜିଲା ଯୋଗାଣ ଅଧିକାରୀ ପରାମର୍ଶ ଦେଇଛନ୍ତି। ମଣ୍ଡିରେ କଟ୍‌ନୀ ଛଟ୍‌ନୀ ଉପରେ ରୋକ ଲଗାଇବା ପାଇଁ ଚାଷୀ ସଚେତନତାର ଆବଶ୍ୟକତା ରହିଛି ବୋଲି ବିଧାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ବ୍ଲକ ଅଧ୍ୟକ୍ଷା ଦେବଶ୍ମିନୀ ନନ୍ଦ, ଜିଲା ପରିଷଦ ସଭ୍ୟା ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ମୀନା ବଜାର

ପିପିଲି,୨୬।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

କରୋନା ପାଇଁ ପିପିଲି ମୀନାବଜାର ୨ ବର୍ଷ ଧରି ବନ୍ଦ ରହିଥିବାବେଳେ ସୋମବାରଠାରୁ ଏହା ପୁଣି ଆରମ୍ଭ ହୋଇଛି। ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏହି ମୀନାବଜାରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବିଧାୟକଙ୍କ ସହ ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ରାଜ୍ୟ ବିଜେଡି ନେତା ପ୍ରିୟବ୍ରତ ସାମନ୍ତରାୟ, ପତିତପାବନ ମନ୍ଦିର କମିଟି ଟ୍ରଷ୍ଟି ସୁରେଶ ମହାପାତ୍ର, ପିପିଲି ବଜାର କମିଟି ସଭାପତି ରାକେଶ ମହାପାତ୍ର, ମନ୍ଦିର ପରିଚାଳନା କମିଟି ସଭାପତି ବବୁଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ବିଭିନ୍ନ ପ୍ରକାରର ଘରକରଣ ସାମଗ୍ରୀ ସହ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାରର ଖେଳ ଆଦି ରହିଛି। ଏହି ମୀନାବଜାରକୁ ନିକଟସ୍ଥ ୧୦ କିଲୋମିଟର ଦୂରରୁ ଜନସାଧାରଣ ଆସିଥାନ୍ତି। ୨ ବର୍ଷ ପରେ ପୁଣି ଏହା ଆରମ୍ଭ ହୋଇଥିବାରୁ ଉକ୍ତ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।



କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ବୋଧନ ଦେଉଛନ୍ତି।

# ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକଙ୍କ ସିଫା ପରିଦର୍ଶନ

**ବ୍ୟବସାୟ ଉନ୍ନୟନ କେନ୍ଦ୍ର ଉଦ୍‌ଘାଟନ କଲେ**

ପିପିଲି/ବାଳକାଟୀ,୨୬।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ସୋମବାର କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା (ସିଫା) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଦ୍ୱାରା ପ୍ରତିଷ୍ଠିତ ବ୍ୟବସାୟ ଉନ୍ନୟନ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏଥିସହ ବାହାର ରାଜ୍ୟର ବୈଜ୍ଞାନିକଙ୍କ କିଛି ରିସର୍ଚ୍ଚ ମଡେଲ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ନୂତନ କେନ୍ଦ୍ରଟି ଜଳ କୃଷି ଉଦ୍ୟୋଗୀଙ୍କୁ ବୈଜ୍ଞାନିକ ଜ୍ଞାନକୌଶଳ ହାସଲ କରିବା ପାଇଁ ସହାୟକ ହେବ ବୋଲି ଡ. ପାଠକ ଏବଂ ବରିଷ୍ଠ ବୈଜ୍ଞାନିକ ନଗେଶ ବାରିକ



ବ୍ୟବସାୟ ଉନ୍ନୟନ କେନ୍ଦ୍ରକୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଉଦ୍‌ଘାଟନ କରୁଛନ୍ତି।

କହିଥିଲେ। ଏହି ଅବସରରେ ସିଫା ପରିସରରେ ଅବସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଖୋର୍ଦ୍ଧାଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଆୟୋଜିତ ଏକ ପ୍ରଦର୍ଶନୀ ବୁଲି ଦେଖିଥିଲେ। ପରେ ଭୁବନେଶ୍ୱର ଓ କଟକଠାରେ ଅବସ୍ଥିତ ଆଇସିଏଆର୍ ସଂସ୍ଥାଗୁଡ଼ିକର ମୁଖ୍ୟ ଓ ସିଫା କର୍ମଚାରୀଙ୍କ ସହ କଥା ହୋଇଥିଲେ। କୃଷକ ସମୁଦାୟ ପାଇଁ ସ୍ଥାପିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସମସ୍ତ ସୀମାରେଖାକୁ କୋହଳ କରି 'ୱାନ୍ ଆଇସିଏଆର୍' ପ୍ରତିଷ୍ଠା କରିବାକୁ ଗୁରୁତ୍ୱ ଦେଇଥିଲେ। ଡ. ପାଠକଙ୍କ ଗସ୍ତ ସମୟରେ ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ ସ୍ୱାଇଁ ସିଫା ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର କୃତିତ୍ୱ ଓ କାର୍ଯ୍ୟାବଳୀଗୁଡ଼ିକର ବିବରଣୀ ପ୍ରଦାନ କରିଥିଲେ।

# ନୂତନ କୀର୍ତ୍ତିମାନ ସ୍ଥାପନ କରିବାକୁ ଲକ୍ଷ୍ୟ

## ୨୦୨୪ ପାଇଁ ବିଗୁଲ ବଜାଇଲା ବିଜେଡି

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଜେଡି ରୌପ୍ୟ ଜୟନ୍ତୀରୁ ବିଗୁଲ ଫୁଙ୍କିଛି। ୨୦୨୪ ନିର୍ବାଚନରେ ବିଜୟଲାଭ କରି ବିଜେଡି ସମଗ୍ର ଦେଶରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଏହି ଲକ୍ଷ୍ୟରେ ବିଜେଡି ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛି। ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଉଥିବା ମହିଳାମାନଙ୍କୁ ଅଧିକରୁ ଅଧିକ ସାମିଲ ସହ ବିଭିନ୍ନ ବର୍ଗର ଯୁବଗୋଷ୍ଠୀଙ୍କୁ ସାମିଲ କରି ଦଳକୁ ଆହୁରି ମଜଭୁତ ଲାଗି ବିଜେଡି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ସୋମବାର ପୁରୀ ତାଳବଣିଆଠାରେ ଅନୁଷ୍ଠିତ ବିଜେଡିର ୨୫ବର୍ଷ ପୂର୍ତ୍ତି ଦିବସରେ ଏହାର ଝଲକ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନକୁ ବଖାଣିବା ସହ ଲୋକଙ୍କ ସେବା ପାଇଁ ସଙ୍କଳ୍ପ ନେବାକୁ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଦଳର ବିଭିନ୍ନ ନେତା ଅଭିଭାଷଣ ରଖିଥିଲେ। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହାକୁ ପରିଚାଳନା କରିଥିଲେ। ଏହି ସମାରୋହରେ ପ୍ରାରମ୍ଭିକ ସୂଚନା ଦେଇ ପ୍ରଣବ କହିଥିଲେ, ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଢ଼ିବା ପାଇଁ ୧୯୯୭ ଆଜିର ଦିନରେ ବିଜୁ ଜନତା ଦଳ (ବିଜେଡି)ଗଠନ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଅର୍ଥନୈତିକ ଅଭିବୃଦ୍ଧିଠୁ ନେଇ କୃଷି, ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, କଳା, ସଂସ୍କୃତି, ଭାଷାର ସୁରକ୍ଷା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ସଫଳତାର ଶିଖର ଛୁଇଁଛି। ବିଜେଡି ଆଜି ସାଢ଼େ ୪ କୋଟି ଓଡ଼ିଆଙ୍କ ସୁଖଦୁଃଖର ସାଥୀ ପାଲଟିଥିବାବେଳେ ପ୍ରିୟ ମୁଖ୍ୟମନ୍ତ୍ରୀ ସେମାନଙ୍କ ହୃଦୟରେ ସ୍ଥାନ ପାଇଛନ୍ତି ଏବଂ ଓଡ଼ିଶା ବିଶ୍ୱ ମାନଚିତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଲୋକଙ୍କ ସେବା ନିମନ୍ତେ ଦଳ ତିଆରି ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ଲୋକମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ମିଳିପାରୁଛି। ମିଶନ ଶକ୍ତି ମହିଳାମାନଙ୍କୁ ସଶକ୍ତ କରି ପାରିଛି।



ପୁରୀ ତାଳବଣିଆଠାରେ ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ।

ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଆଜି ହେଉଛି ଆତ୍ମସମୀକ୍ଷା ଓ ସଂକଳ୍ପର ଦିବସ। ସେହିପରି ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଲେ, ସେଦିନ ବିଜୁବାବୁଙ୍କ ଅବର୍ତ୍ତମାନରେ ଓଡ଼ିଶାରେ ଯେଉଁ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଥିଲା, ସମୟର ଆହ୍ୱାନରେ ନବୀନବାବୁ ତାଙ୍କ ବଳିଷ୍ଠ ନେତୃତ୍ୱ ମାଧ୍ୟମରେ ତାହା ପୂରଣ କରିଛନ୍ତି। ଓଡ଼ିଶାବାସୀ ତାଙ୍କୁ ବାରମ୍ବାର ଜିତାଇ ତାଙ୍କ ପ୍ରିୟ ନେତାଙ୍କ ଉପରେ ଆସ୍ଥା ସ୍ଥାପନ କରିଛନ୍ତି। ତେଣୁ ୨୫ ବର୍ଷର ଏହି ସଫଳତାର ଯାତ୍ରାକୁ ବଜାୟ ରଖି ନବୀନବାବୁଙ୍କ ନେତୃତ୍ୱରେ ବିକାଶ ଓ ସମୃଦ୍ଧିର ନୂଆ ଇତିହାସ ଲେଖିବାକୁ ସେ ଆହ୍ୱାନ ଦେଇଥିଲେ।

ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ, ୧୯୯୨ ମସିହାରେ ପ୍ରଥମେ ବିଜୁବାବୁ ପଞ୍ଚାୟତ ସ୍ତରରେ ୩୩% ଆସନ ସଂରକ୍ଷଣ କରି ମହିଳାମାନଙ୍କୁ ରାଜନୀତିରେ ନେତୃତ୍ୱ ନେବା ଲାଗି ସୁଯୋଗ ଦେଇଥିଲେ। ନବୀନବାବୁ ଏହି ଧାରାକୁ ଆଗକୁ ନେଇ ୫୦% ଆସନରେ ମହିଳାଙ୍କୁ ସୁଯୋଗ ଦେଇଛନ୍ତି। କେବଳ ସେତିକି ନୁହେଁ, ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମା'ମାନଙ୍କୁ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଯୋଗାଇ ଦେଇଛନ୍ତି। ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ନବୀନବାବୁଙ୍କ ପ୍ରଶଂସା କରି କହିଲେ ମୁଁ ତାଙ୍କଠାରୁ ଗୋଟିଏ କଥା ଶିଖିଛି, ତାହା ହେଲା– 'କଥା କମ୍, କାମ ବେଶି।' ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ପଣ୍ଡା, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ, ଅତନୁ ସବ୍ୟସାଚୀ ନାୟକ, ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର, ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ନେତା ସୁଦାମ ମାରାଣ୍ଡି, ଅରୁଣ ସାହୁ, ପଦ୍ମନାଭ ବେହେରା, ପ୍ରତାପ ଜେନା, ପ୍ରସନ୍ନ ପାଟଶାଣୀ,ରମେଶ ମାଝୀଙ୍କ ସମେତ ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୁରୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ମହେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ଓ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାବେଶକୁ ଆକାଶ ଦାସ ନାୟକ ଓ ଶ୍ରୀମୟୀ ମିଶ୍ର ସଂଯୋଜନା କରିଥିଲେ।

## ଭ୍ରମ ସଂଶୋଧନ

ଗତ ୨୫ ତାରିଖ ସଂସ୍କରଣର ଏହି ପୃଷ୍ଠାରେ ପ୍ରକାଶିତ 'ସମ୍ବେଦନଶୀଳ ପ୍ରସଙ୍ଗରେ ଭାଜପା ହୀନ ରାଜନୀତି କରୁଛି: ବିଜେଡି' ଶୀର୍ଷକ ଖବରରେ ବିଜେଡି ପ୍ରବକ୍ତା ଈପ୍ସିତା ସାହୁଙ୍କ ଫଟୋ ସ୍ଥାନରେ ଭୁଲବଶତଃ ଏଲିନା ଦାସଙ୍କ ଫଟୋ ପ୍ରକାଶ ପାଇଥିଲା। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।

## ୨୮ରେ କଂଗ୍ରେସ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ଭାରତୀୟ ଜାତୀୟ କଂଗ୍ରେସ ତା'ର ୧୩୮ତମ ପ୍ରତିଷ୍ଠା ଦିବସ ଆସନ୍ତା ଡିସେମ୍ବର ୨୮ ତାରିଖରେ ପାଳନ କରିବ। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କଂଗ୍ରେସ ଭବନରେ ଭାରତ ବର୍ଷ ଏବଂ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ କଂଗ୍ରେସ ପତାକା ଉତ୍ତୋଳନ କରାଯିବ। ସେବାଦଳ ପକ୍ଷରୁ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ହେବ। ଏହାପରେ କଂଗ୍ରେସ ଭବନରେ ''ସ୍ୱାଧୀନତା ସଂଗ୍ରାମ ଓ ଦେଶ ଗଠନରେ କଂଗ୍ରେସର ଭୂମିକା'' ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଆୟୋଜିତ ହେବ। କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା, ପ୍ରସ୍ତୁତି, ସଂଗ୍ରାମ ଓ ଆନ୍ଦୋଳନ ସମ୍ପର୍କରେ ପ୍ରଦେଶ କଂଗ୍ରେସ ସଭାପତି ଦିଗ୍‌ଦର୍ଶନ ଦେବେ ବୋଲି ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

## ଅଖିଳେଶ, ମାୟାବତୀଙ୍କୁ ଆମନ୍ତ୍ରଣ କଲେ ରାହୁଲ


ଅଖିଳେଶ ଯାଦବ


ମାୟାବତୀ

ନୂଆଦିଲ୍ଲୀ, ୨୬।୧୨(ଆଇଏଏନ୍ଏସ୍)

**ଭାରତ ଯୋଡ଼ୋ ଯାତ୍ରା**

ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବା ଲାଗି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମୁଖ୍ୟ ମାୟାବତୀ ଏବଂ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ନେତା ଜୟନ୍ତ ସିଂଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆମନ୍ତ୍ରଣ କରିଛନ୍ତି। ରାହୁଲ ସେମାନଙ୍କ ନିକଟକୁ ପତ୍ର ପଠାଇଥିଲେ ମଧ୍ୟ ସେମାନେ ସାମିଲ ହେବା ନେଇ ସମ୍ମତି ଜଣାଇଛନ୍ତି କି ନାହିଁ ତାହା ଜଣାପଡ଼ି ନ ଥିବା ଦଳୀୟ ସୂତ୍ରରୁ କୁହାଯାଇଛି। ଜାନୁୟାରୀ ୩ରୁ ଭାରତ ଯୋଡ଼ୋ ଯାତ୍ରା ଉତ୍ତରପ୍ରଦେଶର ଗାଜିଆବାଦରୁ ପୁନର୍ବାର ଆରମ୍ଭ ହେବ। ଏହି ପଦଯାତ୍ରାରେ ସବୁ ସମଭାବାପନ୍ନ ଦଳ ଭାଗନେବା କଂଗ୍ରେସ ଚାହେଁ। ପୂର୍ବରୁ କମଲ ହାସନଙ୍କ ସମେତ ବହୁ ଅଣକଂଗ୍ରେସୀ ନେତା ଓ ସେଲିବ୍ରିଟି ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଛନ୍ତି। ଶନିବାର ଏହି ଯାତ୍ରା ଦିଲ୍ଲୀରେ ପ୍ରବେଶ କରିବା ବେଳେ ରାହୁଲ ଭାଜପା ଏବଂ ଆର୍‌ଏସ୍‌ଏସ୍‌କୁ ସମାଲୋଚନା କରିଥିଲେ। ପଦଯାତ୍ରା ଜାନୁୟାରୀ ୩ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।

## ବିଜେଡି ୨୫ ବର୍ଷ ପୂର୍ତ୍ତି ସମାରୋହର ଝଲକ

### ଯୋଗଦେଲେ ୫୦ ହଜାର କର୍ମୀ



୧୯୯୭ ଡିସେମ୍ବର ୨୬ରେ ଗଠିତ ବିଜୁ ଜନତା ଦଳ (ବିଜେଡି) ଇତିମଧ୍ୟରେ ୨୫ ବର୍ଷ ପୂରଣ କରି ୨୬ ବର୍ଷରେ ପାଦ ଦେଇଛି। ଏହି ଅବସରରେ ସୋମବାର ପୁରୀ ତାଳବଣିଆରେ ଦଳର ପ୍ରତିଷ୍ଠା ଦିବସ ଓ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏଥିରେ ପ୍ରାୟ ୫୦ ହଜାର କର୍ମୀ ଓ ନେତାଙ୍କ ସମାଗମ ହୋଇଥିଲା। ସହର ସାରା ଦଳୀୟ ପତାକା ସାଙ୍ଗକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୋଷ୍ଟର ଛାଇଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିନ୍ଦାବାଦ ଏବଂ ଜୟ ବିଜେଡି ଧ୍ୱନିରେ ତାଳବଣିଆ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦୀପଦାନ



ସକାଳେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୁରୀ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ ଓ ସୁସ୍ଥତା କାମନା କରାଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯାଇଥିଲା। ସେହିପରି ଦଳର ସଫଳତା କାମନା କରାଯାଇ ମଧ୍ୟ ଦୀପଦାନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଓଡ଼ିଶାବାସୀଙ୍କ ଉନ୍ନତି କାମନା କରାଯାଇଥିଲା।

### ଫଟୋ ପ୍ରଦର୍ଶନୀ ଗ୍ୟାଲେରି

କାର୍ଯ୍ୟକ୍ରମସ୍ଥଳରେ ଫଟୋ ପ୍ରଦର୍ଶନୀ ଗ୍ୟାଲେରି ରହିଥିଲା। ଏଥିରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୀବନ କାଳର ବିଭିନ୍ନ ମୁହୂର୍ତ୍ତ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳର ବିଭିନ୍ନ ଫଟୋ ସ୍ଥାନିତ ହୋଇଥିଲା। ଦଳର କର୍ମୀ ଓ ଜନସାଧାରଣ ଉକ୍ତ ପ୍ରଦର୍ଶନୀ ବୁଲି ଫଟୋ ଦେଖିଥିଲେ। ଅନେକ ଲୋକ ନିଜ ମୋବାଇଲରେ ଉକ୍ତ ଫଟୋକୁ କଏଦ କରିବା ସହ ସେଲ୍‌ଫି ନେଇଥିଲେ।



### ମୁଖ୍ୟମନ୍ତ୍ରୀଙ୍କୁ ଫୁଲମାଳ ଦେବା ପାଇଁ ଠେଲାପେଲା

ମଧ୍ୟାହ୍ନ ପ୍ରାୟ ୧୨ଟା ୨୦ରେ ହେଲିକପ୍ଟର ଯୋଗେ ମୁଖ୍ୟମନ୍ତ୍ରୀ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିଥିଲେ। ପରେ କାର୍‌ଯୋଗେ ସଭାସ୍ଥଳକୁ ଆସିଥିଲେ। ସେଠାରେ ନେତା ଓ କର୍ମୀମାନେ ତାଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ପରେ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତେ ଏକ ବିରାଟ ଫୁଲମାଳ ଅଣାଯାଇ ସ୍ୱାଗତ କରାଯାଇଥିଲା। ଏହି ମାଳ ଦେବା ପାଇଁ କର୍ମୀମାନେ ମଞ୍ଚ ଉପରକୁ ଆସିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କୁ ଫୁଲମାଳ ଦେବା ସହ ଫଟୋ ଉଠାଇବା ପାଇଁ କର୍ମୀମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ମନୋଭାବ ପରିଲକ୍ଷିତ ହୋଇଥିଲା। ଏଥିଯୋଗୁ କିଛି ସମୟ ପାଇଁ ମଞ୍ଚ ଉପରେ ଠେଲାପେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

### ଯୋଡ଼ି ଶଙ୍ଖ, ପାରମ୍ପରିକ ବାଦ୍ୟରେ ସ୍ୱାଗତ



ଓଡ଼ିଶାର ପାରମ୍ପରିକ ଯୋଡ଼ିଶଙ୍ଖ ଓ ବାଦ୍ୟଗୀତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇଥିଲା। ବାଦ୍ୟର ତାଳେ ତାଳେ ଅନେକ କର୍ମୀ ଓ ନେତା ନାଚୁଥିବା ଦେଖିବାକୁ ମିଳିଥିଲା। ନାଚଗୀତ ଓ ବାଦ୍ୟରେ ତାଳବଣିଆ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିବାବେଳେ କର୍ମୀମାନେ ଖୁସିରେ ଝୁମି ଉଠିଥିଲେ।

### 'ଜୟ ଜଗନ୍ନାଥ'ରୁ ଭାଷଣ ଆରମ୍ଭ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଷ୍ଠା ଦିବସରେ ଯୋଗଦେଇ ପ୍ରଥମେ 'ଜୟ ଜଗନ୍ନାଥ' କହି ତାଙ୍କର ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, 'ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ନମସ୍କାର କରୁଛି। ରାଜ୍ୟର କୋଣ ଅନୁକୋଣରୁ ବହୁବାଟ ଅତିକ୍ରମକରି ପୁରୀ ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି। ନୂଆବର୍ଷ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା। ସମସ୍ତଙ୍କ ପାଇଁ ଭଲ କାମ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜୟ ଜଗନ୍ନାଥ କହି ସେ ଭାଷଣ ଶେଷ କରିଥିଲେ।

### ସେଲ୍‌ଫି ନେଲେ, ଫଟୋ ଉଠାଇଲେ




କାର୍ଯ୍ୟକ୍ରମସ୍ଥଳରେ କର୍ମୀ ଓ ନେତାମାନେ ସ୍ମୃତିକୁ ସାଉଁଟି ରଖିବା ପାଇଁ ନିଜ ନିଜ ମୋବାଇଲ ଫୋନରେ ଫଟୋ ଉଠାଇବା ସହ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। କର୍ମୀମାନେ ବରିଷ୍ଠ ନେତାଙ୍କ ସହ ସେଲ୍ଫି ନେବା ପାଇଁ ନିଜ ନିଜ ମଧ୍ୟରେ ଠେଲାପେଲା ଲାଗୁଥିଲେ। ସେହିପରି ଅନେକ କର୍ମୀ ଓ ନେତା ମଞ୍ଚ, ମୁଖ୍ୟ ପ୍ରବେଶ ପଥ ସମେତ ୨୫ ବର୍ଷ ପୂର୍ତ୍ତି ଲେଖାଥିବା ପୋଷ୍ଟର ନିକଟରେ ସେଲ୍ଫି ନେବାକୁ ଭୁଲି ନ ଥିଲେ। ପ୍ରବେଶ ପଥ ସଂଲଗ୍ନ ଷ୍ଟେଜ୍‌ରେ ଓଡ଼ିଆରେ 'ମୋ ଦଳ ବିଜୁ ଜନତା ଦଳ' ବୋଲି ଲେଖା ରହିଥିଲା। ତା' ପଛକୁ ବିଜେଡିର ଏକ ବଡ ହୋର୍ଡିଂ ରହିଥିଲା, ଯେଉଁଥିରେ ଶଙ୍ଖ ଚିହ୍ନ ସହ ଓଡ଼ିଶାବାସୀଙ୍କ ସେବାରେ ୨୫ବର୍ଷ ଲେଖା ହୋଇଥିଲା। ହୋର୍ଡିଂ ଦୁଇପାର୍ଶ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଥିଲା। କର୍ମୀ ଓ ନେତାମାନେ ଉକ୍ତ ଷ୍ଟେଜ୍‌ରେ ଚଢ଼ି ଫଟୋ ଉଠାଇବା ସହ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା।



## ଓଡ଼ିଶା କହିଲେ ୨ ଜଣଙ୍କୁ ବୁଝାଏ: ରମେଶ

**ଭୁବନେଶ୍ୱର, ୨୬।୧୨(ବ୍ୟୁରୋ):** ଓଡିଶା କହିଲେ ଦୁଇ ଜଣଙ୍କୁ ବୁଝାଏ। ଜଣେ ହେଉଛନ୍ତି ଜଗନ୍ନାଥ ଆଉ ଜଣେ ହେଲେ ବିଜୁ ପଟ୍ଟନାୟକ। ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ବିଜେଡି ଏମ୍‌ପି ରମେଶ ମାଝୀ ତାଙ୍କ ଭାଷଣରେ ଏହା କହିଛନ୍ତି। ରମେଶ କହିଛନ୍ତି ଯେ, ଯେଉଁ ବିଜୁ ବାବୁଙ୍କ ନାଁରେ ଏହି ଦଳ ଗଠନ ହୋଇଥିଲା ତାହାକୁ ଆଜି ୨୫ ବର୍ଷ ପୂରଣ ହୋଇ ୨୬ ବର୍ଷରେ ପଦାର୍ପଣ କରୁଛି। ରାଜ୍ୟରେ ୬୨ ପ୍ରକାର ଆଦିବାସୀ ବସବାସ କରନ୍ତି। ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ମୁଖ୍ୟତଃ ବ୍ୟାପକ ପରିବର୍ତ୍ତନ ହୋଇଛି। ଆଦିବାସୀ ପିଲାଙ୍କ ରହିବା ଲାଗି ଛାତ୍ର ଆବାସ ଠାରୁ ଆରମ୍ଭ କରି ସେମାନଙ୍କ ଇଂରାଜୀ ଶିକ୍ଷା ଲାଗି ବିଦ୍ୟାଳୟ ଖୋଲାଯାଇଛି। ୨୧ ହଜାର ଛାତ୍ରୀଛାତ୍ର ବର୍ତ୍ତମାନ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଓଡିଶା ଏବେ ଭାରତରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିଉଠିଛି। ଆଦିବାସୀମାନଙ୍କ ଭାଷା, ଶିକ୍ଷା ଏବଂ ଅର୍ଥନୀତିରେ ବ୍ୟାପକ ଉନ୍ନତି ଆଣିବା ଲାଗି ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଗଠନ କରାଯାଇଛି। ଅନ୍ୟପଟେ ରମେଶ ମାଝୀ ଓଡିଶାର ପରିଚୟ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ନିନ୍ଦା କରିବା ସହିତ ବିଜେଡିକୁ ପଲଟା ଟାର୍ଗେଟ କରିଛନ୍ତି।

## ସ୍ୱତନ୍ତ୍ର ଅଧିବେଶନ ଡକାଯାଉ: ଭାଜପା

**ରାଜନୈତିକ ଅପରାଧୀକରଣ ଅଭିଯୋଗରେ ରାଜ୍ୟବ୍ୟାପୀ ସତ୍ୟାଗ୍ରହ**

### ରାଜ୍ୟପାଳଙ୍କୁ ଭେଟିଲେ ବିଧାୟକ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ଓଡ଼ିଶାରେ ଦୀର୍ଘ ୨୩ ବର୍ଷ ହେଲା ନିରଙ୍କୁଶ ଶାସନ କରିଆସୁଥିବା ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତା ଆଇନ ତା'ବାଟରେ ଯିବ ବୋଲି କହୁଛନ୍ତି। ହେଲେ ସେମାନେ ନିଜେ ଅପରାଧରେ ସଂଶ୍ଲିଷ୍ଟ ହୋଇ ରାଜ୍ୟ ରାଜନୀତିକୁ ଅପରାଧୀକରଣ କରିବାରେ ପ୍ରୋତ୍ସାହିତ କରୁଛନ୍ତି। ଫଳରେ ଅରାଜକତା ସୃଷ୍ଟି ସହ ରାଜ୍ୟର ଆଇନଶୃଙ୍ଖଳା ଭଙ୍ଗ କରୁଥିବାରୁ ଭାଜପା ଏହାକୁ ଦୃଢ଼ ବିରୋଧ କରୁଛି। ଏହାକୁ ନେଇ ଏକ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକି ଏ ବିଷୟରେ ଆଲୋଚନା କରାଯିବାର ନିହାତି ଆବଶ୍ୟକ



ବିଏମ୍‌ସି ଅଫିସ ନିକଟରେ ଭାଜପା ପକ୍ଷରୁ ଆୟୋଜିତ ସତ୍ୟାଗ୍ରହରେ ଦଳୀୟ ନେତୃବୃନ୍ଦ ଓ କର୍ମୀ।

ରହିଥିବା ଭାଜପା ବିଧାୟକ ସୋମବାର ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ଦେଇଛନ୍ତି।

ରାଜ୍ୟପାଳଙ୍କୁ ସାକ୍ଷାତ କରି ଭାଜପା ବିଧାୟକମାନେ ଏ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ଦାବି ଜଣାଇବା ସହ କହିଛନ୍ତି ଯେ, ଦୀର୍ଘ ୨୩ ବର୍ଷର ନିରଙ୍କୁଶ ଶାସନରେ ବିଜେଡି ମନ୍ତ୍ରୀ, ବିଧାୟକ ଓ ନେତାମାନେ ସିଧାସଳଖ ହତ୍ୟା, ଯୌନ କାର୍ଯ୍ୟରେ ଲିପ୍ତ। ଆପରାଧିକ ଚେହେରା ଖୋଲିଯିବା ଭୟରେ ଏବଂ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ରାଜ୍ୟ ସରକାର ଜାଣିଶୁଣି ବିଧାନସଭାର ଗତ ଶୀତ ଅଧିବେଶନକୁ ପୂର୍ବରୁ ବନ୍ଦ କରିଦେଲେ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ୨୦୨୧–୨୨ରେ ଓଡ଼ିଶା କ୍ରାଇମ ରେଟ୍‌ରେ ୩ୟ ସ୍ଥାନ ହାସଲ କରିଛି। ଅନ୍ୟପଟେ ଏହି ପ୍ରସଙ୍ଗରେ ଭାଜପା ରାଜ୍ୟବ୍ୟାପୀ ମଣ୍ଡଳ ସ୍ତରରେ ସତ୍ୟାଗ୍ରହ କରିଛି। ରାଜଧାନୀରେ ମଧ୍ୟ ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଇଛି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ରାଜଧାନୀରେ ହେଉଥିବା ସତ୍ୟାଗ୍ରହରେ ଯୋଗଦେଇ କହିଛନ୍ତି, ୨୫ ବର୍ଷ ପୂର୍ତ୍ତି କରିଥିବା ବିଜେଡି ଶାସନରେ ଓଡ଼ିଶାରେ ସୁଶାସନ ନୁହେଁ କୁଶାସନ ଚାଲିଛି।

**ସୀତାରାମନ ଏମ୍ସରେ ଭର୍ତ୍ତି**

ଜ୍ୱର କାରଣରୁ କେନ୍ଦ୍ରୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ସୋମବାର ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୬୩ ବର୍ଷୀୟ କେନ୍ଦ୍ରମନ୍ତ୍ରୀଙ୍କୁ ଡାକ୍ତରଖାନାର ପ୍ରାଇଭେଟ ୱାର୍ଡରେ ରଖାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତର କହିଛନ୍ତି।



# ହିମଝଡ଼ ନେଲାଣି ୪୮ ଜୀବନ

## ଆମେରିକାରେ ଅଚଳାବସ୍ଥା

**ନ୍ୟୁୟର୍କ,୨୬।୧୨**



ବୁଫାଲୋର ଏକ ରାସ୍ତାରେ ବରଫ ଜମା ହୋଇଥିବାରୁ ଗାଡ଼ିଗୁଡ଼ିକ ଅଟକି ରହିଛି।

ଆମେରିକାରେ ଭୟଙ୍କର ହିମଝଡ଼ରେ ୪୮ ଜଣଙ୍କ ଜୀବନ ଗଲାଣି। ହିମଝଡ଼ ଯୋଗୁ ଆମେରିକା ଏକ ଡିପ୍ ଫ୍ରିଜ୍‌ରେ ପରିଣତ ହୋଇଛି। ୪୮ଟି ରାଜ୍ୟରେ ତାପମାତ୍ରା ବିଯୁକ୍ତ ଡିଗ୍ରୀ ରହିଛି। ତୁଷାରରେ ଅନେକ ଘର ପୋତିହୋଇପଡ଼ିବା ସହ ପ୍ରାୟ ୧୭ ଲକ୍ଷ ଲୋକ ବିନା ବିଜୁଳିରେ ପ୍ରବଳ ଶୀତରେ ଫସିରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ତୁଷାର ଝଡ଼ ଯୋଗୁ ବିଭିନ୍ନ ରାସ୍ତାରେ ଗାଡ଼ିଗୁଡ଼ିକ ଅଟକି ରହିଛି। ଏଭଳି ଶୀତଦିନିଆ ଝଡ଼ ଅଭୂତପୂର୍ବ। କାନାଡ଼ାର ଗ୍ରେଟ୍ ଲେକ୍ସଠାରୁ ମେକ୍ସିକୋ ସୀମାରେ ଅବସ୍ଥିତ ରିଓ ଗ୍ରାଣ୍ଡେ ପର୍ଯ୍ୟନ୍ତ ଝଡ଼ ଲାଗିରହିଛି। ତୁଷାର ଝଡ଼ ଯୋଗୁ ରବିବାର ୧,୩୪୬ ବିମାନ ବାତିଲ ହୋଇଥିଲା। ଶୁକ୍ରବାର ୫,୯୩୪ ବିମାନ ବାତିଲ ହୋଇଥିଲା। ଭୀଷଣ ପାଗକୁ ନେଇ ଆମେରିକାର ନ୍ୟାଶନାଲ ୱେଦର ସର୍ଭିସ ୨୪ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସତର୍କ କରାଇଛି। ଶୀତରୁ ବର୍ତ୍ତିବା ଲାଗି ଲାଇବ୍ରେରି, ଥାନା ଆଦି ସର୍ବସାଧାରଣ ସ୍ଥାନରେ ୱାର୍ମିଂ ସେଣ୍ଟର ଖୋଲାଯିବା ସହ ବାସହୀନଙ୍କ ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଛି।

ବାତ୍ୟାରେ ବାୟୁମଣ୍ଡଳ ଚାପ ନିମ୍ନଗାମୀ ହେବା ସହ ତାପମାତ୍ରା ଅତ୍ୟଧିକ ହ୍ରାସ ପାଇଲେ ଏହାକୁ ବମ୍ବ ସାଇକ୍ଲୋନ୍ ବା ଶୀତଦିନିଆ ଝଡ଼ କୁହାଯାଇଥାଏ। ଗ୍ରେଟର ଲେକ୍ସ ଅଞ୍ଚଳରେ ବମ୍ବ ସାଇକ୍ଲୋନ୍ ସୃଷ୍ଟି ହେବା ଫଳରେ ବ୍ୟାପକ ଅଞ୍ଚଳରେ ପ୍ରବଳ ବେଗରେ ପବନ ବହିବା ସହ ତୁଷାରପାତ ଲାଗିରହିଛି। ଏହି ବାତ୍ୟାରେ ବୁଫାଲୋ ସର୍ବାଧିକ ପ୍ରଭାବିତ ହୋଇଛି। ସେଠାରେ ଘରଗୁଡ଼ିକ ବରଫ ଚାଦରରେ ଢାଙ୍କିହୋଇ ରହିବା ସହ ଜରୁରୀ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଶନିବାର ଫାୟାର ଟ୍ରକ୍‌ଗୁଡ଼ିକ ସହରରେ ଅଟକି ରହିଥିଲା। ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ବିମାନବନ୍ଦର ବନ୍ଦ ରହିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

- ୬୦ ପ୍ରତିଶତ ପ୍ରଭାବିତ
- ବିନା ବିଜୁଳିରେ ୧୭ ଲକ୍ଷ ଲୋକ

ଜାତୀୟ ପାଣିପାଗ ସେବା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବୁଫାଲୋ ନିଆଗରା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରବିବାର ସକାଳେ ୧୦୯ ସେଣ୍ଟିମିଟର ଉଚ୍ଚର ବରଫ ଜମି ରହିଛି। କାର୍‌ଗୁଡ଼ିକ ୬ ଫୁଟ ବରଫରେ ଢାଙ୍କିହୋଇ ରହିଛି। ବିଦ୍ୟୁତ୍ ଅଭାବରୁ ବ୍ୟାପକ ଅଞ୍ଚଳ ଅନ୍ଧକାରରେ ରହିଛି। ସୋମବାର ମଧ୍ୟ ତୁଷାରପାତ ସହ ୪୦ କିଲୋମିଟର ବେଗରେ କାଲୁଆ ପବନ ବହୁଛି। ବିଭିନ୍ନ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିବାରୁ ଜରୁରୀ ସେବା ପାଇ ନ ପାରି ଲୋକଙ୍କ ମୃତ୍ୟୁ ଘଟୁଥିବା କୁହାଯାଇଛି। କେତେଜଣ ଦୁଇଦିନ ହେଲା କାର୍‌ରେ ଅଟକି ରହିଛନ୍ତି। ୨୯ ଘଣ୍ଟା ହେଲା ବିଜୁଳି ନ ଥିବାରେ ଲୋକେ ସେମାନଙ୍କ ପାର୍କିଂ କାର୍‌ରେ ମୋବାଇଲ ଫୋନ୍ ଚାର୍ଜ କରୁଥିବା ଦେଖାଯାଇଛି।

## ତୁଷାରପାତରେ ୧୭ ମୃତ



**ଟୋକିଓ,୨୬।୧୨**

ଜାପାନର ଅନେକ ଅଞ୍ଚଳରେ ପ୍ରବଳ ତୁଷାରପାତ ଯୋଗୁ ୧୭ ଜଣଙ୍କ ମୃତ୍ୟୁ ଘଟିବା ସହ ୯୩ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ତୁଷାରପାତ ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାରୁ ଶହ ଶହ ଲୋକ ଅନ୍ଧାରରେ ରହିଥିବା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି। ଖ୍ରୀଷ୍ଟମାସରେ ୨୦ ହଜାର ଘରକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଗତ ସପ୍ତାହଠାରୁ ଜାପାନର ଉତ୍ତରାଞ୍ଚଳରେ ତୁଷାରପାତ ଲାଗିରହିଛି। ଫଳରେ ଶତାଧିକ ଗାଡ଼ି ରାସ୍ତାରେ ଅଟକି ରହିବା ଯୋଗୁ ଯୋଗାଣ ବିଳମ୍ବିତ ହୋଇ ଶନିବାର ସୁଦ୍ଧା ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ସୋମବାର ସକାଳ ସୁଦ୍ଧା ମୃତ୍ୟୁସଂଖ୍ୟା ୧୭ରେ ପହଞ୍ଚିଛି। ଅଧିକାଂଶ ସେମାନଙ୍କ ଛାତରୁ ବରଫ କାଢୁଥିବାବେଳେ ଖସିପଡ଼ି କିମ୍ବା ଛାତରୁ ବରଫ ଖସି ମୃତାହତ ହୋଇଛନ୍ତି। ବରଫ କାଢ଼ିବା ବେଳେ ସତର୍କ ରହିବା ଏବଂ ଏକୁଟିଆ ଏହି କାର୍ଯ୍ୟ ନ କରିବାକୁ ମ୍ୟୁନିସିପାଲ କର୍ତ୍ତୃପକ୍ଷ ଲୋକଙ୍କ ପରାମର୍ଶ ଦେଇଛନ୍ତି। ବରଫ ଜମିଯାଇ ରାସ୍ତାଗୁଡ଼ିକ ବନ୍ଦ ହୋଇଯାଇଥିବାରୁ ଗ୍ରାହକଙ୍କ ପାଖରେ ଖାଦ୍ୟ ପାର୍ସଲ ପହଞ୍ଚି ପାରୁନାହିଁ। ଉତ୍ତରାଞ୍ଚଳର ଅନେକ ସ୍ଥାନରେ ଚଳିତ ଋତୁର ହାରାହାରି ତୁଷାରପାତ ତୁଳନାରେ ୩ ଗୁଣ ଅଧିକ ହୋଇଛି। ତୁଷାରପାତ ଯୋଗୁ ଉତ୍ତରାଞ୍ଚଳରେ ରବିବାର ଅନେକ ଟ୍ରେନ୍ ଓ ବିମାନ ବାତିଲ ହୋଇଥିଲା।

## ସଂକ୍ଷେପରେ

### ଶପଥ ନେଲେ ପ୍ରଚଣ୍ଡ

**କାଠମାଣ୍ଡୁ,୨୬।୧୨:** ନେପାଳର ନବନିଯୁକ୍ତ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ସୋମବାର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।



ପ୍ରଚଣ୍ଡ ପ୍ରଥମ ଥର ପାଇଁ ପାରମ୍ପରିକ ନେପାଳୀ ପୋଷାକ ଦୌରା-ସୁରୱାଲ ପିନ୍ଧିଥିଲେ। ସେ ତାଙ୍କ ମନ୍ତ୍ରିମଣ୍ଡଳରେ ୩ ସହଯୋଗୀ ଦଳରୁ ୩ ଜଣଙ୍କୁ ଉପପ୍ରଧାନମନ୍ତ୍ରୀ କରିଛନ୍ତି। ସେମାନେ ହେଲେ ବିଷ୍ଣୁ ପୌଡେଲ (ସିପିଏନ୍-ୟୁଏମ୍ଏଲ୍), ନାରାୟଣ କାଜି ଶ୍ରେଷ୍ଠ (ସିପିଏନ୍ ମାଓଇଷ୍ଟ ସେଣ୍ଟର) ଏବଂ ରବି ଲାମିଚାନ୍ନେ (ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି)। ଏମାନଙ୍କ ବ୍ୟତୀତ ଜ୍ୱାଲା କୁମାରୀ ଶାହା, ଦାମୋଦର ଭଣ୍ଡାରୀ, ରାଜେନ୍ଦ୍ର ରାୟ ଏବଂ ଅବଦୁଲ ଖାନ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ପ୍ରଚଣ୍ଡ ଏବଂ ସିପିଏନ୍-ୟୁଏମ୍ଏଲ୍ କେ.ପି. ଶର୍ମା ଓଲିଙ୍କ ସହ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଉଭୟ ପାଳି କରି ମେଣ୍ଟ ସରକାରରେ ପ୍ରଧାନମନ୍ତ୍ରୀ ହେବେ।

### ୧୫ କେଜି ଆଇଇଡି ଜବତ

**ଶ୍ରୀନଗର, ୨୬।୧୨:** ଜମ୍ମୁ-କଶ୍ମୀରର ଉଧମପୁର ଜିଲାର ବସନ୍ତଘର ଅଞ୍ଚଳରୁ ସୋମବାର ସୁରକ୍ଷା ବଳ ୧୫ କେଜି ଓଜନର ଆଇଇଡି (ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍)ଜବତ କରିଛି। କୋଡେଡ୍ ଶିଟ୍, ୫ ଡିଟୋନେଟର ସହିତ ୩୦୦ ଗ୍ରାମର ଆର୍‌ଡିଏକ୍ସ ମଧ୍ୟ ହସ୍ତଗତ ହୋଇଥିବା ପୋଲିସ ସୂଚନା ଦେଇଛି। ଲଗାତର ୩ ଦିନ ଧରି ଜମ୍ମୁ-କଶ୍ମୀରର ବିଭିନ୍ନ ଇଲାକାରୁ ବିସ୍ଫୋରକ ସାମଗ୍ରୀ ପୋଲିସ ଜବତ କରୁଛି।

### ପାକିସ୍ତାନୀ ଡ୍ରୋନକୁ ଖସାଇଲା ବିଏସ୍ଏଫ୍

**ନୂଆଦିଲ୍ଲୀ,୨୬।୧୨:** ଏକ ପାକିସ୍ତାନୀ ଡ୍ରୋନ୍ ଭାରତ ଭିତରକୁ ପଶିଥିବାବେଳେ ପଞ୍ଜାବର ଅନ୍ତର୍ଜାତୀୟ ସୀମାରେ ମୁତୟନ ବିଏସ୍ଏଫ୍ ଯବାନ ଏହାକୁ ଗୁଳିକରି ଖସାଇଦେଇଛନ୍ତି। ରବିବାର ରାତିରେ ଡ୍ରୋନ୍‌ଟି ଭାରତୀୟ ଅଞ୍ଚଳ ଉପରେ ଉଡୁଥିଲା। ଯବାନମାନେ ପିଛା କରି ଗୁଳି ଚଳାଇବାରୁ ଏହା ଅମୃତସରର ରାଜତାଲ ଗାଁ ନିକଟରେ ଖସିପଡ଼ିଥିଲା। ଡ୍ରୋନ୍‌ରୁ ଅସ୍ତ୍ରଶସ୍ତ୍ର କିମ୍ବା ଅନ୍ୟ କୌଣସି ଆପରାଧିକ ସରଞ୍ଜାମ ଖସାଯାଇଛି କି ନାହିଁ ବିଏସ୍ଏଫ୍ ତାହାର ତଲାସି କରୁଛି।

## ଟାଇୱାନ୍ ସୀମାରେ ଚାଇନାର ୭୧ ଯୁଦ୍ଧବିମାନ

**ତାଇପେଇ,୨୬।୧୨**



ଚାଇନା ତାଇୱାନ୍‌ରେ ନିଜର ଶକ୍ତି ପ୍ରଦର୍ଶନ ଲାଗି ଗତ ୨୪ ଘଣ୍ଟା ମଧ୍ୟରେ ୭୧ ଯୁଦ୍ଧବିମାନ ଓ ୭ ଜାହାଜ ପଠାଇଛି। ଗତ ଶନିବାର ଆମେରିକା କଂଗ୍ରେସରେ ଗୃହୀତ ହୋଇଥିବା ବାର୍ଷିକ ପ୍ରତିରକ୍ଷା ବ୍ୟୟ ବିଲ୍‌ରେ ତାଇୱାନ୍ ପାଇଁ ବ୍ୟବସ୍ଥା ରହିଥିବାରୁ ଏହାକୁ ନେଇ ବେଜିଂ କ୍ଷୁବ୍ଧ ହୋଇଥିବା ଜଣାପଡ଼ିଛି। ସ୍ୱୟଂଶାସିତ ତାଇୱାନ୍‌କୁ ନିଜ ଅଞ୍ଚଳ ଦାବି କରି ଚାଇନା ସୈନ୍ୟବାହିନୀ କିଛିବର୍ଷ ହେଲା ସେଠାର ଲୋକଙ୍କୁ ହଇରାଣ କରିଆସୁଛି। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ନିୟମିତ ଭାବେ ସେଠାକୁ ଯୁଦ୍ଧବିମାନ କିମ୍ବା ଜାହାଜ ପଠାଇଆସୁଛି। ରବିବାର ସକାଳ ୬ରୁ ସୋମବାର ସକାଳ ୬ ମଧ୍ୟରେ ଚାଇନାର ୪୭ ବିମାନ ତାଇୱାନ ଷ୍ଟ୍ରେଟ୍ ଅତିକ୍ରମ କରିଛି। ସେଥିରେ ୧୮ଟି ଜେ-୧୬ ଯୁଦ୍ଧବିମାନ, ୧୧ଟି ଜେ-୧ ଲଢୁଆ ବିମାନ, ୬ଟି ଏସ୍‌ୟୁ-୩୦ ଯୁଦ୍ଧବିମାନ ଓ ଡ୍ରୋନ୍ ରହିଛି। ଆମେରିକା-ତାଇୱାନ୍ ମଧ୍ୟରେ ସାମରିକ ସହଯୋଗ ଉତ୍ତେଜନା ସୃଷ୍ଟି କରିଥିବା ପିଏଲ୍ଏର ଇଷ୍ଟର୍ନ ଥିଏଟର କମାଣ୍ଡ ମୁଖପାତ୍ର ଶି ୟି କହିଛନ୍ତି। ତାଇୱାନ ସମୁଦ୍ରରେ ପିଏଲ୍ଏ ମିଳିତ ପାଟ୍ରୋଲିଂ କରିବା ସହ ସମରାଭ୍ୟାସ ଚଳାଇଥିଲା। ଆମେରିକାର ପ୍ରତିରକ୍ଷା ବିଲ୍ ଚାଇନା ପାଇଁ ଏକ ରଣନୀତିକ ଚ୍ୟାଲେଞ୍ଜ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ତାଇୱାନ ସହ ସୁରକ୍ଷା ସହଯୋଗ ବଢ଼ାଇବା ଏବଂ ଭାରତ ସହ ପ୍ରତିରକ୍ଷା ଟେକ୍ନୋଲୋଜି, ପ୍ରସ୍ତୁତି ଏବଂ ଲଜିଷ୍ଟିକ୍ସ ସହଯୋଗ ବୃଦ୍ଧି ପାଇଁ ବିଲ୍‌ରେ କ୍ଷମତା ଦିଆଯାଇଥିବା ୟି କହିଛନ୍ତି।

## ୩୦୦ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ ସହ ପାକିସ୍ତାନୀ ବୋଟ୍ ଜବତ

**ଅହମଦାବାଦ,୨୬।୧୨**

ଗୁଜରାଟ ଉପକୂଳରୁ ସୋମବାର ଭୋର ସମୟରେ ଏକ ପାକିସ୍ତାନୀ ବୋଟ୍ ଜବତ ହୋଇଛି। ସେଥିରେ ୩୦୦ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ଏବଂ ୪୦ କିଲୋଗ୍ରାମ ବେଆଇନ ନିଶାଦ୍ରବ୍ୟ ରହିଥିବା ଭାରତୀୟ ତଟସୁରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। ଗୁଜରାଟ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍‌ଠାରୁ ସୂଚନା ପାଇଁ ତଟସୁରକ୍ଷା ବାହିନୀ ଏହାର ପାଟ୍ରୋଲ ଜାହାଜ ଆଇସିଜିଏସ୍ ଅରିଞ୍ଜୟରେ ଏହାର ପିଛା କରିଥିଲା। ଅନ୍ତର୍ଜାତୀୟ ଜଳସୀମା ନିକଟରୁ ୧୦ କର୍ମଚାରୀଙ୍କ ସହ ପାକିସ୍ତାନୀ ମାଛଧରା ବୋଟ୍ 'ଅଲ୍ ସୋହେଲି'କୁ ଜବତ କରାଯାଇଛି। ଭାରତୀୟ ଜଳରାଶିରେ ପ୍ରବେଶ କରିଥିବା ଏହି ବୋଟ୍ ତଟସୁରକ୍ଷା ବାହିନୀ କବଳରୁ ଖସିଯିବା ଲାଗି ଉଦ୍ୟମ କରି ବିଫଳ ହୋଇଥିଲା। ଗୁଳି ଚଳାଇବାକୁ ଧମକ ଦିଆଯିବା ସତ୍ତ୍ୱେ ଏହା ଅଟକି ନ ଥିଲା। ଶେଷରେ ତଟସୁରକ୍ଷା ବାହିନୀ ବୋଟ୍‌କୁ ଜବତ କରି ଓକା ବନ୍ଦରକୁ ଆଣିଛି। ୧୦ ଜଣ କର୍ମଚାରୀଙ୍କୁ ଜେରା କରାଯାଉଛି।

## ଲାଲୁଙ୍କ ବିରୋଧରେ ଦୁର୍ନୀତି ମାମଲାର ପୁଣି ତଦନ୍ତ କରିବ ସିବିଆଇ

**ପାଟନା,୨୬।୧୨**



ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ବିରୋଧରେ ଦୁର୍ନୀତି ମାମଲା ପୁନର୍ବାର ଖୋଲିବାକୁ ସିବିଆଇ କହିଛି। ଆର୍‌ଜେଡି ମୁଖ୍ୟଙ୍କ ବିରୋଧରେ ଏହା କେନ୍ଦ୍ରର ଷଡ଼ଯନ୍ତ୍ର ବୋଲି ବିହାରର ଶାସକ ମହାମେଣ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଗତବର୍ଷ ସିବିଆଇ ଲାଲୁଙ୍କ ବିରୋଧରେ ମାମଲା ବନ୍ଦ କରିଥିଲା। କେନ୍ଦ୍ରରେ କ୍ଷମତାରେ ଥିବା ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ କରିଆସୁଥିବା ଅଭିଯୋଗ ହୋଇଛି। କଂଗ୍ରେସ ନେତୃତ୍ୱାଧୀନ ଉପା କ୍ଷମତାରେ ଥିବାବେଳେ ସିବିଆଇ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ସୁପ୍ରିମକୋର୍ଟ ଏହାକୁ ପିଞ୍ଜରାବଦ୍ଧ ଶୁଆ କହିଥିଲେ। ଏବେ କେନ୍ଦ୍ର ନିର୍ଦ୍ଦେଶରେ ସିବିଆଇ ପୁଣିଥରେ ଲାଲୁଙ୍କ ବିରୋଧରେ ଦୁର୍ନୀତି ମାମଲାଗୁଡ଼ିକର ଖୋଳତାଡ଼ କରିବାକୁ ନିଷ୍ପତ୍ତି ନେଇଛି। ସବୁ ମାମଲାରେ ଲାଲୁ ନିର୍ଦ୍ଦୋଷ ସାବ୍ୟସ୍ତ ହେବେ ବୋଲି ବରିଷ୍ଠ ଆର୍‌ଜେଡି ନେତା ବିଜୟ ପ୍ରକାଶ କହିଛନ୍ତି।

କେତେକ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଲାଲୁ ଜେଲଦଣ୍ଡ ଭୋଗି ନିକଟରେ ଜାମିନରେ ବାହାରିଛନ୍ତି। ସିଙ୍ଗାପୁରରେ ତାଙ୍କର କିଡ୍‌ନୀ ପ୍ରତିରୋପଣ ହୋଇଛି। ୨୦୦୪ରୁ ୨୦୦୯ ଲାଲୁ କେନ୍ଦ୍ରରେ ରେଳମନ୍ତ୍ରୀ ଥିବାବେଳେ ବହୁ ଦୁର୍ନୀତିରେ ସାମିଲ ଥିଲେ। ତାଙ୍କ ସମେତ ତାଙ୍କ ପୁଅ ତଥା ବର୍ତ୍ତମାନର ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଦୁଇ ଝିଅ ରାଗିଣୀ ଏବଂ ଚନ୍ଦାଙ୍କ ନାମରେ ଦୁର୍ନୀତି ମାମଲା ରହିଛି। ଭାଜପାକୁ ବିରୋଧ କରୁଥିବା ନେତାଙ୍କ ବିରୋଧରେ ସିବିଆଇ ପଡ଼ିବା ଆଶ୍ଚର୍ଯ୍ୟ କରିଛି ବୋଲି ଜେଡିୟୁ ନେତା ବିଜୟ କୁମାର ଚୌଧୁରୀ କହିଛନ୍ତି। ବିରୋଧୀ ରାଜନେତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଲାଗି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରାଯାଉଥିବା ସେ ଅଭିଯୋଗ କରିଛନ୍ତି।

## ଶ୍ରଦ୍ଧା ହତ୍ୟାକାଣ୍ଡ ବ୍ରେକ୍‌ଅପ୍‌ର କାରଣ

**ମୁମ୍ବାଇ, ୨୬।୧୨**



ତୁନିଶା ଶର୍ମା | ଶିଜାନ୍ ଖାନ୍

ସିରିଏଲ୍ ଅଭିନେତ୍ରୀ ତୁନିଶା ଶର୍ମାଙ୍କ ଆତ୍ମହତ୍ୟା ମାମଲା ଟେଲି ଜଗତରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ୱାଲ୍‌କର ହତ୍ୟା ଘଟଣାକୁ କେନ୍ଦ୍ର କରି ଶିଜାନ୍ ଖାନ୍ ପ୍ରେମିକା ତୁନିଶାଙ୍କଠାରୁ ବ୍ରେକ୍‌ଅପ୍ କରିଥିବା ସୋମବାର ଜେରାବେଳେ କହିଛନ୍ତି। ଶ୍ରଦ୍ଧା ୱାଲକର ଓ ଆଫତାବ ପୁନାୱାଲାଙ୍କ ଭଳି ତୁନିଶା ଏବଂ ଶିଜାନ୍ ଭିନ୍ନ ସମ୍ପ୍ରଦାୟର ଥିଲେ। ସେହିପରି ଦୁହିଁଙ୍କ ମଧ୍ୟରେ ବୟସ ପାର୍ଥକ୍ୟ ଅଧିକ ଥିବା ଯୋଗୁ ଦୁଇ କଳାକାର ପରସ୍ପରଠାରୁ ଅଲଗା ହେବାର ନିଷ୍ପତ୍ତି ନେଇଥିଲେ। ତୁନିଶା ଆତ୍ମହତ୍ୟାକୁ ସୋମବାର ତିନିଦିନ ବିତିଛି। କୌଣସି ସୁଇସାଇଡ୍ ନୋଟ୍ ପୋଲିସର ହସ୍ତଗତ ହୋଇନାହିଁ। ପୂର୍ବରୁ ତୁନିଶା ଥରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ଦେଖି ଶିଜାନ୍ ତାଙ୍କୁ ଅଟକାଇଥିଲେ। ତୁନିଶାଙ୍କ ଯତ୍ନ ନେବାଲାଗି ସେ ତାଙ୍କ ମା'ଙ୍କୁ ଫୋନ୍ କରି କହିଥିଲେ। ଅନ୍ୟପକ୍ଷେ ଆତ୍ମହତ୍ୟା ଦିନ ତୁନିଶା ଲଞ୍ଚ୍ କରିବା ଲାଗି ବାହାରକୁ ଶିଜାନଙ୍କ ସହ ଯାଇଥିବା ସେ ପୋଲିସ ନିକଟରେ କହିଛନ୍ତି।

ଆତ୍ମହତ୍ୟା ଲାଗି ଶିଜାନ୍ ଉସୁକାଇଥିବା ଅଭିଯୋଗ ତୁନିଶାଙ୍କ ମା' ବନିତା ଶର୍ମା ଆଣିବା ପରେ ମୁମ୍ବାଇ ପୋଲିସ ରବିବାର ଏକ୍ସ-ବୟଫ୍ରେଣ୍ଡ ଶିଜାନ୍ ଖାନ୍‌ଙ୍କୁ ଗିରଫ କରିଛି। ବନିତା ଏ ନେଇ ଏକ ଭିଡିଓ ଜାରି କରି କହିଛନ୍ତି, ତୁନିଶାଙ୍କ ନିରୀହତାର ଫାଇଦା ଶିଜାନ୍ ଉଠାଇଛି। ନିଜ ସ୍ୱାର୍ଥ ପାଇଁ ସେ ତୁନିଶାଙ୍କୁ ବ୍ୟବହାର କରୁଥିଲେ।

**ତୁନିଶା ଆତ୍ମହତ୍ୟା ଘଟଣା**
- ଫାଇଦା ଉଠାଉଥିଲେ ଶିଜାନ୍: ବନିତା
- ବ୍ରେକ୍‌ଅପ୍ ପରେ ଅନ୍ୟ ଯୁବତୀଙ୍କ ସହ ସମ୍ପର୍କରେ ଥିଲେ
- ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଅଭିନେତ୍ରୀ

ଦୋଷ ପାଇଁ ଶିଜାନ୍‌ଙ୍କୁ ଉଚିତ୍ ଦଣ୍ଡ ମିଳୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ତୁନିଶାଙ୍କୁ ବାହାହେବାର ପ୍ରତିଶ୍ରୁତି ଦେଇଥିବା ଶିଜାନ୍ ବ୍ରେକ୍‌ଅପ୍‌ର ୧୫ ଦିନ ପରେ ଅନ୍ୟ ଯୁବତୀଙ୍କ ସହ ସମ୍ପର୍କରେ ଆସିଥିବା ବନିତା ଆରୋପ ଆଣିଛନ୍ତି।

ଡିସେମ୍ବର ୨୪ରେ ଶୁଟିଂସେଟ୍‌ରେ ଟି-ବ୍ରେକ୍ ହୋଇଥିବାବେଳେ ତୁନିଶା ୱାଶ୍‌ରୁମ୍ ଯାଇଥିଲେ। ବହୁ ବିଳମ୍ବ ହୋଇଯିବା ପରେ ମଧ୍ୟ ସେ ସେଟ୍‌କୁ ଫେରି ନ ଥିଲେ। ସୂଚନା ପାଇ ୱାଲିଭ ପୋଲିସ ଆସି ୱାଶ୍‌ରୁମ୍ କବାଟ ଭାଙ୍ଗି ତୁନିଶାଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ତୁନିଶାଙ୍କ ଆତ୍ମହତ୍ୟା ନେଇ କୌଣସି ପ୍ରମାଣ ମିଳି ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି।

## ଆଜି ହସ୍ପିଟାଲରେ ମକ୍ ଡ୍ରିଲ୍

**ନୂଆଦିଲ୍ଲୀ,୨୬।୧୨(ପି.ଟି.)**

ଭାରତରେ କୋଭିଡ୍ ମୁକାବିଲା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ମଙ୍ଗଳବାର ସମସ୍ତ ରାଜ୍ୟରେ ଥିବା ହସ୍ପିଟାଲଗୁଡ଼ିକରେ ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ। ଜିଲା ହସ୍ପିଟାଲଗୁଡ଼ିକର ସାମର୍ଥ୍ୟ, ଆଇସୋଲେଶନ ବେଡ୍, ଅକ୍ସିଜେନ୍-ସପୋର୍ଟେଡ ବେଡ୍, ଆଇସିୟୁ ବେଡ୍, ଭେଣ୍ଟିଲେଟର ସୁବିଧା, ଡାକ୍ତର, ନର୍ସ ଏବଂ ପାରାମେଡିକ୍ କର୍ମଚାରୀ, ଆୟୁଷ ଡାକ୍ତର ଓ ଆଗଧାଡ଼ିର କର୍ମଚାରୀମାନଙ୍କ ସଂଖ୍ୟା ଯାଞ୍ଚ ସହ କୋଭିଡ୍ ପରିଚାଳନା ଲାଗି କେତେ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି, ଭେଣ୍ଟିଲେଟର ପରିଚାଳନା ସମ୍ପର୍କରେ କେତେଜଣ ପ୍ରଶିକ୍ଷଣ ନେଇଛନ୍ତି, ତାହାର ସମୀକ୍ଷା କରାଯିବ। ସେହିପରି ହସ୍ପିଟାଲରେ ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ, ପରୀକ୍ଷା ଉପକରଣ, ଜରୁରୀ ଔଷଧ କେତେ ଉପଲବ୍ଧ ଅଛି ତାହାର ଅନୁଧ୍ୟାନ କରାଯିବ ବୋଲି ଜଣାପଡ଼ିଛି।

## କର୍ନାଟକରେ ମାସ୍କ ବାଧ୍ୟତାମୂଳକ

**ବେଙ୍ଗାଲୁରୁ, ୨୬।୧୨**

ଦେଶରେ ଗୋଟିଏ ପରେ ଗୋଟିଏ ନୂଆ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ କର୍ନାଟକ ସରକାର ମାସ୍କ ପରିଧାନକୁ ବାଧ୍ୟତାମୂଳକ କରିଛନ୍ତି। ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ କେ. ସୁଧାକର କୋଭିଡ୍-୧୯ର ନୂଆ ଗାଇଡ୍ ଲାଇନ୍ ଜାରି କରିଛନ୍ତି। ବିଶେଷକରି ରେଷ୍ଟୁରାଣ୍ଟ, ସ୍କୁଲ୍ ପବ୍, ଥିଏଟରରେ ଏବଂ କଲେଜ୍‌ରେ ପ୍ରତ୍ୟେକ ଲୋକ ମାସ୍କ ପିନ୍ଧିବା ଜରୁରୀ। ଅନ୍ୟପକ୍ଷେ ରାଜ୍ୟରେ ନୂଆବର୍ଷ ସେଲିବ୍ରେଶନ୍ ପାଇଁ ରାତି ୧ଟା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି। ମାମଲା ବଢ଼ିବା ପୂର୍ବରୁ ପଦକ୍ଷେପ ନେବା ଦ୍ୱାରା କରୋନା ସଂକ୍ରମଣକୁ ରୋକାଯାଇପାରିବ ବୋଲି ସୁଧାକର କହିଛନ୍ତି। ସେହିପରି ଗର୍ଭବତୀ ମହିଳା, ବୟସ୍କ ଲୋକେ ଏବଂ ଛୋଟ ପିଲା ଗହଳିଠାରୁ ଦୂରରେ ରହିବା ଆବଶ୍ୟକ।

**୧୨ ବିଦେଶ ଫେରନ୍ତା ପଜିଟିଭ୍**



ପିଲା ମାସ୍କ ପିନ୍ଧି ସ୍କୁଲ ଯାଉଛନ୍ତି।

ସୋମବାର ବେଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୧୨ ବିଦେଶ ଫେରନ୍ତା କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୭ ଯୁବକ ଚାଇନାରୁ ଫେରିଥିବା ଜଣାପଡ଼ିଛି। ଅନ୍ୟ ୧୧ ଜଣଙ୍କ ମଧ୍ୟରୁ ୪ ଜଣ ଘରୋଇ ହସ୍ପିଟାଲରେ ସଙ୍ଗରୋଧରେ ଥିବାବେଳେ ଅନ୍ୟମାନେ ହୋମ୍ ଆଇସୋଲେଶନ୍‌ରେ ଅଛନ୍ତି।




ନୂଆଦିଲ୍ଲୀର ସଦୈବ ଅଟଳ ସ୍ମାରକୀରେ ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ୪୦ କୋଟି ଟୁଇଟର ୟୁଜର୍ସଙ୍କ ଡେଟା ଚୋରି

**ଜେରୁଜେଲମ, ୨୬।୧୨**

**ତାଲିକାରେ ସଲମାନ୍ ଖାନ୍ ଓ ସୁନ୍ଦର ପିଚାଇ**

ଅନେକ କୋଟି ଲୋକ ମାଇକ୍ରୋବ୍ଲଗିଂ ଆପ୍ ଟୁଇଟରକୁ ବ୍ୟବହାର କରୁଛନ୍ତି। ତେବେ ଟୁଇଟର ୟୁଜର୍ସଙ୍କ ଡେଟା କେତେ ସୁରକ୍ଷିତ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇସ୍ରାଏଲର ସାଇବର ଇଣ୍ଟେଲିଜେନ୍ସ କମ୍ପାନୀ ହଡସନ୍ ରକ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ୪୦ କୋଟି ଟୁଇଟର ୟୁଜର୍ସଙ୍କ ପର୍ସନାଲ୍ ଡେଟା ଚୋରି ହୋଇଛି। ଚୋରି କରାଯାଇଥିବା ଡେଟାକୁ ଡାର୍କ ୱେବ୍‌ରେ ବିକ୍ରିକରାଯାଉଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଡେଟା ଚୋରି କରାଯାଇଥିବା ୟୁଜର୍ସଙ୍କ ମଧ୍ୟରେ ଗୁଗଲ କମ୍ପାନୀ ସିଇଓ ସୁନ୍ଦର ପିଚାଇ ଓ ହିନ୍ଦୀ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ସଲମାନ୍ ଖାନ୍‌ଙ୍କ ନାମ ସାମିଲ ଅଛି। କିଛି ମାସ ପୂର୍ବରୁ ପାଖାପାଖି ୫.୪ ନିୟୁତ ଟୁଇଟର ୟୁଜର୍ସଙ୍କ ଡେଟା ଲିକ୍ ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଆୟର୍ଲାଣ୍ଡର ଡେଟା ପ୍ରୋଟେକ୍ସନ୍ କମିଶନର (ଡିପିସି) ଏ ନେଇ ଯାଞ୍ଚ କରିବ।

ଆପ୍ଲିକେଶନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍ (ଏପିଆଇ)ର ବ୍ୟବହାର କରି ହ୍ୟାକର୍‌ମାନେ ୟୁଜର୍ସଙ୍କ ପର୍ସନାଲ ଡେଟା ଚୋରି କରୁଥିବା ହଡ୍‌ସନ୍ ରକ୍ ପକ୍ଷରୁ କୁହାଯାଇଛି। ୟୁଜର୍ସଙ୍କ ଟୁଇଟର ଆକାଉଣ୍ଟ ଡିଟେଲ୍ସ ସାଙ୍ଗକୁ ଫୋନ୍ ନମ୍ବର ହ୍ୟାକ୍ କରାଯାଇଛି। ଡାର୍କ ସାଇଟ୍‌ରେ ଡେଟା ବିକ୍ରି ଲାଗି ହ୍ୟାକରମାନେ ଅପ୍‌ଲୋଡ୍ କରିଥିବା ସ୍କ୍ରିନ୍‌ସର୍ଟର ଫଟୋ ହଡ୍‌ସନ୍ ଜାରି କରିଛି।

# ପଣ୍ଡିଚେରୀକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୬।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**


ଓଡ଼ିଶା ଓ ପଣ୍ଡିଚେରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

ସ୍ଥାନୀୟ କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ୍ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଓଡ଼ିଶା ୫–୦ ଗୋଲ୍‌ରେ ପଣ୍ଡିଚେରୀକୁ ପରାସ୍ତ କରିଛି। ଏହି ଏକତରଫା ମ୍ୟାଚ୍‌ରେ ଦୀନବନ୍ଧୁ ଦାସଙ୍କ ଗୋଲ୍ ବଳରେ ଓଡ଼ିଶା ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ୧–୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ୪ଟି ଗୋଲ ସ୍କୋର ହୋଇଥିଲା। ତନ୍ମଧ୍ୟରେ ପ୍ରବୀଣ ଟିଗାଙ୍କ ଦୁଇଟି ଗୋଲ ସାମିଲ। ସେ ୫୨ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଏବଂ ଅନ୍ୟ ଗୋଲ୍‌ଟି ୬୮ତମ ମିନିଟ୍‌ରେ ସ୍କୋର କରିଥିଲେ। ବଦଳ ଖେଳାଳି ଭାବେ ପଡ଼ିଆକୁ ଓହ୍ଲାଇ ରାହୁଲ ମୁଖୀ ୮୫ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ୭୫ତମ ମିନିଟ୍‌ରେ ପଣ୍ଡିଚେରୀର ରାଜେଶ କାନ୍ନା ଜି’ ୭୫ତମ ମିନିଟ୍‌ରେ ଆତ୍ମଘାତୀ ଗୋଲ ସ୍କୋର କରିବାରୁ ଓଡ଼ିଶା ଏହି ମ୍ୟାଚ୍‌କୁ ୫–୦ରେ ଜିତିଥିଲା। ଇର୍‌ଫାନ ଇମ୍‌ତିଆଜ ଶେଖ୍ ରେଫରି ଭାବେ ଏବଂ ଇଗ୍ନାସିଅସ୍ ବାସିଲ ଲରେନ୍ସ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଶୁଭଙ୍କର ରୟ ଓ ମାରିମୁଥୁ ପୋନୁସ୍ୱାମୀ ପିଲାଇ ସରକାରୀ ରେଫରି ରହିଥିଲେ।

# ୭ ଉଇକେଟରେ ଜିତିଲା ଓଡ଼ିଶା

ଭୁବନେଶ୍ୱର, ୨୬।୧୨
(ସ୍ପୋର୍ଟ୍ସ ବ୍ୟୁରୋ)



ଜାହ୍ନବୀ ଷଡ଼ଙ୍ଗୀ

ଛତିଶଗଡ଼ର ସେକ୍ଟର–୧୦ ଅନ୍ତର୍ଗତ ବିଏସ୍‌ପି କ୍ରିକେଟ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ୧୫ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି–୨୦୨୨ର ଏକ ମ୍ୟାଚ୍‌ରେ ଓଡ଼ିଶା ୭ ଉଇକେଟରେ ମିଜୋରାମକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ମିଜୋରାମ ଦଳ ୩୫ ଓଭରରେ ମାତ୍ର ୬୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ମାର୍ଗାରେଥ୍ ୧୪ ରନ୍ କରିଥିଲେ। ସେ ୧୦୮ ବଲ୍ ସାମ୍ନା କରିଥିବା ବେଳେ ୨ ଚୌକା ଲଗାଇଥିଲେ। ଓଡ଼ିଶା ତରଫରୁ ସଫଳ ବୋଲର ଜାହ୍ନବୀ ଷଡ଼ଙ୍ଗୀ ତାଙ୍କ ୬ ଓଭର ବୋଲିଂରେ ୪ ମେଡେନ ସହ ୫ ରନ୍ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ବିଜୟା ଏଲ୍. ବେହେରା ୫ ଓଭର ବୋଲିଂ କରି ୨ ମେଡେନ ସହ ୭ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଦଳ ୧୩.୧ ଓଭରରେ ୩ ଉଇକେଟ ବିନିମୟରେ ୬୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଟପ୍ ସ୍କୋରର ସ୍ମୃତିରେଖା ମହନ୍ତ ୩୧ରନ କରି ଅପରାଜିତ ରହିଥିଲେ। ସେ ୪୬ ବଲ୍ ଖେଳିଥିଲେ ଓ ୪ ଚୌକା ମାରିଥିଲେ। ବିଜୟା ଏଲ୍ ବେହେରା ୨ ଚୌକା ସହ ୯ ରନ କରିଥିଲେ। ମିଜୋରାମ ଦଳ ପକ୍ଷରୁ ଜୋଥାନ ସାଙ୍ଗି (୧/୧୬) ଓ ନାନ୍‌ସୀ (୧/୨୨) ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

# ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ

ମେଲବୋର୍ନ,୨୬।୧୨(ପି.ଟି)

**ବକ୍ସିଂ ଡେ’ ଟେଷ୍ଟ**



କାମେରନ୍ ଗ୍ରୀନ୍

ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ’ ଟେଷ୍ଟରେ ପୁଣି ଥରେ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ। ପେସ୍ ବୋଲର କାମେରନ୍ ଗ୍ରୀନ୍‌ଙ୍କ ଘାତକ ବୋଲିଂର ସାମ୍ନା କରି ନ ପାରି ସାଉଥ୍ ଆଫ୍ରିକା ୧୮୯ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଅଷ୍ଟ୍ରେଲିଆ ୧ ଉଇକେଟ ହରାଇ ୪୫ ରନ୍ ସଂଗ୍ରହ କରିଛି। ମେଲବୋର୍ନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରବଳ ମାତ୍ରାରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ୬୪,୮୭୬ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିଥିଲେ। ଘରୋଇ ଦର୍ଶକଙ୍କ ଆଗରେ ଗ୍ରୀନ୍‌ଙ୍କ ଘାତକ ବୋଲିଂ ଦକ୍ଷିଣ ଆଫ୍ରିକା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଟେଷ୍ଟ କ୍ରିକେଟରେ ଗ୍ରୀନ୍ ନିଜର ପ୍ରଥମ ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୧୦ ରନ୍‌ରେ ନିଜର ଶେଷ ୫ ଉଇକେଟ ହରାଇଥିଲା। ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଦୁଇ ଓପ୍‌ନର ଡିନ୍ ଏଲ୍‌ଗାର (୨୬) ଓ ସାରେଲ ଏରୱି(୧୮) ପ୍ରଥମ ଉଇକେଟରେ ଯୋଡ଼ିଥିଲେ ୨୯ ରନ୍। ତେବେ ଦଳୀୟ ସ୍କୋର ୫୬ ରନ୍‌ରେ ଥେନୁସ୍ ଡି ବ୍ରୁଇନ୍(୧୨) ଆଉଟ ହେବା ପରେ ଦଳ ଏକ ମିନି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମଧ୍ୟକ୍ରମ ବ୍ୟାଟରଙ୍କ ବିଫଳତା କାରଣରୁ ଦଳ ୬୭ ରନ୍‌ରେ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ଉଇକେଟ୍‌କିପର କାଇଲ ଭେରେୟିନ୍ ୫୨ ଓ ନିମ୍ନକ୍ରମ ବ୍ୟାଟର ମାର୍କୋ ଜାନସେନ୍ ଅର୍ଦ୍ଧଶତକୀୟ(୫୯ ରନ୍)ଇନିଂସ ଖେଳି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଭେରେୟିନ୍ ୯୯ ବଲ୍ ଖେଳି ୩ ଚୌକା ମାରିଥିବା ବେଳେ ଜାନସେନ୍ ୧୩୬ ବଲ୍ ଖେଳି ୧୦ ଚୌକା ମାରିଥିଲେ। ଗ୍ରୀନ୍ ସର୍ବାଧିକ ୫ ଉଇକେଟ ନେଇଥିବା ବେଳେ ମିଚେଲ୍ ଷ୍ଟାର୍କ ୨, ସ୍କଟ୍ ବୋଲାଣ୍ଡ ଓ ନାଥନ ଲିୟନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରଥମ ଦିନର ଖେଳ ଶେଷହେବା ସୁଦ୍ଧା ଅଷ୍ଟ୍ରେଲିଆ ୧ ଉଇକେଟରେ ୪୫ ରନ୍ କରିଛି। ଉସ୍‌ମାନ ଖ୍ୱାଜା ୧ ରନ୍ କରି କାଗିସୋ ରବାଡାଙ୍କ ବଲରେ ଆଉଟ ହୋଇଥିବା ବେଳେ ଡେଭିଡ୍ ୱାର୍ନର ୩୨ ଓ ମାର୍ନସ ଲାବୁଶେନ୍ ୫ ରନରେ ବ୍ୟାଟିଂ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚ୍‌ରେ ପରାଜିତ ହେବା ସହିତ ୧–୦ରେ ପଛୁଆ ରହିଛି।

# ମାତ୍ରାଧିକ ଚିନ୍ତା କରିଥାନ୍ତି ଅଶ୍ୱିନ

**ନୂଆଦିଲ୍ଲୀ,୨୬।୧୨(ପି.ଟି):** ବାଂଲାଦେଶ ବିପକ୍ଷ ଅନ୍ତିମ ଟେଷ୍ଟରେ ଚମତ୍କାର ବ୍ୟାଟିଂ ସହିତ ଭାରତକୁ ସିରିଜ୍ ବିଜୟୀ କରିବା ପରେ ସମାଲୋଚକଙ୍କୁ ଜବାବ ଦେଇଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ଅଶ୍ୱିନ ଅଯଥାରେ ଅଧିକ ଚିନ୍ତା କରିଥାନ୍ତି ବୋଲି କିଛି ଲୋକଙ୍କ ବୟାନକୁ ଖଣ୍ଡନ କରିବାକୁ ଯାଇ ସେ ଏଭଳି କହିଛନ୍ତି। ଶ୍ରେୟସ ଆୟାରଙ୍କ ସହ ମିଶି ୭୧ ରନ୍‌ର ପାର୍ଟନରଶିପ୍ କରିବା ସହିତ ସେ ଭାରତକୁ ବିଜୟୀ କରିଥିଲେ। ଦ୍ୱିତୀୟ ଇନିଂସରେ ଅପରାଜିତ ୪୨ ରନ୍‌ର ଇନିଂସ ଖେଳିଥିବା ବେଳେ ମ୍ୟାଚ୍‌ରେ ନେଇଥିଲେ ୬ ଉଇକେଟ। ପଦାର୍ପଣରେ ଭାରତୀୟ ଜର୍ସି ପିନ୍ଧିବା ପରଠାରୁ ହିଁ ମୁଁ ମାତ୍ରାଧିକ ଚିନ୍ତା କରିଥାଏ। ଏପରି ଆଲୋଚନା ପରେ ଏହାକୁ ଲୋକଙ୍କ ମନରୁ ଦୂରେଇବା ପାଇଁକ ଏକ ପିଆର ଷ୍ଟଣ୍ଟ ଆବଶ୍ୟକ ବୋଲି ସେ କହିଛନ୍ତି। ମଡର୍ନ ଡେ କ୍ରିକେଟରେ ଅଶ୍ୱିନଙ୍କୁ ଅନ୍ୟତମ ବୁଦ୍ଧିମାନ କ୍ରିକେଟର ଭାବରେ ଗଣାଯାଏ। ପଡ଼ିଆ ମଧ୍ୟରେ ସଫଳତା ବ୍ୟତୀତ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ମଧ୍ୟ ରହିଛି। ସମସ୍ତ ବ୍ୟକ୍ତିଙ୍କ ଯାତ୍ରା ସ୍ୱତନ୍ତ୍ର। ତେଣୁ କେହି କେହି ଚିନ୍ତାମୁକ୍ତ ରହୁଥିବା ବେଳେ ଅନ୍ୟ କେହି ଅଧିକ ଚିନ୍ତା କରିଥାନ୍ତି। ତେଣୁ କେହି ମାତ୍ରାଧିକ ଚିନ୍ତା କରୁଥିବା ନେଇ କହିବା ବେଳେ ମୁଁ ନିଜକୁ ସେହିଭଳି ଦୃଷ୍ଟିଭଙ୍ଗୀରେ ହିଁ ଦେଖିଥାଏ। ମୁଁ ସେହି ଢଙ୍ଗରେ କ୍ରିକେଟ ଖେଳିଥିବା ବେଳେ ଅନ୍ୟମାନଙ୍କୁ ମଧ୍ୟ ସମାନ ପରାମର୍ଶ ଦେଇଥାଏ। ତେବେ କ୍ରିକେଟ୍‌କୁ ନେଇ ମୁଁ ସର୍ବଦା ମୋର ମତ ରଖିବାକୁ ଭଲ ପାଏ କାରଣ ଏହା ମୋ ଅନୁଭୂତିକୁ ଅଧିକ ଶକ୍ତ କରିଥାଏ।

# କେରଳ ନିକଟରୁ ହାରିଲା ଓଏଫ୍‌ସି



ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର,୨୬।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ କେରଳ ବ୍ଲାଷ୍ଟର୍ସ ନିକଟରୁ ପରାଜିତ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ୮୬ତମ ମିନିଟ୍‌ରେ ସନ୍ଦୀପ ସିଂ ଗୋଲ ଦେବାରୁ ଓଏଫ୍‌ସି ଚଳିତ ସିଜନରେ ନିଜର ଚତୁର୍ଥ ପରାଜୟ ବରଣ କରିଥିଲା। କେରଳର ଜୱାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। କେରଳ ୪–୪–୨ ଏବଂ ଓଏଫ୍‌ସି ୪–୩–୩ କମ୍ବିନେଶନରେ ପଡ଼ିଆକୁ ଓହ୍ଲାଇଥିଲେ। ପ୍ରଥମାର୍ଦ୍ଧ ମ୍ୟାଚ୍ ଗୋଲଶୂନ୍ୟ ରହିଥିବା ବେଳେ ୫୬ ପ୍ରତିଶତ ବଲ୍ ଓଡ଼ିଶା ନିୟନ୍ତ୍ରଣରେ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ କେରଳ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲା। ୮୬ତମ ମିନିଟ୍‌ରେ ବ୍ରାଇସ ମିରାଣ୍ଡାଙ୍କ ଏକ ପାସ୍‌କୁ ଓଏଫ୍‌ସି ପୋଷ୍ଟ ମଧ୍ୟକୁ ମାରିବା ସହିତ କେରଳକୁ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ପହଞ୍ଚାଇଥିଲେ ସନ୍ଦୀପ।

# ଫୁଟ୍‌ବଲ ଫର୍ ଚେଞ୍ଜ ବିଜୟୀ

ଭୁବନେଶ୍ୱର, ୨୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

**୧୭ ବର୍ଷରୁ କମ୍ ୟୁଥ୍ ଲିଗ୍**

କୋଲକାତାର ବାରାକପୋର ଷ୍ଟାଡିୟମରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ୟୁଥ୍ ଲିଗରେ ବୃହତ ବିଜୟ ହାସଲ କରିଛି ଫୁଟ୍‌ବଲ ଫର୍ ଚେଞ୍ଜ ଏକାଡେମୀ। ସୋମବାର ଖେଳା ଯାଇଥିବା ମ୍ୟାଚରେ ଫାଓ ଏକାଡେମୀକୁ ୭–୦ରେ ପରାସ୍ତ କରିଛି ଫୁଟ୍‌ବଲ ଫର ଚେଞ୍ଜ। ଦଳ ପକ୍ଷରୁ କିଶୋର ତିୱାରୀ (୧, ୧୬, ୪୮ ଓ ୫୬ ମିନିଟ) ୪ ଗୋଲ ସ୍କୋର କରିଥିଲେ। ମଙ୍ଗମିନଲାଲ ହାଓକିପ୍(୮୦) ଓ ଥୋଙ୍ଗହାଓ ଲୋଜେମ(୫୭) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫାଓ ଏକାଡେମୀ ପକ୍ଷରୁ ବିଦ୍ୟାଧର ଚକ୍ରି(୬୨) ତମ ମିନିଟରେ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ।

# ୱାର୍ନଙ୍କ ନାମରେ ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର

ମେଲବୋର୍ନ, ୨୬।୧୨(ପି.ଟି.)


ଶେନ୍ ୱାର୍ନ

କିମ୍ବଦନ୍ତୀ ସ୍ପିନର ଶେନ୍ ୱାର୍ନଙ୍କୁ ସମ୍ମାନିତ କରିବାକୁ ଯାଇ ଏଣିକି ତାଙ୍କ ନାମରେ ଅଷ୍ଟ୍ରେଲିଆର ପୁରୁଷ ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଦିଆଯିବ। ଦେଶର କ୍ରିକେଟ ବୋର୍ଡ ସୋମବାର ଏହା ଘୋଷଣା କରିଛି। ଶେନ୍ ୱାର୍ନ ପୁରୁଷ ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପ୍ରତିବର୍ଷ ଅଷ୍ଟ୍ରେଲିଆନ କ୍ରିକେଟ୍ ଆୱାର୍ଡ ବେଳେ ଦିଆଯିବ। କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହକ୍‌ଲେ ଏବଂ ଅଷ୍ଟ୍ରେଲିଆନ କ୍ରିକେଟର୍ସ ଆସୋସିଏଶନ ସିଇଓ ଟଡ୍ ଗ୍ରୀନ୍‌ବର ୱାର୍ନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଦକ୍ଷିଣ ଆଫ୍ରିକା ବିପକ୍ଷ ବକ୍ସିଂ ଡେ’ ଟେଷ୍ଟ ବେଳେ ପୁରସ୍କାରର ନାମ ପରିବର୍ତ୍ତନ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରାରମ୍ଭରେ ୱାର୍ନଙ୍କ ଥାଇଲାଣ୍ଡରେ ସନ୍ଦେହଜନକ ହୃଦ୍‌ଘାତରେ ପ୍ରାଣହାନି ଘଟିଥିଲା। ୨୦୦୫ରେ ରେକର୍ଡ ୪୦ ଉଇକେଟ ସଫଳତା ଲାଗି ୱାର୍ନ ନିଜେ ଏହି ପୁରସ୍କାର ଥରେ ୨୦୦୬ରେ ପାଇଥିଲେ। ଅଷ୍ଟ୍ରେଲିଆନ କ୍ରିକେଟ ଆୱାର୍ଡ ଆସନ୍ତା ବର୍ଷ ଜାନୁୟାରୀ ୩୦ରେ ପ୍ରଦାନ କରାଯିବ।

# କିଟ୍, କିସ୍‌ରେ ଯୋଗାସନ ଓ ସନ୍ତରଣ ଚାମ୍ପିୟନଶିପ୍



ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ।

ଭୁବନେଶ୍ୱର,୨୬।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ଓ କିସ୍‌ରେ ଉଦ୍‌ଘାଟିତ ହୋଇ ଯାଇଛି ସର୍ବଭାରତୀୟ ଯୋଗାସନ ଚାମ୍ପିୟନଶିପ୍ ଓ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ଚାମ୍ପିୟନଶିପ୍। କିଟ୍‌ରେ ଯୋଗାସନ ଚାମ୍ପିୟନଶିପ୍ ଓ କିସରେ ସନ୍ତରଣ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଯୋଗାସନରେ ୪୦୦ରୁ ଅଧିକ ବିଶ୍ୱବିଦ୍ୟାଳୟର ୪୦୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ସନ୍ତରଣରେ ୩୫୦ ବିଶ୍ୱ ବିଦ୍ୟାଳୟର ୨୫୦୦ରୁ ଅଧିକ ଛାତ୍ରୀ ଛାତ୍ର ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୯ ତାରିଖ ଯାଏଁ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସମସ୍ତ ପ୍ରତିଯୋଗୀ ଏବଂ ବିଶ୍ୱ ବିଦ୍ୟାଳୟ ଅଧିକାରୀ ମାନେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବାବରଙ୍କ ଶତକ: ପାକିସ୍ତାନ ୩୧୭/୫

କରାଚୀ, ୨୬।୧୨ (ଏପି)



ଶତକୀୟ ଇନିଂସ ଅବସରରେ ବାବର ଆଜମ।

ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ସୋମବାର ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଆୟୋଜକ ପାକିସ୍ତାନ କ୍ରିକେଟ ଦଳ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପାକିସ୍ତାନ ଅଧିନାୟକ ବାବର ଆଜମ ଟସ୍ ଜିତିବା ପରେ ଶୁଷ୍କ ଓ ଧିମା ଉଇକେଟରେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେବା ପରେ ସୋମବାର ଖେଳ ଶେଷସୁଦ୍ଧା ୫ ଉଇକେଟ ବିନିମୟରେ ଦଳ ୩୧୭ ରନ୍ କରିଛି।

ଘରୋଇ ଦଳ ପ୍ରଥମେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଦଳ ଏକଦା ମାତ୍ର ୪୮ ରନ୍‌ରେ ଏହାର ୩ ଉଇକେଟ ହରାଇ ସାରିଥିଲା। ତେବେ ବାବର ଆଜମଙ୍କ ଅପରାଜିତ ଶତକ ଏବଂ ଡାକରା ପାଇ ଦଳରେ ସାମିଲ ହୋଇଥିବା ସର୍ଫରାଜ ଅହମ୍ମଦ (୮୬ ରନ୍) ପାର୍ଟନରଶିପ୍‌ରେ ୧୯୬ ରନ୍ ଯୋଗକରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ବାବରଙ୍କ ଏହା ହେଉଛି ୯ମ ଟେଷ୍ଟ ଶତକ। ସେ ୧୬୧ ରନ୍ କରି ଅପରାଜିତ ରହିଛନ୍ତି। ସେ ୧୬ ଚୌକା ଓ ଗୋଟିଏ ଛକା ଲଗାଇଛନ୍ତି। ସୋମବାର ଷ୍ଟମ୍ପ ଅପସାରଣ ବେଳକୁ ତାଙ୍କ ସହିତ ଆଘା ସଲମନ ୩ ରନ୍ କରି କ୍ରିଜ୍‌ରେ ରହିଛନ୍ତି।

ଏହି ମ୍ୟାଚ୍ ପାଇଁ ନିକଟରେ ଇଂଲଣ୍ଡଠାରୁ ୩–୦ରେ ସିରିଜ ହାରିଥିବା ପାକିସ୍ତାନ ଦଳରେ ୩ ପରିବର୍ତ୍ତନ କରାଯାଇଛି। ଅଲ୍‌ଫର୍ମାଟ ଉଇକେଟ୍‌କିପର ମହମ୍ମଦ ରିଜ୍‌ୱାନଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ ପୂର୍ବତନ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ସାମିଲ କରାଯାଇଛି। ୨୦୧୮ ପରେ ଏହା ହେଉଛି ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ। ମୀର୍ ହାମ୍‌ଜାଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ନିଆଯାଇଛି। ଏହି ବାମହାତୀ ଫାଷ୍ଟ ବୋଲର ଏହା ପୂର୍ବରୁ ଏକମାତ୍ର ଟେଷ୍ଟ ମ୍ୟାଚ୍ ୨୦୧୮ରେ ଆବୁଧାବିଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଓପ୍‌ନିଂ ବ୍ୟାଟର ଇମାମ୍–ଉଲ୍ ହକ୍ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ଇଂଲଣ୍ଡ ବିପକ୍ଷରେ ପାକିସ୍ତାନର ୮ଉଇକେଟ ପରାଜୟ ମ୍ୟାଚରେ ସେ ଖେଳି ନ ଥିଲେ। ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟରୁ ଆଝାର ଅଲି ଅବସର ନେଇଥିବାରୁ ଶାନ୍ ମାସୁଦ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ପାକିସ୍ତାନ ପ୍ରଥମ ଇନିଂସ:** ୩୧୭/୫ (ବାବର ଆଜମ–୧୬୧*, ସର୍ଫରାଜ ଅହମ୍ମଦ–୮୬; ମାଇକେଲ ବ୍ରେସ୍‌ୱେଲ–୨/୬୧, ଏଜାଜ ପଟେଲ–୨/୯୧)।

## ଆଇଡିବିଆଇର ନୂଆ ସୁଧହାର

**ନୂଆଦିଲ୍ଲୀ:** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ନିକଟରେ ଶୁଭାରମ୍ଭ କରାଯାଇଥିବା 'ଅମୃତ ମହୋତ୍ସବ ଜମା' ଉପରେ ନୂଆ ସୁଧ ହାର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏକ ସୀମିତ ଅବଧି ଅଫର ଭାବେ ମାତ୍ର ୭୦୦ଦିନିଆ ଜମା ଉପରେ ୭.୬୦% ସୁଧ ପ୍ରଦାନ କରାଯାଉଛି। ବିଶେଷକରି ୨୦୨୨ ଡିସେମ୍ବର ୨୬ ତାରିଖରୁ ଏହି ନୂଆ ସୁଧ ହାର ଲାଗୁ ହେବ ବୋଲି ଜଣାପଡ଼ିଛି।

# ୬ ଲକ୍ଷ କୋଟି ଟଙ୍କାର ନିବେଶ ବୃଦ୍ଧି

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୬।୧୨



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ କୋଭିଡ ସଂକ୍ରମଣର ଭୟାବହତା ମଧ୍ୟରେ ଭାରତୀୟ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। କାରଣ ଗତ ସପ୍ତାହର କାରବାର ଫଳାଫଳ ନିବେଶକଙ୍କ ମନରେ ଆଶା ଓ ଆଶଙ୍କା ଭରିଥିଲା। ହେଲେ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଦଲାଲ ଷ୍ଟ୍ରିଟରେ ଉତ୍ସବର ମାହୋଲ ପ୍ରସ୍ତୁତ କରିଛି। ଏପରିକି ସୋମବାର ଷ୍ଟକ ମାର୍କେଟର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ୩୦ ଶେୟାର ବିଶିଷ୍ଟ ପ୍ରମୁଖ ସୂଚକାଙ୍କ ସେନସେକ୍ସ ପ୍ରାୟ ୭୨୧.୧୩ ଅଙ୍କ ଅର୍ଥାତ ୧.୨୦% ବୃଦ୍ଧି ସହ ୬୦,୫୬୬.୪୨ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟ-୫୦ ଶେୟାର ବିଶିଷ୍ଟ ପ୍ରମୁଖ ସୂଚକାଙ୍କ ୨୦୭.୮୦ ଅଙ୍କ ଅର୍ଥାତ ୧.୧୭% ବଢ଼ି ୧୮,୦୧୪.୬୦ ସ୍ତରରେ ବନ୍ଦ ହୋଇଛି। ବିଶେଷ କରି ଫର୍ମା ସେକ୍ଟରକୁ ଛାଡିଦେଲେ ଅନ୍ୟ ସବୁ ସେକ୍ଟରର ସୂଚକାଙ୍କ ସବୁଜ ସଂକେତ ଉପରେ ବନ୍ଦ ହୋଇଛି। ଏପରିକି ସରକାରୀ ବ୍ୟାଙ୍କଗୁଡ଼ିକର ଶେୟାରରେ ଏକ ବଡ ବୃଦ୍ଧି ଦେଖିବାକୁ ମିଳିଛି। ସେହିଭଳି ପିଏସୟୁ ବ୍ୟାଙ୍କ ଗୁଡ଼ିକର ସୂଚକାଙ୍କରେ ପ୍ରାୟ ୭% ବୃଦ୍ଧି ରେକର୍ଡ ହୋଇଛି। ଅପରପକ୍ଷରେ ବିଏସଇର ମିଡକ୍ୟାପ ଇଣ୍ଡେକ୍ସ ୨.୩% ବଢ଼ି ବନ୍ଦ ହୋଇଥିବା ବେଳେ ସ୍ମଲକ୍ୟାପ ଇଣ୍ଡେକ୍ସରେ ମଧ୍ୟ ୩% ବୃଦ୍ଧି ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଶେୟାର ବଜାରରେ ଏହି ବୃଦ୍ଧି ପରେ ନିବେଶକଙ୍କ ପୁଞ୍ଜି ସୋମବାର ପ୍ରାୟ ୬ (୫.୮୭) ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ବିଏସଇରେ ସୂଚୀବଦ୍ଧ ସବୁ କମ୍ପାନୀର ମୋଟ ବଜାର ପୁଞ୍ଜି ଆଜି ବଢ଼ି ୨୭୭.୯୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପୂର୍ବ କାରବାର ଦିନରେ ଏହା ୨୭୨.୧୨ ଲକ୍ଷ କୋଟି ଟଙ୍କା ଥିଲା। ସେହିପରି ବିଏସଇରେ ସୂଚୀବଦ୍ଧ କମ୍ପାନୀର ମୋଟ ବଜାର ପୁଞ୍ଜିରେ ୫.୮୭ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ ସେନସେକ୍ସର ୩୦ ଶେୟାର ମଧ୍ୟରୁ ୨୪ ଶେୟାର ଆଜି ବୃଦ୍ଧି ସହ ବନ୍ଦ ହୋଇଛି। ଯେଉଁ ୫ ଶେୟାରରେ ଆଜି ସବୁଠୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି। ସେଥିରେ ଏସବିଆଇ, ଇଣ୍ଡସଇଣ୍ଡ ବ୍ୟାଙ୍କ, ବଜାଜ ଫିନସର୍ଭ, ଟାଟା ଷ୍ଟିଲ ଏବଂ ଆଇଟିସି ଲିମିଟେଡ୍ ସାମିଲ ରହିଛି। ସେହିପରି ସେନସେକ୍ସର ମୋଟ ୬ ଶେୟାର ଆଜି ହ୍ରାସ ସହ ବନ୍ଦ ହୋଇଛି। ନେସ୍‌ଲେ ଇଣ୍ଡିଆରେ ୧.୧୭% ସହ ସବୁଠୁ ଅଧିକ ହ୍ରାସ ଦେଖିବାକୁ ମିଳୁଛି। ଏହା ସହ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, ଭାରତୀ ଏୟାରଟେଲ, ଏଚ୍‌ସିଏଲ ଟେକ୍, ହିନ୍ଦୁସ୍ତାନ ୟୁନିଲିଭର ଏବଂ ସନଫାର୍ମାରେ ମଧ୍ୟ ଆଜି ୦.୪୩ରୁ ୦.୧୦% ସହ ବନ୍ଦ ହୋଇଛି।

## କ୍ଷୀର ଦର ବଢ଼ାଇଲା ମଦର ଡାଏରୀ

ନୂଆଦିଲ୍ଲୀ,୨୬।୧୨

ଦେଶର ପ୍ରମୁଖ ଦୁଗ୍ଧ ଉତ୍ପାଦକ ମଦର ଡାଏରୀ ନୂଆବର୍ଷ ପୂର୍ବରୁ କ୍ଷୀର ଦର ବଢ଼ାଇଛି। ଏପରିକି ମଙ୍ଗଳବାରଠାରୁ ମଦର ଡାଏରୀ କ୍ଷୀର ୨ ଟଙ୍କା ବୃଦ୍ଧି ସହ ନୂଆ ଦରରେ ବିକ୍ରି ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷକରି କମ୍ପାନୀ ଗାଈ କ୍ଷୀର ଓ ଟୋକନ କ୍ଷୀର ଦରରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇନାହିଁ। ସୂଚନାଯୋଗ୍ୟ, ଦିଲ୍ଲୀ ଏନ୍‌ସିଆର ବଜାରରେ କ୍ଷୀର ମୂଲ୍ୟ ୨ଟଙ୍କା ପ୍ରତି ଲିଟର ପିଛା ବୃଦ୍ଧି କରିବାକୁ ଘୋଷଣା କରାଯାଇଛି। ମଦର ଡାଏରୀ ଦିଲ୍ଲୀ ଏନସିଆରରେ ପ୍ରତିଦିନ ୩୦ଲକ୍ଷ ଲିଟରରୁ ଅଧିକ କ୍ଷୀର ଯୋଗାଣ କରିଥାଏ। ଏହି କ୍ରମରେ ଦେଖିବାକୁ ଗଲେ ମଦର ଡାଏରୀ ଫୁଲ କ୍ରିମ କ୍ଷୀର ମୂଲ୍ୟରେ ୨ଟଙ୍କା ବୃଦ୍ଧି କରିଛି। ଫଳରେ ଏହାର ମୋଟ ମୂଲ୍ୟ ପ୍ରତି ଲିଟର ପିଛା ୬୬ଟଙ୍କା ରହିଛି। ସେହିପରି ଟନଡ କ୍ଷୀର ଲିଟର ପିଛା ୫୧ ଟଙ୍କା ଥିବା ବେଳେ ଏହା ୫୩ ଟଙ୍କାରେ ପହଞ୍ଚିଛି। ସେହିପରି ଆସନ୍ତାକାଲିଠାରୁ ଡବଲ ଟନଡ କ୍ଷୀର ମୂଲ୍ୟ ୨ଟଙ୍କା ବୃଦ୍ଧି ପାଇ ୪୭ଟଙ୍କା ହୋଇଯିବ।

## ଆଜି ମୟୂରଭଞ୍ଜରେ ଏନ୍‌ଏସ୍‌ଏସ୍‌ଏଚ୍ କର୍ମଶାଳା



ଭୁବନେଶ୍ୱର,୨୬।୧୨

ଦେଶର ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି ହେଲେ ଉକ୍ତ ଯୋଜନାର ଠିକ୍ ପରିଚାଳନାର ଅଭାବ ଯୋଗୁ ବାସ୍ତବ ଆଭିମୁଖ୍ୟ ଓ ପ୍ରକୃତ ଲାଭ ହିତାଧିକାରୀ ପାଇପାରୁ ନାହାନ୍ତି। ବିଶେଷକରି କେନ୍ଦ୍ର ସରକାରଙ୍କ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟର ଅଂଶୀଦାର ସଂସ୍ଥା ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ ଏନଏସ୍ଆଇସି ଅଧୀନରେ କାର୍ଯ୍ୟ କରୁଥିବା ଜାତୀୟ ଏସସି-ଏସଟି ହବ୍ (ଏନ୍‌ଏସ୍‌ଏସ୍‌ଏଚ) ପକ୍ଷରୁ ମଙ୍ଗଳବାର ଏକ ରାଜ୍ୟ ସ୍ତରୀୟ କର୍ମଶାଳା ଓ ପ୍ରଦର୍ଶନୀ ମୟୂରଭଞ୍ଜର ଶହୀଦ ସ୍ମୃତି ଭବନ,ମେହେର କଲୋନୀ, ବାରିପଦାଠାରେ ଆୟୋଜନ କରାଯାଇଛି। ଉକ୍ତ କର୍ମଶାଳା ଓ ପ୍ରଦର୍ଶନୀରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀ ଓ ବ୍ୟାଙ୍କଗୁଡ଼ିକ ମଧ୍ୟ ଉକ୍ତ କର୍ମଶାଳା ଓ ପ୍ରଦର୍ଶନୀରେ ଅଂଶଗ୍ରହଣ କରୁଛନ୍ତି। ଫଳରେ ରାଜ୍ୟରେ ବସବାସ କରୁଥିବା ଏସ୍‌ସି-ଏସ୍‌ଟି ବର୍ଗର ଲୋକଙ୍କ ସମେତ ସାଧାରଣ ଲୋକ ମଧ୍ୟ ଉକ୍ତ କର୍ମଶାଳାରେ ସାମିଲ ହୋଇ ସରକାର ଓ ଏନ୍‌ଏସ୍‌ଏସ୍‌ଏଚ୍ ଦ୍ୱାରା ପ୍ରଦାନ ବିଭିନ୍ନ ସେବା ଓ ସୁବିଧା ସମ୍ପର୍କରେ ଅବଗତ ହେବା ସହ ଉକ୍ତ ଯୋଜନାର ଲାଭ ଉଠାଇବାକୁ କୁହାଯାଇଛି। ଏପରିକି ସୋମବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନସ୍ଥିତ ପ୍ରେସ କ୍ଲବ ପରିସରରେ ଏନ୍‌ଏସ୍‌ଏସ୍‌ଏଚ୍ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଏନ୍‌ଏସ୍‌ଏସ୍‌ଏଚ୍‌ର ବିଭିନ୍ନ ଲାଭକାରୀ ଯୋଜନାର ଲାଭ ଉଠାଇବାକୁ ଏନଏସଆଇସିର ମହାପ୍ରବନ୍ଧକ-ଏସଜି (ଏନ୍‌ଏସ୍‌ଏସ୍‌ଏଚ୍) କେ.କେ. ଶର୍ମା ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସ୍‌ଏସ୍‌ଏଚ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଷ୍ଟାଦଶ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୬।୧୨

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ 'କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ'ର ଅଷ୍ଟାଦଶ ବାର୍ଷିକ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଏବଂ ବିଦ୍ୟାଳୟର ଚେୟାରମ୍ୟାନ ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଓ ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଓଡ଼ିଶାର ଜଣାଶୁଣା ଅର୍ଥନୀତିଜ୍ଞ ପ୍ରଫେସର ଡ. କୁମରବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅନେକ କଥା କହିବା କହିଥିଲେ। ଏପରିକି ବର୍ତ୍ତମାନର ବୋଉ ଡାକରୁ ମମି ଡାକ ପର୍ଯ୍ୟନ୍ତ ସାଂସ୍କୃତିକ ଶୈକ୍ଷିକ ଅବକ୍ଷୟ କିପରି ହେଉଛି ଏବଂ ଏଥିପାଇଁ ମାତାପିତାଙ୍କ ଭୂମିକା, ମୌଳିକ ଶିକ୍ଷା ପରିବର୍ତ୍ତେ ଅଧିକ ମାର୍କ ପଛରେ ଗୋଡାଉଥିବା ବ୍ୟବସ୍ଥାକୁ ସୁନ୍ଦର ଭାବରେ ବୁଝାଇଥିଲେ। ସେହିଭଳି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ତଟରକ୍ଷୀ ବାହିନୀର ଡିଆଇଜି ସନାତନ ଜେନା ଶ୍ରୀମଦ୍ ଭଗବତ ଗୀତା କିପରି ଆମ ଆଧାତ୍ମିକ ଚେତନାକୁ ଜାଗ୍ରତ କରେ ସେ ବିଷୟରେ ଜେନା ଅତି ନିଖୁଣ ଭାବେ ବର୍ଣ୍ଣନା କରିଥିଲେ। ପରିଶେଷରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ବିଜ୍ଞାନୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ ଉତ୍ସବର ପ୍ରଥମ ଦିନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏପରିକି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ରାମନାଥ ମହାପାତ୍ର ଏହାର ବିଚାରକ ରୂପେ ଯୋଗ ଦେଇ ସଫଳ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରିଥିଲେ।

## ନୂଆ ବର୍ଷରେ ନୂଆ ମେଗା ଧାରାବାହିକ 'ଖୁସିର ଛୁଙ୍କ୍'

ଭୁବନେଶ୍ୱର,୨୬।୧୨

ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକ ପକ୍ଷରୁ ନୂଆ ବର୍ଷରେ ନୂଆ ମେଗା ଧାରାବାହିକ 'ଖୁସିର ଛୁଙ୍କ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆସନ୍ତା ଜାନୁୟାରୀ ୨ରୁ ନୂଆ ବର୍ଷରୁ ନୂଆ ଆରମ୍ଭ ସହ ଏକ ନୂତନ କାହାଣୀ 'ଖୁସିର ଛୁଙ୍କ୍' ଜୀ-ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି।

ଉଲ୍ଲେଖଯୋଗ୍ୟ ଖାଇବା ଓ ଖୁଆଇବା ପାଇଁ ପସନ୍ଦ କରୁଥିବା ଏକ ଚୁଲ୍‌ବୁଲି ଝିଅ ଖୁସି କିଭଳି ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ନେଇ ଏକ କ୍ଲାଉଡ କିଚେନ୍ କରିବା ପାଇଁ ସ୍ୱପ୍ନ ଦେଖୁଛି, ହେଲେ ସେହି ସ୍ୱପ୍ନକୁ ପୂରା କରିବା ପାଇଁ ଖୁସି ଚେଷ୍ଟା କରୁଥିବା ବେଳେ କରନ ସହ ତା'ର ଦେଖାହୋଇଛି। ଏପରିକି ଖାଦ୍ୟ ପ୍ରସ୍ତୁତିରେ ରୁଚି ରଖୁଥିବା କରନ ମଧ୍ୟ ତା'ର (କରନ) ସ୍ୱପ୍ନ ପୂରା କରିବା ପାଇଁ ପ୍ରୟାସ କରୁଛି। ଉଭୟେ କିପରି ଭାବେ ଉଭୟଙ୍କର ସ୍ୱପ୍ନକୁ ପୂରା କରୁଛନ୍ତି ଏବଂ ସ୍ୱପ୍ନ ପୂରା କରିବା ବାଟରେ ଉଭୟ କ'ଣ ସବୁ ସମସ୍ୟାର ସାମ୍ନା କରୁଛନ୍ତି, ତାକୁ ନେଇ ଉକ୍ତ କାହାଣୀ( ଖୁସିର ଛୁଙ୍କ୍)ଟି ଗତିଶୀଳ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଚିରାଚରିତ କାହାଣୀରୁ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂତନ କଥାବସ୍ତୁକୁ ନେଇ ପ୍ରସାରିତ ହେବାକୁ ଥିବା 'ଖୁସିର ଛୁଙ୍କ୍' ଧାରାବାହିକଟି ଆଗାମୀ ଜାନୁୟାରୀ ୨ରୁ ପ୍ରତି ସୋମବାରରୁ ଶନିବାର ରାତି ୯ଟାରେ ଜୀ-ସାର୍ଥକରେ ପ୍ରସାରିତ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।




## 'ଡିଏସ୍‌ପି ହର୍ ଘର୍ ହାପି ଅଫର'

ନୂଆଦିଲ୍ଲୀ,୨୬।୧୨

ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ 'ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ' (ଡିସିବିଏଲ) ପକ୍ଷରୁ 'ଡିଏସ୍‌ପି ହର୍ ଘର୍ ହାପି ଅଫର' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି 'ଡିଏସ୍‌ପି ହର୍ ଘର୍ ହାପି ଅଫର' ଗ୍ରାହକଙ୍କୁ ବାସଗୃହ ନିର୍ମାଣ ଆରମ୍ଭ କରିବାକୁ ଉତ୍ସାହିତ କରୁଛି,କାରଣ ବାସଗୃହ ନିର୍ମାଣ ନିମନ୍ତେ ଡିସେମ୍ବରରୁ ମାର୍ଚ୍ଚ ଉପଯୁକ୍ତ ସମୟ ଭାବେ ବିବେଚିତ ହୋଇଥାଏ। ପ୍ରାକ ନିର୍ମାଣଠାରୁ ଆରମ୍ଭକରି ନିର୍ମାଣ ପରବର୍ତ୍ତୀ ପର୍ଯ୍ୟାୟ ପର୍ଯ୍ୟନ୍ତ ଏକ ବାସଗୃହ ନିର୍ମାଣର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମଧ୍ୟ ଡିସିବିଏଲ ମାର୍ଗଦର୍ଶନ ତା'ର ୱେବସାଇଟ ଏବଂ ହେଲ୍‌ପଲାଇନ ନମ୍ବର ୧୮୦୦୨୦୨୦ ଜରିଆରେ ଆବଶ୍ୟକ ସୂଚନା ଓ ଯୋଗାଯୋଗର ସୁବିଧା ଯୋଗାଇ ଦେଉଛି। ଏପରିକି ଉପଭୋକ୍ତାଙ୍କ ପାଇଁ ଉତ୍ପାଦର ପ୍ରମୋ ବଜାରରେ ୨୦୨୩ ଫେବୃୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଲ୍ଲେଖଯୋଗ୍ୟ ଲକି ଡ୍ର ପୁରସ୍କାର ସହ ଡିସିବିଏଲ ମଧ୍ୟ ଗ୍ରାହକଙ୍କୁ ଏକ ଡଫେଲ ବ୍ୟାଗ (ପ୍ରତି ୧୦୦ ଡାଲମିଆ ସିମେଣ୍ଟ ବ୍ୟାଗ କ୍ରୟ କ୍ଷେତ୍ରରେ) ପ୍ରଦାନ କରିବ। ଏପରିକି ଏହାର ଗ୍ରାହକମାନେ ସ୍ୱୀକୃତିପ୍ରାପ୍ତ ଡିଲର-ସବ୍‌ଡିଲରଙ୍କ ନିକଟରୁ ଡାଲମିଆ ଡିଏସପି ସିମେଣ୍ଟ ବ୍ୟାଗ୍ ଖରିଦ କରିବା ପରେ ସେମାନଙ୍କର ନିଶ୍ଚିତ ଉପହାର ଦାବି କରିପାରିବେ।

ଫୁର୍‌ସତ୍



## ଫ୍ୟାନ୍ସଙ୍କୁ ଟ୍ରିପ୍‌ରେ ପଠାଇବେ ବିଜୟ୍

ମୁମ୍ବାଇ

ସାଉଥ୍ ସୁପରଷ୍ଟାର ବିଜୟ ଦେବରକୋଣ୍ଡା ତାଙ୍କ ଫ୍ୟାନ୍ସଙ୍କ ପାଇଁ କିଛି ନା କିଛି କରିଥା'ନ୍ତି। ତେବେ ସେ ଏହି ବଡ଼ଦିନରେ ଫ୍ୟାନ୍ସଙ୍କୁ ଏକ ଗିଫ୍ଟ ଦେଇ ଧନ୍ୟବାଦ ଦେଇଛନ୍ତି। ସେ ନିଜ ପକ୍ଷରୁ ତାଙ୍କର ୧୦୦ ଫ୍ୟାନ୍ସଙ୍କ ପାଇଁ ଟ୍ରିପ୍‌ରେ ପଠାଇବା ପାଇଁ ଘୋଷଣା କରିଛନ୍ତି। ତାଙ୍କର ଏହି ଘୋଷଣା ପରେ ଅଧିକ ଭାଇରାଲ୍ ହେବାରେ ଲାଗିଛି। ୫ ବର୍ଷ ପୂର୍ବେ ବିଜୟ ଏକ ପରମ୍ପରା ଆରମ୍ଭ କରିଥିଲେ। ସେବେଠାରୁ ସେ ଏହାକୁ ପାଳନ କରିଆସୁଛନ୍ତି। ଚଳିତ ୨୫ ତାରିଖକୁ ସେହି ପରମ୍ପରାକୁ ୫ ବର୍ଷ ପୂରଣ ହେଉଥିବାରୁ ସେ କିଛି ନୂଆ କରିବାକୁ ଭାବି ତାଙ୍କ ଫ୍ୟାନ୍ସଙ୍କ ପାଇଁ ଏପରି ଟ୍ରିପ୍‌ର ଆୟୋଜନ କରିଛନ୍ତି। ତେବେ ସେ ଏଥିପାଇଁ ମାଉଣ୍ଟେନ୍ ଅଫ୍ ଇଣ୍ଡିଆ, ବିଚେସ୍ ଅଫ୍ ଇଣ୍ଡିଆ, କଲ୍‌ଚର ଟ୍ରିପ ଅଫ୍ ଇଣ୍ଡିଆ, ଡେଜର୍ଟ ଇନ୍ ଇଣ୍ଡିଆ ଇତ୍ୟାଦି ୪ଟି ଜାଗା ନିରୂପଣ କରିଛନ୍ତି, କିନ୍ତୁ କେଉଁ ଜାଗା ସ୍ଥିର କରିବେ ସେ ସେଥିପାଇଁ ମତାମତ ମାଗିଛନ୍ତି। ଏଥିରେ ଫ୍ୟାନ୍ସମାନେ ଅନେକ ଜବାବ ଦେଇଛନ୍ତି। ତେବେ ବିଜୟଙ୍କୁ ଫିଲ୍ମ ଲାଇଗର୍‌ରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ସେ ଅନେକ ଫିଲ୍ମରେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି।

## ୧୦ ଘଣ୍ଟାରେ ୧୨୦ କି.ମି. ପହଁରିଲା ମହାବଳ

ଦିଶପୁର



ଏକ ବାଘ ନଦୀରେ ପହଁରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆଇଏଫ୍‌ଏସ୍ ଅଫିସର ସୁଶାନ୍ତ ନନ୍ଦ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ଭିଡିଓରେ ଦେଖିବାକୁ ମିଳୁଥିବା ଏହି ରୟାଲ୍ ବେଙ୍ଗଲ୍ ଟାଇଗର୍‌କୁ ରକ୍ଷା କରିବା ପାଇଁ ନୟାନ୍ତ ହୋଇଛନ୍ତି ଏନ୍‌ଡିଆର୍‌ଏଫ୍ ଟିମ୍। ଖବର ମୁତାବକ ଏହି ବାଘ ୧୦ ଘଣ୍ଟାରେ ୧୨୦ କି.ମି. ଦୂର ପହଁରି ଆସିଛି। ବର୍ତ୍ତମାନ ଏହି ମହାବଳ ବାଘର ନୂଆ ଘର ପାଲଟିଛି ଆସାମର ଉମାନନ୍ଦପାତ୍ର ଦ୍ୱୀପ। ବାଘଟି ଗୁଆହାଟିର ଓରେଙ୍ଗା ନ୍ୟାଶନାଲ ପାର୍କରୁ ଚାଲିଆସିଥିବା ସନ୍ଦେହ କରାଯାଉଛି। ଗୁଆହାଟିରୁ ଏହି ପାର୍କରେ ପହଞ୍ଚିବା ଲାଗି ବ୍ରହ୍ମପୁତ୍ର ନଦୀରେ ୧୦ ମିନିଟର ବୋଟ୍ ରାଇଡ୍ କରିବାକୁ ପଡ଼ିଥାଏ। ବାଘଟି ନଦୀକୁ ପାଣି ପିଇବାକୁ ଆସିଥିବାବେଳେ ସ୍ରୋତରେ ଭାସି ଯାଇଥିବା ଅନୁମାନ କରାଯାଉଛି। ମହାବଳକୁ ଟ୍ରାଙ୍କୁଲାଇଜ୍ଡ କରି ପୁଣିଥରେ ଓରେଙ୍ଗା ନ୍ୟାଶନାଲ ପାର୍କକୁ ପଠାଯିବ ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି। ନଦୀ ଜଳରେ କିଛି ଦୂର ପହଁରି ଆସିବା ପରେ ବାଘଟି ଗୁଆହାଟିର ପିକକ୍ ଆଇଲାଣ୍ଡର ଏକ ଗୁମ୍ଫାରେ ଆଶ୍ରୟ ନେଇଥିଲା। ଏହାପରେ ବନବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ବାଘକୁ କାବୁ କରିବାରେ ସଫଳ ହୋଇଥିଲେ।

**ନୟାନ୍ତ ହେଲେ ଏନ୍‌ଡିଆର୍‌ଏଫ, ବନ ଅଧିକାରୀ**

## ଦମ୍ପତିଙ୍କ ଚୁମ୍ବନ ବେଳର ଏମ୍‌ଆର୍‌ଆଇ

**ଆମ୍‌ଷ୍ଟରଡ୍ୟାମ୍:** ନିକଟରେ ଏକ ଆମ୍‌ଆର୍‌ଆଇ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଏକ ଦମ୍ପତିଙ୍କୁ ଏମ୍‌ଆର୍‌ଆଇରେ ଚୁମ୍ବନ କରୁଥିବା ଦେଖିବାକୁ ମିଳିଛି। ଚୁମ୍ବନ ସମୟରେ ଏମ୍‌ଆର୍‌ଆଇ ରିପୋର୍ଟରେ କ'ଣ ପରିବର୍ତ୍ତନ ହେଉଛି ତାହା ଜାଣିବା ପାଇଁ ୧୯୯୧-୧୯୯୯ରେ ଭିରିଜେ ୟୁନିଭର୍ସିଟି, ଆମଷ୍ଟରଡ୍ୟାମ ଏକ ଏକ୍ସପେରିମେଣ୍ଟ କରିଥିଲା। ୧୯୯୯ରେ ମେଡିକାଲ ଜର୍ନାଲର ରିପୋର୍ଟ ଜାରି ହୋଇଥିଲା। ଏହି ଏକ୍ସପେରିମେଣ୍ଟରେ ଅନେକ ଦମ୍ପତି ଅଂଶଗ୍ରହଣ କରିଥିଲେ।



## ମହିଳାଙ୍କୁ କରାଯାଏ ଅସୁନ୍ଦର

ନୂଆଦିଲ୍ଲୀ

ବିଶ୍ୱରେ ଅନେକ ପ୍ରକାରର ଜନଜାତି ରହିଛନ୍ତି। ସେମାନଙ୍କର ମଧ୍ୟ କିଛି ପରମ୍ପରା ରହିଛି। ପୂର୍ବ ଆଫ୍ରିକାରେ ରହୁଥିବା ମୁର୍ସି ଟ୍ରାଇବ୍‌ଙ୍କ କିଛି ଏପରି ପରମ୍ପରା ରହିଛି, ଯାହାକି ସମ୍ପୂର୍ଣ୍ଣ ଅଜବ। ସେମାନଙ୍କ ପରମ୍ପରାରେ ମହିଳାମାନଙ୍କୁ ଅସୁନ୍ଦର କରି ରଖାଯାଏ। ଫଳରେ ମହିଳାମାନେ ସମସ୍ତ ଖରାପ ନଜରରୁ ବଞ୍ଚି ପାରିବେ, ଯେଉଁଥିରେ କି ମହିଳାମାନଙ୍କ ଓଠ ଓ କାନକୁ କାଟି ସେଥିରେ ଏକ ଗୋଲାକାର କାଠ ଭର୍ତ୍ତି କରାଯାଇଥାଏ। ଏଥିରେ ମହିଳାଙ୍କ ଓଠ ଲମ୍ବା ହୋଇଯାଇଥାଏ। ମହିଳାମାନେ ମଧ୍ୟ ତାଙ୍କର ଏହି ପରମ୍ପରାକୁ ମାନିଥା'ନ୍ତି। ଝିଅକୁ ଯେତେବେଳେ ୧୫/୧୬ ବର୍ଷ ହୋଇଯାଏ, ସେବେ ଏହି ପରମ୍ପରା ପାଳନ କରାଯାଇଥାଏ। ଏଥିସହ ଏମାନେ ବହୁତ ହିଂସ୍ର ମଧ୍ୟ ହୋଇଥା'ନ୍ତି। ଯଦି କେହି ବିନାନୁମତିରେ ତାଙ୍କ ଅଞ୍ଚଳକୁ ପ୍ରବେଶ କରନ୍ତି, ତେବେ ଏମାନେ ତାଙ୍କୁ ମାରି ଦିଅନ୍ତି। ଏମାନେ ମାରିବା ପାଇଁ କାଠରେ ପ୍ରସ୍ତୁତ ପାରମ୍ପରିକ ଅସ୍ତ୍ରର ବ୍ୟବହାର କରିଥା'ନ୍ତି। ଆତ୍ମରକ୍ଷା ପାଇଁ ପଡ଼ୋଶୀ ଦେଶ ସୋମାଲିଆ ଓ ସୁଦାନରୁ ଏକେ ୪୭ ଭଳି ବିଭିନ୍ନ ବନ୍ଧୁକ ମଧ୍ୟ ଆଣିଥା'ନ୍ତି।





**କରୋନା ମହାମାରୀ ଯୋଗୁ ଦୁଇବର୍ଷ ହେଲା ବନ୍ଦ ରହିଥିଲା ବିଶ୍ୱପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା। ଜୀବନଯାତ୍ରା ସ୍ୱାଭାବିକ ହେବା ପରେ ଚଳିତବର୍ଷ ଐତିହ୍ୟ, ପରମ୍ପରା ସହିତ ଆଧୁନିକତାର ଝଲକ ନେଇ ପୁଣି ଆରମ୍ଭ ହେଉଛି ଏହି ମହୋତ୍ସବ। ୭୫ ବର୍ଷରେ ପାଦ ଥାପିଥିବା ଏହି ଯାତ୍ରାରେ ଭରି ରହିଛି ନାଟ୍ୟକଳାର ଅପୂର୍ବ ନିଦର୍ଶନ। ପୁରାତନ ସାଙ୍ଗକୁ ନୂତନ କଳାକାରଙ୍କ ଜୀବନ୍ତ, ନିଖୁଣ ଅଭିନୟ ମଧ୍ୟ ଦେଖିବାକୁ ମିଳିବ। ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତିର ଛିଟାରେ ମହକିବ ବରଗଡ଼ ମାଟି। କଂସ ମହାରାଜଙ୍କ ବିକଟାଳ ହସରେ ପ୍ରକମ୍ପିତ ହେବ ଧନୁଯାତ୍ରା ମଞ୍ଚ। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାରେ ଗୋପପୁରବାସୀଙ୍କ ମନରେ ଜାଗି ଉଠିବ ଆଧ୍ୟାତ୍ମିକ ଭାବ। ଏଭଳି ଏକ ସାଂସ୍କୃତିକ ବର୍ଣ୍ଣାଳିକୁ ନେଇ ଏଥରର ଧନୁଯାତ୍ରା ସ୍ୱତନ୍ତ୍ର।**

## ଆଜିର ଆକର୍ଷଣ

**୨୭।୧୨।୨୦୨୨(ମଙ୍ଗଳବାର)**

**ମଥୁରାନଗରୀ**

ସନ୍ଧ୍ୟା ୭ଟାରେ ରାଜଦରବାର (ହାଟପଦା)ରେ ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ ସମାରୋହ। ରାମଜୀ ମନ୍ଦିରରେ ଦେବକୀ ଓ ବସୁଦେବଙ୍କ ବିବାହୋତ୍ସବ, ଦୈବବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ, ଦେବକୀ ଓ ବସୁଦେବଙ୍କୁ କାରାଗାର ପ୍ରେରଣ।

# ବରଗଡ଼ରେ କଂସ ରାଜୁତି



କଂସ ଚରିତ୍ରରେ ହୃଷୀକେଶ ଭୋଇ

ଉପସ୍ଥାପନା
ପ୍ରେମାନନ୍ଦ ଖମାରୀ
ବରଗଡ଼

## ରଙ୍ଗସଭାରେ ଉପସ୍ଥାପନ ହେବ ସାମ୍ପ୍ରତିକ ସମସ୍ୟା

**ଏଥର ବରଗଡ଼ ଧନୁଯାତ୍ରାରେ ହୃଷୀକେଶ ଭୋଇ ପୁଣିଥରେ କଂସ ଭୂମିକାରେ ଅଭିନୟ କରୁଛନ୍ତି। ଚଳିତବର୍ଷ ଧନୁଯାତ୍ରାରେ କିଭଳି ରହିବ ଅଭିନୟ ସେ ସମ୍ପର୍କରେ ତାଙ୍କ ସହିତ ଏକ ଆଲୋଚନା ।**

**● ୫ ବର୍ଷ ବ୍ୟବଧାନ ପରେ ଆପଣ ପୁଣି ବରଗଡ଼ ଧନୁଯାତ୍ରାରେ, କେମିତି ଲାଗୁଛି ?**

ବହୁତ ଖୁସି ଲାଗୁଛି। ଯେହେତୁ ଏଥର ବରଗଡ଼ ଧନୁଯାତ୍ରା ମହୋତ୍ସବ ୭୫ ବର୍ଷରେ ପଦାର୍ପଣ କରୁଛି ଏବଂ କଂସ ଭୂମିକାରେ ଅଭିନୟ ପାଇଁ ମୋତେ ସୁଯୋଗ ମିଳିଛି।

**● ଅଭିନୟ ପାଇଁ ଆପଣଙ୍କ ପ୍ରସ୍ତୁତି ?**

ଏଥର ହୀରକ ଜୟନ୍ତୀ ପାଳନ କରାଯାଉଛି। ସବୁ କଳାକାର ଉତ୍ସାହିତ ଅଛନ୍ତି । ମୁଁ ବି ଉତ୍ସାହିତ। ଦର୍ଶକ ନୂଆ କିଛି ନିଶ୍ଚୟ ଦେଖିବେ। ସେଭଳି ପ୍ରସ୍ତୁତି ରହିଛି।

**● କେଉଁ ଦୃଶ୍ୟାଭିନୟ ନୂଆ ରହିବ ?**

ଦୃଶ୍ୟାଭିନୟରେ ଦର୍ଶକମାନେ କିଛି ନୂଆ ଝଲକ ନିଶ୍ଚୟ ଉପଭୋଗ କରିବେ। ଏବେଠାରୁ ତାହା କହିଦେଲେ ଠିକ୍ ହେବନାହିଁ ।

**● ଆପଣଙ୍କ ପାର୍ଶ୍ୱ କଳାକାରଙ୍କ ମଧ୍ୟରେ ଅନେକ ବରଗଡ଼ ଧନୁଯାତ୍ରାକୁ ନବାଗତ, କିଛି ଅଡୁଆ ହେବନି ତ ?**

କିଛି ଅଡୁଆ ନାହିଁ । ବରଗଡ଼ ଧନୁଯାତ୍ରା ପାଇଁ ସେମାନେ ନୂଆ ହୋଇପାରନ୍ତି । ହେଲେ କଳା କ୍ଷେତ୍ରରେ ସେମାନେ ବହୁ ପୁରୁଣା। ଅନ୍ୟ ମଞ୍ଚରେ ଅଭିନୟ କରି ସମସ୍ତେ ନିଜ ପରାକାଷ୍ଠା ଦେଖାଇ ସାରିଛନ୍ତି ।

**● ୧୧ ଦିନର ଧନୁଯାତ୍ରାରେ ନିଜ ପରିବାରକୁ ଆପଣ କିଭଳି ଦେଖନ୍ତି ?**

ଧନୁଯାତ୍ରାରେ ନିଜକୁ ସମର୍ପିତ କରିଦିଏ। ପରିବାର ଲୋକଙ୍କୁ ଭୁଲିଯାଏ। ଧନୁଯାତ୍ରାର ଅଗଣିତ ଦର୍ଶକଙ୍କ ମନ ଜିଣିବାକୁ ଲାଗିପଡ଼େ ।

**● ଧନୁଯାତ୍ରାବେଳେ ଆପଣଙ୍କ ଖାଇବା, ପିଇବା କିଭଳି ରହେ ?**

ସମ୍ପୂର୍ଣ୍ଣ ସାଧାରଣ ଭୋଜନ । କମ୍ ପରିମାଣରେ ମଧ୍ୟ ଭୋଜନ କରିଥାଏ।

**● କେଉଁଦିନର ଅଭିନୟ ଭଲ ଲାଗେ ?**

ରଙ୍ଗସଭାର ଦୃଶ୍ୟାଭିନୟ ମୋତେ ଭାରି ଭଲ ଲାଗେ। ଅନେକ ପ୍ରଶାସନିକ ଅଧିକାରୀ ସେହିଦିନ ଯୋଗଦେଇଥାନ୍ତି। ବିଦୂଷକ ମଥୁରାନଗରୀ ପ୍ରଜାଙ୍କ ସମସ୍ୟା ଉପସ୍ଥାପନ କରନ୍ତି। ଆଉ ତାର ଉତ୍ତର ଦେବା ପାଇଁ ମଥୁରାଧିପତି ଭାବେ ସ୍ୱୟଂ ମୁଁ ପ୍ରଶାସନିକ ଅଧିକାରୀଙ୍କୁ ଆଦେଶ ଦେଇଥାଏ ।

**● ରଙ୍ଗସଭାରେ ଏଥର କିଛି ସାମ୍ପ୍ରତିକ ଘଟଣାବଳୀ ରହିବ ?**

ନିଶ୍ଚୟ, ମହାମାରୀ କରୋନା ଯୋଗୁ ଧନୁଯାତ୍ରା ମହୋତ୍ସବ ବନ୍ଦ ରହିଥିଲା। ଧାନ କିଣାବିକା ସମସ୍ୟା ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଏଭଳି ଅନେକ ସାମ୍ପ୍ରତିକ ସମସ୍ୟା ରଙ୍ଗସଭାରେ ସ୍ଥାନିତ ହେବ ।

**● ଆପଣ ପେସାରେ ସ୍ୱାସ୍ଥ୍ୟ ବିଭାଗର ଜଣେ ଡ୍ରାଇଭର। ହେଲେ କଂସ ଅଭିନେତା ଭାବେ ଆପଣଙ୍କୁ ସମସ୍ତେ ଜାଣନ୍ତି, ଏ ନେଇ କଣ କହିବେ ?**

ପେସାରେ ମୁଁ ଡ୍ରାଇଭର। ଜଣେ ସରକାରୀ କର୍ମଚାରୀ ଭାବେ କର୍ତ୍ତବ୍ୟରେ ଅବହେଳା କରିନାହିଁ । ହେଲେ କଳା ମୋର ନିଶା ଏବଂ ଜଣେ କଳାକାର ଭାବେ ଦର୍ଶକଙ୍କୁ ସନ୍ତୁଷ୍ଟ କରିବା ପାଇଁ ସବୁବେଳେ ଚେଷ୍ଟା କରିଆସିଛି ।

**● ବରଗଡ଼ ଧନୁଯାତ୍ରାରେ ଆପଣ ଅନେକଥର କଂସ ଅଭିନୟ କରିଛନ୍ତି, ପ୍ରଥମ ଅଭିନୟର ଅନୁଭୂତି ?**

୨୦୦୯ ମସିହାରେ ଚୟନବେଳେ ମୁଁ କଂସ ଭୂମିକାରେ ଅଭିନୟ ପାଇଁ ମନୋନୀତ ହୋଇଥିଲି। ବହୁତ ଖୁସି ଲାଗିଲା। ହେଲେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କିଭଳି ଅଭିନୟ କରିବି, ସେତେବେଳେ ଡର ବି ଲାଗୁଥିଲା। ହେଲେ ଆଉ ସେ ଭୟ ନାହିଁ।

**● ଜୀବନରେ କିଛି ଅଭୁଲା ସ୍ମୃତି ?**

୨୦୦୮ ମସିହାରେ ତାଳପାଲି ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରୁଥିଲି। କାଳୀୟ ଦଳନ ଦୃଶ୍ୟର ପୂର୍ବରାତି ଦୃଶ୍ୟାଭିନୟରେ ଗୋଟିଏ ହାତରେ ଗୋଖର ଏବଂ ଅନ୍ୟହାତରେ କାଳୀନାଗ ଧରି ଦୃଶ୍ୟାଭିନୟ କରିଥିଲି। ନାଗସାପ ଦଂଶନ କରିଥିଲା, ତଥାପି ଅଭିନୟ ଜାରି ରଖିଥିଲି।



## ଜିରା ନଦୀକୂଳରେ ଏଥର ଧନୁମେଳା



ଧନୁଯାତ୍ରା ମହୋତ୍ସବର ହୀରକ ଜୟନ୍ତୀ ପାଳନ କରାଯାଉଛି। ଏଥିପାଇଁ ମଥୁରା, ଗୋପବାସୀଙ୍କ ସମେତ ସମସ୍ତ କଳାକାର ମଧ୍ୟ ଉତ୍ସାହିତ ଅଛନ୍ତି। ଏଥର ପ୍ରଥମଥର ପାଇଁ ଜିରା ନଦୀକୂଳରେ ଧନୁମେଳା ଆୟୋଜନ କରାଯାଇଛି। ସେଠାରେ ପଲ୍ଲିଶ୍ରୀ ମେଳା, ହସ୍ତଶିଳ୍ପ ପ୍ରଦର୍ଶନୀ ସହିତ ଅନ୍ୟ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ସେହିପରି ଲେଜର୍ ଶୋ ବ୍ୟବସ୍ଥା ମଧ୍ୟ କରାଯାଇଛି। ଦର୍ଶକମାନେ ଯେଭଳି ଠିକ୍‌ଭାବେ ମହୋତ୍ସବକୁ ଉପଭୋଗ କରିପାରିବେ, ତାକୁ ଗୁରୁତ୍ୱ ଦିଆଯାଇଛି।

**-ସୁରେଶ୍ୱର ଶତପଥୀ, ଆବାହକ, ଧନୁଯାତ୍ରା ମହୋତ୍ସବ ସମିତି**

## ଆର୍ଟ, ଆପ୍‌ରୁ ପ୍ରଚାର ଆରମ୍ଭ



ଏଥର ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରୁଛି। ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ସହିତ ନୂତନତାକୁ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ୨ନୂଆ ଆପ୍ ଉନ୍ମୋଚନ କରାଯାଇଛି। ଏହି ଆପ୍ ଡାଉନଲୋଡ୍ କରି ପର୍ଯ୍ୟଟକମାନେ ଧନୁଯାତ୍ରା ସମ୍ପର୍କିତ କାର୍ଯ୍ୟକ୍ରମ, ଜରୁରିକାଳୀନ ସେବା, ସ୍ୱାସ୍ଥ୍ୟସେବା, ରୁଟ୍ ଚାର୍ଟ ଆଦି ସମ୍ପର୍କରେ ଜାଣି ପାରିବେ। ମଙ୍ଗଳବାର ପୂର୍ବାହ୍ନରେ ସାଂସ୍କୃତିକ ଶୋଭାଯାତ୍ରାଆୟୋଜନକାର୍ଯ୍ୟକ୍ରମରହିଛି।

**-କଲ୍ୟାଣୀ ଦାଶ, ଆବାହିକା, ପ୍ରଚାର ପ୍ରସାର କମିଟି**

## ଗୋପରୁ ମଥୁରାକୁ ଯିବ ୨୫ ଦଧିଭାର



ଗୋପପୁର ଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ସବୁଦିଗ ପ୍ରତି ଗୁରୁତ୍ୱ ଦିଆଯାଇଛି। ଏଥର ପ୍ରଥମଥର ପାଇଁ ଧନୁଯାତ୍ରା ଅନ୍ତିମ ଦିବସରେ ୨୫ ଦଧିଭାର ଗୋପପୁରରୁ ମଥୁରାନଗରୀକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି । କଳସ ସ୍ଥାପନ, ଦୀପ ପ୍ରଜ୍ୱଳନ ସାଙ୍ଗକୁ ଅନ୍ୟବର୍ଷ ଭଳି ସବୁ କାର୍ଯ୍ୟକ୍ରମ ଚାଲିବ। କଳାକାର ପୂର୍ବାଭ୍ୟାସ ଠିକ୍ ଭାବେ କରିଛନ୍ତି। ସେମାନେ ନିଖୁଣ ଅଭିନୟ କରିବେ ବୋଲି ଆଶା ରଖିଛୁ ।

**-ଦୟାନିଧି ପ୍ରଧାନ, ଦିଗ୍‌ଦର୍ଶକ, ଗୋପପୁର ସାଂସ୍କୃତିକ କାର୍ଯ୍ୟକ୍ରମ**

## ପାଠପଢ଼ା, କଳାକୁ ସମଦୃଷ୍ଟିରେ ଦେଖେ



**କୃଷ୍ଣ କଳାକାର ସମ୍ରାଟ ମହାପାତ୍ରଙ୍କ ସହ ଆଳାପ**

**➤ଏଥର ପ୍ରଥମଥର ପାଇଁ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିବେ, କେମିତି ଲାଗୁଛି ?**

ବହୁତ ଭଲ ଲାଗୁଛି । ଏଇଟା ମୋର ପରମ ସୌଭାଗ୍ୟ । ଭଗବାନ୍ ଶ୍ରୀକୃଷ୍ଣଙ୍କ ଅଭିନୟ କରିବାକୁ ସୁଯୋଗ ମିଳିଛି ।

**➤ଶ୍ରୀକୃଷ୍ଣ ଅଭିନୟର ସୁଯୋଗ ପାଇଛନ୍ତି, ଶ୍ରେୟ କାହାକୁ ଦେବେ ?**

ଭଗବାନ୍ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଥିଲା । ଫଳରେ ଚୟନ କମିଟି ଦ୍ୱାରା ମୁଁ ଏହି ଭୂମିକାରେ ଅଭିନୟ କରିବାକୁ ମନୋନୀତ ହେଲି ।

**➤କଳା ପ୍ରତି କିଭଳି ରୁଚି ଆସିଲା ?**

୨୦୧୭ରୁ ମୁଁ ଗୋପବାଳକ ଭୂମିକାରେ ଅଭିନୟ କରୁଥିଲି। ସେତେବେଳେ ମୋତେ ୬ ବର୍ଷ ହୋଇଥିଲା । ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିବାକୁ ଆଶା ବି ରଖିଥିଲି।

**➤ ଆଗରୁ ଅନ୍ୟ କିଛି ଅଭିନୟ କରିଛନ୍ତି ?**

ହଁ, ବରପାଲି ଓ ଅମ୍ବାପାଲି ସହିତ ମୁଁ ପଢୁଥିବା ସରସ୍ୱତୀ ଶିଶୁମନ୍ଦିର(ହିନ୍ଦୀ ବିଭାଗ)ରେ ନୃତ୍ୟ ପରିବେଷଣ କରିଛି। ସେହିପରି ନାଟକରେ ଶିଶୁ କଳାକାର ଭାବେ ଭିଲେନ ଭୂମିକାରେ ଅଭିନୟ କରିଛି ।

**➤ଏଥର ପ୍ରସ୍ତୁତି କିଭଳି ରହିଛି ?**

ବହୁତ ଭଲଭାବେ ପ୍ରସ୍ତୁତି ହୋଇଛି। ସବୁଦିନ ସନ୍ଧ୍ୟା ୬ଟାରୁ ୮ଟା ଆଖଡ଼ାରେ ରିହର୍ସାଲ କରିଛି। ଆମେ ସମସ୍ତେ ଭଲ ପ୍ରଦର୍ଶନ କରିବୁ ବୋଲି ଆମର ଆଶା ରହିଛି ।

**➤ପାଠପଢ଼ାପ୍ରଭାବିତହେଉନାହିଁ?**

ଆମେ ପାଠପଢ଼ା ଏବଂ କଳାକୁ ସମାନ ଭାବେ ଦେଖୁ । ଏବେ ଆମର ବଡ଼ଦିନ ଛୁଟି ହୋଇଛି । କେବଳ ଶେଷ ଦୁଇଦିନ ସ୍କୁଲକୁ ଯାଇପାରିବିନାହିଁ । ମାତ୍ର ଯାତ୍ରା ପରେ ମୁଁ ମୋର ପାଠପଢ଼ାକୁ ଦ୍ୱିଗୁଣିତ କରିଦେବି।

**➤ବଡ଼ ହେଲେ ଧନୁଯାତ୍ରାର ଆଉ କେଉଁ ଚରିତ୍ରରେ ଅଭିନୟ କରିବାର ଲକ୍ଷ୍ୟ ରହିଛି?**

ବଡ଼ହେଲେ ମଧୁମଙ୍ଗଳ ଏବଂ ଅକ୍ରୂର ଚରିତ୍ରରେ ଅଭିନୟ କରିବା ପାଇଁ ମୋର ଇଚ୍ଛା ରହିଛି ।

**➤ଧନୁଯାତ୍ରା ଦେଖିବାକୁ ପିଲାଙ୍କ ଆଗ୍ରହ ଥାଏ, ହେଲେ ଆପଣ ଏଥିରୁ ବଞ୍ଚିତ ହୁଅନ୍ତି?**

ନାହିଁ, ଆମେ ବି ଯାତ୍ରା ଦେଖୁ । କଂସବଧ ଦିନ ଆମେ ମଥୁରା ଭ୍ରମଣ କରୁ। ମୀନାବଜାର, ହସ୍ତଶିଳ୍ପ ପ୍ରଦର୍ଶନୀ ଆଦି ବୁଲିଥାଉ।

**➤ କଂସଙ୍କ ସହିତ ଆପଣଙ୍କ ଲଢ଼େଇ ହେବ, ଭୟ ସଞ୍ଚାର ହେବନି ତ ?**

ନା, ସମସ୍ତେ ଜାଣନ୍ତି, ଆମେ ଅଭିନୟ କରୁଛୁ । ମୁଁ ବି ଜଣେ ଅଭିନେତା ଏବଂ କଂସ ମଧ୍ୟ ଜଣେ ଅଭିନେତା। ଲୋକଙ୍କ ମନୋରଞ୍ଜନ ପାଇଁ ଅଭିନୟ କରୁଛୁ।

**➤ ଆପଣଙ୍କ କେଉଁ ଅଭିନୟ ଦର୍ଶକଙ୍କ ମନ ଜିଣିବ ?**

ଯଶୋଦା ମା'ଙ୍କଠାରୁ ମେଲାଣି ନେବା ଏବଂ ସଖାମାନଙ୍କଠାରୁ ବିଦାୟବେଳାର ଦୃଶ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ମୋର ଆଶା।

**➤ ବଡ଼ ହେଲେ ଆପଣ କ'ଣ ହେବେ ?**

ଜନସେବା ପାଇଁ ଜଣେ ସ୍ୱଚ୍ଛ ରାଜନେତା ହେବି।

## ଏମାନେ ନୂଆ କଳାକାର



**ଦୟାନନ୍ଦ ମାଝି** – ହଂସଧ୍ୱଜ
**ଜଗନ୍ନାଥ ସାହୁ** – ଅକ୍ରୂର
**କନକ ତନସନା** – ଦେବକୀ
**ଲିଙ୍ଗରାଜ ଦାଶ** – ନାରଦ
**ମନୋଜ ସାହୁ** – ବସୁଦେବ
**ମୁକ୍ତା ଦାଶ** – ଯଶୋଦା
**ସାଇନା ପ୍ରଧାନ** – ଲଳିତା
**ସତ୍ୟନାରାୟଣ ଷଡ଼ଙ୍ଗୀ** – ମଧୁମଙ୍ଗଳ
**ସେବାନନ୍ଦ ନାୟକ** – ସାତ୍ୟକୀ
**ସୁଦାମ ବିଶି** – ସୁନାଶ
**ସୂର୍ଯ୍ୟ ପ୍ରକାଶ କର୍ଣ୍ଣ** – ମୁଷ୍ଟିକ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:.....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ବାରିପଦା ଅଫିସ/ ଭଞ୍ଜନଗର (ଡି.ଏନ.ଏ),୨୬।୧୨**

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ(୨) ଏବଂ ଗଞ୍ଜାମ ଜିଲା ଭଞ୍ଜନଗର ଅତିରିକ୍ତ ଜିଲା ଦୌରାଜଜ୍ ୨ଟି ପୃଥକ୍ ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ସୋମବାର ଅଭିଯୁକ୍ତ ସ୍ୱାମୀଦ୍ୱୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

୨୦୨୧ ଜୁନ ୧୫ତାରିଖ ଅପରାହ୍ନ ୪ଟା ସମୟରେ ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ବାଘୁଆସୋଲ ଗ୍ରାମର ମୋହନ ମାରାଣ୍ଡି(୫୨)ଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମୋହନ ଏକ ବାଉଁଶ ଠେଙ୍ଗାରେ ଲକ୍ଷ୍ମୀଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଏଥିରେ ଲକ୍ଷ୍ମୀ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀଙ୍କ ଭାଇ ବିପିନ ହାଁସଦା ୧୬ ତାରିଖରେ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୫୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ(୨) ଡ. ଦୀପକ ରଞ୍ଜନ ସାହୁ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୫ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୭ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ସେହିପରି ସୋରଡା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ନିରଞ୍ଜନ ବିଶୋଇଙ୍କ ଝିଅ ସୁନିତା ୨୦୧୩ରେ ଭଞ୍ଜନଗର ଥାନା ଅନ୍ତର୍ଗତ ସାଲୁଆପଲ୍ଲୀର ଗନ୍ଧିଆ ନାଇକଙ୍କୁ ବିବାହ ହୋଇଥିଲା। ପରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ବାପଘରୁ ପୁଣି ଯୌତୁକ ବାବଦକୁ କିଛି ଟଙ୍କା ଆଣିବା ପାଇଁ ସୁନିତାଙ୍କୁ ଗନ୍ଧିଆ କହିଥିଲେ। ସ୍ୱାମୀଙ୍କ କହିବା ମୁତାବକ ସୁନିତା ବାପଘରୁ ଆଉ ୧୦ ହଜାର ଟଙ୍କା ଆଣିଥିଲେ ମଧ୍ୟ ଗନ୍ଧିଆ ସନ୍ତୁଷ୍ଟ ନ ଥିଲେ। ଟଙ୍କା ପାଇବାର ୧୦ ଦିନ ପରେ ୨୦୧୫ ଅଗଷ୍ଟ ୨୫ ରାତିରେ ଗନ୍ଧିଆ ଛୁରୀ ଭୁଶି ସୁନିତାଙ୍କୁ ହତ୍ୟା କରିଥିଲେ। ଏନେଇ ସେ ସମୟରେ ସୁନୀତାଙ୍କ ବାପା ନିରଞ୍ଜନଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗନ୍ଧିଆଙ୍କୁ ଗିରଫ କରିଥିଲା। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ଉକ୍ତ ମାମଲାର ବିଚାର କରିବା ସହ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀ ଗନ୍ଧିଆଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

# କୌଳିକ ବୃତ୍ତିରୁ ଦୂରେଇନାହାନ୍ତି ଝରା ସମ୍ପ୍ରଦାୟ

## ହୀରା ଖଣି ପାଇଁ ମହାନଦୀ ତଟରେ ଗଢ଼ିଉଠିଥିଲା ବସତି

**ସମ୍ବଲପୁର,୨୬।୧୨(ବ୍ୟୁରୋ)**

ସମ୍ବଲପୁର ସହର ମଧ୍ୟସ୍ଥ ମହାନଦୀ ତଟରେ ଝରା ସମ୍ପ୍ରଦାୟ ଲୋକେ ବସବାସ କରିଆସୁଛନ୍ତି। ମହାନଦୀ ଗର୍ଭରେ ଥିବା ହୀରା ଖଣିରୁ ହୀରା ସଂଗ୍ରହ ପାଇଁ ଏହି ସଭ୍ୟତା ଗଢ଼ିଉଠିଥିବା ଐତିହାସିକମାନେ ମତ ଦିଅନ୍ତି। ସେମାନେ ମହାନଦୀ ବାଲିରୁ କେବଳ ହୀରା ନୁହେଁ, ବିଭିନ୍ନ ପ୍ରକାର ରତ୍ନ, ଧାତୁ, ତମ୍ବା, କଂସା, ଲୁହା ସାଙ୍ଗକୁ ସୁନା ରୁପା ଅଳଙ୍କାର ଓ ମୁଦ୍ରା ସଂଗ୍ରହ କରୁଥିଲେ। ପରେ ଏହାକୁ ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିଲେ। ନଦୀ ବାଲିକୁ ଝାରି(ଝାଡ଼ି) ମୂଲ୍ୟବାନ୍ ସାମଗ୍ରୀ ସଂଗ୍ରହ କରୁଥିବାରୁ ସେମାନେ ଝରା ସମ୍ପ୍ରଦାୟ ଭାବେ ପରିଗଣିତ ହୋଇଆସୁଛନ୍ତି। ସମୟକ୍ରମେ ମହାନଦୀ ଉପର ମୁଣ୍ଡରେ ହୀରାକୁଦ ଜଳଭଣ୍ଡାର ନିର୍ମାଣ ହେବା, ଇଂରେଜ ଶାସନ ସମୟରେ ଏହି ପରିବାରଙ୍କଠାରୁ ଟିକସ ଆଦାୟ କରିବା, ମହାନଦୀରେ ଗାଧୋଇବା ଓ ଅନ୍ୟାନ୍ୟ ବ୍ୟବହାର ହେଉ ନ ଥିବାରୁ ଏହି ସମ୍ପ୍ରଦାୟର ଅଧିକାଂଶ ପରିବାର କୌଳିକ ବୃତ୍ତିରୁ ଦୂରେଇ ଯାଇଛନ୍ତି। ହେଲେ କେତେକ ପରିବାର ଆଜି ମଧ୍ୟ ନିଜ ଜାତିଗତ ପେସାକୁ ଆପଣେଇ ରଖିଛନ୍ତି।

ମହାନଦୀର ଅଯୋଧ୍ୟା ସରୋବର ଘାଟରୁ ମୂଲ୍ୟବାନ୍ ସାମଗ୍ରୀ ସଂଗ୍ରହ କରୁଥିବା ବସୁମତୀ ମରେଇ ନାମ୍ନୀ ଝରା ସମ୍ପ୍ରଦାୟ ମହିଳା ଏ ସମ୍ପର୍କରେ କହିଛନ୍ତି, ପୂର୍ବଜମାନେ ଏହି ପେସାକୁ ଆପଣେଇ ପରିବାର ପୋଷଣ କରିଥିଲେ। ସେହି ପନ୍ଥା ଆମେ ଅନୁସରଣ କରିଆସୁଛୁ। ଏବେ ମହାନଦୀରୁ ପୂର୍ବଭଳି ସାମଗ୍ରୀ ମିଳୁନାହିଁ। ହେଲେ ଯାହା ସଂଗ୍ରହ ହୁଏ ତାହାକୁ ବିକ୍ରି କରି ଦିନକର ମଜୁରି ଟଙ୍କା ମିଳିଯାଇଥାଏ। ଯେଉଁ ଦିନ ସୁନା, ରୁପା ଅଳଙ୍କାର ମିଳିଥାଏ ସେ ଦିନ ରୋଜଗାର ଅଧିକ ହୋଇଯାଇଥାଏ। ଖରା ମାସରେ ପାଣିର ସ୍ରୋତ କମିଯାଇଥାଏ। ତେଣୁ ସୁବିଧାରେ ସଂଗ୍ରହ ହୋଇଥାଏ। ବର୍ତ୍ତମାନ ଏଥିରୁ ମିଳୁଥିବା ରୋଜଗାରରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ତେଣୁ ଅଧିକ ରୋଜଗାର ପାଇଁ ସହରର ବିଭିନ୍ନ ପଡ଼ାରେ ଥିବା ସୁନାଦୋକାନ ସମ୍ମୁଖ ଝାଡୁ କରିଥାଉ। ଦୋକାନୀମାନେ ବର୍ଜ୍ୟବସ୍ତୁ ଫିଙ୍ଗାଫୋପଡ଼ା କରୁଥିବାରୁ ଝାଡୁ ମାରିବା ସମୟରେ ତାହା ମିଳିଯାଇଥାଏ। କେତେକ ଦୋକାନ ଆଗରେ ଥିବା ଡ୍ରେନ୍‌ରେ ମଧ୍ୟ ଅଳଙ୍କାର ଓ ସୁନା, ରୁପା ଗୁଣ୍ଡ ମିଳିଯାଇଥାଏ। ଏହାକୁ ବିକ୍ରିକରି ରୋଜଗାର ପାଇଥାଉ।


ସମ୍ବଲପୁର ସହର ମହାନଦୀରୁ ଜଣେ ମହିଳା ମୂଲ୍ୟବାନ୍ ସାମଗ୍ରୀ ସଂଗ୍ରହ କରୁଛନ୍ତି।

ସରକାର ବିଭିନ୍ନ ଯୋଜନାରେ ସହାୟତା ଦେଉଥିଲେ ମଧ୍ୟ ଏହି ପେସାକୁ ଛାଡ଼ି ହେଉନାହିଁ। ଏଥିରେ ଆମର ପରିଚୟ ରହିଛି ବୋଲି ସେ କହିଥିଲେ।

ଐତିହାସିକ ଦୀପକ ପଣ୍ଡା କହନ୍ତି, ଦ୍ୱିତୀୟ ଶତାବ୍ଦୀରେ ଏହି ଝରା ସମ୍ପ୍ରଦାୟ ବସବାସ କରୁଥିଲେ। ମହାନଦୀରେ ପ୍ରାୟ ୮୩୯.୨୯ ଏକର ବିଶିଷ୍ଟ ଏକ ହୀରା ଖଣି ରହିଥିଲା। ଉକ୍ତ ଖଣିରୁ ହୀରା ସଂଗ୍ରହ କରିବା ସେମାନଙ୍କ ମୁଖ୍ୟ କାମ ଥିଲା। ଏହା ଗ୍ରୀକ୍ ଐତିହାସିକ ଟଲେମିବ ତାଙ୍କ ବହିରେ ଉଲ୍ଲେଖ କରିଛନ୍ତି। ମହାନଦୀର ସମ୍ବଳ ସ୍ଥାନରେ ହୀରାଖଣି ରହିଥିବା ଉଲ୍ଲେଖ ରହିଛି, ଯାହା ଏବେ ସମ୍ବଲପୁର ଓ ମହାନଦୀ ଭାବେ ପରିଚିତ। ଚୌହାନ ବଂଶ ରାଜୁତି ସମୟରେ ଏଭଳି ୧୭ ଗ୍ରାମ ବସବାସ କରୁଥିଲେ। ସେମାନଙ୍କ ପାଇଁ କର ମାଫ୍ କରାଯାଇଥିଲା। ହୀରାଖଣିରୁ ଯାହା ସଂଗ୍ରହ କରୁଥିଲେ ତାହା ରାଜା ନେଉଥିଲେ ଓ ଅନ୍ୟ ସାମଗ୍ରୀ ଝରା ପରିବାର ରଖୁଥିଲେ। ଇଂରେଜମାନେ ଆସିବା ପରେ କର ଲଗାଇ ସବୁ ନିଜେ ନେଇଯାଉଥିଲେ। ୧୯୫୦ ଦଶକରେ ହୀରାକୁଦ ଜଳଭଣ୍ଡାର ନିର୍ମାଣ ହେବା ସମୟରେ ଉକ୍ତ ହୀରାଖଣି ଜଳଭଣ୍ଡାରରେ ଲୀନହୋଇଯାଇଛି। ଏହାସହ ଡ୍ୟାମ୍ ନିର୍ମାଣ ଯୋଗୁ ସେଭଳି ରତ୍ନ, ଧାତୁ ଆଉ ତଳମୁଣ୍ଡରେ ମିଳୁନାହିଁ। ତେଣୁ ବହୁ ପରିବାର ଏହି କୌଳିକ ବୃତ୍ତିଠାରୁ ଦୂରେଇ ଯାଇଛନ୍ତି। ହାତଗଣତି କେତେକ ପରିବାର ଏହାକୁ ବଞ୍ଚାଇ ରଖିଥିବା ସେ କହିଛନ୍ତି।

# ପାଣି ପାଇଁ ରାସ୍ତାରୋକୋ

## ରାସ୍ତାରେ ଧାଡ଼ିରେ ରଖିଲେ ଗରା, ବାଲ୍‌ଟି


ପରଜଙ୍ଗ ବ୍ଲକ ମୁଖ୍ୟ ରାସ୍ତାର ହନୁମାନ ଛକ ନିକଟରେ ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

**ପରଜଙ୍ଗ,୨୬।୧୨(ଡି.ଏନ.ଏ.)**

ପାନୀୟ ଜଳ ଦାବିରେ ସୋମବାର ରାସ୍ତାକୁ ଓହ୍ଲାଇଛନ୍ତି ୩ ସାହିର ମହିଳା। ସେମାନେ ଧାଡ଼ିରେ ଗରା, ବାଲ୍‌ଟି ରଖି ଆନ୍ଦୋଳନ କରିବାରୁ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ରାସ୍ତା ୩ ଘଣ୍ଟା ଧରି ଅବରୋଧ ହୋଇଥିଲା। ତେବେ ଘଟଣାସ୍ଥଳରେ ବିଡିଓ ସଂଗ୍ରାମ ଭୋଳ ପହଞ୍ଚି ୨ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ରାସ୍ତା ଉପରୁ ହଟିଯାଇଥିଲେ।

ମହିଳାମାନଙ୍କ କହିବା ଅନୁଯାୟୀ, ପରଜଙ୍ଗ ପଞ୍ଚାୟତ ପରଜଙ୍ଗ ଗ୍ରାମର ଦଳିତ ସାହି, ହନୁମାନ ସାହି ଓ ପିଢ଼ ସାହିକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇଛି। ହେଲେ ସ୍ୱଳ୍ପ ସମୟ ପାଇଁ ପାଣି ଦିଆଯାଉଥିବାରୁ ଲୋକଙ୍କ ଆବଶ୍ୟକତା ପୂରଣ ହୋଇପାରୁ ନାହିଁ। ଫଳରେ ଦୀର୍ଘଦିନ ହେବ ସାହିବାସୀ ପାନୀୟ ଜଳକୁ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଦାବି ପରେ ପ୍ରଶାସନ ନ ଶୁଣିବାରୁ ଶତାଧିକ ମହିଳା ହନୁମାନ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବିଡିଓ ଭୋଳ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନ ଚାଲୁ ରହିଥିଲା। ପରେ ୨ ଦିନ ଭିତରେ ସମସ୍ୟାର ସମାଧାନ କରାଯିବା ନେଇ ବିଡିଓ ପ୍ରତିଶ୍ରୁତି ଦେବାରୁ ମହିଳାମାନେ ରାସ୍ତା ଛାଡ଼ି ଦେଇଥିଲେ।

# ଉଦଳା-ବାରିପଦା ରାଜପଥ ଅବରୋଧ

**ଉଦଳା,୨୬।୧୨(ଡି.ଏନ.ଏ.):** ପାନୀୟ ଜଳ ସମସ୍ୟା ନେଇ ଗରା, ବାଲ୍‌ଟି ଧରି ଶତାଧିକ ଗ୍ରାମବାସୀ ସୋମବାର ମୟୂରଭଞ୍ଜ ଜିଲା ଉଦଳା-ବାରିପଦା ରାଜ୍ୟ ରାଜପଥର ପାଟପୁର ଛକ ନିକଟରେ ରାସ୍ତାରୋକୋ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ସମୟ ଧରି ରାଜପଥ ଅବରୋଧ ପରେ ଉଦଳା ବିଡିଓ ଦେବଯାନୀ ଭୂୟାଁ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ୭ ଦିନ ମଧ୍ୟରେ ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ଉଦଳା ଥାନା ଅଧୀନ ପାଟପୁର ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ସେମାନେ ବାରମ୍ବାର ଦାବି କରିବା ପରେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଅଦ୍ୟାବଧି ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରିନାହିଁ। ୬୦ରୁ ଅଧିକ ପରିବାର ବସବାସ କରୁଥିବା ଏହି ଗ୍ରାମରେ ଗୋଟିଏ ମଧ୍ୟ ନଳକୂପ ନ ଥିବା ବେଳେ ଲୋକେ ଗାଁ ବାହାରକୁ ଆସି ପାଣି ନେଇଥାନ୍ତି। ରାଜ୍ୟ ରାଜପଥ ନିକଟରେ ଥିବା ଗୋଟିଏ ନଳକୂପ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି। ସେହି ନଳକୂପରୁ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ପାଣି ବାହାରୁନାହିଁ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଲୋକଙ୍କ ସମସ୍ୟା ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ରାସ୍ତାରୋକୋ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

**ବାରିପଦା ଅଫିସ, ୨୬।୧୨**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ଘଡ଼େଇ ୫-ଟି ସ୍କୁଲ କାମର ବିଲ୍ କରିଦେବା ପାଇଁ ୬୫ହଜାର ଟଙ୍କା ଲାଞ୍ଚ ନେବା ସମୟରେ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା(ନଂ. ୩୬/୨୨) ରୁଜୁ ହୋଇଛି। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳକୁ ନେଇ ବାରିପଦା ଟିପଟଅସ୍ତ୍ରିଆସ୍ଥିତ ତାଙ୍କ ଘର, ବଡ଼ସାହି ବ୍ଲକ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ ଜାରି ରହିଛି। ସୂଚନା ଅନୁଯାୟୀ, ବଡ଼ସାହି ବ୍ଲକର କନିଷ୍ଠ ଯନ୍ତ୍ରୀ ଘଡ଼େଇ ଗୋପବନ୍ଧୁ ନଗର ବ୍ଲକ ଆରପଟା ଗ୍ରାମର ଟିକାୟତପୁର ସରକାରୀ ବାଳିକା ଆଶ୍ରମ ସ୍କୁଲର ୫-ଟି ରୂପାନ୍ତରଣ କାର୍ଯ୍ୟର ପୁରୁଣା ବିଲ୍ ପାସ କରିଦେବା ପାଇଁ ଠିକାଦାରଙ୍କୁ ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଠିକାଦାର ରଞ୍ଜନ କୁମାର ପରିଡ଼ା ଭିଜିଲାନ୍ସ ବିଭାଗକୁ ସୂଚନା ଦେଇଥିଲେ। ପୂର୍ବଯୋଜନା ମୁତାବକ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଖୁଣ୍ଟା ଥାନା ଅଧୀନ ଜାଦବାଣୀ ନିକଟରେ ଲାଞ୍ଚ ନେଉଥିବା ବେଳେ କନିଷ୍ଠ ଯନ୍ତ୍ରୀ ଘଡ଼େଇଙ୍କୁ ମାଡ଼ି ବସିଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି।


CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
TARIFF
For Booking Contact: 0674-2580385, 8637280816, 7894447167, 9338226625

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday

0674-2580101, 2549949


REAL ESTATE

**SALE**

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

Duplex sale at Bhubaneswar @ 45 lakhs only. Contact: 9777433701. D-74171

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-2309

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160

GENERAL

**SALE**

Wanttosaleacomplete mineralwater and Colddrinks plant and Machinery at reasonable prices. Contact: 9090004443. D-71047

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




7500sqft. commercial building with 150 KVA Transformer at Khurda suitable for factory, Godown. Contact: 9090004443. D-71048




Full body massage by smart I expert therapist @999 only. 9078484455. D-73670

Relax, Refresh your Body, Mind at Saikrupa Spa with best therapies. 8984068077. D-2230

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74620

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ସବିତା ମିଶ୍ର**
ଦକ୍ଷିଣଦ୍ୱାର, ଧାନକୋଠି ସାହି, ପୁରୀ
ଆବିର୍ଭାବ: ୦୩।୧୦।୧୯୫୦
ତିରୋଧାନ: ୧୭।୦୧।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ହତଭାଗ୍ୟ ସ୍ୱାମୀ: କୃଷ୍ଣଚନ୍ଦ୍ର ମିଶ୍ର, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**୰ରାଜଲକ୍ଷ୍ମୀ ମିଶ୍ର**
ପତି: ୰ପ୍ରଫେସର ତ୍ରିଲୋଚନ ମିଶ୍ର
ପୂର୍ବତନ କୁଳପତି
୩୧୬ ଏ, ସହିଦ ନଗର
ଆବିର୍ଭାବ: ୧୫।୦୧।୧୯୨୯
ତିରୋଧାନ: ୨୬।୧୨।୨୦୧୪
ଛାତି ତଳେ ଚାପି ଦୁଃଖର ପାହାଡ଼
ପାରି ହୋଇଗଲ ସଂସାରର ବାଡ଼
ତୁମ ଆଶୀର୍ବାଦ ତୁମ ସ୍ନେହ, ପ୍ରେମ
ଆମ ଜୀବନରେ ହେଉ ସଦା କାମ୍ୟ
ଲଭୁ ତୁମ ଆତ୍ମା ସଦା ଶାନ୍ତି ମୁକ୍ତି,
ପ୍ରଭୁ ପାଦେ ଢାଳୁ ଏତିକି ପ୍ରଣତି।
ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ ଓ ପରିବାରବର୍ଗ।

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୁଷମା ଦାସ**
ଝାଡେଶ୍ୱରୀ କ୍ଲବଲେନ, କ୍ଲାର୍କରୋଡ୍, ପୁରୀ
ଆବିର୍ଭାବ: ୧୪।୦୮।୧୯୫୦
ତିରୋଧାନ: ୦୬।୦୧।୨୦୨୨
ଏକବର୍ଷ ମଣୁ ଏକଯୁଗ ପରି
ପାରୁନାହୁଁ କ୍ଷଣେ ମନରୁ ପାସୋରି
ତୁମେଥିଲ ଶ୍ରଦ୍ଧା, ମମତାର ଧାର
ତୁମ ବିନା ସବୁ ଲାଗୁଛି ଅସାର
ତୁମ ଆଦର୍ଶରେ ପଥ ନେବୁ ବାହି
ଅମୃତ ଦୃଷ୍ଟିରେ ରହିଥାଅ ଚାହିଁ।
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା କରୁଛୁ। ତୁମର ସ୍ୱାମୀ: ସୁଧୀର କୁମାର ଦାସ, ପୁତ୍ର: ଆଲୋକ, ଅମିତ, ପୁତ୍ରବଧୂ: ଅପର୍ଣ୍ଣା, ନାତି: ଅର୍ଚ୍ଚିସାନ, ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସର୍ବକନିଷ୍ଠ ରାଷ୍ଟ୍ରମୁଖ୍ୟ

ଓଡ଼ିଶାର ମୟୂରଭଞ୍ଜ ଜିଲା ରାଇରଙ୍ଗପୁରରୁ ରାଇସିନା ହିଲ୍ ଯାତ୍ରା ସହଜ ନ ଥିଲା। କାଉନସିଲରରୁ ପୌରାଧ୍ୟକ୍ଷା, ରାଜ୍ୟ କ୍ୟାବିନେଟ୍‌ରୁ ମନ୍ତ୍ରୀ ହେବା ପରେ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ହେବାର ସୌଭାଗ୍ୟ ଲାଭ କରିଥିଲେ ଦ୍ରୌପଦୀ ମୁର୍ମୁ। ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସ୍ଥାନରେ ପଞ୍ଚଦଶ ରାଷ୍ଟ୍ରପତି ଭାବେ ସେ ଶପଥ ଗ୍ରହଣ କରିଛନ୍ତି। ସେ ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି। ଏହି ୬୪ବର୍ଷୀୟ ମହିଳା ଦେଶର ସର୍ବକନିଷ୍ଠ ତଥା ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ହୋଇଛନ୍ତି। ଜୁଲାଇ ୨୫ତାରିଖରେ ସେ ପଞ୍ଚଦଶ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ସେ ୧୯୫୮ ଜୁନ୍ ୨୦ରେ ମୟୂରଭଞ୍ଜ ଜିଲା ଉପରବେଡ଼ା ଗ୍ରାମର ସାନ୍ତାଳ ପରିବାରରେ ଜନ୍ମଗ୍ରହଣ କରିଥିଲେ।


ଦ୍ରୌପଦୀ ମୁର୍ମୁ

## ପ୍ରତିଭାଙ୍କୁ ପଦ୍ମଭୂଷଣ

ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ବିଶିଷ୍ଟ ଲେଖିକା ତଥା ଔପନ୍ୟାସିକା ପ୍ରତିଭା ରାୟଙ୍କୁ ପଦ୍ମଭୂଷଣ ସମ୍ମାନ ମିଳିଛି। ମାର୍ଚ୍ଚ ୨୮ତାରିଖରେ ରାଷ୍ଟ୍ରପତି ଭବନ ଦରବାର ହଲ୍‌ରେ ଅନୁଷ୍ଠିତ ୨୦୨୨ର ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ସମ୍ମାନିତ କରିଥିଲେ।


ପ୍ରତିଭା ରାୟ

## ନାଇଟେଙ୍ଗଲ ପୁରସ୍କାର

ନର୍ସିଂ ସେବା କ୍ଷେତ୍ରରେ ବର୍ଷ ୨୦୨୧ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଚଳିତ ନଭେମ୍ବର ୭ରେ ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ପୁରସ୍କାର ଦିଆଯାଇଛି। ସେଠାରେ ପୁରସ୍କୃତ ହୋଇଥିବା ମୋଟ ୫୧ ଜଣଙ୍କ ମଧ୍ୟରେ ଓଡ଼ିଶାରୁ ଏଏନ୍‌ଏମ୍ ଦମୟନ୍ତୀ ରାଉତ, ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟର ନର୍ସ ଖୁଲଣା ବାରିକ, ବ୍ରହ୍ମପୁର ଏମ୍‌କେସିଜିର ନର୍ସିଂ ଅଫିସର ଶିବାନୀ ଦାଶ ରହିଛନ୍ତି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସେମାନେ ପୁରସ୍କୃତ ହୋଇଛନ୍ତି।


ଦମୟନ୍ତୀ


ଖୁଲଣା


ଶିବାନୀ

## ଜେଏନ୍‌ୟୁ ପ୍ରଥମ ମହିଳା କୁଳପତି

ଶାନ୍ତିଶ୍ରୀ ଧୁଲିପୁଡି ପଣ୍ଡିତଙ୍କୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ର ପ୍ରଥମ ମହିଳା କୁଳପତି ଭାବେ ଫେବୃୟାରୀ ୮ତାରିଖରେ ନିଯୁକ୍ତି ଦିଆଯାଇଛି। ୫୯ବର୍ଷୀୟ ପଣ୍ଡିତ ଏବେ ମହାରାଷ୍ଟ୍ରର ସାବିତ୍ରୀବାଇ ଫୁଲେ ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ପ୍ରଫେସର ଅଛନ୍ତି। ସେ ଜେଏନ୍‌ୟୁର ପୂର୍ବତନ ଛାତ୍ରୀ।


ଶାନ୍ତିଶ୍ରୀ

## ସାହିତ୍ୟରେ ନୋବେଲ

ଫ୍ରାନ୍ସର ପ୍ରଥମ ସାହିତ୍ୟିକା ଭାବେ ଆନି ଏର୍ନକ୍ସ(୮୨) ଏହି ବର୍ଷ ଅକ୍ଟୋବରରେ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସାହସ ଓ ନୈତିକତାର ସହ ନିଜ ଲେଖାର ମୂଳ ଖୋଜି, ସାମାଜିକ କଟକଣାକୁ ଲେଖା ମାଧ୍ୟମରେ ସାମ୍ନାକୁ ଆଣିବା ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ନୋବେଲ ଏକାଡେମୀ ପକ୍ଷରୁ କୁହାଯାଇଛି।


ଆନି ଏର୍ନକ୍ସ

## ମହାରାଣୀ ଏଲିଜାବେଥ୍-୨ୟଙ୍କ ମହାପ୍ରୟାଣ

ବ୍ରିଟେନ୍‌ରେ ସର୍ବାଧିକ କାଳ ଶାସନ କରିଥିବା ମହାରାଣୀ ଏଲିଜାବେଥ୍-୨ୟଙ୍କ ସେପ୍ଟେମ୍ବର ୮ତାରିଖରେ ପରଲୋକ ହୋଇଛି। ତାଙ୍କୁ ସେତେବେଳେ ୯୬ବର୍ଷ ହୋଇଥିଲା। ମୃତ୍ୟୁବେଳକୁ ସେ ସ୍କଟଲାଣ୍ଡର ବାଲ୍‌ମୋରାଲ୍ କାସେଲ୍‌ରେ ଥିଲେ। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ପୀଡିତ ଥିଲେ। ମହାରାଣୀଙ୍କ ସମ୍ମାନାର୍ଥେ ବ୍ରିଟେନ୍‌ୱେର୍ ପ୍ରାସାଦରେ ପତାକାକୁ ୧୦ଦିନ ପାଇଁ ଅର୍ଦ୍ଧନମିତ ରଖାଯାଇଥିଲା। ଏଲିଜାବେଥ୍ ଆଲେକଜାଣ୍ଡ୍ରା ମ୍ୟାରୀ(ରାଣୀ ଏଲିଜାବେଥ୍ ଦ୍ୱିତୀୟ)୧୯୨୬ ଏପ୍ରିଲ୍ ୨୧ରେ ଲଣ୍ଡନର ମେଫେୟାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରାଜା ଜର୍ଜ-୬ ଏବଂ ମାତା ମହାରାଣୀ ଏଲିଜାବେଥ୍। ଏଲିଜାବେଥ୍ ଦ୍ୱିତୀୟ ୧୯୪୭ ନଭେମ୍ବରରେ ଗ୍ରୀସ୍ ଓ ଡେନ୍‌ମାର୍କର ପୂର୍ବତନ ଯୁବରାଜ ଫିଲିପ୍ ମାଉଣ୍ଟବ୍ୟାଟେନ୍‌ଙ୍କୁ ବିବାହ କରିଥିଲେ।


ଏଲିଜାବେଥ୍

# ଅନନ୍ୟା

ଶେଷ ପାଦରେ ଉପନୀତ ୨୦୨୨। ଏହି ବର୍ଷ ମଧ୍ୟରେ ଅନେକ ମହିଳା ବିଭିନ୍ନ କ୍ଷେତ୍ରରେ ନିଜକୁ ଅନନ୍ୟ ପ୍ରମାଣିତ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରମୁଖ କେତେଜଣଙ୍କ ସମ୍ପର୍କରେ...

## ଧନୀ ଭାରତୀୟ ମହିଳା

ଏଚ୍‌ସିଏଲ୍ ଟେକ୍ନୋଲୋଜିର ଅଧ୍ୟକ୍ଷା ରୋଶନୀ ନାଦାର ମାଲହୋତ୍ରା ଭାରତର ସର୍ବଶ୍ରେଷ୍ଠ ଧନୀ ମହିଳା ସ୍ଥାନ ବଜାୟ ରଖିଛନ୍ତି। ୨୦୨୧ରେ ତାଙ୍କ ମୋଟ୍ ସମ୍ପତ୍ତି ପରିମାଣ ୫୪ ପ୍ରତିଶତ ବୃଦ୍ଧି ପାଇ ୮୪,୩୩୦ କୋଟି ଟଙ୍କାରେ ପହଞ୍ଚିଛି। ଏଚ୍‌ସିଏଲ୍ ପ୍ରତିଷ୍ଠାତା ଶିବ ନାଦାରଙ୍କ କନ୍ୟା ରୋଶନୀ ଏଚ୍‌ସିଏଲ୍ କର୍ପୋରେଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ,ଏଚ୍‌ସିଏଲ୍ ଟେକ୍ନୋଲୋଜି ବୋର୍ଡର ଉପାଧ୍ୟକ୍ଷା ତଥା ଶିବ ନାଦାର ଫାଉଣ୍ଡେଶନ ଟ୍ରଷ୍ଟି ଅଛନ୍ତି।

### ମିସେସ୍ ୱାର୍ଲ୍ଡ

ଚଳିତ ବର୍ଷର ମିସେସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ହୋଇଛନ୍ତି ଭାରତର ସର୍‌ଗମ କୌଶଲ। ଦୀର୍ଘ ୨୧ ବର୍ଷ ପରେ ଜଣେ ଭାରତୀୟ ପ୍ରତିଯୋଗୀ ଏହି ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଚଳିତ ବର୍ଷ ଡିସେମ୍ବର ୧୭ରେ ଲାସ୍‌ଭେଗାସ୍‌ର ଗାଲା ଇଭେଣ୍ଟଠାରେ 'ମିସେସ୍ ୱାର୍ଲ୍ଡ-୨୦୨୨' ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥର ଏଥିରେ ମୋଟ ୬୩ ଦେଶର ପ୍ରତିଯୋଗୀ ଭାଗନେଇଥିଲେ।

### ମିସ୍ ଡିଭା ୟୁନିଭର୍ସ

ଚଳିତ ବର୍ଷର ମିସ୍ ଡିଭା ୟୁନିଭର୍ସ ପ୍ରତିଯୋଗିତାରେ କର୍ଣ୍ଣାଟକର ୨୩ ବର୍ଷୀୟା ଦିବିତା ରାୟ ବିଜୟିନୀ ହୋଇଛନ୍ତି। ମୁମ୍ବାଇର ଫେମସ୍ ଷ୍ଟୁଡିଓରେ ଅନୁଷ୍ଠିତ ୧୦ମ ଡିଭା ୟୁନିଭର୍ସ ସମାରୋହରେ ଗତବର୍ଷର ମିସ୍ ୟୁନିଭର୍ସ ହରନାଜ କୌର ସାନ୍ଧୁ ଦିବିତାଙ୍କୁ ବିଜୟୀ ମୁକୁଟ ପିନ୍ଧାଇଥିଲେ। କର୍ଣ୍ଣାଟକରେ ଜନ୍ମିତା ଦିବିତା ପେସାରେ ଜଣେ ସିଭିଲ ଇଞ୍ଜିନିୟର।

### ଫେମିନା ମିସ୍ ଇଣ୍ଡିଆ ହେଲେ ସିନି

ଚଳିତ ବର୍ଷ ଫେମିନା ମିସ୍ ଇଣ୍ଡିଆ ବିଜୟ ମୁକୁଟ ପିନ୍ଧିଛନ୍ତି କର୍ଣ୍ଣାଟକର ସିନି ସେଟ୍ଟୀ। ୨୧ ବର୍ଷୀୟା ସିନି ସିଏଫ୍‌ଏର ଛାତ୍ରୀ। ଭାରତନାଟ୍ୟମ୍ ନୃତ୍ୟରେ ନିପୁଣା ଏହି ସୁନ୍ଦରୀ ଆକାଉଣ୍ଟିଂ ଓ ଫାଇନାନ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଫେମିନା ମିସ୍ ଇଣ୍ଡିଆର ପ୍ରଥମ ରନର୍ସଅପ୍ ରାଜସ୍ଥାନର ରୁବଲ ଶେଖାୱତ ହୋଇଥିବା ବେଳେ ଉତ୍ତରପ୍ରଦେଶର ସିନାତା ଚୌଧୁରୀ ପ୍ରତିଯୋଗିତାରେ ଦ୍ୱିତୀୟ ରନର୍ସ ଅପ୍ ଟାଇଟଲ ହାତେଇଛନ୍ତି।

### କାରୋଲିନା ମିସ୍ ୱାର୍ଲ୍ଡ

ପୋଲାଣ୍ଡର କାରୋଲିନା ବିଲସ୍କା ବିଶ୍ୱ ସୁନ୍ଦରୀ ମୁକୁଟ ହାତେଇଛନ୍ତି। ୭୦ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଚଳିତ ବର୍ଷ ମାର୍ଚ୍ଚ ୧୬ରେ ପୁର୍ତୋରିକୋସ୍ଥିତ ସାନ୍ ଜୁଆନ୍‌ର କୋକାକୋଲା ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ୨୦୧୯ର ମିସ୍ ୱାର୍ଲ୍ଡ ଟାଇଟଲ ଜିତିଥିବା ଟୋନି-ଆନ୍ ସିଂ କାରୋଲିନାଙ୍କୁ ଏହି ମୁକୁଟ ପିନ୍ଧାଇଥିଲେ।

### ଏସିଆର ଧନୀ ମହିଳା

ଭାରତର ସାବିତ୍ରୀ ଜିନ୍ଦଲ ଏସିଆର ସବୁଠୁ ଧନୀ ମହିଳାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ୭୨ ବର୍ଷୀୟା ଜିନ୍ଦଲଙ୍କ ସମ୍ପତ୍ତି ହେଉଛି ୧୮ ବିଲିୟନ ଡଲାର। ଏସିଆର ପୂର୍ବତନ ସବୁଠୁ ଧନୀ ମହିଳା ତଥା ଚାଇନାର ୟାଙ୍ଗ୍ ହୁଇୟାନ୍‌ଙ୍କୁ ସେ ପଛରେ ପକାଇ ଏହି ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

### ଅଭିନୟରେ ଜେସିକାଙ୍କୁ ଓସ୍କାର

ଆମେରିକାର ଲସ୍ ଏଞ୍ଜେଲ୍ସ ସହରରେ ୯୪ତମ ଓସ୍କାର ଆୱାର୍ଡ ସମାରୋହରେ ଦି ଆଇଜ୍ ଅଫ୍ ଟମି ଫାଏ ଫିଲ୍ମ ପାଇଁ ଜେସିକା ଚେଷ୍ଟନ୍ ଶ୍ରେଷ୍ଠ ଅଭିନେତ୍ରୀ ବର୍ଗରେ ଓସ୍କାର ହାସଲ କରିଛନ୍ତି।

### ମିସ୍ ଇଣ୍ଡିଆ ପ୍ଲାନେଟ୍‌ରେ ଦ୍ୱିତୀୟ ରନର୍ସ ଅପ୍ ଅନ୍ୱେଷା

ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ ପୁଣି ଚମକିଛନ୍ତି ଓଡ଼ିଆ ଝିଅ। ମିସ୍ ଇଣ୍ଡିଆ ପ୍ଲାନେଟ୍ ୨୦୨୨ ଦ୍ୱିତୀୟ ରନର୍ସ ଅପ୍ ଟ୍ରଫି ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ସମ୍ବଲପୁର ବୁର୍ଲା ସହରର ଅନ୍ୱେଷା ଅଦିତି ମହାପାତ୍ର। ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଅନ୍ୱେଷା ଟପ୍ ୧୫ରେ ସାମିଲ ହୋଇଥିଲେ।



କାରୋଲିନା


ଜେସିକା



ସରଗମ



ସିନି ସେଟ୍ଟୀ



ଦିବିତା

# ସଫଳତା ପାଇଁ ରିଡ୍‌ଙ୍କ ଗୁରୁମନ୍ତ୍ର

**ହକି ବିଶ୍ୱକପ୍**




**ଆଉ ୧୭ ଦିନ**

ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଆୟୋଜିତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ ଭାରତୀୟ ହକି ଦଳକୁ ଗୁରୁମନ୍ତ୍ର ଦେଇଛନ୍ତି କୋଚ୍ ଗ୍ରାହାମ୍ ରିଡ୍। ଗୋଲ ବରଣ କରିବା ପରେ ସେହି କ୍ଷଣରେ ଫସି ନ ରହି ପରବର୍ତ୍ତୀ ଲେଭଲ ଉପରେ ଧ୍ୟାନ ଦେବାକୁ ସେ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ୨୦୨୩ ହକି ବିଶ୍ୱକପ୍‌ରେ ଖେଳାଳିମାନେ ସକାରାତ୍ମକ ମାନସିକତାରେ ପଡ଼ିଆକୁ ଓହ୍ଲାଇବା ଦରକାର ବୋଲି ରିଡ୍ କହିଛନ୍ତି। ବିଶ୍ୱକପ୍ ପରି ବଡ଼ ଟୁର୍ନାମେଣ୍ଟରେ ଏହା ନିହାତି ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଯାହା ଘଟିଯାଏ ତାକୁ ପରିବର୍ତ୍ତନ କରିବା ଅସମ୍ଭବ। ମାତ୍ର ନିଜ ମାନସିକତାରେ ପରିବର୍ତ୍ତନ ଘଟାଇଲେ ଏହା ସମ୍ଭବ ହୋଇପାରିବ। ଏଥିନିମନ୍ତେ ସର୍ବଦା ନିଜର ପରବର୍ତ୍ତୀ ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆ ଦଳର ୧୯୯୦ ବିଶ୍ୱକପ୍ ସଫଳତାକୁ ଉଦାହରଣ ଭାବେ ନେବାକୁ ସେ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି। ୯୦ ବିଶ୍ୱକପ୍‌ରେ ଦର୍ଶକ ଷ୍ଟାଣ୍ଡରୁ ଆସୁଥିବା ଚିତ୍କାର ଓ ମତାମତ ଉପରେ ଆମେ ଧ୍ୟାନ ନ ଦେଇ ଦଳ ହିସାବରେ ଖେଳିବାକୁ ନିଷ୍ପତ୍ତି ନେଇଥିଲୁ। ଅଭ୍ୟାସ ସମୟରେ ଦର୍ଶକଙ୍କ ଚିୟରର ଏକ ରେକର୍ଡିଂ ବଜା ଯାଉଥିବା ବେଳେ ଆମେ ନୀରବତାର ସହ ଅଭ୍ୟାସ ଉପରେ ଫୋକସ କରୁଥିଲୁ। ଏପରି କି ମ୍ୟାଚ୍ ସମୟରେ ଆମେ ପରସ୍ପର ସହିତ



ଗ୍ରାହାମ୍ ରିଡ୍

କଥା ହେଉ ନ ଥିଲୁ। ଓଡ଼ିଶାରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ଦର୍ଶକଙ୍କ ଚିୟରକୁ ଏଡ଼ାଇ ଦଳକୁ ପ୍ରଦର୍ଶନ କରିବାକୁ ପଡ଼ିବ। ବର୍ତ୍ତମାନ ହକି ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିବାରୁ କୌଣସି ଦଳକୁ ଫେବରିଟ୍ କହିବା କଷ୍ଟକର। ଯଦି ଆଜି ଆମେ ଅଷ୍ଟ୍ରେଲିଆ, ବେଲଜିୟମ କି ଭାରତକୁ ଫେବରିଟ୍ କହିବା ତେବେ ଆସନ୍ତା କାଲି ମତାମତ ନେଦରଲାଣ୍ଡ୍ସ, ଜର୍ମାନୀ କିମ୍ବା ଭାରତ ପକ୍ଷକୁ ଯାଇପାରେ। ତେବେ ଭାରତୀୟ ଦଳର କୋଚ୍ ଭାବେ ଟପ୍-୩ ପୋଜିଶନରେ ସେ ଭାରତକୁ ଦେଖୁଛନ୍ତି ବୋଲି ରିଡ୍ କହିଛନ୍ତି। ଏହାସହିତ ସେ କହିଛନ୍ତି, ଭାରତୀୟ ଦଳ ନିକଟରେ ପ୍ରତିଭା ରହିଛି। ଦଳ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କଲେ ନିଶ୍ଚିତ ଟାଇଟଲ ଫେବରିଟ୍ ରହିବ ବୋଲି ସେ କହିଛନ୍ତି। ସେହିପରି ୧୯୯୦ ମସିହାରେ ଭାରତ ବିପକ୍ଷ ମ୍ୟାଚ୍‌ରେ ଗୋଲ ସ୍କୋର କରିବାର ସ୍ମୃତି ତାଜା କରିଥିଲେ ରିଡ୍। ସେ ସମୟରେ ଇନ୍‌ସାଇଡ୍ ଫରୱାର୍ଡକୁ ଏତେ ଗୁରୁତ୍ୱ ମିଳୁ ନ ଥିବା ବେଳେ ଭାରତର ଜଗବୀରଙ୍କ ବିପକ୍ଷରେ ଗୋଲ ସ୍କୋର କରିବା ମୋ ପାଇଁ ବେଶ୍ ସ୍ୱତନ୍ତ୍ର ରହିଥିଲା ବୋଲି ରିଡ୍ ପ୍ରକାଶ କରିଥିଲେ। ସ୍ପେନ୍, ଇଂଲଣ୍ଡ ଓ ୱେଲ୍ସ ସହିତ ଭାରତ ପୁଲ୍ ଡି'ରେ ସ୍ଥାନ ପାଇଛି। ୧୩ ତାରିଖରେ ଭାରତ ସ୍ପେନ୍ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ। ଏହାର ଦୁଇ ଦିନ ପରେ ଦଳ ଇଂଲଣ୍ଡକୁ ଭେଟିବ। ପ୍ରଥମ ଦୁଇ ମ୍ୟାଚ୍ ରାଉରକେଲାରେ ଖେଳିବା ପରେ ୧୯ ତାରିଖରେ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଦଳ ଭୁବନେଶ୍ୱରରେ ଖେଳିବ।

# ଜୁନିୟର ଦଳର ବୃହତ ବିଜୟ



ଭାରତ ଓ କୋରିଆ ଜୁନିୟର ଦଳର ମ୍ୟାଚ୍ ପରେ ଓଡ଼ିଆ ଅଫିସିଆଲଙ୍କ ସହ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର,୨୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଭାରତ ଜୁନିୟର ହକି ଦଳ କୋରିଆ ବିପକ୍ଷରେ ବୃହତ ବିଜୟ ହାସଲ କରିଛି। ଅଧିନାୟକ ଉତ୍ତମ ସିଂ(୪୦ ଓ ୫୭), ଶାରଦା ନନ୍ଦ ତିୱାରୀ (୬ ଓ ୪୬) ଓ ବବି ସିଂ ଧାମୀ(୧୫ ଓ ୧୮ ମିନିଟ) ଡବଲ ଗୋଲ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସି.ବି. ପୁଭାନ୍ନା, ଅଲୀ ଅମିର୍, ଅମନଦୀପ୍, ଆଦିତ୍ୟ ଲାଲାଗେ ଓ ରାଜିନ୍ଦର ସିଂ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କୋରିଆ ଜୁନିୟର ଦଳ ପକ୍ଷରୁ ପାର୍କ ହ୍ୟୁନ୍ ଓ ଲିମ୍ ଡୋ ହ୍ୟୁନ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମ ଓ ତୃତୀୟ କ୍ୱାର୍ଟରରେ ଭାରତ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଦଳ ୩ଟି ଓ ଚତୁର୍ଥ କ୍ୱାର୍ଟରରେ ୪ଟି ଗୋଲ ଦେଇଥିଲା। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ପେନାଲ୍ଟି କର୍ନରରୁ କୋରିଆ ଦଳ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଏହି ମ୍ୟାଚରେ ଓଡ଼ିଆ ଅଫିସିଆଲ ମାନେ ମ୍ୟାଚ ପରିଚାଳନା କରିଥିଲେ। ଗୌଡା ପ୍ରିୟେଶ ଓ ରାଜକୁମାର ଝା ଅମ୍ପାୟାର ଦାୟିତ୍ୱରେ ରହିଥିବା ବେଳେ ବିଶ୍ୱରଞ୍ଜନ ଷଡଙ୍ଗୀ ଓ ପ୍ରଫୁଲ୍ଲ ତିର୍କି ବିଚାରକ, ନିଶାନ ଜ୍ୟୋତି ମହାନ୍ତି ବୈଷୟିକ ଅଫିସରଓ ରାଜେନ ଏକ୍କା ରିଜର୍ଭ ଅମ୍ପାୟାର ରହିଥିଲେ।

# ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର,୨୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି ୩୪ ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନଶିପ୍। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ(ବାଇ), ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ(ଓଏସ୍‌ବିଏ), ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ କିଟ୍‌ର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମରେ ସାଇନା ନେହ୍ୱାଲଙ୍କ ପ୍ରଥମ କୋଚ୍ ଗୋବର୍ଦ୍ଧନ ରେଡ୍ଡୀଙ୍କୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଅନ୍ତର୍ଜାତୀୟ ଖେଳାଳି ତଥା କୋଚ୍ ଅରୂପ ବୈଦ୍ୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଯୁଗ୍ମ ସଚିବ କୈଳାସ ଚନ୍ଦ୍ର ଦାସ, ସୋନାଲି ଚାନ୍ଦ, ବାଇର ଉପସଭାପତି ଏସ୍. ମୁରଲୀଧରନ, ବାଇର ଯୁଗ୍ମ ସମ୍ପାଦକ ପ୍ରଭାକର ରାଓ ଓ ବାଇର ଅବୈତନିକ ସମ୍ପାଦକ ନୀଲିନ କୁମାର ଅତିଥି ଭାବେ ଯୋଗଦେଇଥିଲେ।



ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ।

# ସେମିରେ ଭଗବତୀ କ୍ରିକେଟ କ୍ଲବ

**କଣ୍ଟାପଡା,୨୬।୧୨ (ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋସ୍ଥିତ ହାଇସ୍କୁଲ ପଡିଆରେ ଭୁବନେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ନିରଞ୍ଜନ-ବିଶ୍ୱନାଥ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ସିସିଏ ସୁଆଙ୍ଗକୁ ୪ ଉଇକେଟରେ ହରାଇ ଭଗବତୀ କ୍ରିକେଟ କ୍ଲବ ବାଙ୍କୁଆଳ ସେମିରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରି ସୁଆଙ୍ଗ ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୨୩୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ପାଇକରାୟ ୩୩ ବଲରୁ ୭ ଛକା ଓ ୨ଚୌକା ବଳରେ ବ୍ୟକ୍ତିଗତ ୭୦ରନ କରିଥିଲେ। ବିପକ୍ଷ ଦଳର ଗୌତମ ସ୍ୱାଇଁ ୪୦ ରନ ବିନିମୟରେ ୨ ଉଇକେଟ ହାସଲ କରିଥିଲେ। ଜବାବରେ ବାଙ୍କୁଆଳ କ୍ରିକେଟ କ୍ଲବ ୧୯ ଓଭରରେ ୬ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ବିସ୍ଫୋରକ ବ୍ୟାଟିଂ କରି ୩୨ବଲରୁ ୫ଛକା ଓ ୭ ଚୌକା ବଳରେ ବ୍ୟକ୍ତିଗତ ୭୮ ରନ ଓ ଗୌତମ ସ୍ୱାଇଁ ୧୨ ବଲରୁ ଦ୍ରୁତ ୪୭ ରନ ସଂଗ୍ରହ କରି ଦଳକୁ ସହଜ ବିଜୟ ଦେଇଥିଲେ। ବିପକ୍ଷ ଦଳର ଏମ୍.ଡି. ତାରବେଜ ୪୦ ରନ ବିନିମୟରେ ୨ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦ ମ୍ୟାଚ ଭାବେ ବିଜୟୀଦଳର ଶୁଭେନ୍ଦୁଙ୍କୁ ଅମ୍ପାୟର ପ୍ରଭାତ କୁମାର ଦାସ ପୁରସ୍କୃତ କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀ ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- ୪୯ତମ ସାରସ୍ୱତ ଭକ୍ତ ସମ୍ମିଳନୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘାଟିକିଆ, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ନିମାପଡ଼ା ସାହିତ୍ୟ ସଂସଦର ୯ମ ବାର୍ଷିକ ଜାତୀୟ ସାହିତ୍ୟୋତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ମୟୂର ଆର୍ଟ ସେଣ୍ଟର ପକ୍ଷରୁ ସ୍ୱର୍ଗତ ଧୀରେନ୍ଦ୍ରନାଥ ପଟ୍ଟନାୟକଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧ ବାର୍ଷିକୀ, ଅନୁଷ୍ଠାନର ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା ୩୦।
- ଧରାଜ୍ୟ ପ୍ରାଇମେରୀ ଶିକ୍ଷକ (ଏକ୍ସ କ୍ୟାଡର) ମହାସଂଘ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା।
- ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲର ବାର୍ଷିକ ମହୋତ୍ସବ କ୍ରିୟାବାନ୍ସ, ସ୍କୁଲ ପରିସର, ଅପରାହ୍ନ ୫ଟା ୩୦।
- ଇନ୍‌ଟାକ୍‌ର ପ୍ରତିଷ୍ଠା ଦିବସ, ଭାରତୀୟ ବିଦ୍ୟା ଭବନ, ଅପରାହ୍ନ ୫ଟା ୩୦।

# ଜେଲ ଫେରିଲେ ଜଗବନ୍ଧୁ, ମିଳିଲା ଦ୍ୱିତୀୟ ଫରେନ୍‌ସିକ୍ ରିପୋର୍ଟ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**





ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ରବିବାର ୩ ଦିନିଆ ରିମାଣ୍ଡ ଅବଧି ସରିବା ପରେ ସୋମବାର ତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କୋର୍ଟରେ ହାଜର କରାଯାଇଥିଲା। ହେଲେ ଏହି ସମୟରେ ଜଗବନ୍ଧୁଙ୍କୁ ପୁନର୍ବାର ରିମାଣ୍ଡରେ ନେବାକୁ ଆବେଦନ କରାଯାଇ ନ ଥିଲା। ଫଳରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଗବନ୍ଧୁ ଝାରପଡ଼ା ଜେଲ ହାଜତକୁ ଫେରିଯାଇଛନ୍ତି। ପରବର୍ତ୍ତୀ ସମୟରେ ଜେଲରେ ନାଗଦମ୍ପତିଙ୍କୁ ଜେରା କରିବା ନେଇ ଇଡି ପକ୍ଷରୁ ଏକ ପିଟିଶନ୍ ଦାଖଲ କରାଯାଇଥିଲା। ତେବେ ଅର୍ଚ୍ଚନା ଓ ଜଗବନ୍ଧୁ ଜାନୁୟାରୀ ୨ରେ କୋର୍ଟରେ ହାଜର ହେବା ସମୟରେ ଜେଲରେ ଜେରା ନେଇ ତଥ୍ୟ ସମ୍ବଳିତ ଆଉ ଏକ ସଂଶୋଧନ ପିଟିଶନ୍ ଦାଖଲ କରିବାକୁ କୋର୍ଟ କହିଛନ୍ତି। ସେହି ସମୟରେ ଜେଲରେ ଜେରା ନେଇ କୋର୍ଟ ଅନୁମତି ଦେବେ କିମ୍ବା ନାହିଁ ସେନେଇ ଜଣାପଡ଼ିବ। ଗତ ୧୩ ତାରିଖରୁ ଇଡି ଅର୍ଚ୍ଚନାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୬ ଦିନିଆ ଏବଂ ୧୪ ତାରିଖରୁ ଜଗବନ୍ଧୁଙ୍କୁ ପ୍ରଥମ ପର୍ଯ୍ୟାୟରେ ୯ଦିନିଆ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିଥିଲା। ପରେ ଶୁକ୍ରବାରଠାରୁ କେବଳ ଜଗବନ୍ଧୁଙ୍କୁ ୩ଦିନ ପାଇଁ ରିମାଣ୍ଡରେ ନେଇ ଇଡି ଜେରା କରିଥିଲା। ହେଲେ ନାଗଚାନ୍ଦ ଦମ୍ପତି ଏହି ରିମାଣ୍ଡ ସମୟରେ କେତେ ସତ କହିଛନ୍ତି ଓ କେତେ ଲୁଚାଇଛନ୍ତି ସେନେଇ ଇଡି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ହେଲେ ସେମାନେ ଅନେକ କିଛି ଗୁମର ଲୁଚାଇଥିବା ସୂଚନା ମିଳିଛି।

ଅପରପକ୍ଷରେ, ଖଣ୍ଡଗିରି ଥାନା ପୋଲିସକୁ ଷ୍ଟେଟ୍ ଫରେନ୍‌ସିକ୍ ଲାବ ପକ୍ଷରୁ ଅର୍ଚ୍ଚନାଙ୍କ ଡିଜିଟାଲ ଦସ୍ତାବିଜ୍‌ର ଦ୍ୱିତୀୟ ଫରେନ୍‌ସିକ୍ ରିପୋର୍ଟ ଦିଆଯାଇଛି। ଏଥିରେ ଅର୍ଚ୍ଚନାଙ୍କ ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କର ରିପୋର୍ଟ ରହିଥିବା ସୂଚନା ମିଳିଛି। ପୂର୍ବରୁ ଇଡି, ପୋଲିସ ଓ କୋର୍ଟକୁ ମଧ୍ୟ ପ୍ରଥମ ରିପୋର୍ଟ ଦିଆଯାଇଥିଲା। ତେବେ ଏହି ରିପୋର୍ଟ ଆଧାରରେ ପୋଲିସ ତଦନ୍ତକୁ ଅଧିକ ଅଗ୍ରଗତି କରିବ ବୋଲି ସୂଚନା ମିଳିଛି। କାରଣ ଅର୍ଚ୍ଚନାଙ୍କ ଘରକୁ କିଏ କିଏ ଆସୁଥିଲେ ସେନେଇ ଉକ୍ତ ରିପୋର୍ଟରେ ରହିଛି। ପୋଲିସ ସେମାନଙ୍କୁ ଚିହ୍ନଟ କରି ପଚରାଉଚାର କରିବ ବୋଲି ଚର୍ଚ୍ଚା ହେଉଛି।

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**

- ଜାନୁୟାରୀ ୨ରେ ହାଜର ହେବେ ନାଗ-ଚାନ୍ଦ ଦମ୍ପତି
- କୋର୍ଟରେ ଜେରା କରିବାକୁ ଇଡିର ପିଟିଶନ

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

**ରାଜଭବନରୁ ଉତ୍ସବସ୍ଥଳ ତ୍ରିରଙ୍ଗାରେ ସଜ୍ଜାଯିବ**

୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହିବେ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ପତାକା ଉତ୍ତୋଳନ କରିବେ। ବିଭାଗ ପକ୍ଷରୁ ପରେଡ୍ ଓ ପତାକା ଉତ୍ତୋଳନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସାଧାରଣତନ୍ତ୍ର ଦିବସ ସମ୍ପର୍କିତ ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧାପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏଥିରେ ଅଧ୍ୟକ୍ଷତା କରି ରାଜଭବନରୁ ପତାକା ଉତ୍ତୋଳନ ସ୍ଥାନ ପର୍ଯ୍ୟନ୍ତ ରାସ୍ତାକୁ ତ୍ରିରଙ୍ଗା ଦ୍ୱାରା ସାଜସଜ୍ଜା ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ। ବିଏମ୍‌ସି ପକ୍ଷରୁ ଉତ୍ସବସ୍ଥଳକୁ ସାନିଟାଇଜେଶନ ଓ ପିଇବା ପାଣି ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ। ପୂର୍ବବର୍ଷ ପରି ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ, ମୁମ୍ବାଇଠାରେ ବିଭାଗ ପକ୍ଷରୁ ଉତ୍ସବ ପାଳନ କରାଯିବ। ସେହିପରି ଆର୍‌ଡିସି ଜୋନ୍, ଜିଲା ଏବଂ ଉପଖଣ୍ଡ ସ୍ତରରେ ଏହି ଦିବସ ପାଳନ କରାଯିବ। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁରବୀର୍ ସିଂହ ଓ ବିଶ୍ୱଜିତ ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୋକାନ ଆଗରେ ସିଗାରେଟ ଟାଣିବାକୁ ମନା କରିବାରୁ ବୋମାମାଡ କରିଥିଲେ, ୪ ଗିରଫ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

ପୂର୍ବ ଶତ୍ରୁତାକୁ ନେଇ ଶହୀଦନଗର ଥାନା ଅନ୍ତର୍ଗତ ରମାଦେବୀ ମହାବିଦ୍ୟାଳୟ ଆଗରେ ଥିବା ଏକ ଜୋତା ଦୋକାନ ଉପରକୁ ବୋମାମାଡ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କାହ୍ନା ମଙ୍ଗରାଜ , ବିଶାଲ୍ ଶ୍ରୀଚନ୍ଦନ, ମିର୍ ରିୟାଜୁଦ୍ଦିନ୍ ଓ ରାହୁଲ କୁମାର ସାହୁ। ସେମାନଙ୍କଠାରୁ ପୋଲିସ ଅପରାଧରେ ବ୍ୟବହାର ହୋଇଥିବା ବାଇକକୁ ଜବତ କରିଛି। ଏନେଇ ପୋଲିସ ମାମଲା ନଂ( ୬୦୮/୨୨) ରୁଜୁ କରି ସୋମବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ତଦନ୍ତରୁ ଜଣାପଡିଲା ଗିରଫ ଅଭିଯୁକ୍ତମାନେ ଅଭିଯୋକାରୀଙ୍କ ଦୋକାନ ଆଗରେ ନିୟମିତ ସିଗାରେଟ ପିଇ ଗ୍ରାହକମାନଙ୍କୁ ହଇରାଣ ହରକତ କରୁଥିଲେ। ଯାହାଫଳରେ ମାଲିକଙ୍କ ପୁଅ ଏହାକୁ ବିରୋଧ କରିବାର ଅଭିଯୁକ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ରାଗ ରଖି ସେମାନେ ଗତକାଲି ଏଭଳି କାଣ୍ଡ ଭିଆଇଥିବା ଜଣାପଡିଛି। ସୂଚନାନୁସାରେ ସୋମବାର ରାତି ୯.୧୫ ରେ ଡଲଫିନ୍ ଜୋତା ଦୋକାନରେ ଝାରପଡାର କାହ୍ନା ମଙ୍ଗରାଜ ତାହାର ସହଯୋଗୀମାନଙ୍କ ସହ ମିଶି ସୋ'ରୁମ୍ ଉପରକୁ ପଥର ଫୋପାଡିଥିଲା। ଏହାର କିଛି ସମୟରେ ପରେ ଏକ ସୁତୁଲି ବୋମା ଫିଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଦୋକାନ ମାଲିକ ଥାନାରେ ଅଭିଯୋଗ କରିଥିଲେ।



ଅଟଳ ବିହାରୀ ବାଜପେୟୀଙ୍କ ୯୮ତମ ଜନ୍ମବାର୍ଷିକୀରେ ସୋମବାର ଏମ୍ସ ପରିସରରେ 'ସୁଶାସନ ଦିବସ' ପାଳନ ଅବସରରେ ଅତିଥିମାନେ ।

# ପ୍ରତିବଦ୍ଧତା, ସାଧୁତା ହିଁ ସୁଶାସନର ମୌଳିକ ଅଧିକାର

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

**ଏମ୍ସ ଭୁବନେଶ୍ୱରରେ ସୁଶାସନ ଦିବସ**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୮ତମ ଜନ୍ମବାର୍ଷିକୀରେ ସୋମବାର ଏମ୍ସ ଭୁବନେଶ୍ୱର ପକ୍ଷରୁ 'ସୁଶାସନ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ଏମ୍ସ ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭୁବନେଶ୍ୱରରେ ଏମ୍ସ ଭଳି ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ ବାଜପେୟୀ। ଫଳରେ ଏମ୍ସ ପାଇଁ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆସିଥିବା ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ବାଜପେୟୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସଚେତନତା, ପ୍ରତିବଦ୍ଧତା, କର୍ତ୍ତବ୍ୟବୋଧତା, ସ୍ୱଚ୍ଛତା ଏବଂ ସାଧୁତା ହିଁ ସୁଶାସନ ଦିବସ ପାଳନର ମୌଳିକ ଆଧାର ବୋଲି କହିଥିଲେ। ଅତିରିକ୍ତ ପ୍ରଫେସର (ଆନାଟୋମି) ଡା. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିନ ଡା. ପି. ଆର୍. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ, କୁଳସଚିବ ବି.ବି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ୧୫ ଜୁଲାଇ ୨୦୦୩ରେ ଏମ୍ସ ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏମ୍ସ ଭୁବନେଶ୍ୱର ପୂର୍ବ ଭାରତର ଏକ ପ୍ରମୁଖ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନରେ ପରିଣତ ହେବା ସହିତ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇପାରିଛି।

# ଉତ୍ତରପ୍ରଦେଶରେ ଫଶିଥିବା ମହିଳା-ଯୁବତୀ ଉଦ୍ଧାର

## ଓଡିଶାରେ ପହଞ୍ଚିବା ପରେ ବଖାଣିଲେ ନିର୍ଯାତନାର କାହାଣୀ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

ଚାକିରୀ ଲୋଭରେ ଦଲାଲଙ୍କ ହାବୁଡାରେ ପଡି ଉତ୍ତରପ୍ରଦେଶରେ ଫଶିଥିବା ଜଣେ ମହିଳା ଓ ଯୁବତୀଙ୍କୁ ନୟାପଲ୍ଲୀ ଥାନା ପୋଲିସ ଉଦ୍ଧାର କରିଛି। ସେମାନେ ଓଡ଼ିଶାରେ ପହଞ୍ଚିବା ପରେ ସେଠାରେ କିଭଳି ନିର୍ଯାତନା ଦିଆଯାଉଥିଲା ତାହାର ଲୋମଟାଙ୍କୁରା କାହାଣୀ ବଖାଣିଛନ୍ତି ପୀଡିତା। ଚାକିରୀ ପ୍ରଲୋଭନ ଦେଖାଇ ଦିନକୁ ୨ ହଜାର ଟଙ୍କା ଦେବାକୁ କହି କନ୍ଧମାଳରୁ ଉତ୍ତରପ୍ରଦେଶ ନେଇଯାଇଥିଲେ ଭଦ୍ରକର ରାଜୁ ନାମକ ଜଣେ ବ୍ୟକ୍ତି। ସେଠାରେ ଖରାପ କାମରେ ନିୟୋଜିତ କରି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଭୋଜପୁରୀ ଗୀତରେ ଷ୍ଟେଜରେ ନଚାଉଥିଲେ। ଟଙ୍କା ମାଗିଲେ ଦଲାଲମାନେ ହତ୍ୟା ଧମକ ଦେଉଥିଲେ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିବା ସହ ଜେଲ ଦଣ୍ଡ ମିଳୁ ବୋଲି ସେମାନେ କୋହଭରା କଣ୍ଠରେ କହିଛନ୍ତି। ନୟାପଲ୍ଲୀ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ସେମାନେ ସେଠାରେ ଫଶିଯାଇଥିଲେ। ଓଡିଶା ଆସିବାକୁ ଚାହୁଁଥିଲେ ମଧ୍ୟ ଆସୁପାରୁ ନ ଥିଲେ। ସେମାନଙ୍କ ପରିବାର ଲୋକ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ସେମାନଙ୍କୁ ସେଠାରୁ ଆଣିବା ଲାଗି ଉତ୍ତରପ୍ରଦେଶ ବାଙ୍କଟା ପୋଲିସ ଷ୍ଟେଶନ ସହ ଯୋଗାଯୋଗ କରାଯାଇଥିଲା। ଏକ ଟିମ୍ ଉତ୍ତରପ୍ରଦେଶ ଯାଇଥିଲା। ମହିଳା ଓ ତାଙ୍କ ସ୍ୱାମୀ ଏବଂ ଜଣେ ଯୁବତୀଙ୍କୁ ସେଠାରୁ ଉଦ୍ଧାର ପରେ ଓଡିଶା ଆଣିବାକୁ ବନ୍ଦୋବସ୍ତ କରାଯାଇଥିଲା। ସ୍ଥାନୀୟ ପୋଲିସ ଏଥିରେ ସହାୟତା କରିଥିଲେ। ଅନ୍ୟପଟେ ମହିଳା ଓ ଯୁବତୀ କୌଣସି ଅଭିଯୋଗ କରି ନ ଥିବା ଥାନାଧିକାରୀ କହିଛନ୍ତି।

# ସାଢେ ୬ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ବୋଲଗଡର ନବ ଓରଫ ନବକିଶୋର ସାହୁ। ସୂଚନାଯୋଗ୍ୟ, ଅଭିଯୋଗ ପାଇବା ପରେ ସ୍ପେଶାଲ ଟିମ୍ ସାଲିଆସାହିର ଶାରଳାନଗରସ୍ଥିତ ନବକିଶୋରଙ୍କ ଦୋକାନରେ ଚଢାଉ କରି ତାଙ୍କ ନିକଟରୁ ସାଢେ ୬ କେଜି ଓଜନର ଗଞ୍ଜେଇ ସହ ୪ ହଜାର ଟଙ୍କା ମଧ୍ୟ ଜବତ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ଆନ୍ତର୍ଜାତିକ ଓଡ଼ିଶୀ ମହୋତ୍ସବ ଆରମ୍ଭ

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ଉତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ଦାସ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶୀ ନୃତ୍ୟାଙ୍ଗନା ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଡି, ଓଡ଼ିଶୀ ଗାୟିକା ତଥା ସଂଯୋଜିକା ଶ୍ୟାମାମଣି ଦେବୀ, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଡ. ଅନୁଜା ତାରିଣୀ ମିଶ୍ର ଯୋଗଦେଇଥିଲେ। ଏହି ୫ଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଦେଶବିଦେଶରୁ ୩୫୦ରୁ ଅଧିକ କଳାକାର ଯୋଗଦେଇଛନ୍ତି। ପ୍ରଥମେ ଏକକ ନୃତ୍ୟ ପର୍ଯ୍ୟାୟରେ ବିଶିଷ୍ଟ ନୃତ୍ୟଶିଳ୍ପୀ ମାଧବୀ ମୁଦ୍‌ଗଲଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଅଷ୍ଟକମ୍ ପରେ ଦେବଶ୍ରିତା ମହାନ୍ତିଙ୍କ ଦ୍ୱାରା ଗୀତଗୋବିନ୍ଦ ଅଷ୍ଟପଦୀ ଏବଂ ଦେବାଶିଷ ପଟ୍ଟନାୟକଙ୍କ ଦ୍ୱାରା ଶିବାଷ୍ଟକ ପରିବେଷଣ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତି ଥିଲା ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ବୈଷ୍ଣବୀ ପ୍ରିୟଦର୍ଶନୀ ଓ ଅର୍ପିତା ମହାପାତ୍ରଙ୍କ ଦ୍ୱାରା ସାଭିନୟ ପଲ୍ଲବୀ। ଏକକ ନୃତ୍ୟ ପର୍ଯ୍ୟାୟରେ ତୁଲିକା ତ୍ରିପାଠୀଙ୍କ ଦ୍ୱାରା କଳାବତୀ ପଲ୍ଲବୀ, ଚିଂଗ୍ ହାନ୍ ୱଙ୍ଗଙ୍କ ଦ୍ୱାରା ମା'ରେ ବାଣ ଧାରା ଶ୍ରାବଣୀ କି, ପୂଜା କୁମାରଙ୍କ ଦ୍ୱାରା ମୋହନା ପଲ୍ଲବୀ ଉପସ୍ଥାପିତ ହୋଇଥିଲା। ଦ୍ୱୈତ ନୃତ୍ୟରେ ଅସ୍ମିତା କର ଏବଂ ଜାହ୍ନବୀ ଆଚାର୍ଯ୍ୟଙ୍କ ଦ୍ୱାରା ଗୀତଗୋବିନ୍ଦ ଅଷ୍ଟପଦୀ ଓ ଶେଷରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ବୈଶାଳୀ କଳା କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା ପଲ୍ଲବୀ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

# ଗଣତନ୍ତ୍ର ରକ୍ଷା ପାଇଁ ସମସ୍ତେ ଐକ୍ୟବଦ୍ଧ ହେବାକୁ ଆହ୍ୱାନ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

**ସିପିଆଇର ୯୭ତମ ପ୍ରତିଷ୍ଠା ଦିବସ**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୯୭ତମ ପ୍ରତିଷ୍ଠା ଦିବସ ସମାରୋହ ସୋମବାର ସିପିଆଇର ରାଜ୍ୟ ମୁଖ୍ୟାଳୟ ଭଗବତୀ ଭବନଠାରେ ପାଳିତ ହୋଇଯାଇଛି। ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟିର ଲାଲ୍ ପତାକାକୁ ଉତ୍ତୋଳନ କରିଥିଲେ। ୧୯୨୫ ଡିସେମ୍ବର ୨୬ରେ କାନପୁରଠାରେ କିଭଳି କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ତାହା ବର୍ଣ୍ଣନା କରିବା ସହ ବର୍ତ୍ତମାନ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତାକୁ ରକ୍ଷା କରିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇ ବରିଷ୍ଠ ନେତା ଦିବାକର ନାୟକ ଉଦ୍‌ବୋଧନ ଦେଇଥିଲେ। ପାର୍ଟିର ୯୭ବର୍ଷର ତ୍ୟାଗ ଓ ସଂଗ୍ରାମର ଗୌରବୋଜ୍ଜ୍ୱଳ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦେଶର ଖଟିଖିଆ ଓ ମଧ୍ୟବିତ୍ତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ କିଭଳି ଅହରହ ସାଲିସ୍‌ବିହୀନ ସଂଗ୍ରାମ ଚଳାଇ ଆସିଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମାରୋହରେ ବିଶ୍ୱ ଶିକ୍ଷକ ସଂଘ ସଭାପତି ଅମିୟ ମହାନ୍ତି, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ମାୟାଧର ନାୟକ, ସତୀଶ ପ୍ରମୁଖ ଉପସ୍ଥିତ ଥିଲେ।




ଭଗବତୀ ଭବନଠାରେ ସିପିଆଇର ୯୭ତମ ପ୍ରତିଷ୍ଠା ଦିବସ ସମାରୋହରେ ପତାକା ଉତ୍ତୋଳନ କରାଯାଉଛି ।

# ଦାଦାବଟି ନ ଦେବାରୁ ଆକ୍ରମଣ, ମହିଳା ସମେତ ୨ ଗିରଫ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ) :**

ଦାଦାବଟି ନ ଦେବାରୁ ମରଣାନ୍ତକ ଆକ୍ରମଣ ସହ ଗାଡି ପୋଡି ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମର ମିଥୁନ୍ ଓରଫ୍ ମନୋଜ ମହାପାତ୍ର ଓ ଜଙ୍କିଆ ଥାନା ଅଞ୍ଚଳର ପୂଜା ବେହେରା। ସୂଚନାନୁସାରେ, ଅଭିଯୋଗକାରୀ ଓ ତାଙ୍କର ଜଣେ ବନ୍ଧୁ ବାଇକ ଯୋଗେ ମାଷ୍ଟରକ୍ୟାଣ୍ଟିନ ଛକରୁ ପିଏମ୍‌ଜି ଛକକୁ ଯାଉଥିଲେ। ପିଏମଜି ଛକରେ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ୧୦ ହଜାର ଟଙ୍କା ଦାଦାବଟି ଦାବି କରିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ହତ୍ୟା ଧମକ ଦେବା ସହ ଅଭିଯୋଗକାରୀଙ୍କ ବାଇକ୍‌ର ପେଟ୍ରୋଲ ପାଇପ ଖୋଲିଦେବା ସହ ନିଆଁ ଲଗାଇ ଫେରାର ହୋଇଯାଇଥିଲେ।

# ଉଠାଦୋକାନୀ ମହାସଂଘ ସହ ବିଏମ୍‌ସିର ଆଲୋଚନା

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

- ୩୦ରେ ବିଏମ୍‌ସି, ବିଡିଏ, ନବୀନ ନିବାସ ଘେରିବେ ଉଠାଦୋକାନୀ
- ଉଚ୍ଛେଦ ଦୋକାନୀଙ୍କୁ ଭେଣ୍ଡିଂଜୋନ୍ ମାଧ୍ୟମରେ ଥଇଥାନ ପ୍ରତିଶ୍ରୁତି

ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହ ଆଲୋଚନା କରିଛି ବିଏମ୍‌ସି। ସୋମବାର ଉତ୍ତର ବିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମହାସଂଘର ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉଠା ଦୋକାନ ଉଚ୍ଛେଦକୁ ତୁରନ୍ତ ବନ୍ଦ କରିବା, ଉଚ୍ଛେଦ ଦୋକାନୀଙ୍କୁ କ୍ଷତିପୂରଣ ସହ ଭେଣ୍ଡିଂଜୋନ୍‌ରେ ଥଇଥାନ କରିବା, ଉଚ୍ଛେଦ ସମୟରେ ଗାଳିଗୁଲଜ କରୁଥିବା ଅଧିକାରୀଙ୍କୁ ଆପରାଧିକ ଆଇନ ଅନୁଯାୟୀ ଗିରଫ କରିବା, ଉଚ୍ଛେଦ ସମୟରେ ମାନବିକତା ଅବଲମ୍ବନ କରିବା, ଉଚ୍ଛେଦ ହୋଇଥିବା ଦୋକାନୀଙ୍କ ତାଲିକା ଅନୁଯାୟୀ ୧ମାସ ମଧ୍ୟରେ ଥଇଥାନ କରିବା, ମହାସଂଘ କମିଟି ସହ ଆଲୋଚନା କରି ଉଚ୍ଛେଦ କରିବା, ଭେଣ୍ଡିଂଜୋନ୍‌ରେ ସ୍ଥାନୀୟ ଉଠା ଦୋକାନୀଙ୍କୁ ଥଇଥାନ କରିବା ଓ ବିଏମ୍‌ସି ସ୍କ୍ୱାଡ୍ ସହିତ ମହାସଂଘର ସ୍କ୍ୱାଡ୍‌କୁ ସାମିଲ୍ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ଉପରେ ଡେପୁଟି କମିଶନର ପୁରନ୍ଦର ନନ୍ଦଙ୍କ ସହ ଆଲୋଚନା କରାଯାଇଥିଲା। ଏନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ସମାଧାନ କରିବାକୁ ନନ୍ଦ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଉତ୍ତର ବିଏମ୍‌ସି ଅଞ୍ଚଳରେ ୩୦ଟି ଭେଣ୍ଡିଂଜୋନ ତିଆରି କରିବା ପାଇଁ ଜିଏ ବିଭାଗକୁ ଜାଗା ମଗାଯାଇଛି। ଜାଗା ମିଳିବା ପରେ ଉଚ୍ଛେଦ ଦୋକାନୀଙ୍କୁ ସେଠାରେ ଥଇଥାନ କରାଯିବ ବୋଲି ସେ କହିଥିଲେ। ତେବେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବାରୁ ଏହାକୁ ବିରୋଧ କରାଯାଇଥିଲା। ପ୍ରତିବାଦ ସ୍ୱରୂପ ୩୦ ତାରିଖରେ ବିଏମ୍‌ସି, ବିଡିଏ, ନବୀନ ନିବାସ, କଳିଙ୍ଗ ଷ୍ଟାଡ଼ିୟମର ୪ଟି ଗେଟ୍‌କୁ ଉଠାଦୋକାନୀ ଏବଂ ତାଙ୍କ ପରିବାର ସଦସ୍ୟ ଘେରାଉ କରିବେ ବୋଲି ମହାସଂଘ ସଭାପତି ପ୍ରତାପ ସାହୁ ସୂଚନା ଦେଇଛନ୍ତି। ବୈଠକରେ ଆସିଷ୍ଟାଣ୍ଟ କମିଶନର ଉମେଶ ଚନ୍ଦ୍ର ଲେଙ୍କା, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ମହାସଂଘର ଅନୁଜ ପ୍ରଧାନ, ଜଗବନ୍ଧୁ ବେହେରା, କରୁଣାକର ରାଉତ, ଏସ୍.କେ. ଗୁହ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୧୨।୨୦୨୨

| | |
|---|---|
| ୫,୯୭,୩୩୦ ଟଙ୍କା | |
| ସୁନା | ୨.୨୫୦ ଗ୍ରାମ |
| ରୁପା | ୧୦୩.୪୦୦ ଗ୍ରାମ |

# ବନ୍ୟାର ୪ମାସ ପରେ ବି ଘାଇ ମରାମତି ହୋଇନି

**କଣାସ, ୨୬।୧୨(ସ୍ୱ.ପ୍ର)**

କଣାସ ବ୍ଲକରେ ପ୍ରତିବର୍ଷ ବନ୍ୟା ଦାଉ ସାଧୁଛି। ଗତ ୪ମାସ ତଳେ ଅର୍ଥାତ ଅଗଷ୍ଟ ୧୬ରେ ବନ୍ୟା ଯୋଗୁ ମକରା ନଦୀର କଉଡ଼ିଆପୁର ନିକଟରେ ଘାଇ ସୃଷ୍ଟି ହୋଇଥିଲା। ତେବେ ପ୍ରଶାସନିକ ଅବହେଳା କାରଣରୁ ଏପର୍ଯ୍ୟନ୍ତ ଘାଇ ମରାମତି କରାଯାଇନାହିଁ। ଫଳରେ ଗୋପୀନାଥପୁର, କାଦୁଆ, ବଡାଲ, ଦୋଛିଆଁ, ଦେଇପୁର, ଗଡ଼ଖାରଦ, ସାହୁପଡ଼ା ପଞ୍ଚାୟତର ଲୋକେ ଯାତାୟାତ ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଲିକରି ଯିବା ପାଇଁ ଏକ ରିଂବନ୍ଧ ବଲ୍ହା, ମୋରମ, ବାଲିବସ୍ତା ପକାଇ ତରବରିଆ ଭାବେ କରାଯାଇଥିଲା। ଏହି ରାସ୍ତାରେ



ଲୋକେ କଷ୍ଟେମଷ୍ଟେ ଯାତାୟାତ କରୁଥିଲେ ମଧ୍ୟ ଆମ୍ବୁଲାନ୍ସ ଏବଂ ଅନ୍ୟ ଗାଡ଼ିଗୁଡ଼ିକ ୨୫ କିଲୋମିଟର ବୁଲି କରି ଯାଉଛି । ଫଳରେ ଅଯଥା ସମୟ ଅପଚୟ ସାଙ୍ଗକୁ

### ପ୍ରଶାସନିକ ଅବହେଳାକୁ ଦୋଷ ଦେଲେ ଅଞ୍ଚଳବାସୀ

ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ନଦୀବନ୍ଧ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧୀନରେ ରହିଛି। ଘାଇ ମରାମତି ସମ୍ପର୍କରେ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ସାହୁଙ୍କୁ ଟେଣ୍ଡର ହୋଇଛି ଓ ଖୁବ୍‌ଶୀଘ୍ର ମରାମତି ହେବ ବୋଲି କହିଛନ୍ତି। ଘାଇ ପୂର୍ବରୁ ଲିଫ୍ଟ ପଏଣ୍ଟ ପାଇପ ଉକ୍ତ ସ୍ଥାନରେ ଖୋଲାଯାଇ ପଡ଼ିଥିଲା। ପାଇପ ପଡ଼ିଥିବା ସ୍ଥାନରେ ବନ୍ୟାଜଳ ପ୍ରବେଶ କରି ଘାଇ ସୃଷ୍ଟି କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିରୋଧୀଙ୍କୁ ଅଟକ

**ସାକ୍ଷୀଗୋପାଳ, ୨୬।୧୨ (ଡି.ଏନ୍.ଏ/ସ୍ୱ.ପ୍ର)**

ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପୁରୀ ଗସ୍ତ କରିଛନ୍ତି। ଏଥିରେ ବିରୋଧୀ ଯେପରି କୌଣସି ଅଘଟଣ ନ ଘଟାନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସତ୍ୟବାଦୀ ପୋଲିସ କିଛି ଭାଜପା ନେତା ଓ କର୍ମୀଙ୍କୁ ଅଟକ ରଖିଥିଲା। ଜୟପୁର ସମିତି ସଭ୍ୟ ଦିପକ ଶତପଥୀ, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନ, ବିଶ୍ୱଜିତ ମହାପାତ୍ର, ପ୍ରାଚୁର୍ଯ୍ୟ ହୋତା, ଅଶୋକ ରାଉତରାୟ, ନିଶିକାନ୍ତ ପ୍ରଧାନ, ଜାନକୀ ବଲ୍ଲଭ ବରାଳ ଓ ପ୍ରଶାନ୍ତ ପାଣି ପ୍ରମୁଖ ଥାନାରେ ଅଟକ ରହିଥିଲେ। ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାପଡିଛି।

# ବିଜେଡି ପ୍ରତିଷ୍ଠା ଦିବସ

**ଡେଲାଙ୍ଗ,୨୬।୧୨(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକରେ ବିଜେଡି ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବତନ 'ଆମ୍ା' ଅଧ୍ୟକ୍ଷ ବସନ୍ତ ବେହେରାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଡେଲାଙ୍ଗ ହାଟ ବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବିଜୁ ପଟ୍ଟନାୟକଙ୍କ ଦେଶ ପ୍ରତି ଥିବା ଅବଦାନ ଓ ବିଜେଡିର ସ୍ୱଚ୍ଛ ଶାସନ ସମ୍ପର୍କରେ ନିଜ ନିଜ ମତ ରଖିଥିଲେ।

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ ଅଫିସ, ୨୬।୧୨:** ଶ୍ରୀମନ୍ଦିରରେ ସୋମବାର ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଚନ୍ଦନ ଲାଗି ନୀତି ଚାଲିଥିବା ବେଳେ ଶ୍ରୀମନ୍ଦିର ଭିତରେ ଭଣ୍ଡାର ଦ୍ୱାର ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ପୁଣି ନୀତି ଆରମ୍ଭ ହୋଇଥିଲା।

### ୪୪ ବର୍ଷ ପରେ ସାଉଁଟିଲେ ସ୍ମୃତି

**ପିପିଲି,୨୬।୧୨(ଡି.ଏନ୍.ଏ.):** ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ୧୯୭୮ ମାଟ୍ରିକ୍ ବ୍ୟାଚ୍‌ର ଦ୍ୱିବାର୍ଷିକ ବନ୍ଧୁମିଳନ ରବିବାର ପାଳିତ ହୋଇଯାଇଛି। ହାଇସ୍କୁଲ ନିକଟ ସ୍ୱର୍ଗତ ଜୟକୃଷ୍ଣ ମହାନ୍ତିଙ୍କ ଝାଉଁ ଏବଂ ବିଭିନ୍ନ ବୃକ୍ଷ ପରିବେଷ୍ଟିତ ଘଞ୍ଚ ପ୍ରମୋଦ ଉଦ୍ୟାନରେ ବଣଭୋଜି ହୋଇଥିଲା। ଦୀର୍ଘ ୪୪ ବର୍ଷ ପରେ ବନ୍ଧୁମିଳନ ହୋଇଥିବାରୁ ପୁରାତନ ଛାତ୍ରୀଛାତ୍ରମାନେ ପରସ୍ପର ସ୍ମୃତି ଓ ଅନୁଭୂତି ସାଉଁଟିଥିଲେ। ଅନେକେ ଜନ୍ମଭୂମିଠାରୁ ଦୂରରେ ଥିଲେ ମଧ ସମୟ କାଢ଼ି ଏଠାକୁ ଆସିଥିଲେ। ପୂର୍ବତନ ସହପାଠିନୀ ଖୁଲଣା, ପୁଷ୍ପଲତା, ସୁକାନ୍ତିଙ୍କ ସମେତ ୨୦ଜଣ ସହପାଠୀ ଯୋଗ ଦେଇଥିଲେ। ତ୍ରିନାଥ, ସୋମନାଥ, ସୁବାସ, ବେଣୁଧର, ଗଙ୍ଗାଧର, ନିର୍ମଳ, ଆର୍ତ୍ତବନ୍ଧୁଙ୍କ ଉଦ୍ୟମରେ ଏହି ବନ୍ଧୁମିଳନ ଆୟୋଜିତ ହୋଇଥିଲା।

### ହକି ବିଶ୍ୱକପ ଟ୍ରଫି ପୁରୀରେ ପହଞ୍ଚିଲା

**ପୁରୀ ଅଫିସ,୨୬।୧୨:** ହକି ବିଶ୍ୱକପ ଟ୍ରଫି ସୋମବାର ସନ୍ଧ୍ୟାରେ ପୁରୀରେ ପହଞ୍ଚିଛି। ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଟ୍ରଫିକୁ ସ୍ୱାଗତ କରିଥିଲେ। ସେହିପରି ମଙ୍ଗଳବାର ସକାଳ ୭ଟାରେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସି ବିଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରଫିକୁ ସ୍ୱାଗତ କରାଯିବ। ଏଥିରେ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, କ୍ରୀଡାବିତ ପ୍ରମୁଖ ଯୋଗଦେବେ ବୋଲି କ୍ରୀଡ଼ା ଅଧିକାରୀ କହିଛନ୍ତି। ଟ୍ରଫିକୁ ସିଂହଦ୍ୱାର ନିକଟକୁ ଅଣାଯାଇ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯିବ। ଜଗନ୍ନାଥ ଷ୍ଟାଡିୟମରେ ମଧ ପ୍ରଦର୍ଶନର କାର୍ଯ୍ୟ ସୂଚୀ ରହିଛି। ପରେ ଟ୍ରଫିକୁ କୋଣାର୍କ ଇକୋ ରିଟ୍ରିଟ୍ ଓ କୋଣାର୍କ ମନ୍ଦିର ନିକଟକୁ ନିଆଯାଇ ପ୍ରଦର୍ଶନ କରାଯିବା ପରେ ଜିଲାରୁ ବିଦାୟ ଦିଆଯିବ।

# ନିମପୁର ସ୍ପୋର୍ଟିଂକୁ ହରାଇ କ୍ରାଉନ ସ୍ପୋର୍ଟିଂ ସେମିରେ

**କାକଟପୁର/ଅସ୍ତରଙ୍ଗ, ୨୬।୧୨ (ଡି.ଏନ୍.ଏ)**

### ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ

ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ନିମପୁର ସ୍ପୋର୍ଟିଂ କଟକ ଓ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମପୁର ସ୍ପୋର୍ଟିଂକୁ ହରାଇ କ୍ରାଉନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି।

ପ୍ରଥମେ ଟସ୍ ଜିତି ନିମପୁର ସ୍ପୋର୍ଟିଂ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁମିତ ମହାପାତ୍ର ୪୫ ବଲ ଖେଳି ୬୪ ରନ ଏବଂ ଅଭିନାଶ ନାୟକ ୨୭ ବଲ ଖେଳି ୨୦ ରନ ସଂଗ୍ରହ କରିଥିଲେ। କ୍ରାଉନ ସ୍ପୋର୍ଟିଂ ପକ୍ଷରୁ ରଶ୍ମିରଞ୍ଜନ ଓ ଜନ୍ମେଜୟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୧୫୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ କ୍ରାଉନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୧୫୩ ରନ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ ଟାଏ ରହିଥିଲା। ସୁପର ଓଭର ଖେଳି କ୍ରାଉନ ସ୍ପୋର୍ଟିଂ ୧୫ ରନ ସଂଗ୍ରହ କରିଥିବାବେଳେ ନିମପୁର ସ୍ପୋର୍ଟିଂ କୌଣସି ରନ କରି ନ ପାରି ହାରିଯାଇଥିଲା। କ୍ରାଉନ ସ୍ପୋର୍ଟିଂ ପକ୍ଷରୁ କୁମାର ଜନ୍ମେଜୟ ପ୍ରଥମ ଇନିଂସରେ ୫୦ ଏବଂ ସୁପର ଓଭରରେ ୧୫ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଲଏଡ୍ କମ୍ପାନୀର ସିନିଅର ମ୍ୟାନେଜର ବିଶ୍ୱନାଥ ବାରିକ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ନିର୍ମଳ କୁମାର ମିଶ୍ର ଏବଂ ଅୟସକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଭାଗବତ ସ୍ୱାଇଁ, ପ୍ରଦୀପ କୁମାର ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ, ଭବାନୀ କୁମାର। ଲିଙ୍କୁନ ଓ ସଚିନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ପାରାମାଉଣ୍ଟ ଭୁବନେଶ୍ୱର ଏବଂ ମଙ୍ଗଳା କ୍ରିକେଟ କ୍ଲବ କାକଟପୁର ମଧ୍ୟରେ ଖେଳାଯିବ ବୋଲି ଆୟୋଜକ କ୍ଲବର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତ ପ୍ରକାଶ କରିଛନ୍ତି।



କାକଟପୁରରେ ଚାଲିଥିବା ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ଣାମେଣ୍ଟରେ ଉପସ୍ଥିତ ଅତିଥିମାନେ ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

# ୪ରେ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ

**ପୁରୀ ଅଫିସ,୨୬।୧୨**

ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାଲଡୱାଇଡ୍ ଆନୁକୂଲ୍ୟରେ ଜାନୁୟାରୀ ୪ ଠାରୁ ୬ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଆଧ୍ୟାତ୍ମିକ ଚେତନାର ଜାଗରଣକୁ ନେଇ ଆଲୋଚନା କରାଯିବ। ଏ ନେଇ ସୋମବାର ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ବେଳାଭୂମିସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଅନୁଷ୍ଠାନର ଟ୍ରଷ୍ଟି ଡ.ହରପ୍ରସନ୍ନ ଦାଶ, ରମେଶ ବିଶ୍ୱାଳ ଏବଂ ଗଣମାଧ୍ୟମ ସଂଯୋଜକ ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଅନୁଷ୍ଠାନ ବିଭିନ୍ନ ଦେଶର ସମଭାବାପନ୍ନ ଶ୍ରୀଜଗନ୍ନାଥ ଭକ୍ତମାନଙ୍କୁ ନେଇ ଗଠିତ। ଏହି ବିଶ୍ୱବ୍ୟାପୀ ଅନୁଷ୍ଠାନର ମୁଖ୍ୟ ଆଭିମୁଖ୍ୟ ହେଉଛି ସାରା ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା। ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ଏବଂ ଗ୍ଲୋବାଲ କାର୍ଯ୍ୟାଳୟ ନାଇଜେରିଆର ଲାଗୋସରେ ଅବସ୍ଥିତ। ବିଶ୍ୱରେ ମାନବିକ ମୂଲ୍ୟବୋଧ ବଢାଇବା ସହିତ ଆଧ୍ୟାତ୍ମିକ ଚେତନାର ଜାଗରଣ ପାଇଁ କାର୍ଯ୍ୟ କରିବା ହିଁ ଏହାର ଏକ ସୁଚିନ୍ତିତ ପଦକ୍ଷେପ। ବିଭିନ୍ନ ଦେଶର ଜଗନ୍ନାଥ ମନ୍ଦିରଙ୍କ ସହଯୋଗରେ ଅନୁଷ୍ଠାନ ପକ୍ଷରୁ ଜାନୁୟାରୀ ୪ଠାରୁ ୬ ତାରିଖରେ ପୁରୀର ଟାଉନହଲରେ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶର ଆୟୋଜନ କରାଯିବ। ଏଥିରେ ବିଶ୍ୱର ବିଭିନ୍ନ ଦେଶରୁ ଆଧ୍ୟାତ୍ମିକ ଜିଜ୍ଞାସୁ, ଭକ୍ତ ତଥା ସାଧୁମାନେ ଯୋଗଦେବେ। ଏହି ଆଲୋଚନାର ୬ଟି ଅଧିବେଶନରେ ସାଧୁସନ୍ଥମାନେ ହିଁ ସଭାପତିତ୍ୱ କରିବେ। ପରମ ପୂଜ୍ୟପାଦ ଶ୍ରୀମଦ୍ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେବେ। କାର୍ଯ୍ୟକ୍ରମରେ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ସ୍ୱାମୀ ସମର୍ପଣାନନ୍ଦ ଗିରି, ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ, ସ୍ୱାମୀ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ, ବାବା ରାମକୃଷ୍ଣ ଦାସ ମହାରାଜ, ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେବେ। ସେହିପରି ବିଦେଶରୁ ମଧ ନିମନ୍ତ୍ରିତ ବିଜ୍ଞ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ୨୫ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ




ଜନ ଶୁଣାଣି ଶିବିରରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ନିମାପଡ଼ା,୨୬।୧୨(ଡି.ଏନ୍.ଏ.)**

### ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ପୁରୀ ଜିଲା ପ୍ରଶାସନ ଓ ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଏକ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରେଭିନ୍ୟୁ) କୈଳାସ ଚନ୍ଦ୍ର ନାୟକ, ଜିଲା ଗ୍ରିଭାନ୍ସ ଅଧିକାରୀ ଇତିଶ୍ରୀ ନାୟକ, ଅତିରିକ୍ତ ଶିକ୍ଷା ଜିଲା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ସହକାରୀ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ୍ତ ମହାପାତ୍ର, ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶନୀ ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଇନ୍ଦିରା ଆବାସ ଗୃହ, ହସ୍ତଶିଳ୍ପ ବିଭାଗର ଗୃହ ନିର୍ମାଣ, ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା, ରିଟ୍ ପିଟିଶନ ମାମଲା (ଡବ୍ଲ୍ୟୁପିସି), ଗୋଷ୍ଠୀ ସେବାକେନ୍ଦ୍ର ଖୋଲାଯିବା ସମ୍ପର୍କିତ ମୋଟ ୨୫ଟି ମାମଲାର ଶୁଣାଣି ହୋଇଥିଲା। ଅଭିଯୋଗକାରୀଙ୍କ ଅଭିଯୋଗ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନିଆଯିବାକୁ ଅତିରିକ୍ତ ଜିଲାପାଳ ନାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ, ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ସାମନ୍ତରାୟ, ସିଡିପିଓ କୁମୁଦିନୀ ମିଶ୍ର, ବ୍ଲକ ଭେଟେରାନ ଅଧିକାରୀ (ବିଭିଓ) ଡ. ସିଦ୍ଧିଶ୍ରୀ ସେନାପତି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସରୋଜିନୀ ମିଶ୍ର, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଦାସ, ସହକାରୀ ଯନ୍ତ୍ରୀ ପ୍ରବୀର ବଳ, ପିଙ୍କି ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଓ ଜନଶୁଣାଣି ଶିବିର ସମ୍ପର୍କରେ ପଞ୍ଚାୟତର ଲୋକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସଠିକ୍ ଭାବେ ଅବଗତ କରାଯାଉ ନ ଥିବାରୁ ଗ୍ରାମାଞ୍ଚଳ ଲୋକମାନେ ଜିଲା ପ୍ରଶାସନ ଅଧିକାରୀଙ୍କ ନିକଟରେ ସେମାନଙ୍କ ବିଭିନ୍ନ ଆପତ୍ତି, ଅଭିଯୋଗ କରିବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଶିବିରରେ ମାତ୍ର ଅଳ୍ପ ସଂଖ୍ୟକ ଅଭିଯୋଗ ଆସୁଥିବା ଶିବିରରୁ ଜଣାପଡ଼ିଛି।

# କଂଗ୍ରେସ ପକ୍ଷରୁ ବିରୋଧ ପ୍ରଦର୍ଶନ

**ପୁରୀ ଅଫିସ, ୨୬।୧୨**

ରାଜ୍ୟ ସରକାର ପୁରୀରେ ଉନ୍ନତି କରିବାରେ ତଥା ରାଜ୍ୟବାସୀଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ତେଣୁ ବିଜେଡି ପୁରୀରେ ପ୍ରତିଷ୍ଠା ଦିବସ କାହିଁକି ପାଳନ କରୁଛି ବୋଲି ପ୍ରଶ୍ନ କରି କାର୍ଯ୍ୟକ୍ରମକୁ ଛାତ୍ର ଓ ଯୁବ କଂଗ୍ରେସ ବିରୋଧ କରିଥିଲା। ଛାତ୍ର ଓ ଯୁବ କଂଗ୍ରେସ ଶତାଧିକ କର୍ମୀ ମେଡିକାଲ ଛକରେ ପ୍ରତିବାଦ କରି ଆନ୍ଦୋଳନ କରିଥିଲେ। ପୁରୀରେ ଉଠାଦୋକାନୀଙ୍କୁ ଜୁଲମ, ବସ୍ତିବାସିନ୍ଦାଙ୍କ ଅଧିକାର ନାହିଁ, ବଗଲାଜମି ଠାରୁ ମହିଳା କୁଟୀର ଜମି ଦୁର୍ନୀତି, ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚୋରି ରହସ୍ୟ, ସ୍ୱର୍ଗଦ୍ୱାର ଜମି ଜବର ଦଖଲ, ଜମିଜମା ଓ ଭୂ-ସମ୍ପତ୍ତି ସୁରକ୍ଷା ସ୍ଥାୟୀ ପ୍ରତିକାର ନାହିଁ, ପୁରୀର ସ୍ୱେରେଜ କାର୍ଯ୍ୟ ନିମ୍ନମାନର ହୋଇଥିବା ଏବଂ ମୁଖ୍ୟ ହସ୍ପିଟାଲରେ ଭିତ୍ତିଭୂମି ଅଭାବ ଆଦି ସମସ୍ୟା ନେଇ ଛାତ୍ର ଓ ଯୁବ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଯୁବ କଂଗ୍ରେସ ନେତା



ଜଣେ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଉଛି।

ଆଲୋକ କୁମାର ଦାଶ, ଛାତ୍ର କଂଗ୍ରେସ ଜିଲା ସଭାପତି ଆଶୁତୋଷ ମିଶ୍ର, ବସ୍ତି ଯୁବ ନେତା ମନୋଜ ମଣ୍ଡଳ, ସଦର ଯୁବ ନେତା ଆଦିତ୍ୟ ସାମନ୍ତରାୟ, ଜିଲା ଛାତ୍ର କଂଗ୍ରେସ ଉପସଭାପତି ରିଶାନ ଦାଶ, ଜଗଦୀଶ ରାଉତ, ଷ୍ଟିଫେନ ଜୋସେଫ, ହ୍ୱିପଜୁଲ ରେହେମାନ, ସୁନୀଲ ନାୟକ, ଅମିତ କୁମାର ସ୍ୱାଇଁ,ମୁନା ଜେନା, ବିଶ୍ୱଜିତ ଦଳେଇ, ତ୍ରିନାଥ ବାରିକ, ମୋହନ ନାୟକ, ମହେଶ କୁମାର ସାହୁ, ରଞ୍ଜନ ବଳିୟାର-ସିଂଙ୍କ ନେତୃତ୍ୱ ଶତାଧିକ ଛାତ୍ର ଓ ଯୁବ କଂଗ୍ରେସ କର୍ମୀ ବିକ୍ଷୋଭ କରିଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ବିଜେଡି ବିଧାୟକ ଓ ନେତାମାନଙ୍କୁ ବିରୋଧ କରାଯାଇଥିଲା। ପୋଲିସ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା।

# ଶ୍ରୀମୁଖ ସୁପରଷ୍ଟାର୍ ଦଳ ବିଜୟୀ

**ନିମାପଡ଼ା,୨୬।୧୨(ଡି.ଏନ୍.ଏ.)**

### ସ୍ୱର୍ଗତ ଚକ୍ରଧର ଖଟୋଇ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ

ପୁରୀ ଜିଲା ନିମାପଡ଼ା ବ୍ଲକ ଅଧୀନ ଶ୍ରୀମୁଖ ବେଲବାରିସ୍ଥିତ ଖେଳପଡ଼ିଆରେ ୨ ଦିନିଆ ତୃତୀୟ ଚକ୍ରଧର ଖଟୋଇ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଶ୍ରୀମୁଖ ଏବଂ ଦହିଜଙ୍ଗ ଦଳ ମୁହାଁମୁହିଁ ହୋଇଥିଲେ। ଶ୍ରୀମୁଖ ସୁପରଷ୍ଟାର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ୧୦ ଓଭରରେ ଦଳ ୧୨୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରୁଦ୍ର ନାରାୟଣ ପଣ୍ଡା ୮୦ ରନ୍ ଏବଂ ଦଳର ଅଧିନାୟକ ପଙ୍କଜ ଖଟୋଇ ୨୫ ରନ୍ କରିଥିଲେ।

ଜବାବରେ ଦହିଜଙ୍ଗ ଦଳ ୯ ଉଇକେଟ୍ ହରାଇ ୭୧ ରନ ସଂଗ୍ରହ କରିଥିଲେ। ସ୍ୱର୍ଗତ ଚକ୍ରଧର ଖଟୋଇଙ୍କ ସହଧର୍ମିଣୀ ମାଧବୀଲତା ଦେଈ ବିଜୟୀ ଶ୍ରୀମୁଖ ସୁପରଷ୍ଟାର ଦଳକୁ ଟ୍ରଫି ଏବଂ ରନର୍ସ ଅପ୍ ଦହିଜଙ୍ଗ ଦଳକୁ ରନର୍ସ ଅପ୍ ଟ୍ରଫି, ମାନପତ୍ର ଏବଂ ଚେକ୍ ପ୍ରଦାନ କରିଥିଲେ। ବିଜୟୀ ଦଳର ରୁଦ୍ର ନାରାୟଣ ପଣ୍ଡା ମ୍ୟାନ ଅଫ୍ ଦି ସିରିଜ୍ ଏବଂ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଶିଶୁଙ୍କ ପ୍ରତି ଅଭିଭାବକଙ୍କ ଗୁରୁ ଦାୟିତ୍ୱ ରହିଛି

**ଡେଲାଙ୍ଗ, ୨୬।୧୨ (ଡି.ଏନ୍.ଏ.)**

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ଜେନାପୁର ପଞ୍ଚାୟତର ମାଣଚିନାସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ନବମ ବାର୍ଷିକ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗଙ୍ଗାଧର ମହାପାତ୍ର, ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଶେଷଦେବ ମହାରଣା, ପ୍ରବଚକ ଦେବୀପ୍ରସାଦ ମହାପାତ୍ର, ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ଧ୍ରୁବଚରଣ ପ୍ରଧାନ, ସାମାଜିକ କର୍ମୀ ପ୍ରଦୀପ ସାହୁ, ବରିଷ୍ଠ ଖବରଦାତା ରାଜକିଶୋର ସ୍ୱାଇଁ, ଶିଳ୍ପୀ ସ୍ୱପ୍ନାମଞ୍ଜରୀ ନାୟକ ପ୍ରମୁଖ ଯୋଗଦେଇ ଶିଶୁଙ୍କ ପ୍ରତି ଅଭିଭାବକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଡେଲାଙ୍ଗ, ପିପିଲି ଓ ସତ୍ୟବାଦୀ ବ୍ଲକର ଖବରଦାତାଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିଶୁ ମନ୍ଦିର ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଅମ୍ବିକା ନାୟକ, ସୂର୍ଯ୍ୟକାନ୍ତି ମହାରଣା, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଜେନାପୁର ପଞ୍ଚାୟତର ମାଣଚିନାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

# ରାଜନୀତିର ଅପରାଧୀକରଣ ପ୍ରତିବାଦରେ ଭାଜପାର ବିକ୍ଷୋଭ

**ନିମାପଡ଼ା,୨୬।୧୨ (ଡି.ଏନ୍.ଏ.)**

ଦୀର୍ଘ ୨୩ ବର୍ଷ ବିଜେଡି ଶାସନରେ ରାଜନୈତିକ ନେତାଙ୍କ ଅପରାଧର ଚରାଭୂଇଁ ପାଲଟିଛି। ଓଡ଼ିଶା ରାଜନୀତିର ଅପରାଧୀକରଣ ପ୍ରତିବାଦରେ ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ସୋମବାର ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ନାରାଦେଇ ସତ୍ୟାଗ୍ରହ କରିଥିଲେ। ଭାଜପା କର୍ମୀ ପୂର୍ବାହ୍ନ ୧୧ଟା ୩୦ରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଗଣଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ଜିଲା ସାଧାରଣ ସମ୍ପାଦକ ମୀନଲତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା, ବିଜୟ ପଣ୍ଡା, ନିରଞ୍ଜନ ନାୟକ, ସସ୍ମିତା ସାମନ୍ତରାୟ, ଯଚିନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।




ନିମାପଡ଼ା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଭାଜପା କର୍ମୀମାନେ ଗଣଧାରଣାରେ ବସି ସତ୍ୟାଗ୍ରହ ଚଳାଇଛନ୍ତି।

ସେହିପରି ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ବଜାରଠାରେ ଥିବା ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଭାଜପା କର୍ମୀ ରାଜନୀତିରେ ଅପରାଧୀକରଣ ପ୍ରତିବାଦରେ ସତ୍ୟାଗ୍ରହ କରି ଗଣଧାରଣା ଚଳାଇଥିଲେ। ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ଓଝା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଯମେଶ୍ୱର ନାୟକ, ଅଭୟ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା।